# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଫେବୃୟାରୀ ୨୭ /୨୦୧୯ (୨୦ ପୃଷ୍ଠା) | Balasore, Wednesday, February 27/ 2019 | ★★★★

୪୫ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**‘ତଖତ୍’ରେ ସାମାଜିକ ପ୍ରାସଙ୍ଗିକତା ରହିଛି**

‘ତଖତ୍’ରେ ମୋ ଚରିତ୍ରର ସାମାଜିକ ପ୍ରାସଙ୍ଗିକତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ କରିନା କପୁର ପ୍ରକାଶ କରିଛନ୍ତି।

୦୨

୧୮

**ରବିଙ୍କୁ ସ୍ୱର୍ଣ୍ଣ ପଦକ**

ବିଶାଖାପାଟଣାରେ ଚାଲିଥିବା ୭୧ତମ ପୁରୁଷ ଜାତୀୟ ସିନିୟର ଭାରୋତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର କାଟୁଲୁ ରବିକୁମାର।








## ମାଟ୍ରିକ୍: ୩ କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ

**କଟକ ଅଫିସ, ୨୬।୨:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଜାରି ରହିଛି ମାଟ୍ରିକ୍ ପରୀକ୍ଷା। ହେଲେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ ଭାଷା ଇଂଲିଶ୍ ପରୀକ୍ଷାକୁ ବୋର୍ଡ କର୍ତ୍ତୃପକ୍ଷ ବାତିଲ ଘୋଷଣା କରିଛନ୍ତି। ପରୀକ୍ଷା ସମୟରେ ଅଭିଭାବକ, ସମ୍ପର୍କୀୟମାନଙ୍କ ଦ୍ୱାରା ବିଶୃଙ୍ଖଳିତ ଆଚରଣ, କପି ଯୋଗାଇବା ଓ ବହୁ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ଧରାପଡ଼ିବା ଯୋଗୁ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଏହି ୩ ପରୀକ୍ଷା କେନ୍ଦ୍ର ହେଲା ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ଘୁନ୍‌ସର ସରକାରୀ ନୋଡାଲ ହାଇସ୍କୁଲ, ଢେଙ୍କାନାଳ ଜିଲା ପଳାସପିଠିଆର ପି.ଆର. ହାଇସ୍କୁଲ ଓ କଟକ ଜିଲା ଅନ୍ତର୍ଗତ ଗୋପୀନାଥପୁରର କୃପାସିନ୍ଧୁ ନୋଡାଲ ହାଇସ୍କୁଲ। ବିଶୃଙ୍ଖଳାକୁ ପ୍ରଶ୍ରୟ ନ ଦିଆଯିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମଙ୍ଗଳବାର ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଥିଲେ। ଉପରୋକ୍ତ ୩ କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ହେବା ପରେ ଏବେ ପ୍ରଶ୍ନ ଉଠିଛି ସେଠାକାର ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ। ଏହି ୩ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କୁ ମାଲପ୍ରାକ୍ଟିସ କରାଯିବ କିମ୍ବା ସେମାନଙ୍କୁ ଏହି ବିଷୟରେ ଶୂନ ମାର୍କ ପ୍ରଦାନ କରାଯିବ ସେ ନେଇ ନିଷ୍ପତ୍ତି ହୋଇନାହିଁ। ଖୁବଶୀଘ୍ର ବୋର୍ଡର ପରୀକ୍ଷା କମିଟି ବୈଠକ ଡକାଯାଇ ଏ ଦିଗରେ ଆଲୋଚନା କରାଯିବ ବୋଲି ସଭାପତି ଡ. ବେଗମ କହିଛନ୍ତି। କୃପାସିନ୍ଧୁ ନୋଡାଲ ହାଇସ୍କୁଲରେ ୨୨୭ଜଣ, ପି.ଆର. ହାଇସ୍କୁଲରେ ୨୨୬ ଓ ଘୁନ୍‌ସର ସରକାରୀ ନୋଡ଼ାଲ ହାଇସ୍କୁଲରେ ୨୨୨ଜଣ ପରୀକ୍ଷା ଦେଇଥିଲେ। ଅନ୍ୟପକ୍ଷରେ ଏହି ୩ କେନ୍ଦ୍ରରେ ବୁଧବାର ପରୀକ୍ଷା ହେବ। ହେଲେ ସେଠାରେ ଆବଶ୍ୟକସ୍ଥଳେ ୧୪୪ ଧାରା ଜାରି କରିବାକୁ ପୋଲିସକୁ ନିବେଦନ କରାଯାଇଛି ବୋଲି ବୋର୍ଡ ସମ୍ପାଦକ ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଏହାଛଡ଼ା ୩ଟିଯାକ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ ପରିବର୍ତ୍ତନ କରାଯାଇଛି। ହେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୁପରିଣ୍ଟେଣ୍ଡେଣ୍ଟମାନେ ଯଥାସମ୍ଭବ ବିଶୃଙ୍ଖଳାକୁ ରୋକିବାକୁ ଚେଷ୍ଟା କରିଥିଲେ ବୋଲି ସଭାପତି ଡ. ବେଗମ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ବିମାନ ଆକ୍ରମଣ**

**ଆଜିର ମନ୍ତବ୍ୟ**

“ ଭାରତର ମୁଣ୍ଡ ତଳକୁ ହେବାକୁ ଦିଆଯିବ ନାହିଁ

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭–୧୮ ଆର୍ଥିକ ବର୍ଷରେ ଭାରତ ଇଟାଲୀ ମଧ୍ୟରେ ୧୦.୪୧ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି। ଏହା ୨୦୧୬–୧୭ରେ ୮.୮ ବିଲିୟନ ଡଲାର ଥିଲା।

–ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 26.02.2019 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# ଏଲ୍‌ଓସି ଡେଇଁ ବୋମାମାଡ଼ କଲା ବାୟୁସେନା

ନୂଆଦିଲ୍ଲୀ,୨୬।୨(ପି.ଟି.)

ଭାରତୀୟ ବାୟୁସେନା ମଙ୍ଗଳବାର ନିୟନ୍ତ୍ରଣରେଖା (ଏଲ୍‌ଓସି) ଡେଇଁ ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟରେ ବେସାମରିକ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଅନେକ ଆତଙ୍କବାଦୀ ତାଲିମ ଶିବିର ଧ୍ୱସ୍ତବିଧ୍ୱସ୍ତ ହେବା ସହ ପ୍ରାୟ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛନ୍ତି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଭାରତୀୟ ବାୟୁସେନା ପ୍ରଥମଥର ପାଇଁ ଏଲ୍‌ଓସି ଅତିକ୍ରମ କରି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ଏହାକୁ ଭାରତୀୟ ସଶସ୍ତ୍ର ବଳର ଦ୍ୱିତୀୟ ସର୍ଜିକାଲ୍ ଷ୍ଟ୍ରାଇକ୍ ବୋଲି କୁହାଯାଉଛି। ସାରା ଦେଶରେ ଲୋକେ ଏହାକୁ ନେଇ ଉତ୍ସବ ମନାଉଛନ୍ତି। ଭାଜପା ଓ କଂଗ୍ରେସ ସମେତ ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଏହାର କଡ଼ା ଜବାବ ଦିଆଯିବ ବୋଲି ଭାରତକୁ ଧମକ ଦେଇଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଜେଇଏମ୍ ଆତ୍ମଘାତୀ ଆକ୍ରମଣ କରିଥିଲା। ଏଥିରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ୧୨ ଦିନ ପରେ ଭାରତ ପକ୍ଷରୁ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଙ୍ଗଳବାର ଭୋର ୩ଟା ୩୦ ମିନିଟରେ ଭାରତୀୟ ବାୟୁସେନାର ୧୨ ମିରାଜ-୨୦୦୦ ଯୁଦ୍ଧବିମାନ ମଧ୍ୟପ୍ରଦେଶର ଗ୍ୱାଲିୟରରୁ ବାହାରିଥିଲା। ଏଲ୍‌ଓସିରୁ ୮୦ କି.ମି. ଦୂର ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟର ୩ଟି ସ୍ଥାନରେ ବାୟୁସେନା ବିମାନରୁ ୧୦୦୦




କେ.ଜି. ଓଜନର ଲେଜର ଗାଇଡେଡ୍ ବୋମା ନିକ୍ଷେପ କରାଯାଇଥିଲା। ଆକାଶମାର୍ଗରୁ ଏହି ଆକ୍ରମଣରେ ୩୨୫ ଆତଙ୍କବାଦୀ ଓ ୨୫ ତାଲିମଦାତା ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଶାଳକ ମୌଲାନା ୟୁସୁଫ୍ ଆଝାର ଓରଫ୍ ଉସ୍ତାଦ ଘୌରୀଙ୍କ ସମେତ ଅନେକ କମାଣ୍ଡର ରହିଥିବା ଜଣାପଡ଼ିଛି। ବାଲାକୋଟର ତାଲିମ ଶିବିରଗୁଡ଼ିକ ଅବୋଟାବାଦରୁ ୮୦ କି.ମି. ଦୂରରେ ଅବସ୍ଥିତ, ଯେଉଁଠି ଆମେରିକା ସୁରକ୍ଷା ବଳ ଅଲ୍‌କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରିଥିଲା। ବାଲାକୋଟ ସହ ମୁଜାଫରାବାଦ ଓ ଚକୋଟିରେ ମଧ୍ୟ ବୋମାବର୍ଷଣ କରାଯାଇଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଅପରେଶନ୍ ସମ୍ପର୍କରେ ପୂର୍ବାହ୍ନ ୧୧ଟା ୩୦ରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜେଇଏମ୍ ଭାରତର ବିଭିନ୍ନ ସ୍ଥାନରେ ଆହୁରି ଅଧିକ ଆକ୍ରମଣ କରିବାକୁ ଯୋଜନା କରୁଥିବାବେଳେ ଗୋଇନ୍ଦା ତଥ୍ୟ ଆଧାରରେ ଏଭଳି ଅପରେଶନ କରାଯିବା ଜରୁରୀ ହୋଇପଡ଼ିଥିଲା। ଏଥିରେ ଆତଙ୍କବାଦୀଙ୍କ ତାଲିମ ଶିବିରଗୁଡ଼ିକ ଧ୍ୱଂସ ହୋଇଯାଇଛି। ଭାରତରେ ଆକ୍ରମଣ ପାଇଁ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ ଆତ୍ମଘାତୀ ଜେହାଦୀମାନଙ୍କୁ ପାକିସ୍ତାନୀ ସେନାର ଅବସରପ୍ରାପ୍ତ ଅଧିକାରୀମାନେ ତାଲିମ ଦେଉଥିଲେ। ଉସ୍ତାଦ ଘୌରୀ ଏହି ତାଲିମ ଶିବିରଗୁଡ଼ିକୁ ପରିଚାଳନା କରୁଥିଲେ।

- **ଭାରତର ଦାବି: ନିପାତ ହୋଇଛନ୍ତି ୩୫୦ ଆତଙ୍କବାଦୀ**
- **କିଛି କ୍ଷୟକ୍ଷତି ହୋଇନାହିଁ: ପାକିସ୍ତାନ**

ଏହା ସମ୍ପୂର୍ଣ୍ଣ ଭାବେ ଏକ ପୂର୍ବ ପ୍ରାୟୋଜିତ ବେସାମରିକ କାର୍ଯ୍ୟାନୁଷ୍ଠାନ ଥିଲା। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ। ସାଧାରଣ ନାଗରିକ ଯେପରି ମୃତାହତ ନ ହେବେ ସେ ଦିଗରେ ଯତ୍ନବାନ ହୋଇ ବାୟୁସେନା ପ୍ରଥମେ ସମ୍ପୃକ୍ତ ଅଞ୍ଚଳକୁ ଘେରିଦେଇଥିଲା। ପାକିସ୍ତାନରେ ଦୁଇ ଦଶନ୍ଧି ଧରି ସକ୍ରିୟ ଥିବା ଜେଇଏମ୍‌ର ମୁଖ୍ୟାଳୟ ପଞ୍ଜାବ ପ୍ରଦେଶସ୍ଥିତ ବାହାବଲପୁରରେ ରହିଛି।

☞ପୃଷ୍ଠା–୮



ଅଧିକ ଖବର ପୃଷ୍ଠା:୧୦

# ଗାଁ ଦେବତାଙ୍କ ପାଖରେ ୩ ଜଣଙ୍କୁ ହତ୍ୟା

ଗୁଣପୁର,୨୬।୨(ଡି.ଏନ.ଏ)

ସଚେତନତା ସତ୍ତ୍ୱେ ଲୋକଙ୍କ ମନରେ ବସା ବାନ୍ଧିଥିବା ଅନ୍ଧବିଶ୍ୱାସ ଦୂର ହେଉନାହିଁ। ଗୁଣିଗାରେଡ଼ିକୁ କେନ୍ଦ୍ରକରି ବାରମ୍ୱାର ଲୋକେ ଅଭାବନୀୟ କାଣ୍ଡ ଘଟାଉଛନ୍ତି। ଆଇନକୁ ହାତକୁ ନେଉଛନ୍ତି। ଏଥର ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଉକୁମ୍ବା ପଞ୍ଚାୟତ ଉକୁମ୍ବାଗୁଡ଼ା ଗାଁରେ ଏଭଳି ଏକ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ଏକ ଦମ୍ପତିଙ୍କ ସହ ଜଣେ ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି। ସୋମବାର ଏନେଇ ଥାନାରେ ଅଭିଯୋଗ ହେବା ପରେ ମଙ୍ଗଳବାର ଗୁଣପୁର ପୋଲିସ ଓ ରାୟଗଡ଼ାରୁ ଏକ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉକୁମ୍ବାଗୁଡା ଗ୍ରାମର ବଡସାହିରେ ରହୁଥିବା ଗୋପାଳ ଶବର(୪୬),ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଶବର(୪୦) ଏବଂ ଗାଁର ଅନ୍ୟ ଜଣେ ବୃଦ୍ଧା ଝାଙ୍କିଲି ଶବର(୭୬)ଙ୍କୁ ଗାଁ ଦାଣ୍ଡରେ ଥିବା ବାବୁ ଦେବତାଙ୍କ ପାଖରେ ଗ୍ରାମର ୩୦ରୁ ୪୦ ଜଣ ହତ୍ୟା କରିଥିବା ଗୋପାଳଙ୍କ ଝିଅ ସବିତା ସୋମବାର ଗୁଣପୁର ଥାନାରେ



ଗୋପାଳ ଶବର ଏବଂ ଲକ୍ଷ୍ମୀ ଶବର

ଅଭିଯୋଗ କରିଥିଲେ । ମଙ୍ଗଳବାର ପୋଲିସ ତଦନ୍ତ ପାଇଁ ଗାଁକୁ ଯାଇଥିଲା । ଗୋପାଳଙ୍କ ୧୧ ବର୍ଷର ପୁଅ ଘଟଣା ଦିନ

**ଗୁଣିଗାରେଡି ସନ୍ଦେହ**

ରାତିରେ ପ୍ରତ୍ୟକ୍ଷଦର୍ଶୀ ରହିଥିବା ଏବଂ ତାଙ୍କ ବୟାନକୁ ଆଧାର କରି ପୋଲିସ ଏବେ ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନାହିଁ। ଭୟରେ ଉକୁମ୍ବାଗୁଡା ଗାଁ ଜନଶୂନ୍ୟ ହୋଇଯାଇଛି । ପୋଲିସ ଏକ ମାମଲା(ନଂ ୧୭/୧୯) ରୁଜୁ କରିବା ସହ କେତେଜଣ ଲୋକଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି। କେଉଁଠି, କିପରି ହତ୍ୟା କରାଯାଇଛି ଏବଂ ☞ପୃଷ୍ଠା–୮

■ ୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

# ରବିଶଙ୍କର ପାଇବେ ‘ଜୟଦେବ ପୁରସ୍କାର’

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ବରିଷ୍ଠ ଚଳଚ୍ଚିତ୍ର ସମ୍ପାଦକ ରବିଶଙ୍କର ପଟ୍ଟନାୟକଙ୍କୁ ୨୦୧୭ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ ‘ଜୟଦେବ ପୁରସ୍କାର’ ମିଳିବ। ୨୯ ବର୍ଷରେ ପ୍ରଥମଥର ପାଇଁ ଫିଲ୍ମ ସମ୍ପାଦନା କ୍ଷେତ୍ରରେ ଏହି ସମ୍ମାନଜନକ ପୁରସ୍କାର ଦିଆଯିବ। ପୁରସ୍କାର ବାବଦରେ ପଟ୍ଟନାୟକଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।




ମାର୍ଚ୍ଚ ୧ରେ ଭୁବନେଶ୍ୱରର ଉତ୍କଳ ମଣ୍ଡପଠାରେ ୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି। ଏଥିସହ ମୋଟ ୨୭ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ‘ହେଲୋ ଆର୍ସି’କୁ ଏଥର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ‘ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ’ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଚଳଚ୍ଚିତ୍ରର ପ୍ରଯୋଜକ ଅଜୟ ରାଉତରାୟଙ୍କୁ ୫୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ☞ପୃଷ୍ଠା–୮

- **‘ହେଲୋ ଆର୍ସି’ ଶ୍ରେଷ୍ଠ ଚଳଚ୍ଚିତ୍ର**
- **ସନ୍‌ମିରା ନାଗେଶ ଶ୍ରେଷ୍ଠ ଅଭିନେତ୍ରୀ, ପାର୍ଥସାରଥି ଶ୍ରେଷ୍ଠ ଅଭିନେତା**
- **୨୭ ବିଭାଗରେ ମିଳିବ ପୁରସ୍କାର**

# ପ୍ରାଥମିକ ଶିକ୍ଷକ ପାଇବେ ୩ ପଦୋନ୍ନତି

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ପ୍ରାଥମିକ ସ୍ତରରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କୁ ଅଧିକ ପଦୋନ୍ନତି ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ୟାଡର ପୁନର୍ଗଠନ କରିଛନ୍ତି। କ୍ୟାଡର ପୁନର୍ଗଠନ ଦ୍ୱାରା ସ୍କୁଲ ଶିକ୍ଷକମାନେ ନିଜ ଚାକିରି କାଳ ମଧ୍ୟରେ ଅତି କମ୍‌ରେ ତିନୋଟି ପଦୋନ୍ନତି ପାଇପାରିବେ। ଏଥିପାଇଁ ବରିଷ୍ଠ ଶିକ୍ଷକ, ସ୍ନାତକ ଶିକ୍ଷକ ଏବଂ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ପ୍ରଧାନଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ରାଜ୍ୟର ୭୨ ହଜାର ୫୬୩ ଜଣ ପ୍ରାଥମିକ ଶିକ୍ଷକ ତୁରନ୍ତ ଉପକୃତ ହେବେ। ପରବର୍ତ୍ତୀ ସମୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କ ଉପରେ ୪୫୪ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। କ୍ୟାବିନେଟ୍ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। କ୍ୟାଡର ପୁନର୍ଗଠନ କରିବା ପାଇଁ ଓଡ଼ିଶା ପ୍ରାଥମିକ ଶିକ୍ଷା ରୁଲ୍ ୧୯୯୭କୁ ସଂଶୋଧନ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି।

ସେହିପରି ଚାଷୀଙ୍କୁ ଖୁସି କରିବାକୁ କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭ୍‌ଲିହୁଡ ଆଣ୍ଡ ଇନ୍‌କମ୍ ଅଗମେଣ୍ଟେଶନ) ଯୋଜନାକୁ ରାଜ୍ୟ ସରକାର ସମ୍ପ୍ରସାରଣ କରିଛନ୍ତି। ୨୦୧୮–୧୯ରେ ଏହି ଯୋଜନାରେ ଆଉ ୧୦ ଲକ୍ଷ ନାମମାତ୍ର, ଭାଗଚାଷୀ, ଭୂମିହୀନ କୃଷି ଶ୍ରମିକ ପରିବାରକୁ ସାମିଲ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାକୁ ମିଶାଇଲେ କାଳିଆ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୪୫ ଲକ୍ଷକୁ ବୃଦ୍ଧି ପାଇଛି। ଏହାଛଡା ଚାଷୀମାନଙ୍କୁ କୃଷି ☞ପୃଷ୍ଠା–୮

**କ୍ୟାବିନେଟ୍ ନିଷ୍ପତ୍ତି**

- **ପ୍ରାଥମିକ ଶିକ୍ଷା କ୍ୟାଡର ପୁନର୍ଗଠନ**
- **କାଳିଆ ଯୋଜନାରେ ସାମିଲ ହେବେ ଆଉ ୧୦ ଲକ୍ଷ ଚାଷୀ**
- **ଅକ୍ଷୟତୃତୀୟା ବଦଳରେ ଏପ୍ରିଲ ପହିଲା, ନୂଆଖାଇ ବଦଳରେ ସେପ୍ଟେମ୍ବର ୧ରେ ମିଳିବ ସହାୟତା**
- **ବଦଳିଲା ଅଗ୍ନି ନିରାପତ୍ତା ନିୟମାବଳୀ**



"ଭାରତୀୟ ସମାଜ ଉତ୍ତମ ସ୍ୱାମୀ ସୃଷ୍ଟି କରିବାରେ ବିଫଳ ହୋଇଛି।
-ଜୟାପ୍ରଦା, ବଲିଉଡ ଅଭିନେତ୍ରୀ



# ବାୟୁସେନା ଆକ୍ରମଣକୁ ବଲିଉଡ୍ କଳାକାରଙ୍କ ପ୍ରଶଂସା

ମୁମ୍ବାଇ

ଲତା ମଙ୍ଗେସ୍କର, ସଲମନ୍ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଭଳି ବିଶିଷ୍ଟ କଳାକାରମାନେ ଭାରତୀୟ ସଶସ୍ତ୍ର ସେନାର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ମଙ୍ଗଳବାର ଭୋର ୩ଟା ୩୦ରେ ବାୟୁସେନା ଆକାଶମାର୍ଗରୁ ଆକ୍ରମଣ କରି ପାକିସ୍ତାନସ୍ଥିତ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଦେଇଛି। ପାକିସ୍ତାନଭିତ୍ତିକ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ଫେବୃୟାରୀ ୧୪ରେ ଆତ୍ମଘାତୀ



ଆକ୍ରମଣ ପରେ ଭାରତୀୟ ବାୟୁସେନା ଜବାବୀ ଆକ୍ରମଣ କରିଛି। ବଲିଉଡ ସେଲିବ୍ରିଟିମାନେ ସେମାନଙ୍କ ପ୍ରତିକ୍ରିୟା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ମଙ୍ଗେସ୍କର କହନ୍ତି, ସକାଳଠାରୁ ଏ ସମ୍ପର୍କିତ ଖବର ଦେଖିଆସୁଛି। ଆମର ସଶସ୍ତ୍ର ସେନା ସବୁ ଦୃଷ୍ଟିରୁ ଦୃଢ଼ ଓ ପ୍ରସ୍ତୁତ ଥିବା ନେଇ ମୁଁ ଖୁବ୍ ଖୁସି। ଆମ ସଶସ୍ତ୍ର ସେନା ପାଇଁ ଦେଶ ନିରାପଦ ରହିଛି। ତେଣୁ ଏଭଳି ଏକ ଦେଶରେ ବାସକରି ନିଜକୁ ଭାଗ୍ୟବାନ ମନେକରେ ବୋଲି ସେ ପ୍ରକାଶ କରିଥିଲେ। ସଲମନ୍ ଖାନ୍ ମଧ୍ୟ ତାଙ୍କ ଟୁଇଟର ପୃଷ୍ଠାରେ ଭାରତୀୟ ବାୟୁସେନାକୁ ସମ୍ମାନ ଜଣାଇଛନ୍ତି। ଆତଙ୍କବାଦୀ ଶିବିର ଧ୍ୱଂସ କରିଦିଆଯାଇଥିବାରୁ ଭାରତୀୟ ବାୟୁସେନା ପାଇଁ ନିଜେ ଗର୍ବିତ ବୋଲି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ପାକିସ୍ତାନ ଭୂଖଣ୍ଡରେ ପ୍ରବେଶ କରି ସେଠାରେ ଆହୁରି ଆକ୍ରମଣ ଜାରି ରଖିବାକୁ ଅକ୍ଷୟ ଟୁଇଟ୍ କରିଛନ୍ତି। ଅଜୟ ଦେବଗନ୍ ଭାରତୀୟ ବାୟୁସେନା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପ୍ରଯୋଜିକା ଏକ୍ତା କପୁର ମଧ୍ୟ ବାୟୁସେନା ଆକ୍ରମଣକୁ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ଏହି ଆକ୍ରମଣକୁ ପ୍ରଶଂସା କରିଥିବା ଅନ୍ୟ କଳାକାରମାନେ ହେଲେ ରାଜକୁମାର ରାଓ, ରିଚା ଚଡ୍ଢା, ଦକ୍ଷିଣ ଭାରତୀୟ କଳାକାର ମହେଶ ବାବୁ, ରଜନୀକାନ୍ତ ଏବଂ କମଲ ହାସନ୍।




## 'ତଖତ୍'ରେ ସାମାଜିକ ପ୍ରାସଙ୍ଗିକତା ରହିଛି: କରିନା



**ମୁମ୍ବାଇ:** 'ତଖତ୍'ରେ ମୋ ଚରିତ୍ରର ସାମାଜିକ ପ୍ରାସଙ୍ଗିକତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ କରିନା କପୁର ପ୍ରକାଶ କରିଛନ୍ତି। ଏହି ଫିଲ୍ମ ମୋଗଲ ଯୁଗର ଐତିହାସିକ କାହାଣୀ ଉପରେ ଆଧାରିତ। ଦୁଇ ବଳବାନ ଭାଇଙ୍କ ଜୀବନ କାହାଣୀକୁ ନେଇ ଏହା ଗଢ଼ିଉଠିଛି। କରନ୍ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସାମାଜିକ ପ୍ରାସଙ୍ଗିକତା ବହନ କରେ ବୋଲି ୩୮ବର୍ଷ ବୟସ୍କ କରିନା ପ୍ରକାଶ କରିଛନ୍ତି। ଏପରି ଐତିହାସିକ ଫିଲ୍ମ ସେ ଆଗରୁ କେବେ କରି ନ ଥିଲେ। ଦୀର୍ଘଦିନର ବ୍ୟବଧାନ ପରେ କରନ୍‌ଙ୍କ ସହ କାମ କରୁଥିବାରୁ ସେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ତାଙ୍କ କହିବାନୁଯାୟୀ, କରନ୍ ବର୍ତ୍ତମାନ ଜଣେ ନିର୍ଦ୍ଦେଶକ। ୨୦୦୧ରେ 'କଭି ଖୁସି କଭି ଗମ୍'ରେ ସେମାନେ ଏକତ୍ର କାର୍ଯ୍ୟ କରିଥିବା ସ୍ମରଣ କରାଇ ଦେଇଥିଲେ। ଏହି ଫିଲ୍ମରେ ତାଙ୍କର ବଳିଷ୍ଠ ଭୂମିକାକୁ ସେ ବେଶ୍ ପସନ୍ଦ କରନ୍ତି ବୋଲି କହିଛନ୍ତି।

ଏହି ଐତିହାସିକ ଡ୍ରାମାରେ ରଣବୀର ସିଂ, ଆଲିଆ ଭଟ୍ଟ, ଭିକି କୌଶଲ, ଭୂମି ପେଡ୍‌ନକର, ଜାହ୍ନବୀ କପୁର ଏବଂ ଅନିଲ କପୁର ଅଭିନୟ କରିଛନ୍ତି। ଚଳିତ ବର୍ଷ ଶେଷଭାଗରେ ଏହା ରିଲିଜ ହେବାର ଅଛି।

## ଇତିହାସର ଆଇନାରେ — ଫେବୃୟାରୀ ୨୭ର ପ୍ରମୁଖ ଘଟଣା

୧୯୯୧ ଫେବୃୟାରୀ ୨୭ରେ ଆମେରିକା ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍ 'କୁଏତ ମୁକ୍ତ ହେଲା' ବୋଲି ଘୋଷଣା କରିଥିଲେ। ସେ ୧୯୨୪ ଜୁନ୍ ୧୨ରେ ଜନ୍ମ ଗ୍ରହଣ କରିଥିଲେ ଏବଂ ତାଙ୍କର ମୃତ୍ୟୁ ହୋଇଥିଲା।

୨୦୧୦ ଫେବୃୟାରୀ ୨୭ରେ ଚିଲିରେ ୮.୮ ତୀବ୍ରତାର ଭୂମିକମ୍ପ ଯୋଗୁ ୫୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ଆହତ ହୋଇଥିଲେ। ଭୂମିକମ୍ପର କିଛି ସମୟ ପରେ ସୁନାମି ଆସିଥିଲା ଏବଂ ହାୱାଇ ଦ୍ୱୀପର ବ୍ୟାପକ କ୍ଷତି ଘଟାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୭.୩ |
| ଚାନ୍ଦବାଲି | ୩୨.୨ | ୨୩.୦ |
| କଟକ | --- | ୨୧.୨ |
| ପାରାଦ୍ୱୀପ | ୨୯.୭ | ୨୫.୦ |
| ଭୁବନେଶ୍ୱର | ୩୩.୫ | ୨୩.୩ |
| ଗୋପାଳପୁର | ୨୯.୮ | ୨୫.୦ |
| ପୁରୀ | ୩୦.୬ | ୨୫.୨ |
| ଅନୁଗୋଳ | ୩୧.୭ | ୧୭.୦ |
| ବାରିପଦା | ୨୫.୦ | ୧୯.୦ |
| ଝାରସୁଗୁଡ଼ା | ୩୦.୬ | ୨୦.୮ |
| କେନ୍ଦୁଝର | ୨୫.୫ | ୧୬.୯ |
| ସମ୍ବଲପୁର | ୩୦.୪ | ୧୯.୫ |
| ସୁନ୍ଦରଗଡ଼ | ୩୩.୫ | ୧୫.୦ |
| ହୀରାକୁଦ | ୨୯.୧ | ୨୦.୬ |
| ତାଳଚେର | ୩୨.୫ | ୧୮.୦ |
| ଭବାନୀପାଟଣା | ୩୬.୦ | ୧୯.୮ |
| ବଲାଙ୍ଗୀର | ୩୩.୦ | ୨୧.୦ |
| କୋରାପୁଟ | ୩୪.୬ | ୧୫.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୮.୫ |
| ମାଲକାନଗିରି | --- | ୧୫.୨ |
| ସୋନପୁର | ୩୩.୨ | ୧୯.୪ |
| ଦାରିଙ୍ଗିବାଡ଼ି | ୩୦.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍




■ ‘ଆଇଟିଆଇ ଫେଷ୍ଟ’ ଉଦ୍‌ଘାଟିତ

# ଅଲିମ୍ପିକ୍ ପାଇଁ ପ୍ରସ୍ତୁତ ହେବେ ଆଇଟିଆଇ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

■ ଦକ୍ଷତା ବିକାଶରେ ଓଡ଼ିଶା ପାଲଟିବ ପ୍ରମୁଖ କ୍ଷେତ୍ର

■ ଉଚ୍ଚାକାଂକ୍ଷାକୁ ସାକାର କରିବାକୁ ଆହ୍ୱାନ

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନ୍ତର୍ଗତ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ‘ଆଇଟିଆଇ ଫେଷ୍ଟ-୨୦୧୯’ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଫେଷ୍ଟକୁ ଉଦ୍‌ଘାଟନ କରି କହିଲେ, ଆଗାମୀ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ସମସ୍ତ ଆଇଟିଆଇ ଦକ୍ଷତା ବିକାଶ କ୍ଷେତ୍ରରେ ଦେଶର ପ୍ରମୁଖ ପେଣ୍ଠସ୍ଥଳୀ ଭାବେ ଉଭା ହେବ। ଆଇଟିଆଇର ଉନ୍ନତି, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ନାନୋ ୟୁନିକର୍ନ ଯୋଜନା ଏବଂ ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତା ଭଳି ପଦକ୍ଷେପ ମାଧ୍ୟମରେ ଦକ୍ଷତା ବିକାଶ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନିଆଯାଇଛି। ସେଥିପାଇଁ ‘ମୁଁ ଲଢ଼ିବି, ଗଢ଼ିବି ଏବଂ ଶ୍ରେଷ୍ଠ ହେବି’ ବୋଲି ଉତ୍କର୍ଷର ଶପଥ ନେବାକୁ ପଡ଼ିବ। ପ୍ରତିଟି ଜିନିଷରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ଆମର ଲକ୍ଷ୍ୟ ହେବା ଉଚିତ। ଆଗାମୀ ୫ବର୍ଷ ମଧ୍ୟରେ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନର ଜଣଙ୍କୁ ଅଲିମ୍ପିକ୍, ଦୁଇଜଣଙ୍କୁ ଏସିଆନ୍ ଏବଂ ତିନି ଜଣଙ୍କୁ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ନିମନ୍ତେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତ କରାଯିବ। ଏହି ଛଅ ଜଣଙ୍କ ମଧ୍ୟରୁ ଦୁଇ ଜଣ ମହିଳା ରହିବେ। ଏହି ଉଚ୍ଚାକାଂକ୍ଷାକୁ ସାକାର କରିବାକୁ ବାଗ୍‌ଚୀ ସମସ୍ତ ପ୍ରଶିକ୍ଷକ, ଅଧ୍ୟକ୍ଷ ଏବଂ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ।

କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ ଯୋଗଦେଇ କହିଲେ, ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶନ କରିବାର ଏହା ଏକ ପ୍ରକୃଷ୍ଟ ମଞ୍ଚ। ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତାର ଏକ ସୁସ୍ଥ ବାତାବରଣ ତିଆରି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବଲୱନ୍ତ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମସଚିବ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ରାଜ୍ୟର ୧୧ଟି ଜୋନ୍ ଅନୁଗୋଳ, ବାଲେଶ୍ୱର, କଟକ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ବଲାଙ୍ଗୀର, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଇଟିଆଇ ଶିକ୍ଷାନୁଷ୍ଠାନର ୧୩୯୨ ଜଣ ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରି ଅଭିବାଦନ ଜଣାଇବା ପରେ ଶପଥ ନେଇଥିଲେ। ମୋଟ ୪୫ ସରକାରୀ ଏବଂ ୩୬ଟି ବେସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ଫେଷ୍ଟରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଫୁଟବଲ, ଭଲିବଲ୍, କବାଡ଼ି, ଖୋ ଖୋ, କ୍ରିକେଟ୍, ବ୍ୟାଡ଼ମିଣ୍ଟନ୍, ଆଥ୍‌ଲେଟିକ୍, ତର୍କ, ପ୍ରବନ୍ଧ, କୁଇଜ୍ ଆଦି ପ୍ରତିଯୋଗିତା ସହ ଡ୍ରାମା, ସୋଲୋ ଡ୍ୟାନ୍ସ ଭଳି ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

**୬ଷ୍ଠ ରାଜ୍ୟ ଟେଲି ପୁରସ୍କାର**

# ‘ନୂଆ ବୋହୂ’ ଶ୍ରେଷ୍ଠ ଧାରାବାହିକ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

■ ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ‘ରଗଡ଼’ ଓ ‘ନିରୁପାୟ’

■ ଜଗଜିତ୍ ପାଲ୍ ଶ୍ରେଷ୍ଠ ଅଭିନେତା

■ ମିତାଲି, ଏଲି ପାଢ଼ୀ ଶ୍ରେଷ୍ଠ ଅଭିନେତ୍ରୀ

୨୦୧୭ ମସିହା ଲାଗି ମଙ୍ଗଳବାର ରାଜ୍ୟ ଟେଲି ପୁରସ୍କାର ଘୋଷଣା କରାଯାଇଛି। ୬ଷ୍ଠଥର ଲାଗି ଦିଆଯାଉଥିବା ଏହି ପୁରସ୍କାରରେ ମୋଟ ୨୦ଟି ବିଭାଗ ମଧ୍ୟରୁ ଅଧିକାଂଶରେ ଧାରାବାହିକ ‘ନୂଆ ବୋହୂ’ ପୁରସ୍କାର ହାତେଇଛି। ‘ଶ୍ରେଷ୍ଠ ଟେଲି ଧାରାବାହିକ’ ଭାବେ ଅକ୍ଷୟ କୁମାର ପରିଜାଙ୍କ ‘ନୂଆ ବୋହୂ’କୁ ଏଥର ‘ରାଜ୍ୟ ଟେଲି ପୁରସ୍କାର’ ପାଇଁ ମନୋନୀତ କରାଯାଇଛି। ‘ରାଜକନ୍ୟା’ର ଆଶିଷ୍ ବେହେରାଙ୍କୁ ‘ଶ୍ରେଷ୍ଠ ନିର୍ଦ୍ଦେଶକ’, ‘ନୂଆ ବୋହୂ’ର ଅଭିନେତା ଜଗଜିତ୍ ପାଲ୍‌ଙ୍କୁ ‘ଶ୍ରେଷ୍ଠ ଅଭିନେତା’, ଶ୍ରେଷ୍ଠ ଅଭିନେତ୍ରୀଭାବେ ‘ନୂଆ ବୋହୂ’ର ମିତାଲି ସରଘରିଆ ଓ ‘ଟୁପୁର ଟାପର’ର ଏଲି ପାଢୀଙ୍କୁ ମିଳିତଭାବେ ପୁରସ୍କାର ମିଳିବ।

ଟେଲି ଧାରାବାହିକ ‘ରାଜକନ୍ୟା’ର ସୋମେଶଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା’, ‘ମୋ ଜେଜେ ମା’ର ମନୀଷା ରଥ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ’, ‘ନୂଆ ବୋହୂ’ର ମୃତ୍ୟୁଞ୍ଜୟ କର ଓ ‘ଟୁପୁର ଟାପର’ର ବରଦାପ୍ରସନ୍ନ ପାତ୍ରଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ’ ଏବଂ ‘ତୋ ଅଗଣାର ତୁଳସୀ ମୁଁ’ର ସୁଭଦ୍ରା ମହାନ୍ତିଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଖଳନାୟିକା’, ‘କିଏ’ର ରୁଷି ପଟ୍ଟନାୟକଙ୍କୁ ‘ଶ୍ରେଷ୍ଠ ହାସ୍ୟ ଅଭିନେତା’, କାଶୀନାଥ ଚମ୍ପିଙ୍କୁ ‘ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ’, ‘ସମ୍ପର୍କ ହୃଦୟର’ର ମୟଙ୍କ ସିଂଙ୍କୁ ‘ଶ୍ରେଷ୍ଠ ଶିଶୁ କଳାକାର’, ‘ନୂଆ ବୋହୂ’ର ସୋନାଲି ଶ୍ରୀବତ୍ସଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’ ଭାବେ ପୁରସ୍କୃତ କରାଯିବ। ସେହିଭଳି ‘କ୍ୟାପିଟାଲ ଖଟି’ର ସତିଶ୍ ମିଶ୍ରଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’, ‘ରାଜକନ୍ୟା’ର ଶରଣାରବିନ୍ଦ ଓଝାଙ୍କୁ ‘ଶ୍ରେଷ୍ଠ ଚିତ୍ରନାଟ୍ୟ’, ବିଭୁ ମିଶ୍ରଙ୍କୁ ‘ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ’, ‘ମାନିନୀ’ର ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକଙ୍କୁ ‘ଶ୍ରେଷ୍ଠ ସମ୍ପାଦନା’ ପାଇଁ ରାଜ୍ୟ ଟେଲି ପୁରସ୍କାର ମିଳିବ। ଏହାସହିତ ଟେଲି ଧାରାବାହିକ ‘ପାଇକ ବିଦ୍ରୋହ’ର ପ୍ରଯୋଜକ ସମ୍ବିତ୍ ପଟ୍ଟନାୟକ ଓ ଟେଲି ଚଳଚ୍ଚିତ୍ର ‘ରଗଡ଼’ର ଲୋଚନୀ ବାଗ୍‌ଙ୍କୁ ‘ଶ୍ରେଷ୍ଠ ଜୁରୀ ସମ୍ମାନ’ ଓ ‘ସଞ୍ଜ ସକାଳ’ର ପ୍ରଯୋଜକ ସତ୍ୟକାନ୍ତ ସାହୁଙ୍କୁ ‘ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର’ରେ ସମ୍ମାନିତ କରାଯିବ। ‘ଶ୍ରେଷ୍ଠ ଟେଲି ଫିଲ୍ମ’ ବିଭାଗରେ ‘ରଗଡ଼’ର ପ୍ରଯୋଜକ ଅଶୋକ କୁମାର ମିଶ୍ର ଓ ‘ନିରୁପାୟ’ର ନିର୍ଦ୍ଦେଶକ ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ଟେଲି ପୁରସ୍କାର ପ୍ରଦାନ କରାଯିବ। ମାର୍ଚ୍ଚ ୨ରେ ଉତ୍କଳ ମଣ୍ଡପଠାରେ ସ୍ୱତନ୍ତ୍ର ପୁରସ୍କାର ଉତ୍ସବର ଆୟୋଜନ କରାଯାଇ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି।




# ‘କ୍ୟୁଆର୍‌ସାମ୍’ର ପରୀକ୍ଷଣ ସଫଳ


ମଙ୍ଗଳବାର କ୍ୟୁଆର୍‌ସାମ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଉଛି।

ବାଲେଶ୍ୱର ଅଫିସ, ୨୬।୨

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ୩ନଂ. ଲଞ୍ଚ ପ୍ୟାଡ୍‌ରୁ ମଙ୍ଗଳବାର କ୍ୟୁଆରସାମ୍( କୁଇକ୍ ରିଆକ୍ସନ ସର୍ଫେସ ଟୁ ଏୟାର ମିଜାଇଲ)ର ପରୀକ୍ଷଣ ସଫଳ ହୋଇଛି। ପ୍ରଥମେ ପୂର୍ବାହ୍ନ ୧୦ଟା ୧୦ ମିନିଟ୍ ଓ ପରେ ଅପରାହ୍ନ ୧ଟା ୧୫ ମିନିଟ୍‌ରେ ଏହାର ପରୀକ୍ଷଣ କରାଯାଇଥିଲା। ଦୁଇଥର ପରୀକ୍ଷା ସଫଳ ହୋଇଥିବା ସୂଚନା ମିଳିଛି। ଡିଆର୍‌ଡିଓ (ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲୋପ୍‌ମେଣ୍ଟ ଅର୍ଗାନାଇଜେଶନ୍) ପକ୍ଷରୁ ଏକ ଟ୍ରକ୍‌ରେ ଲାଗିଥିବା କାନିଷ୍ଟରରୁ ଏହାର ପରୀକ୍ଷଣ କରାଯାଇଥିଲା।

ଭୂପୃଷ୍ଠରୁ ଆକାଶକୁ ଉତ୍କ୍ଷେପଣ କରାଯାଇପାରୁଥିବା ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ୨୫ରୁ ୩୦ କି.ମି. ପର୍ଯ୍ୟନ୍ତ ଶତ୍ରୁପକ୍ଷର ବିମାନ ଓ କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏହି କ୍ଷେପଣାସ୍ତ୍ରକୁ ସେନାରେ ସାମିଲ କରାଯିବା ଲାଗି ସମ୍ଭାବନା ବୃଦ୍ଧି ପାଇଛି। ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ସଫଳ ହେବା ପରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ୫ ହଜାର ଟଙ୍କା ଲାଞ୍ଚ ନେଇ ଡିଏସ୍‌ପି ଗିରଫ

ନୂଆପଡା ଅଫିସ,୨୬।୨

■ ବିଦାୟ ସମ୍ବର୍ଦ୍ଧନା ସଭାରୁ ଉଠିଆସି ଟଙ୍କା ଗ୍ରହଣ କରୁଥିଲେ

■ ନୂଆପଡ଼ା, କୁଜଙ୍ଗ ଘରେ ଏକକାଳୀନ ଚଢ଼ାଉ

ନୂଆପଡା ଡିଏସପି ରବୀନ୍ଦ୍ର କୁମାର ସେଠୀ ବଦଳି ହେବା ପରେ ବିଦାୟ ଦିନ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରିଥିବାବେଳେ ତାଙ୍କ ନୂଆପଡାସ୍ଥିତ ବାସଭବନ ଏବଂ କୁଜଙ୍ଗର ନିଜ ଘର ଉପରେ ଏକକାଳୀନ ଚଢାଉ ଚାଲିଛି।

ଗତ ୬ ତାରିଖରେ ଖଡିଆଳ ଥାନା ନରସିଂପୁର ଗାଁର ଜଗଦୀଶ ଛୁରା ନାମକ ଜଣେ ବ୍ୟକ୍ତିଙ୍କୁ ସେହି ଗାଁର ବେଣୁଧର ପଟେଲ ଏବଂ ରଘୁ ପଟେଲ ଜାତିଆଣ ଆକ୍ଷେପ କରି ମାଡ ମାରିଥିଲେ। ଏହାକୁ ନେଇ ସେହି ଥାନାରେ ଏକ ମାମଲା (ନଂ.୨୯/୨) ରୁଜୁ ହୋଇଥିଲା । ଏହାର ତଦନ୍ତ ଦାୟିତ୍ୱ ନୂଆପଡା ଜିଲା ପୋଲିସରେ କାର୍ଯ୍ୟରତ ଡିଏସପି ରବୀନ୍ଦ୍ର କୁମାର ସେଠୀ ନେଇଥିଲେ। ସେ ଏହାର ଯୁଗ୍ମ ରିପୋର୍ଟ ଠିକ ଭାବେ ପଠାଇବାକୁ ଅଭିଯୋଗକାରୀ ଜଗଦୀଶଙ୍କଠାରୁ ୫ ହଜାର ଟଙ୍କା ଦାବି କରିଥିଲେ। ଏହାକୁ ନେଇ ଜଗଦୀଶ ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ଯୋଜନାମୁତାବକ ମଙ୍ଗଳବାର ଏହି ଟଙ୍କା ଗ୍ରହଣ କରୁଥିବାବେଳେ ନୂଆପଡା ଭିଜିଲାନ୍ସ ବିଭାଗ ତରଫରୁ ଡିଏସପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ ଅତର୍କିତ ଚଢାଉ କରିଥିଲା । ତାଙ୍କ ଅଫିସରୁ ୫ ହଜାର ଟଙ୍କା ଜବତ କରାଯାଇଥିଲା। ଏ ନେଇ ଭିଜିଲାନ୍ସ ଏକ ମାମଲା (ନଂ.୪/୧୯) ରୁଜୁ କରିବା ସହ ଡିଏସପିଙ୍କୁ ଗିରଫ କରି ଅପରାହ୍ନ ୪ଟାରେ ଭବାନୀପାଟଣା କୋର୍ଟକୁ ଚାଲାଣ କରିଛି ।

ସୂଚନାଯୋଗ୍ୟ ଯେ, ଡିଏସପି ସେଠୀଙ୍କୁ ବାଲେଶ୍ୱର ଜିଲାକୁ ବଦଳି ହୋଇଥିବାବେଳେ ଆଜକୁ ୨ ଦିନ ତଳେ ରିଲିଫ ହୋଇସାରିଥିଲେ। ମଙ୍ଗଳବାର ଜିଲା ପୋଲିସ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଚାଲିଥିଲା। ସେ ଅଧାରେ ଉଠି ଅଭିଯୋଗକାରୀଠାରୁ ଲାଞ୍ଚ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ଯୋଜନାବଦ୍ଧ ଭାବେ ଜଗଦୀଶ ଟେବୁଲ ଡ୍ରୟରରେ ଆଣି ଟଙ୍କା ରଖିଥିବା ଡିଏସପି ସେଠୀ କହିଛନ୍ତି।


ଭିଜିଲାନ୍ସ ଅଫିସରେ ଡିଏସ୍‌ପିଙ୍କ କବ୍‌ଜାରେ ପୋଲିସ ଡିଏସ୍‌ପି ରବୀନ୍ଦ୍ର ସେଠୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦୀପ୍
ପରିବାରବର୍ଗ


ଅମୀୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Brahmin groom Axis Bank, Bhubaneswar service, age- 29yrs, Height- 5'4", Rasi- 14/7 requires suitable matching bride. Contact: 9861119266. D-58050

Hindu, Divorcee Teli/ 39 yrs/ 5'6"/ B.Tech/ 20 LPA/ seeks Beautiful, Educated bride. Caste No Bar. Mob: 9900176521. D-11317

Wanted qualified bride for Odia Brahmin boy/32yrs/5'9"/B.Tech/ Software Engineer. Salary 15 LPA. For early marriage contact: 9861725066. D-11323

Looking working/ non-working bride for Khandayat boy/33yrs/5'10"/B.Tech from IIT/ Engineer with 14 LAP. Caste No Bar. Contact: 9692225066. D-11324

Brahmin boy 1994/6' B.Tech Software Engineer TCS BBSR required professional/ housewife Barsha. 9338229705, 7749883585. D-66101

Wanted working/non-working bride for Karan boy/32yrs/6ft./ MBA/ own business. Earning 10 Crores. Bhubaneswar family. Contact: 9861825665. D-11325

Established family required Brahmin girl for Brahmin boy, 32, 5'6", BA, Jana Seva Kendra & Business, Dhenkanal: 7606030318.D-62079

### GROOM WANTED

Wanted employed Bangalore based groom for SC (DOM) Oriya girl 1988, B.Tech Manager in Automobile company Bangalore 18.5 lakh package, father retired class-I officer, Bhubaneswar. 9437100637, 9668623062. D-11288

Extremely beautiful Khandayat Girl, 1992, 5'3", Software Engineer, Wipro, Pune requires suitable groom for early marriage. 9438184703. D-64589

Divorcee SC bride Lecturer 35, JE 40 (caste-no-bar). Contact: 7873374269. D-65486

Invited educated employed Brahmin groom, establishment in Bhubaneswar/ Cuttack for fairly beautiful 34+, 5'4" highly educated bride. Early marriage preferred. 8599044357. D-11321

Wanted Kayastha Bengali groom for working girl M.A. (Eco), PGDCA, 1990 5'-4" any B.Tech/ MCA/ MBA/ Banks. Contact: 7978397080, 9124774729. D-11342

Required Brahmin groom Class I or Class II Rank for my only daughter 29y, 5'4" white complexion Post Graduate working as A.P.D (DRDA) Mob: 6371310039. D-34894

Wanted groom for fair complexion 31 years bride (5'4") Mula dhanu, qualification BA, Software Engineering. 9437053145. D-56167

Now Matrimonial ads. only on Wednesday & Sunday
Book 1 Get 1 FREE

## classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293




### SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741.D-11181

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

2300 sqft. fully furnished office space for rent at Bomikhal CTC Road, Bhubaneswar. Contact: 09880193309, 9861282388. D-11300

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Yellowzone plot sale near AIIMS Hospital ready for construction. 8480745797.** D-65372

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

Fully developed gharabari residential Patta plot sale 3km. from KIIT Big Bazaar, Bhubaneswar, electricity 30'road available. 9556003065, 7978159231. D-65373

14 acres land for sale at Dhenkanal (25kms. from Anugul). Rs.8lacs per acre. Contact: 6371073404.D-65489

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Land for sale land measuring A.2.20 in village Chandiagadi under Aul Tehsil in Kendrapada District with sthitiban status for sale. Located by the side of National Highway with eighteen mango trees (suitable for timber) standing thereon. Site suitable for residential purpose. Contact: 91-9668860895 or 91-7077036872. D-11367

ତମାଣ୍ଡରେ BDA yellowzone 30ft. road, electricity ଥାଇ demarcated ପ୍ଲଟ ମିଳୁଛି: 9668186978. D-11381

### TO LET

Ground floor, 2BHK, two bath, drawing, dining, kitchen. Fishery Lane-2, Chintamaniswar, Bhubaneswar. 9437071610, 7978302319. D-65612




Newly opening ayurvedic full body massage. 7077444583. D-11285

Ayurvedic full body massage smart boy therapist, home service available. 9937929638.D-11318

Herbal body massage by gents therapist home service available. 9090466257. D-11365

### AFFIDAVIT

ମୁଁ ଏସ୍ ଦିବ୍ୟ ସୁବୁଦ୍ଧି (୧୯ବର୍ଷ), ସ୍ୱା- ଏସ୍ ଅଶ୍ୱୀନ ସୁବୁଦ୍ଧି, ସିମନବାଡ଼ି, ଦାରିଙ୍ଗବାଡ଼ି, କନ୍ଧମାଳ ସତ୍ୟପାଠ ତା୨୪।୧୦।୨୦୧୮ରିଖ ପ୍ରକାରେ ମୋର ପୂର୍ବନାମ ଦିବ୍ୟା ପାଣ୍ଡେ କୁ ବଦଳାଇ ଏସ୍ ଦିବ୍ୟ ସୁବୁଦ୍ଧି ନାମରେ ପରିଚିତ ହେବି। ଧ-୧୧୩୮୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଏକୋଇଶିଆ ଉପଲକ୍ଷେ



**ସାଇଲକ୍ଷ୍ମୀ ବେଉରା**
ନିସ୍ତିପୁର, ବାଙ୍କୀ, କଟକ
ମା' ଲକ୍ଷ୍ମୀଙ୍କ କୃପାରୁ ତୋର ଜୀବନ ସର୍ବଦା ଆନନ୍ଦମୟ ହେଉ।
ଶୁଭେଚ୍ଛା ସହ
ମା, ବାବା, ମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୩୮୯

### ୩ୟ ଜନ୍ମଦିନ ଶୁଭେଚ୍ଛା



(ଅଙ୍କିତା)
**ସାଇସ୍ନିଗ୍ଧା ପ୍ରିୟଦର୍ଶିନୀ**
ସ୍ଥାନ: ରେଲୱେ କଲୋନୀ, ମଞ୍ଚେଶ୍ୱର, ଭୁବନେଶ୍ୱର
ଆଜି ତୋର ତୃତୀୟ ଜନ୍ମଦିନ ଉପଲକ୍ଷେ ମହାବୀର ହନୁମାନ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଉଜ୍ଜ୍ୱଳମୟ ଜୀବନକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ବୋଉ, ବାବୁଲିବାପା, ମା, ବାବାଝିଅ, ମାମା, ମାମୁ, ମାଇଁ, ଦେଇ, ଟିଙ୍କୁ ଦାଦା, ପିଙ୍କୁ ଦାଦା, ସୋନୁ, ସାଇଲି। ଧ-୧୧୩୬୬

### ଜନ୍ମଦିନ ଶୁଭେଚ୍ଛା



**ସାଇ ଆଦିତ୍ୟ ପାତ୍ର**
ଜନ୍ମ ତାରିଖ. ୨୭।୦୨।୨୦୧୫
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ।
ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡ଼ବାବା, ବଡ଼ ମାମା, ମାମା, ବାବା, ଦିଦି।
ଧ-୧୧୩୮୫

### ୨୪ତମ ଜନ୍ମଦିନ ଶୁଭେଚ୍ଛା



**ସନ୍ଧ୍ୟାରାଣୀ କେତକୀ**
ଗ୍ରାମ-ନୂଆପଡା (ବିଶି କଲୋନୀ)
ତୁମର ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ତୁମକୁ ସୁଖ, ସମୃଦ୍ଧି ସହ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ସନାତନ, ଚନ୍ଦନ, ଉମାକାନ୍ତୀ, ଅରୁଣ, ସୀମା, ସୃତୀ, କୁନୁ, କୁନାଲ, ସୋମ, ସ୍ୱାଗତ, ଶୁଭମ, ନିନି।** ଧ-୧୧୩୮୮

### Happy Birthday



**Amiya Kumar Sahoo**
Nimapada
"We wish for all of your wishes to come true. Many many happy returns of the day". Best wishes from: Gunu, Krishna & Family.
D-11394

### 10th Marriage Anniversary



**Jitu & Sili**
Soubhagya Nagar, Bhubaneswar
Best Wishes: Sanjay, Piku, Priti, Jyoti, Sukanta Bhai, Sonali, Chinu Bhai & Family, Relatives.
D-11391

# କଂଗ୍ରେସ କ୍ଷମତାକୁ ଆସିଲେ ଟ୍ରାନ୍ସଜେଣ୍ଡର ବୋର୍ଡ ଗଠନ କରିବ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ରାଜ୍ୟରେ ଟ୍ରାନ୍ସଜେଣ୍ଡରଙ୍କ ବହୁବିଧି ସମସ୍ୟା ପ୍ରତି କଂଗ୍ରେସ ଦଳ ସଂପୂର୍ଣ୍ଣ ସଚେତନ ଅଛି। ସେମାନଙ୍କ ପାଇଁ ଟ୍ରାନ୍ସଜେଣ୍ଡର ବୋର୍ଡ ଗଠନ କରିବାକୁ ବହୁ ଦିନରୁ ଦାବି ହୋଇଆସୁଛି। ଅନ୍ୟ ରାଜ୍ୟରେ ଏହି ବୋର୍ଡ ଗଠନ କରାଯାଇଛି। ହେଲେ ଏକ୍ଷେତ୍ରରେ ଓଡିଶା ସରକାରଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ରାଜ୍ୟ ସରକାର ଯଦି ସେମାନଙ୍କର ଦାବି ପୂରଣ ନ କରନ୍ତି ତେବେ କଂଗ୍ରେସ କ୍ଷମତାକୁ ଆସିଲେ ଉପରୋକ୍ତ ଦାବି ପୂରଣ କରିବ ବୋଲି ନିରଞ୍ଜନ ପ୍ରତିଶ୍ରୁତି ଦେଇଛନ୍ତି।

# କୋଟିପତି ଏବିଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ପାଟଣା/କେନ୍ଦୁଝର, ୨୬।୨(ସ୍ୱ.ପ୍ର.)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ସକାଳେ କରଞ୍ଜିଆ ଏବିଓ ବିପିନ ବିହାରୀ ବାରିକଙ୍କ ୪ଟି ଘର ଉପରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ବିପିନଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ଆକଳନ ମୂଲ୍ୟ ୧ କୋଟି ୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅର୍ଜୁନପଶି ଗ୍ରାମରେ ଥିବା ବିପିନଙ୍କ ପୈତୃକ ଘର, ହାର୍ଡୱେର ଓ ସିମେଣ୍ଟ ଦୋକାନ, କରଞ୍ଜିଆ ବିଇଓଙ୍କ କାର୍ଯ୍ୟାଳୟ ଓ ବଣସାହି ସ୍ଥିତ ୩ ମହଲା କୋଠା ଘରେ ଏକକାଳୀନ ଚଢ଼ାଉ ଜାରି ରହିଥିଲା। କେନ୍ଦୁଝର ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍‌ର ମିଳିତ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଦେବଦତ୍ତ ସେଠ, ସନ୍ତୋଷ ସାମନ୍ତରା, ନିରୀକ୍ଷକ ଅନିରୁଦ୍ଧ ନାଏକ, ହେମାମାଳିନୀ ନାୟକ ଓ ପ୍ରଦୀପ କୁମାର ସାମଲ ପ୍ରମୁଖ ସାମିଲ ହୋଇଥିଲେ ବୋଲି ବାଲେଶ୍ୱର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ସେନାପତି କହିଛନ୍ତି।

# ୩ ବିଜେଡି ବ୍ଲକ ସଭାପତି ନିଯୁକ୍ତ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କୁ ଗଞ୍ଜାମ ଜିଲାର ଭଞ୍ଜନଗର ବ୍ଲକ ବିଜେଡି ସଭାପତି, ବାସୁଦେବ ପଣ୍ଡାଙ୍କୁ କନ୍ଧମାଳ ଜିଲାର କ. ନୂଆଗାଁ ବ୍ଲକ ବିଜେଡି ସଭାପତି ଏବଂ ରାଜେଶ କୁମାର ଦିଗାଲଙ୍କୁ ଚକାପାଦ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ଏ ସମ୍ପର୍କିତ ଥିବା ସମସ୍ତ ପୂର୍ବ ଆଦେଶନାମାକୁ ବାଦ ଦିଆଯାଇଛି। ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ଇସ୍ତାହାରରେ ଏହି ସୂଚନା ଦେଇଛନ୍ତି।




### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜମେଶ୍ୱର ପଟ୍ଟନାୟକ**
ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୦୯।୦୨।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ।
ଧ-୬୨୦୮୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବନମାଳୀ ମିଶ୍ର**
ମିଶ୍ରସାହି, ପୁରୀ
ଆବିର୍ଭାବ: ତା. ୫।୦୮।୧୯୨୭
ତିରୋଧାନ: ତା. ୦୮।୦୨।୨୦୧୮
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ, ଝିଅ, ଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୬୩୭୫୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିନୋଦିନୀ ଦାଶ**
ତିରୋଧାନ: ୧୯।୦୨।୨୦୧୭
ପାଲଗୁନ କୃଷ୍ଣପକ୍ଷ ନବମୀ
ଭୁବନପୁର, ନିମାପଡ଼ା, ପୁରୀ
**ସବୁ ନିରର୍ଥକ ତୁମ ବିନା ବୋଉ
ସବୁ ଲାଗେ ପିତା ପିତା
ତୁମରି ଅଦୃଶ୍ୟ ପଣତ
ଆମକୁ ଦିଅଇ ଦିବ୍ୟ ଚେତନା**
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୧୩୯୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମହାଦେବ ଜେନା**
ବେଣ୍ଟପୁର, ବାଲିଅନ୍ତା
ଆବିର୍ଭାବ: ୦୪।୦୭।୧୯୬୭
ତିରୋଧାନ: ୦୮।୦୨।୧୯୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ମପ୍ରବଣତା, ତ୍ୟାଗ ଓ ନିଷ୍ଠା ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସହଧର୍ମିଣୀ- ଶାନ୍ତିଲତା, ପୁତ୍ର-ପଞ୍ଚାନନ, ପୁତ୍ରବଧୂ-ରଞ୍ଜୁ, ଝିଅ-ପିଙ୍କି ଓ ଲିପି, ଜ୍ୱାଇଁ-ମୁନା ଓ ସୁଧୀର, ନାତୁଣୀ-ଲଭଲି, ସ୍ନେହା, ରିଧି, ଆତ୍ମୀୟସ୍ୱଜନ ଓ ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଜୁନିଅର କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ। ଧ-୪୬୨୬୧

### ଏକାଦଶାହ ଉପଲକ୍ଷେ



**ପ୍ରେମାନନ୍ଦ ମଙ୍ଗରାଜ**
ପୁରୁଣାହି, ଚାନ୍ଦପୁର, ଖୋର୍ଦ୍ଧା
**ଆବିର୍ଭାବ - ୦୨-୦୭-୧୯୩୨
ତିରୋଧାନ - ୧୭-୦୨-୨୦୧୯**
ଆପଣଙ୍କ ଶିକ୍ଷକତା, ସମାଜସେବା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ଓ ଆଶିର୍ବାଦ ହୋଇ ରହିଥାଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ॥
**ଶୋକସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ :**
ସହଧର୍ମିଣୀ- ଦୁର୍ଗା, ପୁତ୍ର- ପବିତ୍ର, ପ୍ରଦିପ୍ତ। କନ୍ୟା- ମିନି, ପୁତ୍ର ବଧୂ, ଜାମାତା, ଭଣଜା, ଭଣେଜି, ଝିଆରୀ, ପୁତୁରା ଓ ନାତି ନାତୁଣୀ ମାନେ। ଧ-୧୧୩୬୮

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ଯତ୍ନମଣି ଦେହୁରୀ**
ସ୍ୱା-ନରୋତ୍ତମ ଦେହୁରୀ
ଗ୍ରାମ-ବନ୍ତଳା, ଥା-ବନ୍ତଳା, ଅନୁଗୋଳ
ଆବିର୍ଭାବ: ୨୯।୦୩।୧୯୬୯
ତିରୋଧାନ: ୧୮।୦୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଗୋପାଳଜୀଉ ଓ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଶୋକସନ୍ତପ୍ତ ସ୍ୱାମୀ, ପୁଅ, ଝିଅ, ପୁତୁରା, ଝିଆରୀ ଓ ଦେହୁରୀ ଓ ପରିବାରବର୍ଗ। ଧ-୧୧୩୮୬

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବାରେ ସ୍ୱଗୃହୀ ମଙ୍ଗଳ ଆପଣଙ୍କୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବେ। ଆତ୍ମୀୟ ମାନଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିକଲେ ମଧ୍ୟ କାମ ଅଟକିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ। ନୂତନ ଗୃହପୋକରଣ କ୍ରୟ କରିପାରନ୍ତି।

**ବୃଷ**

ଗୁରୁ କ୍ଷେତ୍ରସ୍ଥ ବୁଧଙ୍କ ଶୁଭଦୃଷ୍ଟିରୁ ସମ୍ପର୍କୀୟମାନେ ପ୍ରଫୁଲ୍ଲତାର ସହ ଆପଣଙ୍କ କାମରେ ସାହାଯ୍ୟ, ସହଯୋଗ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ମିଥୁନ**

ଅଷ୍ଟମସ୍ଥ ପାପଗ୍ରହ ଯୁକ୍ତ ଶୁକ୍ର ସମ୍ପର୍କହାନୀ,ସ୍ଥାନ ହେତୁକ ସମସ୍ୟା ଓ ଚିନ୍ତାଧାରାର ବୈଷମ୍ୟତା ସୃଷ୍ଟିକରିବ। ନୂତନ କର୍ମସସ୍ଥାନ ପାଇଁ ମନ ବଳିବ। ଅର୍ଥପ୍ରାପ୍ତିର ଲାଳସା ନେଇ ସହକର୍ମୀ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ, ପରିବହନ, ଶିଳ୍ପ, କାରିଗରୀ ତଥା ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ**

ଯେକୌଣସି ପରିସ୍ଥିତିର ସାମ୍ନା କରିବାର ଧୈର୍ଯ୍ୟ ଓ କୌଶଳ ଅକ୍ଷୁଣ୍ଣ ରହିବ। ଦୀର୍ଘଦିନର ଆଶା ଫଳବତୀ ହୋଇ ପାରିବ ଆବଶ୍ୟକତାନୁସାରେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ରାହୁଙ୍କ ପ୍ରଭାବ ଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମର ସୂଚନା ରହିଛି।

**ସିଂହ**

କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମନୋବଳ ବୃଦ୍ଧି ପାଇବ। ବୁଧ ଓ ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସାମ୍ବାଦିକତାକୁ ନେଇ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କେତେକ ଘରୋଇ କାମ ସକାଶେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**

ଗ୍ରହସ୍ଥିତିରେ ଅନୁକୂଳତା ସାମଗ୍ରୀ କାର୍ଯ୍ୟ ସାଧନରେ ସଫଳତା ପ୍ରାଦନ କରିବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଶନିଙ୍କ ଷଷ୍ଠଭାବକୁ ଦୃଷ୍ଟି ପ୍ରଦାନ କାରଣରୁ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି।

**ତୁଳା**

ମଙ୍ଗଳଙ୍କ ଦୃଷ୍ଟି ମାନସିକ ଉତ୍ତେଜନା ସୃଷ୍ଟିକଲେ ମଧ୍ୟ ମୁଖଭାବରେ ଚନ୍ଦ୍ର ଓ ବୃହସ୍ପତି ଭାରସାମ୍ୟତା ରକ୍ଷା କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ସଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଶୁଣା କଥାରେ ପ୍ରଭାବିତ ହୋଇ ଭୂଲ ମାର୍ଗ ଅନୁସରଣ କରିପାରନ୍ତି। ସରକାରୀ ଦପ୍ତରରୁ କୌଣସି ଖବର ମନକୁ ଖୁସୀ କରାଇଦେଇପାରେ।

**ବିଛା**

କର୍ମାଧିପତି ଶନିଙ୍କ କ୍ଷେତ୍ରରେ ରହି ବିଳମ୍ବିତ ସମୟରେ କାମ ହାସଲ କରାଇବେ। କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ରହିଥଲେହେଁ ରାଶ୍ୟାଧିପ ମଙ୍ଗଳ ଏହିଦିଗରେ ଆନୁସଙ୍ଗିକ ସାହାଯ୍ୟ କରିବେ। ଆପଣଙ୍କ ଉନ୍ନତ ଚିନ୍ତାଧାରାନୁଯାୟୀ ଯୋଜନାଟି ଫଳପ୍ରଦ ହୋଇପାରିବ।

**ଧନୁ**

ଅଷ୍ଟମାଧିପ ବୁଧ ବନ୍ଧୁଙ୍କ ମାଧ୍ୟମରେ ପାରିବାରିକ ଅସ୍ଥିରତା ଓ କାର୍ଯ୍ୟହାନୀର ବାର୍ତ୍ତାବହ ହୋଇପାରନ୍ତି। ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ମାନସିକ ଉତ୍ତେଜନା ସୃଷ୍ଟିକରାଇ କାର୍ଯ୍ୟକ୍ଷେତ୍ରରେ ଅନର୍ଥ ସୃଷ୍ଟି କରିପାରନ୍ତି। ସ୍ୱାସ୍ଥ୍ୟ କ୍ରମଶଃ ବିଗିଡି ଯାଉଥିବାରୁ ସେଥିପ୍ରତି ଧ୍ୟାନ ରଖିବା ଜରୁରୀ ହୋଇପଡିବ। ପରିବହନରେ ଝଗଡାଝାଟିର ସମସ୍ୟା ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସମାଧାନ ହୋଇଯିବ।

**ମକର**

ଏକାଦଶ ଭାବରୁ ଅଷ୍ଟମାଧିପତି ଚନ୍ଦ୍ରଙ୍କ ଦୃଷ୍ଟି ବିଚାରଧାରାକୁ ପ୍ରଭାବିତ କରିଦେବ। ଫଳତଃ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ଉପୁଜିପାରେ। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇପାରନ୍ତି। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇବାର ସୂଚନା ଦେଖାଯାଏ।

**କୁମ୍ଭ**

ଗୁରୁ ଓ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତି ଜନିତ ବିଭିନ୍ନ ପ୍ରକାରର ସମସ୍ୟା ବିଜଡିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ। ପାରିବାରିକ ଖର୍ଚ୍ଚର ଭରଣା ସକାଶେ ଧାରକରଜ କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ମୀନ**

ସ୍ୱରାଶିପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ସମସ୍ୟା ସମାଧାନ ଓ ଫଳପ୍ରଦ ଆଲୋଚନା ପାଇଁ ଖୋରାକି ଯୋଗାଇପାରେ। ଶୁକ୍ରଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ହଠାତ୍ ବିରାଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇପାରନ୍ତି। ସବୁ କ୍ଷେତ୍ରରେ ଶୁଣାକଥାକୁ ଗୁରୁତ୍ୱ ଦେବା ଠିକ୍ ହେବନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ନବମୀ ବୁଧବାର, ଫେବୃୟାରୀ ୨୭ ତାରିଖ,ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୮ମି. ଗତେ ଘ୯।୦୪ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୨୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୩୮ମି. ମଧ୍ୟେ ଘ୧୦।୩୦ମି. ଗତେ, ଘ୧୧।୫୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୨।୦୦ମି. ଗତେ ଘ୧।୨୬ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ବରଗଡ଼ ପୌରାଞ୍ଚଳ ପାଇଁ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

- ୧୯.୫୦ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ
- ଉପକୃତ ହେବେ ୧.୧୦ ଲକ୍ଷ ଲୋକ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବରଗଡ଼ ପୌରାଞ୍ଚଳ ପାଇଁ ଦୈନିକ ୧୯.୫୦ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଆଗାମୀ ୧୫ ବର୍ଷ ପାଇଁ ବରଗଡ଼ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ ହୋଇପାରିବ। ୩୭.୨୩ କୋଟି ଟଙ୍କାର ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧.୧୦ ଲକ୍ଷ ଲୋକ ଉପକୃତ ହେବେ। ବରଗଡ଼ ପଶ୍ଚିମ କେନାଲ ଜଳ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପର ନାମ 'ଅଗୁମେଣ୍ଟେଶନ୍ ଅଫ୍ ୱାଟର ସପ୍ଲାଏ ଟୁ ବରଗଡ଼ ମ୍ୟୁନିସିପାଲିଟି'। ଏଥିପାଇଁ ୪.୧୫ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ୪ ଜଳାଶୟ ଓ ୧.୮୫ ମିଲିୟନ ବିଶିଷ୍ଟ ୨ଟି ଜଳାଶୟ କରାଯାଇଛି। ରାଜ୍ୟ ସରକାରଙ୍କ ବସୁଧା ଯୋଜନା ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ବରଗଡ଼ ସହରର ପାନୀୟ ଜଳ ଆବଶ୍ୟକତା ଦୈନିକ ୧୪.୮୨ ମିଲିୟନ ଲିଟର ରହିଛି। ହେଲେ ଦୈନିକ ମାତ୍ର ୪.୫ ମିଲିୟନ ଲିଟର ପାଣି ଯୋଗାଣ ହୋଇପାରୁଛି। ତେଣୁ ଉଦ୍‌ଘାଟିତ ପ୍ରକଳ୍ପ ବରଗଡ଼ବାସୀଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ କରିପାରିବ ବୋଲି ସରକାର ଆଶାବାଦୀ। ଏହି ଉଦ୍‌ଘାଟନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ରେ ଜଳସମ୍ପଦ ଏବଂ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏମ୍‌ପି ପ୍ରଭାସ ସିଂ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଦ୍ରୋହର ଫାଇଦା ନେବାକୁ ପ୍ରୟାସ



**ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ**

ପ୍ରଭଞ୍ଜନ ମିଶ୍ର
ଝାରସୁଗୁଡ଼ା ଅଫିସ,୨୬।୨

ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ହେଉଛି ବ୍ରଜରାଜନଗର। ଏଠାରେ ୨୦୦୯ ନିର୍ବାଚନ ପର୍ଯ୍ୟନ୍ତ ସବୁବେଳେ ଦ୍ୱିମୁଖୀ ଲଢ଼େଇ ହୋଇ ଆସୁଥିବାବେଳେ ୨୦୧୪ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେଡି, ଭାଜପା ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରଥମଥର ପାଇଁ ବିଜେଡି ଏଠାରେ ପ୍ରାର୍ଥୀ ଦେଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବା ନେଇ ଆକଳନ କରାଯାଉଛି। ଏକଦା ଏହି ନିର୍ବାଚନମଣ୍ଡଳୀ ସିପିଆଇର ଗଡ଼ ଥିଲା। ତେବେ ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ପରେ ସିପିଆଇ ଏଠାରେ ସତ୍ତା ହରାଇଛି। ଏଥର ଆଉ ଜଣେ ସିପିଆଇ ନେତା ତିନି ପ୍ରମୁଖ ରାଜନୈତିକ ଦଳକୁ ଟକ୍କର ଦେବେ ବୋଲି ଆଲୋଚନା ହେଉଛି। ତେବେ ଚଳିତ ନିର୍ବାଚନରେ ସବୁ ଦଳରେ ବିଦ୍ରୋହର ସ୍ୱର ଉଠିଛି। ଏହାର ଫାଇଦା ନେବାକୁ ଟିକେଟ ଆଶାୟୀମାନେ ଉଦ୍ୟମ ଚଳାଇଛନ୍ତି।

ଝାରସୁଗୁଡ଼ା ସଦର ବ୍ଲକର ୫, ଲଖନପୁର ବ୍ଲକର ୩୩ ପଞ୍ଚାୟତ ସମେତ ବେଲପାହାଡ଼ ଓ ବ୍ରଜରାଜନଜର ପୌର ପରିଷଦକୁ ନେଇ ଗଠିତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀର ଗୋଟିଏ ପାର୍ଶ୍ୱରେ ଛତିଶଗଡ଼ ଏବଂ ଅନ୍ୟପଟରେ ଝାରସୁଗୁଡ଼ା ନିବାଚନମଣ୍ଡଳୀ ରହିଛି। ଏହି ନିର୍ବାଚନମଣ୍ଡଳୀ ଏବେ ଭାଜପା କବ୍‌ଜାରେ ରହିଥିବାବେଳେ ବିଜେଡି ଓ କଂଗ୍ରେସ ସଙ୍ଗଠନ ମଧ୍ୟ ସୁଦୃଢ଼ ରହିଛି। ଏହି ଆସନରୁ ୨୦୧୪ ନିର୍ବାଚନରେ କଂଗ୍ରେସ ଟିକେଟରୁ ପୂର୍ବତନ ବାଚସ୍ପତି କିଶୋର ପଟେଲ ପ୍ରାର୍ଥୀ ହୋଇଥିବାବେଳେ ଅନୁପ ସାଏ କଂଗ୍ରେସ ଛାଡ଼ି ବିଜେଡି ଟିକେଟରୁ ନିର୍ବାଚନ ଲଢ଼ିଥିଲେ। ହେଲେ ଉଭୟେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ଓରିଏଣ୍ଟ ପେପର ମିଲ (ଓପିଏମ୍) ପୁନଃ କାର୍ଯ୍ୟକ୍ଷମ ପ୍ରତ୍ୟେକ ନିର୍ବାଚନରେ ରାଜନୈତିକ ପ୍ରସଙ୍ଗ ହୋଇଥାଏ। କିନ୍ତୁ ନିର୍ବାଚନ ସରିଲେ ସେହି ପ୍ରସଙ୍ଗ ଭୁଲିଯାଆନ୍ତି ନେତା।

ବର୍ତ୍ତମାନ ପରିପ୍ରେକ୍ଷୀରେ ଭାଜପା ଟିକେଟ ପାଇଁ ବିଧାୟିକା ରାଧାରାଣୀ ପଣ୍ଡା ପ୍ରମୁଖ ଦାବିଦାର ରହିଛନ୍ତି। ହେଲେ ଏହି ନିର୍ବାଚନମଣ୍ଡଳୀରେ ଏବେ ତାଙ୍କ ବିରୋଧରେ ସ୍ୱର ଉଠୁଛି। ଖୋଦ ଭାଜପା ନେତା ଓ କର୍ମୀ ରାଧାରାଣୀଙ୍କ ବିରୋଧରେ ମେଳି କରିଲେଣି। ସ୍ଥାନେ ସ୍ଥାନେ ବୈଠକ କରି ରାଧା ପଣ୍ଡା ହଟାଅ, ବ୍ରଜରାଜନଗର ବଞ୍ଚାଅ ନାରା ଦେଉଛନ୍ତି। ଏହି ନିର୍ବାଚନମଣ୍ଡଳୀରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି ପ୍ରମୁଖ ଆଶାୟୀ ଭାବେ ଉଭା ହୋଇଛନ୍ତି। ପ୍ରମୋଦ କହିଛନ୍ତି, ଦୀର୍ଘବର୍ଷ ହେବ ସଙ୍ଗଠନ ସହ ଜଡ଼ିତ ରହିଛୁ। ଶୃଙ୍ଖଳିତ ଭାବେ କାମ କରି ଦଳକୁ ସଙ୍ଗଠିତ କରିଛୁ। ଲୋକଙ୍କ ଆସ୍ଥା ରହିଛି, ଯଦି ଦଳର ଶୀର୍ଷ ନେତୃତ୍ୱ ଭରସା ଦେଖାନ୍ତି ତେବେ ପ୍ରାର୍ଥୀ ହେବାରେ କୌଣସି ଆପତ୍ତି ନାହିଁ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳ ସାହୁ, ଜିଲା ପରିଷଦ ସଦସ୍ୟ ସାମଲ ନାଏକ ଟିକେଟ ଆଶାୟୀ ଅଛନ୍ତି। ଦଳ ଆସ୍ଥା ପ୍ରକଟ କରି ଦାୟିତ୍ୱ ଦେଲେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ସାମଲ ଓ ନାଏକ କହିଛନ୍ତି। ସାମଲଙ୍କ ଭଳି ଅନ୍ୟମାନେ ମଧ୍ୟ ଟିକେଟ ପାଇବାକୁ ଆଶା ରଖିଛନ୍ତି। କିନ୍ତୁ ଟିକେଟ ନ ମିଳିଲେ ଶୃଙ୍ଖଳିତ କର୍ମୀର ଦାୟିତ୍ୱ ନିର୍ବାହ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଧାରାଣୀ ପଣ୍ଡାଙ୍କ ବିରୋଧରେ ଦଳ ଭିତରେ ଏବଂ ବାହାରେ ବିରୋଧାଭାସ ରହିଥିବାରୁ ହାଇକମାଣ୍ଡ ଏହି ନିର୍ବାଚନମଣ୍ଡଳୀ ପାଇଁ ନୂଆଁ ମୁହଁ ଚିହ୍ନଟ କରିପାରନ୍ତି ବୋଲି ରାଜନୀତି ପାଣିପାଗ କହୁଛି। ସେହିପରି ଭାଜପାର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଏହି ନିର୍ବାଚନମଣ୍ଡଳୀରୁ ଦୁଇଥର ବିଧାୟକ ପ୍ରାର୍ଥୀ ହୋଇଥିବାରୁ ୨୦୧୯ରେ ପ୍ରତ୍ୟାବର୍ତ୍ତନ କରିବା ନେଇ ଆଲୋଚନା ହେଉଛି।

୨୦୧୪ ନିର୍ବାଚନ ପୂର୍ବରୁ କଂଗ୍ରେସ ବିଧାୟକ ଅନୁପ ସାଏ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ହେଲେ ଦଳବଦଳ ତାଙ୍କ ପାଇଁ ମହଙ୍ଗା ପଡ଼ିଥିଲା। ଭାଜପାର ରାଧାରାଣୀଙ୍କଠାରୁ ଅନୁପ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଅନୁପ ବିଜେଡି ଟିକେଟ ଦାବିଦାର ଥିବାବେଳେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ତାଙ୍କ ବିରୋଧରେ ସ୍ୱର ଉଠିଛି। ଅନୁପଙ୍କୁ ହଟାଇବାକୁ ବହୁବାର ଲୋକ ଖୋଲାଖୋଲି ମତ ଦେଇଛନ୍ତି। ଏପରିକି ଅନୁପ ହଟାଅ ଦାବିରେ ରାସ୍ତାରେ ପୋଷ୍ଟର ଲଗାଇ ପ୍ରତିବାଦ ଜଣାଇଛନ୍ତି। ଏବେ ଏହି ପ୍ରତିବାଦ ନବୀନ ନିବାସରେ ପହଞ୍ଚିଛି। ଏଭଳି ପରିସ୍ଥିତିରେ ଦଳ ଅନୁପଙ୍କ ଉପରେ ଭରସା କରି ନ ପାରେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପଟେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟିକେଟ ଆଶାୟୀଙ୍କ ତାଲିକା କିଛି କମ୍ ନୁହେଁ। ଏହି ଆସନରୁ ଲଢ଼ିବା ପାଇଁ ଟିକେଟ ଆଶାୟୀ ତାଲିକାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତିଙ୍କ ନାଁ ସର୍ବାଗ୍ରେ ରହିଛି। ହେଲେ ସେ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ହାତରେ ଏହି ନିଷ୍ପତ୍ତି ଛାଡ଼ି ଦେଇଥିବା କହିଛନ୍ତି। ଏହାସହ ଜିଲା ବିଜେଡି ଉପସଭାପତି ବିଶ୍ୱନାଥ ନାଏକଙ୍କ ନାଁ ମଧ୍ୟ ରହିଛି। ଜନତା ଦଳ ସମୟରୁ ଆମେ କାମ କରୁଛୁ। ବିଜେଡିର ପୁରାତନ କର୍ମୀ ହିସାବରେ ଟିକେଟ ଆଶା ରହିବା ସ୍ୱାଭାବିକ। ଯେକୌଣସି ପୁରୁଣା ବିଜେଡି କର୍ମକର୍ତ୍ତାଙ୍କୁ ଟିକେଟ ମିଳିଲେ ଆମେ ସହଯୋଗ କରିବୁ ବୋଲି ବିଶ୍ୱନାଥ କହିଛନ୍ତି। ପୂର୍ବତନ ନଗରପାଳ କିଶୋର ଅଗ୍ରୱାଲ ମଧ୍ୟ ଟିକେଟ ଆଶାୟୀ ତାଲିକାରେ ରହିଛନ୍ତି।

ବ୍ରଜରାଜନଗର ନିର୍ବାଚନ ଇତିହାସରେ ସିପିଆଇ ନେତା ପ୍ରସନ୍ନ ପଣ୍ଡା ସର୍ବାଧିକ ୬ଥର ବିଜୟୀ ହୋଇଥିଲେ। ତାଙ୍କ ଦେହାନ୍ତ ପରେ ଲଗାତର କଂଗ୍ରେସ ପ୍ରାର୍ଥୀ ୪ଥର ଏହି ଆସନ ଦଖଲ କରିଥିଲେ। ହେଲେ ୨୦୧୪ରେ ଅନୁପ ସାଏ ଦଳବଦଳ କରି ବିଜେଡିରେ ଯୋଗଦେଇଥିଲେ। ଏହାପରେ ସୁନ୍ଦରଗଡ଼ ଜିଲାରୁ ଆସି କିଶୋର ଚନ୍ଦ୍ର ପଟେଲ ଏଠାରେ ନିର୍ବାଚନ ଲଢ଼ି ତୃତୀୟ ସ୍ଥାନ ପାଇଥିଲେ। ସ୍ଥାନୀୟ ପ୍ରାର୍ଥୀ ହୋଇ ନ ଥିବାରୁ କିଶୋର ଭୋଟରଙ୍କ ଆସ୍ଥାଭାଜନ ହୋଇପାରି ନ ଥିଲେ ବୋଲି କୁହାଯାଉଛି। ଅପରପକ୍ଷରେ କଂଗ୍ରେସର ପୂର୍ବତନ ଲଖନପୁର ବ୍ଲକ ସଭାପତି ସନତ ସିଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ଥିବା ଆଲୋଚନା ହେଉଛି। ଏହାକୁ ସନତ ସ୍ୱୀକାର ମଧ୍ୟ କରିଛନ୍ତି। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଟିକେଟ ପାଇଁ ଆବେଦନ କରିଛି। ଯଦି ଟିକେଟ ମିଳେ ନିଶ୍ଚିତ ଲଢ଼ିବେ ବୋଲି ସେ କହିଛନ୍ତି। ଜଣେ ଶୃଙ୍ଖଳିତ କର୍ମୀ ହୋଇଥିବାରୁ ଦଳ ଯାହା ନିଷ୍ପତ୍ତି ନେବ ତାକୁ ଗ୍ରହଣ କରିବେ ବୋଲି ସନତ କହିଛନ୍ତି।

ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ପରେ ଏଠାରେ ସିପିଆଇ ସଙ୍ଗଠନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏବେ କଂଗ୍ରେସ ଛାଡ଼ି ସିପିଆଇ ମଙ୍ଗ ଧରିଥିବା ଶ୍ରମିକ ନେତା ରମେଶ ତ୍ରିପାଠୀ ୨୦୧୯ ନିର୍ବାଚନ ପାଇଁ ଦଳର ଆଶାୟୀ ପ୍ରାର୍ଥୀ ତାଲିକାରେ ସର୍ବାଗ୍ରେ ରହିଛନ୍ତି। ଜିଲା କମିଟି ତରଫରୁ ତ୍ରିପାଠୀଙ୍କ ନାଁ ସୁପାରିସ କରାଯାଇଛି। ଆଗାମୀ ନିର୍ବାଚନରେ ସିପିଆଇ ତା'ର ପୂର୍ବ ଗୌରବ ଫେରି ପାଇବ ବୋଲି ସେ କହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ରାଧାରାଣୀ ପଣ୍ଡା | ୫୦,୭୩୬ |
| ବିଜେଡି | ଅନୁପ କୁମାର ସାଏ | ୪୩,୯୪୬ |
| ଆଇଏନସି | କିଶୋର ଚନ୍ଦ୍ର ପଟେଲ | ୩୮,୧୭୫ |
| ସିପିଆଇ | ଗଜାନନ ସାହୁ | ୬,୪୩୬ |

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଆଇଏନସି | ଅନୁପ କୁମାର ସାଏ | ୫୦,୫୮୫ |
| ଭାଜପା | ସୁରେଶ ପୂଜାରୀ | ୪୮,୮୪୩ |
| ସିପିଆଇ | ରାମସହାୟ ପଣ୍ଡା | ୭,୯୧୧ |

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧,୦୬,୦୫୫ | ୯୮,୧୪୩ | ୨୧ | ୨,୦୪,୨୧୯ |

# ଜନଜାତିଙ୍କ କଳା, ସଂସ୍କୃତି ଆମ ଗୌରବ: ମୁଖ୍ୟମନ୍ତ୍ରୀ

- ୩୦୦୦ ପୂଜାସ୍ଥଳୀ, ୪୦୦ ଜନଜାତି ସଂସ୍କୃତି କ୍ଲବ ଉଦ୍‌ଘାଟିତ
- ୩ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟରେ ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ୯ ଜନଜାତି ବହୁଳ ଜିଲାର ସ୍ୱତନ୍ତ୍ର ବିକାଶ ପରିଷଦ ଅଞ୍ଚଳରେ ୩୦୦୦ ପବିତ୍ର ପୂଜାସ୍ଥଳୀ ଓ ୪୦୦ ଜନଜାତି ସଂସ୍କୃତି କ୍ଲବ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ୯ଟି ପରିଷଦର ଜନଜାତି ବର୍ଗର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତିଙ୍କ କଳା ଓ ସଂସ୍କୃତି ଆମର ଗୌରବ। ଏହାର ସୁରକ୍ଷା ଓ ବିକାଶ ସରକାରଙ୍କ ଦାୟିତ୍ୱ। ପରିଷଦଗୁଡିକ ସଂସ୍କୃତି ସୁରକ୍ଷା ପାଇଁ ବହୁତ କାମ କରିଛନ୍ତି। ସେମାନଙ୍କ ସଂସ୍କୃତିଗତ ପରିଚୟ ରକ୍ଷାକରିବା କ୍ଷେତ୍ରରେ ବିଗତ ୧୦ ମାସରେ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ୨୫୦୦୦ ଜନଜାତିଙ୍କୁ ଆର୍ଟିସାନ୍ କାର୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ୩ଟି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି। ଏହି ପୁସ୍ତକଗୁଡିକ ହେଉଛି- ଡେମୋଗ୍ରାଫିକ୍ ପ୍ରୋଫାଇଲ୍ ଅଫ୍ ସିଡ୍ୟୁଲ୍ଡ ଟ୍ରାଇବ୍‌ସ ଇନ୍ ଓଡ଼ିଶା, ଓଡ଼ିଶା ଷ୍ଟେଟ୍ ଟ୍ରାଇବାଲ ମ୍ୟୁଜିୟମ୍ ଏବଂ ସ୍ପେଶିଆଲ ଡେଭଲପମେଣ୍ଟ କାଉନସିଲ।

ପ୍ରଥମଥର ପାଇଁ ୨୦୧୮ ମାର୍ଚ୍ଚ ମାସରେ ୯ ଜନଜାତି ବହୁଳ ଜିଲାରେ ୯ଟି ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯାଇଥିଲା। ଏହି ପରିଷଦରେ ୬୨ ପ୍ରକାର ଜନଜାତି ଓ ପିଭିଟିଜି ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଲୋକାର୍ପିତ ପୂଜାସ୍ଥଳୀ ବିକାଶ ଓ ସଂସ୍କୃତି କ୍ଲବ ଗଠନ ସହ ବାଦ୍ୟଯନ୍ତ୍ର ଯୋଗାଣ, ନୃତ୍ୟ ଆଭୂଷଣ ପ୍ରଦାନ, କାରିଗର ପରିଚୟ ପ୍ରଦାନ, କ୍ରୀଡ଼ା ଉପକରଣ ଯୋଗାଣ ଭଳି କାର୍ଯ୍ୟ ପରିଷଦ ଦ୍ୱାରା କରାଯାଉଛି।



ସଚିବାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସଂଶୋଧିତ ତାଲିକାରୁ ଯୋଗ୍ୟ ଭୋଟରଙ୍କ ନାଁ କଟାଯାଇଛି

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

୨୦୧୯ ଜାନୁୟାରୀରେ ନିର୍ବାଚନ ଆୟୋଗ ରାଜ୍ୟର ଭୋଟରତାଲିକା ପ୍ରକାଶ କରିଥିଲେ। ମାତ୍ର ସେହି ତାଲିକାରେ ପ୍ରତ୍ୟେକ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍‌ର ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ପଡିଛି। ଏହି ସଂଶୋଧିତ ତାଲିକାରେ ଓଡିଶାର ୧୨ଲକ୍ଷ ପରିବାରର ନାମ ପ୍ରକାଶ ପାଇନାହିଁ। ହେଲେ ଏମାନେ ସମସ୍ତେ ଯୋଗ୍ୟ ଭୋଟର ଅଟନ୍ତି। ନିର୍ବାଚନ ଆୟୋଗ କାହା ପ୍ରରୋଚନାରେ ଉକ୍ତ ପରିବାରଠାରୁ ଭୋଟ ଦେବା କ୍ଷମତା ଛଡାଇ ନେଲେ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି।




## ସରକାରୀ ହସ୍ପିଟାଲରେ ବିଏସ୍‌କେୱାଇ ମାଗଣା ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସମସ୍ତ ରୋଗୀଙ୍କୁ ମାଗଣା ଚିକିତ୍ସା ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାର କାର୍ଯ୍ୟକାରିତା ନେଇ ଡା. ମେହେର୍ଦ୍ଦା ମଙ୍ଗଳବାର ସମୀକ୍ଷା କରିଥିଲେ। ଏହି ଅବସରରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଯୋଜନାର ମାର୍ଗଦର୍ଶିକା ସମ୍ପର୍କରେ ଠିକ୍ ଭାବେ ଅବଗତ ହେବା, ବିନା ମୂଲ୍ୟରେ ରୋଗୀଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସେବା ପ୍ରଦାନ କରାଯିବା, ରୋଗୀମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟିଦେବା ସହିତ ବିନା ମୂଲ୍ୟରେ ଔଷଧଠାରୁ ଆରମ୍ଭ କରି ଆବଶ୍ୟକ ରୋଗ ନିରୂପଣ ପରୀକ୍ଷା ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ପ୍ରକାଶଥାଉକି, ବିଏସ୍‌କେୱାଇ ଯୋଜନାରେ ରାଜ୍ୟର ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସରକାରୀ ମେଡିକଲ କଲେଜ ଓ ହସ୍ପିଟାଲରେ ବିନା କୌଣସି ପ୍ରମାଣପତ୍ର କିମ୍ବା କାର୍ଡରେ ସମସ୍ତଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଯୋଜନାର ସଫଳତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମସଚିବ ଯାମିନୀ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଡି.ଏମ୍.ଇ.ଟି ଡା. ସୋନାମାଲି ବାଗ୍‌ଙ୍କ ସମେତ ସମସ୍ତ ମେଡିକାଲ କଲେଜର ଅଧୀକ୍ଷକ, କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ଡାକ୍ତରଖାନା ନିର୍ଦ୍ଦେଶକ, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ନିର୍ଦ୍ଦେଶକ ଏବଂ ଶିଶୁଭବନ ଅଧୀକ୍ଷକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଲାଞ୍ଚ ମାମଲା: ପୂର୍ବତନ ଡିପିଏମ୍‌ଙ୍କୁ ବର୍ଷେ ଜେଲ

**ଫୁଲବାଣୀ ଅଫିସ, ୨୬।୨:** ଜଣେ ଡାକ୍ତରଙ୍କ ଛୁଟି ମଞ୍ଜୁର କରିବାକୁ ଲାଞ୍ଚ ନେବା ମାମଲାରେ ପୂର୍ବତନ ବୌଦ୍ଧ ଜିଲା ପ୍ରୋଗ୍ରାମ ମ୍ୟାନେଜର(ଡିପିଏମ୍) ସନ୍ତୋଷ କୁମାର ଶତପଥୀଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ହୋଇଛି। ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଏହି ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ଖୁଣ୍ଟିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବିଶ୍ୱରଞ୍ଜନ ଜେନା ବ୍ୟକ୍ତିଗତ କାର୍ଯ୍ୟରେ ୫୫ ଦିନ ଛୁଟିରେ ଯାଇଥିଲେ। ଆସିବା ପରେ ଛୁଟି ମଞ୍ଜୁର ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫାଇଲ ଦେବାକୁ ଡିପିଏମ୍‌ଙ୍କୁ ଅନୁରୋଧ କରିଥିଲେ। ମାତ୍ର ଡିପିଏମ୍ ଶତପଥୀ ଏଥିପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ।



ଆଧ୍ୟାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ୍ୟ ଗଭୀର ହେବ। -ଶ୍ରୀଅରବିନ୍ଦ

# ବିମାନ ଆକ୍ରମଣ

ପୁଲ୍‌ୱାମା ଆକ୍ରମଣର ୧୨ ଦିନ ପରେ ଫେବୃୟାରୀ ୨୬ ପ୍ରାତଃ ସମୟରେ ଭାରତୀୟ ବାୟୁ ସେନା (ଆଇଏଏଫ୍) ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱା ନିକଟସ୍ଥ ବାଲାକୋଟର ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛି। ଏଥିରେ ୩୫୦ ଆତଙ୍କବାଦୀ ଓ ଏହାର ପ୍ରଶିକ୍ଷକ ନିହତ ହୋଇଥିବା ଭାରତ ସରକାରଙ୍କ ତରଫରୁ କୁହାଯାଇଛି। ଅନ୍ୟପଟେ ପାକିସ୍ତାନର ସରକାରୀ ମୁଖପାତ୍ର କହିଛନ୍ତି ଯେ, ଏହାଦ୍ୱାରା କାହାରି ପ୍ରାଣହାନି ଘଟିନାହିଁ। ଭାରତ ଏହି ଆକ୍ରମଣକୁ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଉପରେ ନୁହେଁ, ଆତଙ୍କବାଦୀଙ୍କ ବିରୋଧରେ ପୂର୍ବ ପ୍ରାୟୋଜିତ ବେସାମରିକ କାର୍ଯ୍ୟାନୁଷ୍ଠାନ ବୋଲି ଅଭିହିତ କରିଛି। କାରଣ କୁଆଡ଼େ ଗୋଇନ୍ଦା ଖବର ମିଳିଥିଲା ଯେ, ଜେଇଏମ୍ ଆଉ ଏକ ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ଯୋଜନା କରିଛି। ୧୯୭୧ ପରେ ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି ଏଭଳି ଆକ୍ରମଣ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ଭାରତର ଆକାଶମାର୍ଗରୁ ଆକ୍ରମଣ ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦେଶର ସଶସ୍ତ୍ର ବାହିନୀ ଓ ଲୋକଙ୍କୁ ସଜାଗ ରହିବା ପାଇଁ କହିଛନ୍ତି।

ବାସ୍ତବ ଯୁଦ୍ଧ ଅତ୍ୟନ୍ତ କଷ୍ଟଦାୟକ। ଏହା ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟାଇଥାଏ। ସ୍ୱାଭାବିକ ସ୍ଥିତିକୁ ଫେରିଆସିବା ଲାଗି ବହୁ ବର୍ଷ ଲାଗିଯାଏ। ଜୀବନରେ ଯେଉଁମାନେ ଯୁଦ୍ଧ ଦେଖିନାହାନ୍ତି ବା ଜଳ, ସ୍ଥଳ ଓ ଆକାଶବାହିନୀର ଯବାନଙ୍କ ସଂସ୍ପର୍ଶରେ ଆସିନାହାନ୍ତି, ସେହିମାନେ ଯୁଦ୍ଧ ହେଉ ବୋଲି କହିବା ସହଜ। ସେହିଭଳି ସେନା ମଧ୍ୟରୁ ଯେଉଁ ଅଫିସରମାନେ ଉତ୍ସାହ ପ୍ରଦର୍ଶନ କରୁଛନ୍ତି, ସେହିମାନେ ଅତି ବରିଷ୍ଠ ହୋଇଯାଇଥିବା ହେତୁ ଦିଲ୍ଲୀରେ ବସି ଏଭଳି କହିପାରୁଛନ୍ତି। ଭାରତର ଆକ୍ରମଣ ଏହି ଦେଶର ବ୍ୟବସାୟ କ୍ଷେତ୍ରରେ କେଉଁଭଳି ପ୍ରଭାବ ପକାଇବ ସେ ସମ୍ପର୍କରେ ମତଦେବାର ଯୋଗ୍ୟତା ନାହିଁ। କିନ୍ତୁ ଦିନ ଆରମ୍ଭରେ ପ୍ରାୟ ୫୦୦ ପଏଣ୍ଟ ସେନ୍‌ସେକ୍ସ ଖସିବା ସାଧାରଣ ନାଗରିକଙ୍କୁ ସଙ୍କେତ ଦେଉଛି ଯେ, ଯୁଦ୍ଧ ଘଟିଲେ ଭାରତୀୟ ବେପାର ବଣିଜର କ୍ଷତି ଘଟିପାରେ। ଏଠାରେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ରୁଷିଆ ଏବଂ ସ୍ୱିଡେନର ଉଦାହରଣ ଦିଆଯାଇପାରେ। କିଛି ଦଶନ୍ଧି ପୂର୍ବେ ଏହି ଦେଶଗୁଡ଼ିକର ମୁଖ୍ୟ ବ୍ୟବସାୟ ଥିଲା ବିଶ୍ୱବ୍ୟାପୀ ଯୁଦ୍ଧ ଲଗାଇ ସାମଗ୍ରୀ ବିକ୍ରି କରିବାର। ଗ୍ରାହକ ଭାବରେ ଭାରତ ସମେତ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ଅନେକ ଦେଶ ଧାଡ଼ିର ଆଗରେ ଛିଡ଼ା ହୋଇ ରହୁଥିଲେ। ମଧ୍ୟପ୍ରାଚ୍ୟରେ ଏବେ ମଧ୍ୟ ଅଶାନ୍ତ ପରିସ୍ଥିତି ଲାଗିରହିଛି। କିନ୍ତୁ କ୍ରମଶଃ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି ପାଇଲାଣି ଯେ, ନାଗରିକଙ୍କ ପାଇଁ ପ୍ରଗତି ଏବଂ ଉଚ୍ଚମାନର ଜୀବନଶୈଳୀ ଅଧିକ ଗୁରୁତ୍ୱପୂର୍ଣ୍ଣ। ସମ୍ଭବତଃ ସେଥିପାଇଁ ଏବେ ଉଭୟ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଶାନ୍ତ ପଡ଼ିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ତାଙ୍କ ଦେଶର ସେନାକୁ ପୃଥିବୀର ବିଭିନ୍ନ ସ୍ଥାନରୁ ଘରକୁ ଫେରାଇ ନେଉଛନ୍ତି। ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ଉତ୍ତରକୋରିଆ ନେତା କିମ୍ ଜଙ୍ଗ-ଉନ୍ ଏବେ ଖୋଲାଖୋଲି ଘୋଷଣା କଲେଣି ଆଣବିକ ଯୁଦ୍ଧ ପାଇଁ ତାଙ୍କର କୌଣସି ଇଚ୍ଛା ନାହିଁ। ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଯୁଦ୍ଧ ଥିଲା ସମାଧାନର ଏକ ମୁଖ୍ୟ ପନ୍ଥା। ଏବେକାର ପୃଥିବୀରେ ମଣିଷ ଜାତିର ଦୃଷ୍ଟି ଭିନ୍ନ ଦିଗକୁ ମୁହାଁଇଲାଣି। କେବଳ ରାଜନେତାମାନଙ୍କ ସୁବିଧା ପାଇଁ କୌଣସି ଦେଶରେ ବିପ୍ଳବ ବା ଯୁଦ୍ଧ କରିବାକୁ ଜନସାଧାରଣ ଆଗେଇ ଆସୁନାହାନ୍ତି।

ଅନ୍ତର୍ଜାତୀୟ ସମୁଦାୟ ଭାରତୀୟ ବାୟୁସେନାର ବାଲାକୋଟ୍‌ସ୍ଥିତ ଜୈଶ ଶିବିର ଉପରେ ବୋମା ବର୍ଷଣ ଖବର ଶୁଣି ଉଭୟ ପଟ ବିରତ ରହିବାକୁ ପରାମର୍ଶ ଦେଇଛି। ଏହି ପରାମର୍ଶ ଚାଇନା, ଆମେରିକା ଆଦି ରାଷ୍ଟ୍ରଗୁଡ଼ିକ ଦେଇଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଏହା ଭାରତ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଆକ୍ରମଣ କରିବା ପରେ ସରକାରୀ ସ୍ତରରେ ଏହି କାର୍ଯ୍ୟାନୁଷ୍ଠାନକୁ ଭାରତ କରିଥିବା ସ୍ୱୀକାର କରୁଛି। ଅନ୍ୟପଟେ ପାକିସ୍ତାନ ଅତି ଚତୁରତାର ସହିତ ନିଜକୁ ଏକ ଶାନ୍ତିପ୍ରିୟ ଦେଶ ଭାବେ ଦର୍ଶାଇବାକୁ ଚେଷ୍ଟା କରିଛି। ଏଭଳି ପ୍ରଚ୍ଛଦପଟରେ ଭାରତ ନିଜେ ଆକ୍ରମଣକାରୀ ବୋଲି ସ୍ୱୀକାର କରୁଥିବା ବେଳେ ପାକିସ୍ତାନର ଶାନ୍ତିବାର୍ତ୍ତା ତା' ପାଇଁ କୂଟନୈତିକ ସୁବିଧା ଭବିଷ୍ୟତରେ ଆଣିଦେଇପାରେ। ଏହି ସମୟରେ ମନେରଖିବାକୁ ହେବ ଯେ, ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜଣେ ଅନ୍ତର୍ଜାତୀୟ ଆତଙ୍କବାଦୀ ବୋଲି ଘୋଷଣା କରାଇ ନ ଦେବା ପାଇଁ ଚାଇନା ମୁଖ୍ୟ ବାଧା ସୃଷ୍ଟି କରିଆସୁଛି। ଏଥିରୁ ବୁଝିବାକୁ ହେବ ଯେ, ଜୈଶ ପାଇଁ ସମର୍ଥନ କେବଳ ପାକିସ୍ତାନ ନୁହେଁ, ଚାଇନା ମଧ୍ୟ ସକ୍ରିୟ ସହଯୋଗ ଦେଇଛି।

ଯୁଦ୍ଧ କେବେହେଲେ ପିଲାଖେଳ ନୁହେଁ। ପାକିସ୍ତାନର ବଦମାସି ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍ କିମ୍ବା ଫେବୃୟାରୀ ୨୬ର ବାଲାକୋଟ୍ ଆକ୍ରମଣ ପରେ ଶେଷ ହେବନାହିଁ। ସେହି ଦୁଷ୍ଟ ଦେଶର ଚରିତ୍ର ସବୁବେଳେ ପ୍ରକ୍ସି ବା ଛାୟାଯୁଦ୍ଧ ଲଗାଇ ରଖିବାକୁ ପସନ୍ଦ କରିଥାଏ। ଏହାଦ୍ୱାରା ଭାରତର ଅର୍ଥନୈତିକ ପ୍ରଗତିକୁ ବାଧା ପହଞ୍ଚାଇବାର ସୁବିଧା ମିଳିଯାଉଛି। ପୁଲ୍‌ୱାମା ଘଟଣାର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ବାୟୁସେନା ଏଭଳି ଆକ୍ରମଣ କରିଛି ବୋଲି କୁହାଯାଉଛି। ଏହି ପ୍ରତିଶୋଧମୂଳକ ପଦକ୍ଷେପ ନିଶ୍ଚିତ ସ୍ୱାଗତଯୋଗ୍ୟ। ଉକ୍ତ ଖବରପାଇ ଅନେକ ଭାରତୀୟ ଉତ୍ସାହିତ। କିନ୍ତୁ ବାସ୍ତବରେ ଯେଉଁ ପରିବାରର ସନ୍ତାନ ସେନାରେ ଅଛନ୍ତି ଏବଂ ସୀମାନ୍ତରେ ନିଯୁକ୍ତ ହୋଇଛନ୍ତି, କେବଳ ସେହିମାନଙ୍କ ପରିବାର ଆଜିର ପରିସ୍ଥିତିରେ ବାଣ ଫୁଟାଇବା ଏବଂ ଉତ୍ସବ ମନାଇବା ପାଇଁ ଯୋଗ୍ୟ। ସେହି ପରିବାରବର୍ଗଙ୍କ ପାଇଁ ଦେଶ ସବୁବେଳେ କୃତଜ୍ଞ ରହିବ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | 7 | | 5 | 3 | | D | 1 | | | | 0 | | |
| | D | | | E | 6 | C | 9 | | | | | | | 5 |
| | 8 | | | C | | | | | | 7 | | E | | |
| C | | 6 | | | 4 | | B | 7 | | 9 | | | D | |
| | | | | | 7 | | 8 | | 1 | C | 4 | | | 3 |
| | E | | | B | | 0 | 1 | | C | 8 | | 4 | 5 | 7 |
| 7 | | | | | | | | | | | | | 0 | |
| 8 | | B | | | A | | | | | | | | C | |
| | | | 5 | 6 | | 7 | | | 2 | | | 3 | | |
| | C | | 4 | 3 | E | 2 | | | | | 9 | | 6 | 8 |
| | | 2 | | | | | | | A | | 3 | | B | |
| | | E | 0 | 4 | D | | C | | | | | | A | |
| | | C | 3 | | 2 | 4 | | A | | | 0 | | | E |
| 5 | | | | | | | | E | 8 | | | 6 | 3 | 1 |
| | 7 | | | 1 | | | 6 | 2 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 0 | 1 | 2 | 5 | 8 | 4 | D | 3 | E | A | B | 6 | C | 7 |
| 8 | A | C | E | 6 | B | 7 | 5 | 9 | 0 | 1 | 3 | D | 2 | 4 |
| 4 | 3 | 5 | 1 | C | D | 2 | 0 | 6 | 8 | 9 | 7 | E | B | A |
| E | D | 6 | 0 | 9 | 7 | 1 | B | A | C | 2 | 4 | 3 | 8 | 5 |
| 2 | 7 | B | 4 | 3 | A | E | C | 8 | 5 | 6 | D | 1 | 0 | 9 |
| C | 8 | 7 | 6 | D | 3 | 9 | 4 | B | 2 | 0 | 1 | 5 | A | E |
| 5 | E | D | C | B | 9 | 8 | A | 2 | 7 | 4 | 6 | 0 | 1 | 3 |
| 0 | B | 2 | 8 | 1 | 4 | 5 | E | D | 9 | 3 | A | 7 | 6 | C |
| A | 1 | 4 | 7 | E | 2 | 6 | 3 | 0 | D | 5 | C | 8 | 9 | B |
| 3 | 6 | 9 | 5 | A | 0 | C | 1 | 7 | B | E | 8 | 4 | D | 2 |
| 1 | C | 0 | 9 | 2 | 6 | B | 7 | 4 | 3 | 8 | 5 | A | E | D |
| D | 5 | A | B | 4 | 1 | 3 | 9 | E | 6 | C | 0 | 2 | 7 | 8 |
| 6 | 4 | 8 | 3 | 7 | E | 0 | 2 | C | A | D | 9 | B | 5 | 1 |
| 7 | 9 | E | A | 8 | 5 | D | 6 | 1 | 4 | B | 2 | C | 3 | 0 |
| B | 2 | 3 | D | 0 | C | A | 8 | 5 | 1 | 7 | E | 9 | 4 | 6 |

ଗତକାଲିର ଉତ୍ତର

# ଚାଷୀର ହକ୍ ଓ ସରକାରଙ୍କ ଦାୟିତ୍ୱ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ମାସକୁ ହଜାର ହଜାର, ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକେ ଚାଷୀଙ୍କୁ ସାରା ବର୍ଷ ପାଇଁ ଅଳ୍ପ କିଛି ହଜାର ଟଙ୍କାର ରିହାତି ବା ଆୟ ପ୍ରୋତ୍ସାହନ ଦେବା ନିଷ୍ପତ୍ତିକୁ ନିନ୍ଦୁଛନ୍ତି। ତାଙ୍କ ମତରେ ତାହା କୁଆଡ଼େ ଭୋଟ ରାଜନୀତି। କିଛି ଅର୍ଥନୀତିଜ୍ଞ ଏହାକୁ 'ଅତି ଚିନ୍ତାଜନକ' ପଦକ୍ଷେପ ଓ ଦେଶର ଅର୍ଥନୀତି ପାଇଁ ଖରାପ ବୋଲି କହୁଛନ୍ତି। ତେବେ ଏହା ଭୋଟ ପାଇଁ ନାଟ ବୋଲି କହୁଥିବା ଲୋକେ ଯେତେବେଳେ ମୁଦ୍ରାସ୍ଫୀତିରେ ଥିବା ବୃଦ୍ଧି ହାରଠାରୁ ଢେର୍ ଅଧିକ ମହଙ୍ଗା ଭତ୍ତା ପାଆନ୍ତି, ତାହା ତାଙ୍କୁ ଭୋଟ ରାଜନୀତି ପରି ମନେ ହୁଏନାହିଁ। ଏହି ବର୍ଷ ହିଁ କେନ୍ଦ୍ର ସରକାର ଦୁଇଥର ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି, ଥରେ ୨% ଓ ଆଉଥରେ ୩%। ଏହି ବର୍ଷ ହିଁ ଦରମା ୫ ପ୍ରତିଶତ ବଢ଼ିସାରିଲାଣି। କିନ୍ତୁ ସରକାରଙ୍କ ନିଜସ୍ୱ ଘୋଷଣା ଅନୁସାରେ, ମୁଦ୍ରାସ୍ଫୀତି ହାର ୨୦୧୮ ଡିସେମ୍ବରରେ ମାତ୍ର ୨.୧୯% ଥିଲା। ୩୦,୦୦୦ ଟଙ୍କା ଦରମା ପାଉଥିବା ଜଣେ ସରକାରୀ କର୍ମଚାରୀ ମାସକୁ ୧,୫୦୦ ଟଙ୍କାର ଅତିରିକ୍ତ ଆୟ ମହଙ୍ଗା ଭତ୍ତା ଆକାରରେ ପାଇବ। କିନ୍ତୁ ସବୁବେଳେ ଏକ ନ୍ୟାୟୋଚିତ ଆୟ ପାଇଁ ସଂଘର୍ଷ କରୁଥିବା ଚାଷୀକୁ ଚାଷ ପ୍ରୋତ୍ସାହନ ବା ଆୟ ସହାୟତା ବାବଦରେ ସାରାବର୍ଷରେ ଅଳ୍ପ କିଛି ଟଙ୍କା ଦେଲେ ତାହା ଅପରାଧ ହୋଇଯାଉଛି। ଚାଷୀଙ୍କୁ କୌଣସି ସହାୟତା ଦେବାକୁ ବିରୋଧ କରିବାରେ ଦରମା ପାଉଥିବା ଲୋକଙ୍କଠାରୁ ବି ଅଧିକ ମୁଖର ହେଲେ କୋଟି କୋଟି ଅର୍ବ-ଖର୍ବର ମାଲିକ ଓ ଶିଳ୍ପପତି ତଥା ତାଙ୍କ ତରଫଦାରୀ କରୁଥିବା ଅନେକ ଅର୍ଥନୀତିଜ୍ଞ। ତାଙ୍କ ମତରେ ଶିଳ୍ପ ଓ ଶିଳ୍ପପତିଙ୍କ ଲକ୍ଷ ଲକ୍ଷ କୋଟି ଟଙ୍କା ଛାଡ଼ିଦେଲେ ଏବଂ ତାଙ୍କ ପାଇଁ ଦେଶର ନିୟମକାନୁନକୁ ବଦଳାଇ ଦେଲେ ତାହା ଦେଶ ପାଇଁ ଭଲ, ଚାଷୀଙ୍କୁ ଦେଇଦେଲେ ଖରାପ। ସେହିଭଳି ଲୋକଙ୍କ ପାଇଁ କିଛି ପାଶ୍ଚାତ୍ୟ ଦେଶର ଉଦାହରଣ ଦେଖିବା।

ଭାରତରେ ଅଧିକାଂଶ ଲୋକ ଚାଷରୁ ହିଁ ଗୁଜରାଣ ମେଣ୍ଟାନ୍ତି। ତେଣୁ ସେମାନେ ଭୋଟରଙ୍କ ମଧ୍ୟରେ ଏକ ବଡ଼ ଗୋଷ୍ଠୀ ନିଶ୍ଚୟ। କିନ୍ତୁ ଧନୀ ବିଦେଶରେ ତ ସ୍ଥିତି ତାହା ନୁହେଁ। ସେଠି କାହିଁକି ତାଙ୍କ ସରକାରମାନେ ଚାଷୀଙ୍କୁ ଭାରତଠାରୁ ଢେର୍ ଅଧିକ ସାହାଯ୍ୟ ଦିଅନ୍ତି? ଗତ ସପ୍ତାହରେ ହିଁ ଭାରତ, ଚାଇନା, ଦକ୍ଷିଣ ଆଫ୍ରିକା ଓ ଭେନିଜୁଏଲା ମିଶି 'ୱାର୍ଲଡ ଟ୍ରେଡ୍ ଅର୍ଗାନାଇଜେଶନ'କୁ ଏକ ପ୍ରସ୍ତାବ ଦେଇଛନ୍ତି। ସେଥିରେ ଏହି ଚାରୋଟି ଦେଶ କହିଛନ୍ତି ଯେ, ୨୦୧୬ ମସିହାରେ ଆମେରିକା ସରକାର ତାହାର ଚାଷୀଙ୍କୁ ମୁଣ୍ଡ ପିଛା ଯେତେ ରିହାତି ଦେଇଥିଲେ, ତାହା ଭାରତ ସରକାର ତାଙ୍କ ଚାଷୀଙ୍କୁ ଦେଇଥିବା ରିହାତିର ୪୫ ଗୁଣ ଥିଲା। ଆମେରିକାର ମୋଟ ଜନସଂଖ୍ୟାର ୨%ରୁ କମ୍ ଲୋକ ଚାଷରୁ ନିଜ ରୋଜଗାର ଜୁଟାନ୍ତି। ତା'ହେଲେ ଆମେରିକା ସରକାର ତାଙ୍କ ଦେଶର ଏତେ କମ୍ ଲୋକଙ୍କୁ କାହିଁକି ଏତେ ଅଧିକ ରିହାତି ଓ ସାହାଯ୍ୟ ଦେଉଥିଲେ? ଭୋଟ ପାଇଁ ତ ନିଶ୍ଚୟ ନୁହେଁ।

ମୂଳ କଥା ହେଲା, ଲୋକଙ୍କୁ ଶସ୍ତାରେ ଖାଦ୍ୟ ଯୋଗାଇବା ଏବଂ ବଜାରରେ ମୁଦ୍ରାସ୍ଫୀତି ହାରକୁ ନିୟନ୍ତ୍ରଣରେ ରଖିବା ପାଇଁ ଚାଷୀର ଉତ୍ପାଦିତ ଫସଲର ଦରକୁ ନିୟନ୍ତ୍ରଣ କରି ଚାଷୀଙ୍କୁ ହିଁ ତଣ୍ଟିଆ ମରାଯାଇଥାଏ। ତାହାକୁ ଭରଣା କରିବା ଏବଂ ଚାଷୀଙ୍କୁ କିଛି ଲାଭ ନିଶ୍ଚିତ କରିବା ପାଇଁ ସରକାରମାନେ ରିହାତି ଓ ଆୟ ସହାୟତା ପ୍ରଦାନ କରିଥାନ୍ତି। ତେଲେଙ୍ଗାନାର 'ରୟଥୁ ବନ୍ଧୁ' ଯୋଜନା ପରେ ଓଡ଼ିଶାର 'କାଳିଆ' ଯୋଜନା ଓ ଏବେ ଭାରତ ସରକାରଙ୍କ 'କିଷାନ ସମ୍ମାନ' ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟକ୍ଷ ଆୟ ଦେବା ଯୋଜନାକୁ ନେଇ ରଡ଼ି ଛାଡୁଥିବା ଲୋକେ ପୃଥିବୀର ସବୁଠାରୁ ଧନୀ ଦେଶଗୁଡ଼ିକର ଆଉ କିଛି ଉଦାହରଣ ଦେଖିନିଅନ୍ତୁ।

୨୦୧୮ ମସିହାରେ ଆମେରିକାର ଚାଷୀ ସମୁଦାୟ ୫,୯୫୦ କୋଟି ଡଲାର ବା ପ୍ରାୟ ୪.୧୬ ଲକ୍ଷ କୋଟି ଟଙ୍କାର ଆୟ କରିଥିଲେ। ସେଥିରୁ ୨,୫୦୦ କୋଟି ଡଲାର ବା ମୋଟ ଆୟର ପ୍ରାୟ ୪୨.୩୭% ସରକାର ନଗଦ ସାହାଯ୍ୟ ଆକାରରେ ଦେଇଥିଲେ। ୧୯୨୦ ଦଶନ୍ଧିର ବିରାଟ ଆର୍ଥିକ ମାନ୍ଦାବସ୍ଥା ସମୟରୁ ଆମେରିକା ସରକାର ଚାଷୀଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। ଏବେ ଆସିବା ୟୁରୋପକୁ। ଆଗରୁ ୟୁରୋପୀୟ ରାଷ୍ଟ୍ରମାନେ ନିଜେ ଚାଷୀଙ୍କୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଦେଉଥିଲେ। ୧୯୬୨ ମସିହାରୁ ୟୁରୋପୀୟ ୟୁନିୟନ୍‌ରେ ଥିବା ଧନୀ ରାଷ୍ଟ୍ରମାନେ ଏକାଠି ହୋଇ 'କମନ ଏଗ୍ରିକଲ୍‌ଚର ପଲିସି' ନାମରେ ଏକ ନୀତି ପ୍ରସ୍ତୁତ କରି ତାହାକୁ ମାନି ଆସୁଛନ୍ତି। ଏହି ନୀତିର ମୂଳ ଲକ୍ଷ୍ୟ ହେଲା ମୁଖ୍ୟ ଫସଲର ଦରକୁ ଉଚ୍ଚ ଓ ସ୍ଥିର ରଖିବା ପାଇଁ ସୁରକ୍ଷା, ସହାୟତା ଓ ରିହାତି ଯୋଗାଇ ଚାଷୀଙ୍କୁ ଏକ ଉନ୍ନତ ଜୀବନଯାପନ ପାଇଁ ଆବଶ୍ୟକ ଆୟ ଓ ସାଧନ ନିଶ୍ଚିତ କରିବା। ୟୁରୋପୀୟ ୟୁନିୟନ୍‌ର ମୋଟ କୃଷି ବଜେଟର ୭୨% ଚାଷୀଙ୍କୁ ପ୍ରତ୍ୟକ୍ଷ ନଗଦ ଅର୍ଥ ସାହାଯ୍ୟ ଆକାରରେ ଦିଆଯାଇଥାଏ। ୟୁରୋପୀୟ ୟୁନିୟନ୍‌ର ନିଜସ୍ୱ ତଥ୍ୟ ଅନୁସାରେ ୨୦୧୭ ଆର୍ଥିକ ବର୍ଷରେ ୟୁରୋପୀୟ ଚାଷୀଙ୍କୁ ୪୧.୬ ବିଲିୟନ ୟୁରୋ ବା ୩.୪ ଲକ୍ଷ କୋଟି ଟଙ୍କାରୁ ଅଧିକ କେବଳ ପ୍ରତ୍ୟକ୍ଷ ଆୟ ବା ପ୍ରୋତ୍ସାହନ ବାବଦରେ ନଗଦ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାୟ ୬୫ ଲକ୍ଷ ଫାର୍ମ ଉପକୃତ ହୋଇଥିଲେ।

ଧନୀ ରାଷ୍ଟ୍ରଗୁଡ଼ିକରେ ଖୁବ୍ କମ୍ ଲୋକ ଚାଷକାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ଆମେରିକାର ଉଦାହରଣ ଦେଇଛୁ। ଜର୍ମାନୀରେ ମୋଟ ଜନସଂଖ୍ୟାର ମାତ୍ର ୧.୬% ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ଫ୍ରାନ୍ସରେ ତାହା ମାତ୍ର ୩.୩%। ଅନ୍ୟ ଧନୀ ରାଷ୍ଟ୍ରମାନଙ୍କରେ ମଧ୍ୟ ସେହି ଅବସ୍ଥା। ସେହି ଦେଶମାନଙ୍କର ଚାଷୀଙ୍କ ପାଖରେ ଥିବା ଜମିର ପରିମାଣ ଭାରତର ଚାଷୀଙ୍କ ପାଖରେ ଥିବା ହାରାହାରି ଚାଷଜମି ପରିମାଣଠାରୁ ଢେର୍ ଗୁଣ ଅଧିକ। ଆମେରିକାରେ ଗୋଟିଏ ଫାର୍ମର ହାରାହାରି ଆକାର ହେଲା ୪୩୪ ଏକର। ଫ୍ରାନ୍ସ ଓ ଜର୍ମାନୀରେ ଜଣେ ଚାଷୀ ହାରାହାରି ୧୩୮ ଏକର ଜମିର ମାଲିକ। ସେହି ସବୁ ଦେଶରେ କୃଷି ବ୍ୟବସ୍ଥା ବହୁ ଉନ୍ନତ। ପ୍ରାକୃତିକ ବିପର୍ଯ୍ୟୟ ଭାରତ ତଥା ଓଡ଼ିଶା ତୁଳନାରେ ସେସବୁ ଦେଶରେ ଅନେକ କମ୍। କିନ୍ତୁ ସେହି ଦେଶର ସରକାରମାନେ ତାଙ୍କ ଚାଷୀଙ୍କୁ କେବଳ ରିହାତି ନୁହେଁ, ପ୍ରତ୍ୟକ୍ଷ ଆୟ ସହାୟତା ଦେଇ ଚାଲିଛନ୍ତି, ତାହା ପୁଣି ଭାରତ ତୁଳନାରେ ବହୁଗୁଣ ଅଧିକ।

ଓଡ଼ିଶା ଓ ଭାରତରେ କୃଷି ଏବଂ କୃଷକର ସ୍ଥିତି ଅତି ସଙ୍ଗିନ। ଏକଦା ସମାଜରେ ସମ୍ମାନର ଅଧିକାରୀ ହେଉଥିବା କୃଷକ ଆଜି ସବୁଠାରୁ ଅଧିକ ହିନସ୍ତା ଭୋଗୁଛି। ଦେଶର ହିତ ପାଇଁ ଏକ ପକ୍ଷରେ ତାହାକୁ ତା' ଉତ୍ପାଦନର ଉପଯୁକ୍ତ ମୂଲ୍ୟରୁ ବଞ୍ଚିତ କରାଯାଉଥିବା ବେଳେ ଅଳ୍ପ କିଛି ଟଙ୍କାର ଆୟ ସହାୟତାକୁ ଅପାତ୍ରରେ ଦାନ ବୋଲି କିଛି ଲୋକ ବିବେଚନା କରୁଛନ୍ତି। ସେହିଭଳି ଯୁକ୍ତି କରୁଥିବା ଲୋକେ ଦୁନିଆକୁ ଦେଖନ୍ତୁ ଓ କାହିଁକି ଚାଷୀକୁ ଆହୁରି ଅଧିକ ଆୟ ସହାୟତା ଓ ସୁରକ୍ଷା ଦେବା ଆବଶ୍ୟକ, ତାହା ବୁଝନ୍ତୁ। ଯଦି ଭାରତରେ ବର୍ତ୍ତମାନ ମୁଦ୍ରାସ୍ଫୀତିର ହାର କମ୍ ରହିଛି, ତେବେ ତାହା ମୂଳରେ ଅଛି ଫସଲ ମୂଲ୍ୟରେ ହ୍ରାସ। କୃଷକଙ୍କୁ ଫସଲ ମୂଲ୍ୟରେ ସୁରକ୍ଷା ଓ ସହାୟତା ସହିତ ଆୟ ସହାୟତା ଦେବା କେବଳ ଆବଶ୍ୟକ ନୁହେଁ, ସରକାରଙ୍କ ଦାୟିତ୍ୱ। କେବଳ ନାମମାତ୍ର ବା କ୍ଷୁଦ୍ରଚାଷୀ ନୁହେଁ, ଭାରତ ସରକାର ଓ ବିଭିନ୍ନ ରାଜ୍ୟ ସରକାର ସମସ୍ତ ଚାଷୀଙ୍କ ପାଇଁ ଫସଲର ଦର ଓ ଆୟ ସହାୟତା ବଢ଼ାଇବା ଦରକାର। ଆମ ଦେଶ ଆହୁରି ଅନେକ 'ରୟଥୁ ବନ୍ଧୁ', 'କାଳିଆ' ଓ 'କିଷାନ ସମ୍ମାନ' ଯୋଜନା ଦରକାର କରେ।

# ଗତି ବନାମ ପ୍ରଗତି



ଡ. ଶରତଚନ୍ଦ୍ର ରଥ

ଆଜିର ମଣିଷ ବହୁପ୍ରକାର ଯନ୍ତ୍ର ପ୍ରଭାବରେ ଯାନ୍ତ୍ରିକ ହୋଇଯାଇଛି। ଯନ୍ତ୍ର ହୋଇଯାଇଛି ପ୍ରଭୁ ଓ ସେ ହୋଇଯାଇଛି ତା'ର ଦାସ। କଥା ହେଉଛି ଯନ୍ତ୍ର ରହୁ, ମାତ୍ର ମଣିଷ ତା'ର ଦାସ ନ ହେଉ, ବରଂ ଯନ୍ତ୍ର ମଣିଷର ଦାସ ହେଉ।

ଏଇ ଦେଖିବା ମୋବାଇଲ କଥା। ମୋବାଇଲ ଫୋନ୍ ଘରେ ବାହାରେ ସମସ୍ତଙ୍କୁ ଅଭିଭୂତ କରିରଖିଛି। ଜଣେ ବନ୍ଧୁ କହିଲେ, ଅଭିଭୂତ ନୁହେଁ ଭୂତ ଲଗାଇ ଦେଇଛି। ସେ କେଉଁ ମନ୍ତ୍ର ଦେଇଛି କେଜାଣି ମନ୍ତ୍ରମୁଗ୍ଧ କରିରଖିଛି। ଏପରି ଆଚ୍ଛନ୍ନ କରି ରଖିଛି ଯେ, ପୃଥିବୀ ଭିତରେ ଆଉ ଗୋଟିଏ ପୃଥିବୀ ତିଆରି କରିଦେଉଛି ଯୁବମାନସରେ। ତହିଁରେ ଏପରି ମଜ୍ଜିଯାଇଛି ପିଲାଟିଏ ଯେ ଘରକୁ ବନ୍ଧୁକୁଣିଆ ଆସିଲେ ମଧ୍ୟ ସେ ଜାଣି ପାରୁନାହିଁ, ଜାଣିଲେ ମଧ୍ୟ ଯାଇପାରୁ ନାହିଁ ତାଙ୍କୁ ଟିକିଏ ଦେଖା କରିବାକୁ, ପ୍ରଣାମ ବା ନମସ୍କାର ତ ଦୂରର କଥା। ଚିହ୍ନାଇବାକୁ ପଡୁଛି ବନ୍ଧୁବାନ୍ଧବଙ୍କୁ ଯେ ଇଏ ପିଉସୀପୁଅ ଭାଇ ଅଥବା ମାଉସୀଝିଅ ଭଉଣୀ। ପୁଣି ବୟସରେ ବଡ଼ ହୋଇଥିଲେ ତାଙ୍କୁ ନମସ୍କାର କରିବାକୁ କହିବାକୁ ପଡୁଛି। ପାଣିଚିଆ ନମସ୍କାରଟିଏ ଏକହାତିଆ ମିଳୁଛି, କାରଣ ଆର ହାତରେ କାନରେ ମୋବାଇଲ ଲାଗିଛି। କଥାଟି 'ମାଗି ଓଳଗି, ଯାଚି କଲ୍ୟାଣ' ପରି ହେଉଛି। ମୋବାଇଲର ମୋହିନୀ ମାୟାରୁ ସତେଅବା ନିସ୍ତାର ନାହିଁ। ଏଥିରେ ମୋବାଇଲର ଦୋଷ ନାହିଁ, ଦୋଷଗୁଣ ଯାହା ଯେତେ, ସବୁ ଆମର।

ଅତ୍ୟାଧୁନିକ ଯାନବାହନ ବିଜ୍ଞାନର ମହନୀୟ ଅବଦାନ। ସମୟ ବଞ୍ଚାଇ ଅଧିକ କାର୍ଯ୍ୟ କରାଇବା ଏହାର ଲକ୍ଷ୍ୟ। ଅଳ୍ପ ସମୟରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ଏହାର ଆଭିମୁଖ୍ୟ। ଅଧିକରୁ ଅଧିକ କର୍ମପ୍ରବଣତା ହିଁ ଜୀବନର ସାର୍ଥକତା। ଯାନବାହନ ଚାହେଁ ନାହିଁ ତା'ର ଅପବ୍ୟବହାର, ଅର୍ଥାତ୍ ଦ୍ରୁତଚାଳନା ଅବା ଅନିୟନ୍ତ୍ରିତ ପରିଚାଳନା। ଚାଳକର ବେପରୁଆ ମନୋଭାବ ତା'ର ପସନ୍ଦ ନୁହେଁ। ସେ ଚାହେଁନା, ତା'ଦ୍ୱାରା ଦୁର୍ଘଟଣା ଘଟୁ, ପଥଚାରୀ ବା ଅନ୍ୟ ଗାଡିଚାଳକଙ୍କର କ୍ଷତି ହେଉ। ମାତ୍ର ତାହା ଘଟେ ଆମର ସଚେତନତାର ଅଭାବ ଆଉ ଆମ ବାହାଦୁରିର ପ୍ରଭାବରୁ।

ଆତ୍ମସଚେତନତା ପାଇଁ ନିର୍ମମ ଅଙ୍କୁଶ ବା ଡିଗ୍ରୀ ଡିପ୍ଲୋମା କ'ଣ ଏକାନ୍ତ ଜରୁରୀ? ବେତାରଯନ୍ତ୍ର ପୃଥିବୀକୁ ଚାରିପଟୁ ଗୋଟାଇ ଆଣିଥିଲା, ମାତ୍ର ଦୂରଦର୍ଶନ ହାତମୁଠାରେ ରଖିଦେଇଛି ତା'ର ସ୍ୱରୂପକୁ। ଆମ ପୃଥିବୀ ସମ୍ବନ୍ଧରେ ସବୁ କିଛି ଜାଣିବାର ଅଧିକାର ଆମକୁ ଦେଇଛି ଦୂରଦର୍ଶନ। କେବଳ ଖବର ଅନ୍ତର ନୁହେଁ ବହୁ ତତ୍ତ୍ୱ, ତଥ୍ୟ ମଧ୍ୟ ଜାଣିବାର ସୁଯୋଗ ଦେଇଛି। ନକାରାତ୍ମକତାରୁ ସକାରାତ୍ମକତା ଆଡକୁ ଯିବାର ଅନ୍ୟ ନାମ ଚେତନାର ବିକାଶ। ଏ ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ତାହା କେତେ ପରିମାଣରେ ସୁସଙ୍ଗଠିତ, ତାହା ବିଚାର୍ଯ୍ୟ।

ଆମେ କି ପ୍ରକାର କାର୍ଯ୍ୟକ୍ରମ ପ୍ରଚାର ଓ ପ୍ରସାର କରିବା ତାହା ଯନ୍ତ୍ର ଉପରେ ନୁହେଁ, ଆମ ଉପରେ ନିର୍ଭର କରେ। ଯନ୍ତ୍ର ଚାହେଁ 'ବହୁଜନ ସୁଖାୟ, ବହୁଜନ ହିତାୟ'। ଆମେ ମଧ୍ୟ ଏହା ଚାହିଁବା କଥା। ଆମେ ନ ଚାହିଁଲେ କିଏ ଆମକୁ ସେଥିପାଇଁ ବାଧ୍ୟ କରିପାରିବ? ଯନ୍ତ୍ର ମାଧ୍ୟମ, ଯନ୍ତ୍ରର ସଦ୍‌ବ୍ୟବହାର ଆମ ହାତରେ। ଅତ୍ୟଧିକ ଲାଭର ଲାଳସା ଏବଂ ନକାରାତ୍ମକ ଦିଗରେ ଜନମାନସକୁ ପ୍ରଭାବିତ କରିବା କେତେଦୂର ସମୀଚୀନ, ତାହା ବିଚାର କରିବାର କଥା। ମନେପଡ଼େ ଶ୍ରୀରାମକୃଷ୍ଣ ପରମହଂସଙ୍କର ସେଇ ଦିବ୍ୟ ବଚନ- ''ମଣିଷର ମନ ସଫା ଧଳାଲୁଗା ପରି, ତାକୁ ଯେଉଁ ରଙ୍ଗରେ ବୁଡ଼ାଇ ଦେବ, ତାହା ସେହି ରଙ୍ଗର ହୋଇଯିବ।'' ନକାରାତ୍ମକତା ସମାଜରେ ଅଛି, ସେପରି ଘଟଣାକୁ ଖବର ଆକାରରେ ପରିବେଷଣ କରାଯିବ, ମାତ୍ର ଅନ୍ୟାନ୍ୟ ସଂରଚନାଗୁଡ଼ିକୁ ଗଠନମୂଳକତା ଆଡକୁ ଟିକିଏ ମୁହାଁଇ ନେଲେ ତାହା ଅସୁସ୍ଥତା ଆସିବା ଦିଗରେ ପ୍ରତିବନ୍ଧକ ପରି କାମଦେବ।

ଏଥରକ ଘରକରଣା କଥା ଦେଖିବା। ଘରେ ଯେଉଁ ଦିଗକୁ ଚାହିଁ ଦିଶିବ ଅନେକ ଯନ୍ତ୍ରର ମେଳନ। ଲୁଗାସଫା ମେଶିନଠାରୁ ମସଲାବଟା ମେଶିନ ପର୍ଯ୍ୟନ୍ତ କେତେ ମେଶିନର ମେଳାରେ ଘର ଗହଳ। ଚାଳିଶ ପଇଁଚାଳିଶ ବର୍ଷ ଆଗରୁ ଘରେ ଏତେ ମେଶିନ ନ ଥିଲା। ଶିଳରେ ବାଟିବାଠାରୁ ଆରମ୍ଭକରି ଚକିରେ ପେଷିବା ପର୍ଯ୍ୟନ୍ତ ସବୁକାମ ହାତରେ କରିବାକୁ ପଡୁଥିଲା। ଗାଁ ଗହଳରେ ପ୍ରେସରକୁକର ମଧ୍ୟ ନ ଥିଲା। ପଚାଶବର୍ଷ ତଳେ ଗାଁ ଗହଳରେ ବିଜୁଳିବତି ନ ଥିଲା। ତେଣୁ ବିଦ୍ୟୁତ୍‌ଚାଳିତ ଯନ୍ତ୍ରପାତିର ବ୍ୟବହାର ନ ଥିଲା। ସେତେବେଳେ ଗୋଟିଏ ଗୋଟିଏ ଘର କାମ ପାଇଁ ଯଥେଷ୍ଟ ସମୟ ଲାଗୁଥିଲା। ଆଜିକାଲି ସେହି କାମ ପାଇଁ ଏତେ ସମୟ ଦରକାର ପଡୁନାହିଁ। ମେଶିନର ପ୍ରଚଳନ ଆଦୌ ଖରାପ କଥା ନୁହେଁ, ଆମେ ମେଶିନ୍ ବ୍ୟବହାର କରିବା ମଧ୍ୟ ଭୁଲ କଥା ନୁହେଁ। କଥା ଏହି ଯେ ଯେତିକି ସମୟ ମିଳୁଛି ଆମକୁ, ତାହାର ସଦ୍‌ବ୍ୟବହାର ଆମେ କରୁଛୁ କି? ସେହି ସମୟରେ ଭଲ ବହିଟିଏ ପଢୁଛୁ କି? ଭଲ ଆଲୋଚନାଟିଏ ନିଜ ନିଜ ଭିତରେ ବସି କରୁଛୁ କି? ଭଲ ଆଲୋଚନା ଶୁଣୁଛୁ କି? ନା, ଏଣୁତେଣୁ ବାଜେ ଗପରେ ସମୟ ନଷ୍ଟ କରୁଛୁ?

ନିଜକୁ ନିଜେ କର୍ମଚଞ୍ଚଳ ରଖିବା ହିଁ ଜୀବନର ଯଥାର୍ଥତା। କର୍ମଚଞ୍ଚଳ କହିଲେ ବୁଝିବା ନାହିଁ କେବଳ ଶାରୀରିକ ଶ୍ରମରେ ଅହରହ ବୁଡ଼ି ରହିବା। କର୍ମଚଞ୍ଚଳତା କହିଲେ ନିଜ ପରିବେଶର ସୁରକ୍ଷା ଓ ସମୃଦ୍ଧି, ନିଜ ପରିବାରର ସମୃଦ୍ଧି, ସର୍ବୋପରି ନିଜର ଓ ଅନ୍ୟର ଚେତନାର ସମୃଦ୍ଧି ପାଇଁ ପ୍ରୟାସକୁ ବୁଝିବା। ସବୁଠାରୁ ବଡ଼କଥା ହେଲା ସଚେତନତା। ସମୟ ପ୍ରତି ସଚେତନତା, ସ୍ଥାନକାଳପାତ୍ର ପ୍ରତି ସଚେତନତା, ବସ୍ତୁ ପ୍ରତି ସଚେତନତା ଏକାନ୍ତ ଜରୁରୀ। ବିଜ୍ଞାନର ଅଗ୍ରଗତି ସଙ୍ଗେସଙ୍ଗେ ଚେତନାର ଅଗ୍ରଗତି ହେଉ। ତା'ହେଲେ ପ୍ରଗତି ପୂର୍ଣ୍ଣ ହେବ।

କେଦାରଗୌରୀ ଆପାର୍ଟମେଣ୍ଟ, ଗ୍ୟାରେଜ ଛକ,
ଭୁବନେଶ୍ୱର, ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

ଭାରତର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ଭିନ୍ନ ଭିନ୍ନ ରୀତନୀତି ପ୍ରଚଳିତ। ବିହାରରେ ଏମିତି ଏକ ମନ୍ଦିର ରହିଛି ଯେଉଁଠି ବଳି ଦେବାପରେ ଛେଳି ଜୀବନ୍ତ ହୋଇଯାଏ। ବିହାରର କୈମୁର ଜିଲାର ଭଗବାନପୁରରେ ରହିଛି ମୁଣ୍ଡେଶ୍ୱରୀ ଦେବୀଙ୍କ ମନ୍ଦିର। ପୱରା ପାହାଡର ୬୦୮ ଫୁଟ ଉଚ୍ଚରେ ରହିଛି ଏହି ପ୍ରସିଦ୍ଧ ମନ୍ଦିର। ମା'ଙ୍କ ଦର୍ଶନ ଲାଗି ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଥାଆନ୍ତି। ତେବେ ଗତ ୧୯ଶହ ବର୍ଷ ଧରି ଏଠାରେ ପୂଜାର୍ଚ୍ଚନା କରାଯାଇ ଆସୁଥିବା ସ୍ଥାନୀୟ ବାସିନ୍ଦାମାନେ କହିଥାଆନ୍ତି। ମନ୍ଦିରରେ ପଶୁବଳି ପରମ୍ପରା ପ୍ରଚଳିତ। ତେବେ ଏଠାରେ ପଶୁଙ୍କ ଜୀବନ ନିଆଯାଇ ନ ଥାଏ। ମନ୍ଦିର ପୂଜକ ବଳି ପାଇଁ ଉଦ୍ଦିଷ୍ଟ ଛେଳି ଉପରେ କିଛି ଅଭିମନ୍ତ୍ରିତ ଚାଉଳ ପକାଇଥାଆନ୍ତି। ଏହା ପଡିବା କ୍ଷଣି ଛେଳିଟି ଆଶ୍ଚର୍ଯ୍ୟଜନକ ଭାବରେ ଅଚେତ ହୋଇଯାଏ। ପୁଣି କିଛି ସମୟ ପରେ ଏହି ଚାଉଳ ପକାଇଲେ ଛେଳି ସ୍ୱାଭାବିକ ଭାବରେ ଚଳପ୍ରଚଳ କରିଥାଏ। ଏହା ଦେଖିବା ଲାଗି ଶ୍ରଦ୍ଧାଳୁମାନେ ରୁଣ୍ଡ ହୁଅନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୪

- ଫିଜିରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସିଟିଭାନି ରାବୁକା ବିଜୟୀ ଘୋଷିତ।
- ରୁଷିଆରେ ଜଣେ ସିଆଇଏ ଗୁପ୍ତଚରକୁ ରୁଷିଆ ସରକାର ଗିରଫ କରିବା ପରେ ପ୍ରତିଶୋଧପରାୟଣ ହୋଇ ଆମେରିକା ୱାଶିଂଟନଠାରେ ଅବସ୍ଥାପିତ ରୁଷିଆର ଚିଫ୍ ଇଣ୍ଟେଲିଜେନ୍ସ ଅଫିସରଙ୍କୁ ଦେଶରୁ ବହିଷ୍କାର କରିଛି।

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ-ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା !
ନୂତନ ସତେଜ ସରଜନା।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ବସ୍ ସେବା

ମହାଶୟ,

ଆମ ରାଜ୍ୟ ସରକାର ସହରାଞ୍ଚଳରେ 'ମୋ ବସ୍' ସେବା ଯୋଗାଇ ଦେଇଛନ୍ତି। ଏହି ବସ୍‌ଗୁଡିକରେ ଉନ୍ନତ ଧରଣର ବ୍ୟବସ୍ଥା ମଧ୍ୟ ରଖାଯାଇଛି। ଯଥେଷ୍ଟ ସଂଖ୍ୟକ ବସ୍ ପ୍ରତି ମୁହୂର୍ତ୍ତରେ ସହରାଞ୍ଚଳରେ ଉପଲବ୍ଧ ହୋଇପାରୁଛି। କିନ୍ତୁ ଦେଖାଯାଉଛି ଯେ ଏହି ବସ୍‌ଗୁଡିକରେ ଆବଶ୍ୟକ ସଂଖ୍ୟକ ଯାତ୍ରୀ ନ ଥାଇ ବସ୍‌ଗୁଡିକ ଖାଲି ଖାଲି ଯାତାୟାତ କରୁଛନ୍ତି। ପୂର୍ବରୁ ଥିବା ସିଟି ବସ୍‌ଗୁଡିକ ତୁଳନାରେ ମୋ ବସ୍‌ଗୁଡିକରେ ଭଡ଼ାର ପରିମାଣ ଅଧିକ ହୋଇଥିବାରୁ ସବୁ ଶ୍ରେଣୀର ଯାତ୍ରୀ ଏହି ବସ୍‌ରେ ଯାତ୍ରା କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାଦ୍ୱାରା ସରକାରଙ୍କର ରାଜସ୍ୱ ହାନି ଘଟିବାର ସମ୍ଭାବନା ଦେଖାଦେଇଛି। ମୋ ବସ୍ ଭଡାରେ ସାମାନ୍ୟ ରିହାତି କରାଗଲେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ହେବ ଓ ସରକାରଙ୍କ ରାଜସ୍ୱ ମଧ୍ୟ ବଢ଼ିବ। ରାଜ୍ୟ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବ ବୋଲି ଆଶା କରୁଛି।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ପାକିସ୍ତାନ ଏକଘରିଆ ହେଲେ ଶିକ୍ଷା ପାଇବ

ଆତଙ୍କବାଦୀଙ୍କୁ ନିଜ ଦେଶରେ ରଖି ନରସଂହାର ଚଳାଉଥିବା ପାକିସ୍ତାନକୁ ଏକଘରିଆ କଲେ, ସେ ଉଚିତ ଶିକ୍ଷା ଲାଭ କରିବ। ଶତ୍ରୁର ଶତ୍ରୁ ମିତ୍ର ହେବା ନ୍ୟାୟରେ ଚାଇନାର ମନୋଭାବ ନିଶ୍ଚୟ ନିନ୍ଦିତ ହେବ। ଏ ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ଅବହେଳିତ ଶିଶୁ ସାମ୍ରାଜ୍ୟ

ଶିଶୁମାନେ ଦେଶର ଭବିଷ୍ୟତ ନାଗରିକ। ଆଜି ବି ଅନେକ ଶିଶୁଙ୍କୁ ବିଭିନ୍ନ ପ୍ରକାର କଠିନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଶିଶୁ ଶ୍ରମିକ ପ୍ରଥା ବିରୋଧରେ ଯେତେ ସ୍ଲୋଗାନ ଦିଆଗଲେ ମଧ୍ୟ ସରକାରୀ କଳର ଉଦାସୀନତା ପାଇଁ ସେମାନେ ବାଧ୍ୟ ହେଉଛନ୍ତି ବିଭିନ୍ନ ପ୍ରକାର କଷ୍ଟକର କାର୍ଯ୍ୟରେ ନିୟୋଜିତ ହୋଇ ଅର୍ଥ ଉପାର୍ଜନ କରି ନିଜ ନିଜର ଅସହାୟ ମାତାପିତା ତଥା ପରିବାରକୁ ପ୍ରତିପୋଷଣ କରିବାକୁ। ତେବେ ଦୈନିକ 'ଧରିତ୍ରୀ'ରେ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଲିଖିତ 'ଅବହେଳିତ ଶିଶୁ ସାମ୍ରାଜ୍ୟ' ଲେଖାଟି ଉଚ୍ଚକୋଟୀର ତଥା ବାସ୍ତବବାଦୀ । ଲେଖକଙ୍କୁ ସେଥିପାଇଁ ଅଶେଷ ଧନ୍ୟବାଦ। ସରକାର ଶିଶୁମାନଙ୍କ ପାଇଁ କିଛିଗୋଟେ ନୂଆ ଯୋଜନା କରି ସେମାନଙ୍କର ଉନ୍ନତି ପରିକଳ୍ପେ ଚିନ୍ତା କରିବାର ସମୟ ଆସିଛି, ଯାହାଦ୍ୱାରା ସେମାନେ ବଡ ହେଲେ ସମାଜ ଓ ଦେଶ ପାଇଁ ହୁଏତ କିଛି ନୂଆ କାମ କରି ଦେଶର ନାମ ରଖିପାରିବେ। ବିଭିନ୍ନ ହୋଟେଲ, ଢାବାରେ ଓ ଘରୋଇ ଚାକର ଭାବେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାର କରି ସେମାନଙ୍କ ଶିକ୍ଷାଦୀକ୍ଷା ଓ ଥଇଥାନର ବ୍ୟବସ୍ଥା କରାଯିବା ଦରକାର।

ବିଶ୍ୱଜିତ ସ୍ୱାଇଁ, ପାଇକ ତିଗିରିଆ ନୋଡାଲ ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଜ୍ରପାତରେ ଦୁଇ ବଖରା ଜଳିଗଲା

**କୁଆମରା, ୨୬।୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପଶୁଦା ପଞ୍ଚାୟତର ଘାଘରା ଗ୍ରାମର ବଡାମପଦା ସାହିରେ ମଙ୍ଗଳବାର ମଧ୍ୟାହ୍ନରେ ବଜ୍ରପାତରେ ପୁରସ୍ତମ ନାଏକଙ୍କ ଦୁଇବଖରା ଚାଳ ଘର ଜଳି ଯାଇଛି। ପ୍ରାୟ ଦୁଇଟା ସମୟରେ କାଳବୈଶାଖୀ ପ୍ରଭାବରେ ଘଡଘଡି ଓ ପ୍ରବଳ ବର୍ଷା ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ଯୋଗୁଁ ଅନେକ ସ୍ଥାନରେ କ୍ଷୟକ୍ଷତି ଘଟିବା ସହ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ତେବେ ପୁରସ୍ତମଙ୍କ ଘର ମଧରେ ଥିବା ସମସ୍ତ ଆସବାସପତ୍ର ଓ ଗୃହ ଉପକରଣ ପୋଡି ଯାଇଥିବା ବେଳେ ଘର ଭିତରେ ଥିବା ପରିବାର ଲୋକେ ବଡ଼ ବିପଦରୁ ରକ୍ଷା ପାଇ ଯାଇଛନ୍ତି । ତେବେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସରପଞ୍ଚ ମାଇନ ଟୁଡୁଙ୍କ ସହ ଯୋଗାଯୋଗ କରିବାରୁ ସହାୟତା ଯୋଗାଇ ଦେବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ବଡସାହି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ହଡାପଦା ସାହି ଗ୍ରାମର ବିନୋଦ ସରେନଙ୍କ ଘର ଉପରେ ଗଛ ଗଡିପଡିବା ଯୋଗୁଁ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

### ନିମ୍ନମାନର ରାସ୍ତାକାମକୁ ବିରୋଧ

**କୋଷ୍ଠା, ୨୬।୨(ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୩,୨୪, ୬୧୫.୦୦ ବ୍ୟୟ ଅଟକଳରେ ଶୂଳିଆପଦା ବ୍ଲକ ବାଘଡା ପଞ୍ଚାୟତର ଶାଳବଣି ଛକଠାରୁ ସାନଭଦୁଆ ପର୍ଯ୍ୟନ୍ତ ଦେଢ କି.ମି. ରାସ୍ତା ନିର୍ମାଣ କାମ ଚାଲିଛି। ଲଗାଯାଇ ଥିବା ଫଳକ ଅନୁଯାୟୀ ତା୧୩।୮।୧୮ରିଖଠାରୁ କାମ ଆରମ୍ଭ କରାଯାଇ ତା୧୨।୫।୧୯ ରିଖରେ ସରିବା କଥା। ହେଲେ ଚାଲିଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେଣୁ ଆରମ୍ଭରୁ ଏହା ଉପରେ ନଜର ରଖିବାକୁ ଦୃଢ ଦାବି ହେଉଛି।

■ ଆଜି ବାୟୁସେନା କର୍ମଚାରୀ ଚୟନ ଶିବିର

# ଯୋଗଦେବେ ୧୫୦୦ ଆଶାୟୀ

**ବାରିପଦା ଅଫିସ,୨୬।୨**

ମୟୂରଭଞ୍ଜ ଜିଲା ବାରିପଦା ପୋଲିସ ରିଜର୍ଭ ପଡିଆ ଠାରେ ବୁଧବାର ଠାରୁ ବାୟୁ ସେନା କର୍ମଚାରୀ ଚୟନ ଶିବିର ଅନୁଷ୍ଠିତ ହେବ। ଜିଲା ପ୍ରଶାସନ ସହଯୋଗରେ ୯ ଏୟାରମ୍ୟାନ ସିଲେକ୍ସନ ସେଣ୍ଟର(ଏଫ, ଭୁବନେଶ୍ୱର) ପକ୍ଷରୁ ଏହି ଶିବିରରେ କର୍ମଚାରୀ ନିଯୁକ୍ତି କରାଯିବ। ଏ ନେଇ ମଙ୍ଗଳବାର ଜିଲାପାଳ ବିନୀତ ଭରଦ୍ୱାଜ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ବାରିପଦା ସହର ସ୍ଥିତ ପୋଲିସ ରିଜର୍ଭ ପଡିଆରେ ଏହି ଶିବିର ଫେବୃୟାରୀ ୨୭ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୪ ଦିନ ଯାଏଁ ଚାଲିବ। ୨୭ ତାରିଖରେ ଅନୁଗୁଳ, ବରଗଡ, ବଲାଙ୍ଗିର, ବୌଦ୍ଧ, ଦେଓଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି , ମାଲକାନଗିରି, ନବରଙ୍ଗପୁର, ଖୋର୍ଦ୍ଧା, ନୂଆପଡା, ସୋନପୁର ଜିଲାର ଆଶାୟୀ ଛାତ୍ରୀଛାତ୍ରମାନେ ଯୋଗ ଦେବେ। ମାର୍ଚ୍ଚ ୧ ତାରିଖରେ ବାଲେଶ୍ୱର, ଭଦ୍ରକ, କଟକ , ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୟାଗଡ, ପୁରୀ, ରାୟଗଡା ଓ ସମ୍ବଲପୁର ଜିଲାର ଛାତ୍ରୀଛାତ୍ରମାନେ ଯୋଗ ଦେବେ। ବିଜ୍ଞାନରେ ଯୁକ୍ତ ଦୁଇ ପାସ କରିଥିବା ୧୭ରୁ ୨୧ ବର୍ଷ ବୟସର ଛାତ୍ରୀଛାତ୍ରମାନେ ଏହି ଶିବିରରେ ଭାଗ ନେବେ। ଏହି ଶିବିରରେ ଫିଜିକାଲ ଫିଟନେସ ଟେଷ୍ଟ , ରିଟିନ ଟେଷ୍ଟ ସହ ଆଡପ୍ଟବିଲିଟି ଟେଷ୍ଟ ଆଦି ହେବ। ପ୍ରତି ଟେଷ୍ଟର କିଛି ସମୟ ପରେ ଫଳାଫଳ ତୁରନ୍ତ ପ୍ରକାଶ କରାଯିବ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମେଡିକାଲ ଟେଷ୍ଟ କାଲାଇକୁଣ୍ଡା ଏୟାରବେଶରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଶିବିରରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ବିଭାଗ ଦ୍ୱାରା ତାଲିମ ପ୍ରଦାନ କରାଯିବ। ୨୦୨୦ ସୁଦ୍ଧା ମେଡିକାଲ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ପ୍ରଦାନ କରାଯିବ। ତେବେ ଏହି ଚାକିରି କେବଳ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଜିଲାପାଳ କହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ପ୍ରାର୍ଥୀମାନେ ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବା ନେଇ ଜିଲା ପ୍ରଶାସନ ଆଶା ରଖିଛି। ଏହା ପୂର୍ବରୁ ବିଭିନ୍ନ କଲେଜ ଗୁଡିକରେ ଏନେଇ ବିଜ୍ଞାପନ କରାଯାଇଛି। ବାରିପଦା କଲେଜରେ ୪୯ ଛାତ୍ର ଓ ଏପି କଲେଜ ରରୁଆଁରେ ୧୦ଛାତ୍ରଙ୍କୁ ବାୟୁ ସେନାର ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ସମଗ୍ର ରାଜ୍ୟ ପ୍ରାୟ ୧୫୦୦ ଆଶାୟୀ ଯୋଗ ଦେବେ ବୋଲି ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି ଖବରଦାତା ସମ୍ମିଳନିରେ ବାୟୁ ସେନାର ଜିଏନ ସତିଶ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

## ଲାଞ୍ଚ ମାମଲାରେ ଏବିଇଓଙ୍କୁ ବର୍ଷେ ଜେଲ

**ବାରିପଦା ଅଫିସ,୨୬।୨**

ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସେକ ଜାହିର ଅହମ୍ମଦ ମଙ୍ଗଳବାର ଏକ ଲାଞ୍ଚ ମାମଲାର ବିଚାର କରି ଏବିଇଓ ହରିହର ପରିଡ଼ାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ସହ ୬ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ, ୨୦୧୫ମସିହାରେ ରାଇରଙ୍ଗପୁର ବ୍ଲକ ବଡାମତଳିଆ ଅଞ୍ଚଳର ସତ୍ୟବାନ ଗିରି ବିଜାତଳା ସରକାରୀ ନୋଡାଲ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବିଦ୍ୟାଳୟର ଜଣେ ମହିଳା ରୋଷେୟା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେରଫେର କରିଛନ୍ତି ବୋଲି ବିଜାତଳା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ଦାୟିତ୍ୱ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ହରିହର ପରିଡାଙ୍କୁ ଦିଆଯାଇଥଲା। ଏବିଇଓ ପରିଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଙ୍କୁ କ୍ଲିନ ଚିଟ ପ୍ରଦାନ କରିବା ପାଇଁ ତାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ମୂଲଚାଲ ହେବା ପରେ ପ୍ରଧାନ ଶିକ୍ଷକ ତାଙ୍କୁ ୫ହଜାର ଟଙ୍କା ଦେବେ ବୋଲି ସ୍ଥିର ହୋଇଥିଲା।

ଏନେଇ ପ୍ରଧାନ ଶିକ୍ଷକ ୨୦୧୫ ମସିହା ସେପ୍ଟେମ୍ବର ୭ତାରିଖରେ ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ.୪୮/୧୫) ରୁଜୁ କରାଯାଇଥିଲା। ପୂର୍ବ ଯୋଜନା ଅନୁସାରେ ଉକ୍ତ ମାସ ୮ ତାରିଖରେ ପ୍ରଧାନ ଶିକ୍ଷକ ଗିରିଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଏବିଇଓ ପରିଡାଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଶତପଥି ପରିଚାଳନା କରୁଥିଲେ। ସୂଚନା ଯୋଗ୍ୟ ଯେ,ଏବିଇଓ ପରିଡା ବର୍ତ୍ତମାନ ବାରିପଦା ବ୍ଲକର ଏବିଇଓ ଭାବେ କାର୍ଯ୍ୟ କରୁଛନ୍ତି।

## ଶମ୍ବର ମୁଣ୍ଡ, ମାଂସ ଜବତ: ୨ ଶିକାରୀ ଗିରଫ

**ଠାକୁରମୁଣ୍ଡା, ୨୬।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅନ୍ତର୍ଗତ କମ୍ପାର୍ଟମେଣ୍ଟ ନଂ–୪ କାଞ୍ଜିଆପାଳ ସଂରକ୍ଷିତ ଜଙ୍ଗଲରୁ ସୋମବାର ସନ୍ଧ୍ୟାରେ ଏକ ଶମ୍ବର ମୁଣ୍ଡ ସହ ୫ କେ.ଜି ମାଂସକୁ ବନବିଭାଗ ଜବତ କରି ୨ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ବନାଞ୍ଚଳ ଅଧିକାରୀ ପିତାମ୍ବର ସେଠୀ, ଫରେଷ୍ଟର ତପନ କୁମାର ମହାନ୍ତ, ଗୁନାରାମ ସିଂ ଖୁଣ୍ଟିଆଙ୍କ ସମେତ ୨ଜଣ ଫରେଷ୍ଟଗାର୍ଡ ଓ ସବୁଜବାହିନୀର ଏକ ମିଳିତ ଟିମ୍ ଜଙ୍ଗଲ ଆଖପାଖ ପାଟ୍ରୋଲିଂ ସାରି ଦିନ ପ୍ରାୟ ୩ଟା ୩୦ରେ ଫେରୁଥିବା ସମୟରେ କିଛି ଶିକାରୀ ଜଙ୍ଗଲ ଭିତରକୁ ବନ୍ୟଜନ୍ତୁ ଶିକାର ନିମନ୍ତେ ଯାଇଥିବାର ସୂଚନା ପାଇଥିଲେ। ବନକର୍ମଚାରୀମାନେ ଶିକାରୀଙ୍କୁ ଠାବ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଶିକାରୀମାନେ ଜଙ୍ଗଲ ଭିତରୁ ବାହାରକୁ ବାହାରୁଥିଲେ। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ଖସି ଯିବାକୁ ଉଦ୍ୟମ କରିଥିଲେ । ଶିକାରୀମାନଙ୍କ ମଧ୍ୟରୁ ବନକର୍ମଚାରୀ ମାନେ କୋମଳଲୋଚନ ପଢିଆରୀ(୨୦), ମାନା ବିରୁଆ(୪୦)ଙ୍କୁ କାବୁ କରିନେଇଥିଲେ। ସେମାନଙ୍କ ନିକଟରୁ ଶମ୍ବର ମୁଣ୍ଡ ଗୋଟିଏ, ୫କେଜି ମାଂସ, ଶିକାର ପାଇଁ ବ୍ୟବହୃତ ହୋଇଥିବା ଧନୁତୀର, କୁରାଢୀକୁ ଜବତ କରିଥିବାବେଳେ ଅନ୍ୟ ଶିକାରୀ ମାନେ ଖସିଯିବାରେ ସଫଳ ହୋଇଥିଲେ। ଏନେଇ ବନବିଭାଗ ଏକ ମାମଲା ରୁଜୁ କରି ୨ ଶିକାରୀଙ୍କୁ କୋର୍ଟଚାଲାଣ କରିଛି।

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A No. 237 OF 2018**

**Syndicate Bank, Sukarpada Branch, Dist - Cuttack** .....Applicant
-Versus-
**Ashok Kumar Mohanty and Others** .............Defendants

To
1. **Ashok Kumar Mohanty,** S/o: Late Adwaita Mohanty, At- Katarpada, P.O- Pithapada, P.S- Salipur, Dist- Cuttack-754209 .
2. **Smt Pravati Mohanty,** W/o: Ashok Kumar Mohanty, At- Katarpada, P.O- Pithapada, P.S- Salipur, Dist- Cuttack-754209 .

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No 237 / 2018** in the court of Debts Recovery Tribunal at Cuttack for a recovery of **Rs.20,31,368.37** only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **2nd day of April 2019** at **10.30 A.M** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this 19th day of February 2019 .

Sd/-
**Registrar**
**Debts Recovery Tribunal**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 325 of 2018**

**Syndicate Bank,** CEB Branch, Bhubaneswar ...Applicant
-Versus-
**Rabi Narayan Behera and others** ...Defendants

To,
3. **Sri Sanjay Kumar Tripathy,** S/o: Chandramani Tripathy, At: Plot No.: 71, Sector-5, Niladri Vihar, Chandra Sekharpur, Bhubaneswar, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 325/2018** in the Court of Debts Recovery Tribunal at Cuttack for a recovery of **Rs.11,66,926.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **29th day of March. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **13th day of Feb. 2019.**

**Sd/- Registrar**
**Debts Recovery Tribunal**



ଓଡ଼ିଶା ସରକାର

## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ



ଆମ ରାଜ୍ୟରେ ରବି ଧାନ ସଂଗ୍ରହ ଆସନ୍ତା ମଇ 1 ତାରିଖରୁ ଆରମ୍ଭ ହେବ । ଏଥିପାଇଁ ଚାଷୀମାନେ ସେମାନଙ୍କ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ ଲ୍ୟାମ୍ପସ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।

### ଅଂଶଗ୍ରହଣକାରୀ ଜିଲ୍ଲା
- ରବି ଧାନ ସଂଗ୍ରହ ରାଜ୍ୟର 19 ଟି ଜିଲ୍ଲା (ଅନୁଗୁଳ, ବାଲେଶ୍ୱର, ବରଗଡ, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ପୁରୀ, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁବର୍ଣ୍ଣପୁର)ରେ ସମ୍ପାଦିତ ହେବ ।

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ
- ବିଗତ ରବି ଋତୁ (2017-18) କିମ୍ବା ଖରିଫ ଋତୁ (2018-19) ଧାନ ସଂଗ୍ରହ ନିମନ୍ତେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ପଞ୍ଜିକରଣକୁ ନବୀକୃତ କରିବେ । ଏଥିପାଇଁ ସେମାନେ ସେମାନଙ୍କ ଜମି ସମ୍ବନ୍ଧୀୟ ତଥ୍ୟର ଅଦ୍ୟତନ (update) କରି ରବି ଧାନ ବିକ୍ରି ପାଇଁ ପଞ୍ଜିକୃତ ହେବେ ।
- ପ୍ରତ୍ୟେକ ସମିତିରେ ନବୀକରଣ ଫର୍ମ ତା. 1.3.2019 ରୁ ତା.30.3.2019 ପର୍ଯ୍ୟନ୍ତ ଉପଲବ୍ଧ ହେବ ।
- ସମିତି ସମ୍ପାଦକ www.foododihsa.in ପୋର୍ଟାଲରେ Login କରି Farmer Registration linkରେ ଥିବା **"Renewal For Rabi 2019"** tabରୁ download କରି ନବୀକରଣ ଫର୍ମ print କରିବେ ।
- ବିଗତ ରବି ଏବଂ ଖରିଫ୍ ଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ଏକତ୍ରୀକୃତ ତଥ୍ୟ ନବୀକରଣ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଥିବ ।
- ଯଦି ଚଳିତ ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମ ରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଦରଖାସ୍ତକାରୀ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ ।

### ନୂତନ ଚାଷୀଙ୍କ ପଞ୍ଜିକରଣ
- ଯେଉଁ ଚାଷୀମାନେ ବିଗତ ରବି (2017-18) ବା ଖରିଫ (2018-19) ଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହି ଫର୍ମ ବିଭାଗର website www.foododisha.in ରେ ମଧ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଖାତା ଏବଂ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

### ଚାଷୀମାନଙ୍କର ଦାୟିତ୍ୱ
- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ନୂତନ ଭାବରେ ପଞ୍ଜିକରଣ ପାଇଁ ଆସୁଥିବା ଚାଷୀ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ କିଶାନ କ୍ରେଡିଟ କାର୍ଡ/ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ/ଭୋଟର ପରିଚୟ ପତ୍ର ସହ ବ୍ୟାଙ୍କ ପାସ୍ ବୁକର ପ୍ରଥମ ପୃଷ୍ଠାର ନକଲ, ଉଲ୍ଲିଖିତ ଜମି ବିବରଣୀର RoR ନକଲ ଏବଂ, ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର / ସରପଞ୍ଚଙ୍କ ପ୍ରମାଣ ପତ୍ର ପ୍ରଦାନ କରିବେ । ଆଧାର କାର୍ଡ ଥିଲେ, ତାହାର ନକଲ ପ୍ରଦାନ କରିବେ ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.1.3.2019 ରୁ ତା.15.4.2019 ମଧରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଚାଷୀମାନଙ୍କୁ ଅନୁରୋଧ ।

### ଭାଗଚାଷୀ
- ଯେଉଁ ଭାଗଚାଷୀମାନେ ଜମି ମାଲିକଙ୍କ ସହମତି ପତ୍ର / ସରପଞ୍ଚଙ୍କ ପ୍ରମାଣ ପତ୍ର ଦାଖଲ କରିପାରୁନାହାନ୍ତି, ସେମାନଙ୍କର ଜମି ବାବଦୀୟ ତଥ୍ୟ ପଞ୍ଜିକୃତ କରାଯିବ, କିନ୍ତୁ କ୍ଷେତ୍ର ତଦନ୍ତ ପରେ ତା'ହା ଅନୁପ୍ରମାଣିତ ହେଲା ପରେ ସେହି ଭାଗଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବେ ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ
- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମିତି ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ ।

### ପେକ୍ସ/ ଲ୍ୟାମ୍ପସର ଦାୟିତ୍ୱ
- ବିଗତ ରବି (2017-18) କିମ୍ବା ଖରିଫ (2018-19)ରେ ପଞ୍ଜିକୃତ ଚାଷୀମାନଙ୍କ ପାଇଁ ନବୀକରଣ ଫର୍ମ ପ୍ରିଣ୍ଟ କରି ସେମାନଙ୍କୁ ହସ୍ତାନ୍ତର କରିବେ । ଚାଷୀ ଯଦି ଉଭୟ ଖରିଫ ଓ ରବିରେ ପଞ୍ଜିକୃତ ହୋଇଥିବେ, ତେବେ ଉଭୟ ଋତୁର ଚାଷ କରିଥିବା ସମସ୍ତ ଜଳ ସେଚିତ ଜମିର ତଥ୍ୟ ଫର୍ମରେ ଏକତ୍ରୀକୃତ ଭାବରେ ଉଲ୍ଲେଖ ରହିବ ।
- ପୂର୍ବରୁ ପଞ୍ଜିକୃତ ହୋଇନଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.3.2019 ରୁ ତା.20.4.2019 ମଧରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ ।
- ପଞ୍ଜିକରଣ କାର୍ଯ୍ୟ ଯଥା ଶୀଘ୍ର ସମାପନ କରି ରବି ଧାନ ସଂଗ୍ରହରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଚାଷୀମାନଙ୍କର ତାଲିକା ସମିତି ସ୍ତରରେ ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।
- ସମସ୍ତ ସମିତି ମଇ 1 ରୁ ଧାନ ସଂଗ୍ରହ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ରହିବେ ।
- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ (ପୂର୍ବାହ୍ନ 10.00 ରୁ ଅପରାହ୍ନ 5.00 ମଧରେ) ଯୋଗାଯୋଗ କରିବା ପାଇଁ ଅନୁରୋଧ ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡିଶା ସରକାର**

www.foododisha.in | FoodOdisha | @Food_Odisha

# ଅଯୋଧ୍ୟା ମାମଲାର ଶୁଣାଣି ୫କୁ ଘୁଞ୍ଚିଲା

ନୂଆଦିଲ୍ଲୀ,୨୬।୨

ମଧ୍ୟସ୍ଥତା ଦ୍ୱାରା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦର ସ୍ଥାୟୀ ସମାଧାନ କରିବାକୁ ମଙ୍ଗଳବାର ସୁପ୍ରିମ୍‌କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ବବ୍‌ଡେ, ଡି.ୱାଇ.ଚନ୍ଦ୍ରଚୁଡ଼, ଅଶୋକ ଭୂଷଣ ଏବଂ ଏସ୍. ଅବଦୁଲ ନଜିରଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଦାବିଦାରଙ୍କ ମଧ୍ୟରେ ଆପୋସ ବୁଝାମଣା ଦ୍ୱାରା ବିବାଦୀୟ ସ୍ଥଳର ମୀମାଂସା କରାଯିବାକୁ ଦର୍ଶାଇଛନ୍ତି। ମାର୍ଚ୍ଚ ୫ ତାରିଖରେ ଏ ନେଇ କୋର୍ଟ ପକ୍ଷରୁ ମଧ୍ୟସ୍ଥଙ୍କୁ ନିଯୁକ୍ତ କରାଯିବା ଉପରେ ବିଚାର କରାଯିବ ବୋଲି କହିଛନ୍ତି। ମଧ୍ୟସ୍ଥତାରେ ସଫଳତାର ହାର ୧ ପ୍ରତିଶତ ରହିଥିଲେ ହେଁ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଆଉଥରେ ସୁଯୋଗ ଦେବା ଉଚିତ୍ ବୋଲି ଖଣ୍ଡପୀଠ ଜଣାଇଛନ୍ତି। ତେବେ ରାମଲାଲା ପକ୍ଷରୁ ମାମଲାର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଡ୍‌ଭୋକେଟ ସି.ଏସ୍.ବୈଦ୍ୟନାଥନ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମଧ୍ୟସ୍ଥତା ଦ୍ୱାରା ସମାଧାନ ପ୍ରକ୍ରିୟା ପୂର୍ବରୁ ଫେଲ୍ ମାରିଥିବା ବେଳେ ଦ୍ୱିତୀୟବାର ଏହାର କୌଣସି ପ୍ରାସଙ୍ଗିକତା ନଥିବା ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

# ସୌରଭ ଗର୍ଗ ହେଲେ ଓୟୁଏଟି ଭାରପ୍ରାପ୍ତ କୁଳପତି

ଭୁବନେଶ୍ୱର, ୨୬।୨(ବ୍ୟୁରୋ)-

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଭାରପ୍ରାପ୍ତ କୁଳପତି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କୁ ଛୁଟିରେ ପଠାଯିବା ସହ ଗର୍ଗଙ୍କୁ ଭାରପ୍ରାପ୍ତ କୁଳପତି ପାଇଁ ସୋମବାର ରାଜଭବନରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ପାଇଁ ପ୍ରକ୍ରିୟା ଚାଲିଛି। ନୂତନ କୁଳପତି ନ ହେବା ପର୍ଯ୍ୟନ୍ତ ଗର୍ଗ ଏହି ଦାୟିତ୍ୱ ତୁଲାଇବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ପ୍ରଫେସର ପଶୁପାଳକଙ୍କ ବିରୋଧରେ ପୂର୍ବରୁ ଅର୍ଥ ହେର ଫେର ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ଏଲ୍ଓସି ଡେଇଁ ...

ଜାତିସଂଘ ଦ୍ୱାରା ନିଷିଦ୍ଧ ଘୋଷିତ ଏହି ଆତଙ୍କବାଦୀ ସଙ୍ଗଠନ ୨୦୦୧ ଡିସେମ୍ବରରେ ପାର୍ଲାମେଣ୍ଟ ଓ ୨୦୧୬ ଜାନୁୟାରୀରେ ପଞ୍ଜାବର ପଠାନ୍‌କୋଟ୍ ବାୟୁସେନା ଘାଟିରେ ଆକ୍ରମଣ କରିଥିଲା। ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଏହାର ବହୁସଂଖ୍ୟକ ଲଞ୍ଚପ୍ୟାଡ୍ ରହିଛି, ଯେଉଁଠି ଆତଙ୍କବାଦୀଙ୍କୁ ତାଲିମ ଦିଆଯାଉଛି। ଏନେଇ ଅନେକ ପ୍ରମାଣ ପାକିସ୍ତାନକୁ ଦିଆଯାଇଛି। ଜେଇଏମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଇସ୍‌ଲାମାବାଦକୁ ଭାରତ ବାରମ୍ବାର ତାଗିଦ୍ କରିଥିଲା। ହେଲେ ଇସ୍‌ଲାମାବାଦ କିଛି ପଦକ୍ଷେପ ନ ନେବାରୁ ଭାରତ ପକ୍ଷରୁ ସେଠାକାର ଆତଙ୍କବାଦର ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଛି ବୋଲି ଗୋଖଲେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅପରେଶନ ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁଙ୍କୁ ଅବଗତ କରାଇଛନ୍ତି।

ଇସ୍‌ଲାମାବାଦରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଜରୁରୀ ବୈଠକ କରିଛନ୍ତି। ବୈଠକ ପରେ ସେ ଏହାକୁ ଭାରତର ଅତିକ୍ରମଣ ବୋଲି ଅଭିହିତ କରି ଏହାର କଡ଼ା ଜବାବ ଦିଆଯିବ ବୋଲି କହିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମଧ୍ୟ ଜାତୀୟ ସୁରକ୍ଷା ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଭାରତୀୟ ବାୟୁସେନା ନିୟନ୍ତ୍ରଣରେଖା ଅତିକ୍ରମ କରିଥିଲା। ପାକିସ୍ତାନୀ ବାୟୁସେନା ଘଉଡ଼ାଇ ଦେବା ପରେ ସେଗୁଡ଼ିକ ଭାରତକୁ ଫେରିଯାଇଥିଲା। ଏହାର କାର୍ଯ୍ୟାନୁଷ୍ଠାନରେ କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ଟୁଇଟ୍ କରିଛନ୍ତି।

### ପ୍ରାଥମିକ ଶିକ୍ଷକ...

ସାମଗ୍ରୀ କିଣିବା ପାଇଁ ଅକ୍ଷୟତୃତୀୟା ଓ ନୂଆଖାଇରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ତେବେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ଖରିଫ ଫସଲ ପାଇଁ ଏପ୍ରିଲ ୧ ଓ ରବି ଫସଲ ପାଇଁ ସେପ୍ଟେମ୍ବର ୧ରୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶା ଅଗ୍ନି ନିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ-୨୦୧୭କୁ ସଂଶୋଧନ କରାଯାଇଛି। ଏହି ନିୟମାବଳୀର ଧାରା ୪(୨), ୯(୧), ୯(୧୨), ୧୦(୧), ୧୦(୭),୧୩(୩) ଏବଂ ୨୨ରେ ଥିବା କେତେକ ବ୍ୟବସ୍ଥାକୁ ସଂଶୋଧନ କରାଯାଇ ଓଡ଼ିଶା ଅଗ୍ନି ନିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ-୨୦୧୯ କାର୍ଯ୍ୟକାରୀ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ପୂର୍ବରୁ ପ୍ରଚଳିତ ପ୍ରଶିକ୍ଷଣ ଦେୟ ବାବଦରେ ଏକ ତୃତୀୟାଂଶ ଓଡ଼ିଶା ଅଗ୍ନିସେବା ସଂସ୍ଥା କଲ୍ୟାଣ ପାଣ୍ଠିକୁ ପ୍ରଦାନ କରାଯାଉଥିଲା। ତାହାକୁ ଉଚ୍ଛେଦ କରାଯାଇଛି। ଏଥିସହିତ ଅଗ୍ନି ବିପତ୍ତି ଆଶଙ୍କା ଥିବା ଅଟ୍ଟାଳିକାର ବର୍ଗୀକରଣରେ ମଧ୍ୟ ସଂଶୋଧନ କରାଯାଇଛି। ପୂର୍ବରୁ ୫୦ ଜଣରୁ ଅଧିକ ବ୍ୟକ୍ତି ବସୁଥିବା କିମ୍ବା ଏକାଠି ହେଉଥିବା ସ୍ଥାନ ଅଡିଟୋରିୟମ କିମ୍ବା ସମ୍ମିଳନୀ କକ୍ଷ ପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ(ଫାୟାର ସେଫ୍ଟି ସାର୍ଟିଫିକେଟ) ନେବା ବାଧ୍ୟତାମୂଳକ ଥିଲା। ଏଥିରେ କୋହଳ କରାଯାଇଛି। ଏହି ସଂଶୋଧନ ପରେ ଏଣିକି କେବଳ ୫୦୦ ମିଟରରୁ ଊର୍ଦ୍ଧ୍ୱ କ୍ଷେତ୍ରଫଳ କିମ୍ବା ୧୨ ମିଟର ଉଚ୍ଚ କୋଠା ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ ନେବାକୁ ପଡିବ। ସେହିପରି ୧୨ ମିଟରରୁ ଊର୍ଦ୍ଧ୍ୱ ଉଚ୍ଚତା କୋଠା କିମ୍ବା ୩୦ ଶଯ୍ୟାଥିବା ଡାକ୍ତରଖାନା ଏବଂ କ୍ରିଟିକାଲ କେୟାର ୟୁନିଟ, ୧୨ମିଟରରୁ ଊର୍ଦ୍ଧ୍ୱ କିମ୍ବା ୧ ହଜାର ବର୍ଗମିଟରରୁ ଊର୍ଦ୍ଧ୍ୱ ନିର୍ମାଣ ହୋଇଥିବା ଶିକ୍ଷାନୁଷ୍ଠାନ ପାଇଁ ସାର୍ଟିଫିକେଟ ନେବାକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ୧୫ ମିଟରରୁ ଊର୍ଦ୍ଧ୍ୱ ଉଚ୍ଚତା ଆବାସିକ ଗୃହ, ୫୦୦ ବର୍ଗ ମିଟର କିମ୍ବା ୯ ମିଟରରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ, ୧୨ ମିଟରୁ ଊର୍ଦ୍ଧ୍ୱ ତିନିତାରକା ହୋଟେଲ, ଲଜିଂ ଏବଂ ଅତିଥି ଭବନଗୁଡିକ ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ ନେବାକୁ ହେବ। ୧ ହଜାର ବର୍ଗଫୁଟରେ ନିର୍ମାଣ ହେଉଥିବା ଟେଣ୍ଟ କିମ୍ବା ୨ ହଜାର ଲୋକ ସମାଗମ ହେଉଥିବା ଅସ୍ଥାୟୀ ନିର୍ମାଣ ପାଇଁ ମଧ୍ୟ ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଛି। ଆବେଦନ ଫିଂବାବଦ ୨ ଟଙ୍କାକୁ ଉଚ୍ଛେଦ କରାଯାଇଛି। ଯେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଉତ୍ସବ ଆୟୋଜନ ପାଇଁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନଙ୍କ ସାହାଯ୍ୟ ତଥା ପ୍ରାଥମିକ ଅଗ୍ନି ନିରାପତ୍ତା ଉପକରଣ ଆବଶ୍ୟକ କଲେ ଦୈନିକ ଦେବାକୁ ପଡୁଥିବା ୧୦ ହଜାର ଟଙ୍କା ଦେୟକୁ ୫ ହଜାରକୁ ହ୍ରାସ କରାଯାଇଛି। ଆବଶ୍ୟକ ହେଲେ ଉକ୍ତ ଦେୟକୁ ସମ୍ପୂର୍ଣ୍ଣ ଛାଡ଼ ମଧ୍ୟ କରିବାକୁ ଅଗ୍ନିଶମ ସେବା ସଂସ୍ଥା ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି। ଆଦାୟ ହେଉଥିବା ଉକ୍ତ ଅର୍ଥର ଏକ ତୃତୀୟାଂଶ ଅର୍ଥ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା କଲ୍ୟାଣ ପାଣ୍ଠିକୁ ପ୍ରଦାନ କରାଯିବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଫାୟାର ସେଫ୍ଟି ସାର୍ଟିଫିକେଟ ପ୍ରଦାନ ପାଇଁ ଥିବା ସମୟ ସୀମାକୁ ୪୫ ଦିନରୁ ୧୮ ଦିନକୁ ହ୍ରାସ କରାଯାଇଛି। ଓଡିଏ ଆକ୍ଟ ହେବା ପୂର୍ବରୁ ଯେଉଁ ସବୁ କୋଠା ଘର ନିର୍ମାଣ କରାଯାଇଛି ସେଗୁଡ଼ିକୁ ଫାୟାର ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରିବା କ୍ଷମତା ଅଗ୍ନିଶମ ସେବା ଡିଜିଙ୍କୁ ପ୍ରଦାନ କରାଯାଇଛି।

ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

### ରବିଶଙ୍କର ପାଇବେ ...

ସେହିପରି ଚଳଚ୍ଚିତ୍ର ‘ହେଲୋ ଆର୍ସି’ ପାଇଁ ଏଥର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସ୍ୱର୍ଗତ ସମ୍ବିତ୍ ମହାନ୍ତି ‘ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର’ ପାଇବେ। ଶ୍ରେଷ୍ଠ ଅଭିନେତା ଭାବେ ‘ହେଲୋ ଆର୍ସି’ର ପାର୍ଥସାରଥି ରାୟ ମନୋନୀତ ହୋଇଥିବାବେଳେ ‘ଲୈଲା ଓ ଲୈଲା’ ଫିଲ୍ମ ପାଇଁ ସନ୍ମିରା ନାଗେଶ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇବେ। ଚଳଚ୍ଚିତ୍ର ‘ଲୈଲା ଓ ଲୈଲା’ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବୈଦ୍ୟନାଥ ଦାଶଙ୍କୁ ଏଥର ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକଭାବେ ‘ବାଳକୃଷ୍ଣ ଦାଶ ସମ୍ମାନ’ ପ୍ରଦାନ କରାଯିବ। ‘ଦୃଷ୍ଟାନ୍ତ’ର ଜିତେନ୍ଦ୍ରନାଥ ମହାପାତ୍ରଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’, ‘ସପନର ପଥେ ପଥେ’ ଚଳଚ୍ଚିତ୍ରର ‘ବିତି ଯାଇଛି କେତେଦିନ...’ ଗୀତ ପାଇଁ ସତ୍ୟଜିତ୍ ପ୍ରଧାନଙ୍କୁ ‘ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ’, ‘ମୁଁ ଖାଣ୍ଟି ଓଡ଼ିଆ ଝିଅ...’ ପାଇଁ ଅସୀମା ପଣ୍ଡାଙ୍କୁ ‘ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା’, ‘ଶିବା ନଟ୍ ଆଉଟ୍’ ଚଳଚ୍ଚିତ୍ରର ଧ୍ରୁବାନନ୍ଦ ପଣ୍ଡାଙ୍କୁ ‘ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ’, ପ୍ରାମାଣିକ ଚଳଚ୍ଚିତ୍ର ‘କ୍ଷଣିକା’ ପାଇଁ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ ‘ଶ୍ରେଷ୍ଠ ସମ୍ପାଦନା’, ‘ତୁ ମୋ ଲଭ୍ ଷ୍ଟୋରୀ’ ଚଳଚ୍ଚିତ୍ରର ‘ଟିକେ ଟିକେ ଅଚିହ୍ନା ତୁ’ ଗୀତ ପାଇଁ ଅରୁଣ ମନ୍ତ୍ରୀଙ୍କୁ ‘ଶ୍ରେଷ୍ଠ ଗୀତିକାର’ ଓ ସେହି ଫିଲ୍ମର ଦେବୀଦତ୍ତ ମହାନ୍ତିଙ୍କୁ ‘ଶ୍ରେଷ୍ଠ ଚିତ୍ରନାଟ୍ୟ’ ପାଇଁ ସମ୍ମାନିତ କରାଯିବ।

‘ଖାଣ୍ଟି ଓଡ଼ିଆ ଝିଅ’ ଚଳଚ୍ଚିତ୍ରର ମନୋଜ ପଟ୍ଟନାୟକଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା’, ମାମୁନି ମିଶ୍ରଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ’, ‘ହିରୋ ନଂ. ୱାନ’ର ତ୍ରିଭୁବନ ପଣ୍ଡାଙ୍କୁ ‘ଶ୍ରେଷ୍ଠ ହାସ୍ୟ ଅଭିନେତା’, ‘ସପନଟିଏ’ ଚଳଚ୍ଚିତ୍ରର ମାଗୁଣି ପାତ୍ରଙ୍କୁ ‘ଶ୍ରେଷ୍ଠ ଶିଶୁ କଳାକାର’, ‘ତୁ ମୋ ଲଭ୍ ଷ୍ଟୋରୀ’ର ସୁବାସ ବେହେରାଙ୍କୁ ‘ଶ୍ରେଷ୍ଠ କଳା ନିର୍ଦ୍ଦେଶକ’, ‘ହେଲୋ ଆର୍ସି’ର ସୁବାସ ସାହୁଙ୍କୁ ‘ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ’ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସେହିପରି ସ୍ୱତନ୍ତ୍ର ଜୁରୀ ବିଭାଗରେ ଏଥର ‘ଶିବା ନଟ୍ ଆଉଟ୍’ର ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ପୁରସ୍କୃତ କରାଯିବ। ଏହାସହିତ ‘ଦୃଷ୍ଟାନ୍ତ’ ଚଳଚ୍ଚିତ୍ରକୁ ‘ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର’, ‘ହେଲୋ ଆର୍ସି’ର ସମ୍ବିତ୍ ମହାନ୍ତିଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’, ‘ଜଷ୍ଟ ମୋହବତ୍’ର ଅରୁଣ ପାଟରାଙ୍କୁ ‘ଶ୍ରେଷ୍ଠ ବେଶପୋଷାକ ସଜ୍ଜାକାରୀ’, ଏସ୍.କେ ମୁରଲୀଧରନ୍‌ଙ୍କୁ ଶ୍ରେଷ୍ଠ ନୃତ୍ୟ ସଂଯୋଜକ, ‘ଜଗନ୍ନାଥ ଧାମ ପୁରୀ’ର ମାନସ ବେହେରାଙ୍କୁ ‘ଶ୍ରେଷ୍ଠ ରୂପ ସଜ୍ଜାକାରୀ’ ଭାବେ ପୁରସ୍କୃତ କରାଯିବ।

### ଗାଁ ଦେବତାଙ୍କ ପାଖରେ ...

ଏଥିରେ କେଉଁମାନେ ସଂପୃକ୍ତ, ତାହାର କୌଣସି ପ୍ରମାଣ ପୋଲିସ ନ ପାଇ ଫେରି ଯାଇଛି। କିଛି ଦିନ ତଳେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଗାଁରେ ଜଣେ ଲୋକ ରୋଗାକ୍ରାନ୍ତ ହୋଇ ମରିଯିବା ପରେ ଗୁଣିଗାରେଡି ସନ୍ଦେହରେ ମୃତ୍ୟୁ ହୋଇଥିବାରୁ ଏପରି ଏକ ଅମାନବୀୟ କାଣ୍ଡ ଘଟିଥିବା କୁହାଯାଉଛି ।

ସୂଚନାଯୋଗ୍ୟ, ୨୦୧୬ ସେପ୍ଟେମ୍ବର ୯ ତାରିଖରେ ଗୁଣପୁର ବ୍ଲକ ଅଧୀନ ଚଲଣା ପଞ୍ଚାୟତର କିଟୁଂ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାର ରାୟ ଗୁଣପୁର ଏଡିଜେଙ୍କ କୋର୍ଟରେ ୨୦୧୮ ଏପ୍ରିଲ ୧୩ ତାରିଖରେ ପ୍ରକାଶ ପାଇଥିଲା । ଗୁଣପୁର ଏଡିଜେ ଶୁଭେନ୍ଦୁ କୁମାର ପତି ୯ ଜଣ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ । ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ କହିବା ଚୋରି କର**
**ପାହାରୀକୁ କହିବା ଜଗିଥା ।**

ଏପଟେ କ୍ଷତି କରିବାକୁ କହି ସେପଟେ ସାବଧାନ ରହିବାକୁ ପ୍ରବର୍ତ୍ତାଇବା ଭଳି ଚୋରକୁ ଚୋରି କରିବାକୁ କହି ତାକୁ ଧରିବା ନେଇ ଅନ୍ୟକୁ ସତର୍କ କରାଇବା। କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାକୁଣ୍ଡା ଗୋଟା ସୁନ୍ଧାଯାଏ**
**ଜୀରାରୁ ଶିରା କାଢୁଥାଏ ।**

ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକେ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷାହେବା ନିମନ୍ତେ ଅକ୍ଲାନ୍ତ ଚେଷ୍ଟା ଚଳାଇଥାନ୍ତି ଓ ସେଥିପ୍ରତି ସଜାଗ ଦୃଷ୍ଟି ଦେଇଥାନ୍ତି। ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମୀର ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଗ୍ରାମ୍ୟ ବ୍ୟାଙ୍କ୍‌ରେ ୨.୯୬ କୋଟି ଠକେଇ ମାମଲା

# ଆଉ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

- ନିଜକୁ ହିନ୍ଦୀ ଶିକ୍ଷକ କହି ଋଣ ନେଇଥିଲେ
- ବ୍ୟାଙ୍କ କର୍ମଚାରୀଙ୍କୁ ମିଶାଇ ମୋଟ ୭୪ ଗିରଫ ହେଲେଣି

ଭୁବନେଶ୍ୱର,୨୬।୨ (ବ୍ୟୁରୋ)

କଟକ ବିଲହାଟ ଗ୍ରାମ୍ୟ ବ୍ୟାଙ୍କ୍ ୨.୯୬ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ଟିକନପୁର ଗ୍ରାମର ଦେବଦତ୍ତ ସାମନ୍ତରାୟ (୪୭)। ଆଇପିସି ୪୨୦, ୪୬୭, ୪୬୮, ୪୭୧, ୪୦୯, ୧୨୦)(ବି) ଅନୁସାରେ ମାମଲା (ନଂ.୩୨/୨୦୧୩)ରେ ତାଙ୍କୁ କଟକ ସଦର ଏସ୍‌ଡିଜେମ୍ କୋର୍ଟକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ୨୦୧୧-୨୦୧୨ରେ କଟକ ବିଲହାଟ ଗ୍ରାମ୍ୟ ବ୍ୟାଙ୍କ୍‌ରୁ ଏକାଧିକ ବ୍ୟକ୍ତି ୧୪୮ଟି ଜାଲ କାଗଜପତ୍ର ଦେଇ କେଜିବି ସ୍କିମ୍‌ରେ ପ୍ରାୟ ୨.୯୬ କୋଟି ଋଣ ନେଇଥିଲେ। ସେମାନେ ନିଜକୁ ଶିକ୍ଷକ ପରିଚୟ ଦେଇ ଓ ନକଲି କାଗଜପତ୍ର ଦାଖଲ କରିଥିଲେ। ଅଭିଯୁକ୍ତ ଦେବଦତ୍ତ ମଧ୍ୟ ନିଜକୁ ରାଇଚାନ୍ଦ ବାଳିକା ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଥିବା ପରିଚିତ ଦେଇ ଜାଲ କାଗଜପତ୍ର ଦେଇଥିଲେ। ୨୦୧୧ ଜୁନ ୪ରେ ୨ଲକ୍ଷ ଟଙ୍କା ଋଣ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ସେ ଶୁଝି ନ ଥିଲେ। ଏହି ଠକେଇ ପଛରେ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ଅଧିକାଂଶ ବ୍ୟକ୍ତି ଋଣ ନ ଶୁଝିବାରୁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଏନେଇ ଯାଞ୍ଚ ପରେ ଋଣ ନେଇଥିବା ସମସ୍ତଙ୍କ କାଗଜପତ୍ର ଜାଲ୍ ଥିବା ଜଣାପଡିଥିଲା। ଏନେଇ ବ୍ୟାଙ୍କ୍ ଜେନେରାଲ ମ୍ୟାନେଜର ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଇଓଡବ୍ଲ୍ୟୁ ମୋଟ ୭୪ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରୁ ବ୍ୟାଙ୍କ୍ ମ୍ୟାନେଜର ଓ ଫିଲ୍ଡ ଅଫିସର ସମେତ ୧୫ ବ୍ୟାଙ୍କ୍ କର୍ମଚାରୀ ରହିଛନ୍ତି।

# ଚଳଚ୍ଚିତ୍ର ନିର୍ମାତାଙ୍କୁ ମିଳିବ ପ୍ରୋତ୍ସାହନ

**କ୍ୟାବିନେଟ୍ ନିଷ୍ପତ୍ତି**
- ଉଚ୍ଚମାଧ୍ୟମିକ ସ୍କୁଲରେ ପିଜିଟି ନିଯୁକ୍ତିକୁ ମୋହର
- ଜୋରନ୍ଦା ନିକଟସ୍ଥ ବ୍ରାହ୍ମଣୀ ସେତୁ, ଟମକା-ମଙ୍ଗଳପୁର ରାସ୍ତା ପ୍ରଶସ୍ତୀକରଣ ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ଓଡିଶାର ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନସ୍ଥଳୀ ଆଦି ବିଷୟରେ ଇଂଲିଶ, ହିନ୍ଦୀ, ଅନ୍ତର୍ଜାତୀୟ ଓ ଅନ୍ୟାନ୍ୟ ଭାଷାରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରଯୋଜକମାନଙ୍କୁ ମିଳିବ ପ୍ରୋତ୍ସାହନ। ପ୍ରୋତ୍ସାହନ ରାଶି ସ୍ୱରୂପ ୨.୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯିବ। ସେହିପରି ଉତ୍କର୍ଷ, ସୌନ୍ଦର୍ଯ୍ୟ, ସାମାଜିକ ସ୍ଥିତି ଆଦି ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ମଧ୍ୟ ୨.୫ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ଜଣେ ଚଳଚ୍ଚିତ୍ର ପ୍ରଯୋଜକଙ୍କ କ୍ଷେତ୍ରରେ ଦୁଇଟି ଯୋଗ୍ୟ ବିବେଚିତ ଚଳଚ୍ଚିତ୍ର ନିର୍ମାଣ ପାଇଁ ୪ କୋଟି ଟଙ୍କାର ରିହାତି ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଫିଲ୍ମସିଟି ନିର୍ମାଣ କଲେ ମଧ୍ୟ ପ୍ରୋତ୍ସାହନ ମିଳିବ। ଅନ୍ୟୁନ ୫୦ କୋଟି ଟଙ୍କା ବ୍ୟୟରେ ପ୍ରଥମ ତିନୋଟି ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ୧୦ କୋଟି ଟଙ୍କା ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ। ଏହାଛଡା ଚଳଚ୍ଚିତ୍ର ନିର୍ମାଣକାରୀଙ୍କୁ ଚିତ୍ର ଉତ୍ତୋଳନ ସମୟରେ ଓଡ଼ିଶାରେ ରହଣି ପାଇଁ ରିହାତି ଯୋଗାଇ ଦିଆଯିବ। ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି। ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଓଡିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯ ପ୍ରଣୟନ କରାଯାଇଛି। ଫିଲ୍ମସିଟି, ହଲ୍ ଏବଂ ମଲ୍‌ଟିପ୍ଲେକ୍ସ ନିର୍ମାଣ ପାଇଁ ପୁଞ୍ଜିନିବେଶକାରୀଙ୍କୁ ସହଯୋଗ କରିବା ସକାଶେ ରାଜ୍ୟ ସରକାର ‘ଗୋ ସ୍ୱିଫ୍ଟ’ ନାମକ ପୋର୍ଟାଲ କାର୍ଯ୍ୟକାରୀ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଚଳଚ୍ଚିତ୍ର ପାଇଁ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି।

ରାଜ୍ୟ ସରକାର ୨୦୧୬ ଜୁନ ୨୪ରୁ ଯୁକ୍ତ୨ ଜୁନିୟର କଲେଜ ବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡିକୁ ଉଚ୍ଚଶିକ୍ଷା ବିଭାଗରୁ ଗଣଶିକ୍ଷା ବିଭାଗକୁ ପୃଥକ କରିଛନ୍ତି। ୨୦୧୬ ଜୁଲାଇ ୧ରୁ ଓଡିଶା ସରକାରଙ୍କ ରୁଲ ଅଫ୍ ବିଜନେସକୁ ମଧ୍ୟ ସଂଶୋଧନ କରାଯାଇ ଉଚ୍ଚମାଧ୍ୟମିକ ଶିକ୍ଷା ତଥା ଯୁକ୍ତ୨ କଲେଜ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲ ବିଷୟକୁ ଗଣଶିକ୍ଷା ବିଭାଗ ସହ ସଂଯୋଗ କରାଯାଇଛି। ଉକ୍ତ ସ୍କୁଲଗୁଡିକରେ ଶିକ୍ଷାଦାନ ପାଇଁ ଓଡିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପୋଷ୍ଟ ଗ୍ରାଜୁଏଟ ଟିଚର(ପିଜିଟି) ନିଯୁକ୍ତି କରାଯିବ। ସେଥିପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ସେବା ରୁଲ୍ ୨୦୧୮ କାର୍ଯ୍ୟକାରୀ କରାଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ରାଜ୍ୟସରକାର ଢେଙ୍କାନାଳ ଜିଲାର ଜୋରନ୍ଦା ନିକଟସ୍ଥ ଗୋରଡିଆ-କାଲୁରିଆ ରାସ୍ତାରେ ବ୍ରାହ୍ମଣୀ ନଦୀ ଉପରେ ୧.୯୩୨ କି.ମି ଦୈର୍ଘ୍ୟର ୩ ଥାକିଆ ଉଚ୍ଚସ୍ତରୀୟ ପୋଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆହୂତ ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପୋଲ ନିର୍ମାଣ ପାଇଁ ୧୯୩ କୋଟି ୪୬ ଲକ୍ଷ ୬୮ ହଜାର ୮୧୮ ବ୍ୟୟ ହେବ। ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ।

ରାଜ୍ୟ ସରକାର ଯାଜପୁର ଜିଲାର ଟମକା- ମଙ୍ଗଳପୁର ରାସ୍ତାକୁ ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ରାସ୍ତାଟି କଣିହାଁ ଓ ସୁକିନ୍ଦା ଖଣି ଅଞ୍ଚଳରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସିଧା ସଂଯୋଗ କରିବା ସହିତ ରାଜ୍ୟର ପ୍ରମୁଖ ବନ୍ଦର ପାରାଦୀପ ଓ ଧାମରାକୁ ମଧ୍ୟ ସଂଯୋଗ କରିବ। ଏହି ରାସ୍ତାପାଇଁ ଡକାଯାଇଥିବା ୧୧୬କୋଟି ୬୬ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କସିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1
SATYAM FINANCE
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି,ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09991536957
168, sector 30, jagatpura, jaipur (Rajasthan)

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

Baba Kamal Khan
7th Time Gold Medalist
Jharsuguda, Odisha
୭ ଜନମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଳେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୨୭ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କ ବଡ଼ସାହି ବ୍ଲକ ଗସ୍ତ ଆଜି

**ବଡ଼ସାହି, ୨୬।୨(ସ୍ୱ.ପ୍ର.):** କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ, ଜାହାଜ, ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ମନଶୁଖ୍ ଲକ୍ଷ୍ମଣଭାଇ ମାଣ୍ଡଭିୟା ବୁଧବାର ଦିନିକିଆ ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତରେ ଆସୁଛନ୍ତି। ଭାଜପା ପକ୍ଷରୁ ଜାରି ବିଜ୍ଞପ୍ତିରୁ ପ୍ରକାଶ ଯେ, ମନ୍ତ୍ରୀ ହେଲିକପ୍ଟର ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପୂର୍ବାହ୍ନ ୧୧ଟାରେ ବାହାରି ମୟୂରଭଞ୍ଜ ଜିଲା, ବଡ଼ସାହି ବ୍ଲକର ମାଣତ୍ରୀଠାରେ ଥିବା ବଙ୍ଗଳା ପଡ଼ିଆରେ ଅବତରଣ କରିବେ। ସେଠାରେ ଭାଜପା ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସଭାରେ ଯୋଗଦେଇ ଅପରାହ୍ନ ସାଢେ ଗୋଟାଏରେ ଫେରି କଟକ ସଦର ଯୋଶପଦା ହାଟପଡ଼ିଆରେ ହେଉଥିବା ଅନୁରୂପ ସଭାରେ ଯୋଗଦେବେ। ମାଣତ୍ରୀଠାରେ ହେବାକୁ ଥିବା ସଭାରେ ରାଜ୍ୟର ତୁଙ୍ଗନେତାଙ୍କ ସହିତ ଦଳର ଜିଲା କର୍ମକର୍ତ୍ତାମାନେ ଯୋଗଦେବେ।

### ମଣି-ମାଣିକ୍ୟ ଉନ୍ମୋଚିତ

**ବାରିପଦା ଅଫିସ,୨୬।୨:** କବି ତଥା ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ରଙ୍କ ପଞ୍ଚମ ପୁସ୍ତକ ମଣି-ମାଣିକ୍ୟ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଯଶୋଦା ସାହିତ୍ୟ ସଂସଦ ପକ୍ଷରୁ ୟୁନିଭର୍ସାଲ ଏଜୁକେସନ ପଏଣ୍ଟ ପରିସରରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅଧ୍ୟାପକ ସମରେନ୍ଦ୍ର କୁମାର ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ଚବିଶ ଜଣ ମହନୀୟ ବ୍ୟକ୍ତିତ୍ୱ ଉପରେ ଆଧାରିତ ଏହି କବିତା ସଙ୍କଳନ ନିଶ୍ଚିତ ଭାବେ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମନ୍ତବ୍ୟ ଦେଇଥିଲେ। କବି ମିଶ୍ରଙ୍କ ପୂର୍ବରୁ ଲିଖିତ କବିତା ସଙ୍କଳନ ସ୍ମୃତି ମଞ୍ଜୁଳା, ରୂପାନ୍ତର, ଶିଶୁ-ମୋ ଦେଶର ଶିଶୁ ଓ ସମୀକ୍ଷା ଭିତ୍ତିକ ପୁସ୍ତକ ସୃଷ୍ଟି ସମଗ୍ର ପ୍ରକାଶିତ ହୋଇସାରିଛି। ଏହି କାର୍ଯ୍ୟକ୍ରମକୁ କ୍ରିଷ୍ଣା ମହାନ୍ତ ପରିଚାଳନା କରିଥିଲେ। କବି ଅମିତାଭ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରନ୍ତି।

# ଏସ୍‌ୟୁସିଆଇ(ସି)ର ଗଣଧାରଣା




ବ୍ଲକ ଅଫିସ ଆଗରେ ଏସ୍‌ୟୁସିଆଇ(ସି)ର ଧାରଣା।

**ଯଶିପୁର,୨୬।୨(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ଜିଲା ଏସ୍‌ୟୁସିଆଇ(ସି) ଶୁକୃଳି ବ୍ଲକ କମିଟି ପକ୍ଷରୁ ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଦାବିଗୁଡିକ ମଧ୍ୟରେ ଶୁକୃଳି ଓ ତଳଙ୍ଗା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବୋନସ ପ୍ରଦାନ, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବାକିଆ ମଜୁରି ପ୍ରଦାନ, ଖୁଁଟିଂକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ବାଦାମପାହାଡ-କେନ୍ଦୁଝର ରେଳପଥ ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ପ୍ରବଳ ବର୍ଷା ସତ୍ତ୍ୱେ ଧାରଣାରେ ବ୍ଲକ ପ୍ରତି ପଞ୍ଚାୟତରୁ ଜନସାଧାରଣ ସାମିଲ ହୋଇଥିଲେ। ଜନସାଧାରଣଙ୍କ ଉପରୋକ୍ତ ନ୍ୟାର୍ଯ୍ୟ ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିରେ ସ୍ଥାନୀୟ ସଙ୍ଗଠକ ଦୁଲାଲ ମହାକୁଡ, କନ୍ଦର୍ପ ବେହେରା, ପ୍ରବୀର ନାୟକ, ସନାତନ ମହାକୁଡ ଓ ସବିତା ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସଂସ୍କୃତ ବିଭାଗର ଆଲୋଚନାଚକ୍ର

**କପ୍ତିପଦା, ୨୬।୨(ଡି.ଏନ.ଏ.)**

କପ୍ତିପଦା ମହାବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପକ ପ୍ରଣବ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଶାକୁନ୍ତଳେ ରସବିଦେଚସେ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ସୁବ୍ରତ ମିଶ୍ର ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ସୁଷମା ସାହୁ ଯୋଗଦେଇ 'ରସ'ର ମହତ୍ୱ ତଥା ଶାକୁନ୍ତଳରେ ଏହାର କିଭଳି ସମୀକ୍ଷା ହୋଇଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପିକା କବିତା ରାୟ ପ୍ରବନ୍ଧର ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଶେଷ ବର୍ଷର ଛାତ୍ରୀଛାତ୍ର ଚିନ୍ମୟୀ ମହାରଣା, ଦିବାକର ନାୟକ, ବିଶ୍ୱବିଜୟିନୀ ପଣ୍ଡା, ଶୁଭଶ୍ରୀ ସାହୁ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଏହି ଆଲୋଚନାଚକ୍ରରେ ସଂସ୍କୃତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପିକା ସୁଭଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କପ୍ତିପଦାରେ ଆଇନ ସଚେତନତା ଶିବିର

**କପ୍ତିପଦା,୨୬।୨(ଡି.ଏନ.ଏ.)**

ଉଦଲା ତାଲୁକ୍ ଆଇନ୍ ସହାୟତା କକ୍ଷ ଦ୍ୱାରା ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ତାଲୁକ୍ ଆଇନ୍ ସହାୟତା କକ୍ଷର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଆଇନ୍ ସହାୟତା କକ୍ଷର ଚେୟାରମ୍ୟାନ ଏବଂ ଆଇନ୍‌ଜୀବୀ ବିଶ୍ୱରଞ୍ଜନ ମଲୁଆଲ, ଶ୍ରୀକୃଷ୍ଣ ବେହେରା, ପ୍ରଭୁପଦ ପରିଡ଼ା, କମଳାକାନ୍ତ ମହାନ୍ତି ଏବଂ ବିଭାବସୁ ସେନାପତି ପ୍ରମୁଖ ଯୋଗ ଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶରତ ଥାନାର ଭାରପ୍ରାପ୍ତ ଅଧିକାରୀ ନବକିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ବକ୍ତବ୍ୟରେ ଆଇନ୍ ସହାୟତା ନେବା ପାଇଁ ଏହି ସହାୟତା କକ୍ଷର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ପ୍ରଭୁପଦ ପରିଡ଼ା ବିଭିନ୍ନ କ୍ଷେତ୍ରରେ ଆଇନ୍‌ର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଅଧ୍ୟକ୍ଷ ନିଜର ବକ୍ତବ୍ୟରେ ବହୁ ଉଦାହରଣ ମାଧ୍ୟମରେ ଆଇନ୍ ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବିରକୁ ଉଦଲା ତାଲୁକ୍ ଆଇନ୍ ସହାୟତା କକ୍ଷର କର୍ମଚାରୀ ସୁଧାଂଶୁ ଭୂଷଣ ନାୟକ, ବଟକୃଷ୍ଣ ମହାନ୍ତି, ଏବଂ ସ୍ଥାନୀୟ ସରପଞ୍ଚ ସହଯୋଗ କରିଥିଲେ।

## ଏସ୍‌ସି ଏସ୍‌ଟି ଶିଳ୍ପୋଦ୍ୟୋଗୀ ବିକାଶ କର୍ମଶାଳା




କର୍ମଶାଳାରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥି ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଭଦ୍ରକ ଅଫିସ, ୨୬।୨**

ମଙ୍ଗଳବାର ଭଦ୍ରକ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଏସ୍‌ସି ଏସ୍‌ଟି ଶିଳ୍ପୋଦ୍ୟୋଗୀ ତଥା ଆଶାୟୀଙ୍କୁ ନେଇ ଦିନିକିଆ କର୍ମଶାଳା ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶତାଧିକ ଶିଳ୍ପୋଦ୍ୟୋଗୀ, ଆଶାୟୀ ଶିଳ୍ପୋଦ୍ୟୋଗୀମାନେ ଉପସ୍ଥିତ ଥିଲେ। କ୍ଷୁଦ୍ରଶିଳ୍ପ ସଂସ୍ଥାମାନଙ୍କ ଅଭିବୃଦ୍ଧି, ଏସ୍‌ସି ଏସ୍‌ଟି ସମ୍ପ୍ରଦାୟର ଲୋକମାନେ କିଭଳି ବିଭିନ୍ନ ଅତ୍ୟାଧୁନିକ ଶିଳ୍ପ ସଂସ୍ଥା ମାନ ସ୍ଥାପନ କରି ନିଜର ଅର୍ଥନୈତିକ ଅଭିବୃଦ୍ଧି କରାଇପାରିବେ ସେ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଅନଲାଇନ ମାଧ୍ୟମରେ ଘରେ ବସି ଜିଲାର କେଉଁ ସ୍ଥାନରେ ସରକାରୀ ଜାଗା ରହିଛି ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ, କେଉଁ କାର୍ଯ୍ୟାଳୟରୁ କେଉଁ ଅଧିକାରୀଙ୍କ ଦ୍ୱାରା ନିଜର କାର୍ଯ୍ୟ ସମ୍ପାଦନ ହେବ ସେ ସମ୍ପର୍କରେ କିଭଳି ସୁବିଧା ସୁଯୋଗ ଉପଲବ୍ଧ କେତେ ଦିନ ମଧ୍ୟରେ କରିବେ ସେ ନେଇ ବିଭିନ୍ନ ବିଶେଷଜ୍ଞ ମତ ରଖିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଶିଳ୍ପୋଦ୍ୟୋଗୀମାନେ ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ। ଜିଲା ଶିଳ୍ପ ବିକାଶ ଅଧିକାରୀ ଶଶିଶେଖର ବେହେରା, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଇଂ ପୀତାମ୍ବର ପରିଡା, କଟକ ଶିଳ୍ପ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଅମୂଲ୍ୟ ରତ୍ନ ପଣ୍ଡା, ଭୁବନେଶ୍ୱର ଇପିକଲର ପ୍ରତିନିଧି ଅର୍ଜୁନ ବାରଣାସୀ, ନାବାର୍ଡ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା, ଏଲ୍‌ଡିଏମ୍ ଅରୂପ କୁମାର ରଏ ମଞ୍ଚାସୀନ ହୋଇ ଶିଳ୍ପାନୁଷ୍ଠାନର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ଦିଗ, ସମସ୍ୟା ଓ ସରକାରୀ ବୈଷୟିକ ସହାୟତା ସମ୍ପର୍କରେ ଟିପ୍ପଣୀ ରଖିଥିଲେ। ମୁଖ୍ୟତଃ ଶିଳ୍ପୋଦ୍ୟୋଗୀମାନଙ୍କୁ ଅନଲାଇନ ଜ୍ଞାନ ସମ୍ପର୍କରେ ସୂଚନା ରଖିଥିଲେ।

## ମେଳାରୁ ବାଇକ ଚୋରି

**ବଡସାହି,୨୬।୨(ସ୍ୱ.ପ୍ର)**–ଶନିବାର ଅନୁଷ୍ଠିତ ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜା ମେଳାରୁ ଗୋଟିଏ ନୂଆ ବାଇକ୍ ଚୋରି ହୋଇଥିବା ବଡ଼ସାହି ଥାନାରେ ଅଭିଯୋଗ ହୋଇଛି। ଖୁଣ୍ଟା ଥାନା ଶାଳବଣୀ ଗ୍ରାମର ତ୍ରିଲୋଚନ ବିନ୍ଧାଣୀ ତାଙ୍କ ନୂଆ ବାଇକ(ନଂ ଓଡ଼ି୧୧କ୍ୟୁ ୯୮୪୧) ଯୋଗେ ସପରିବାର ମେଳା ବୁଲିବାକୁ ଆସିଥିଲେ । ତେବେ ଜଙ୍ଗଲରେ ବାଇକ ଷ୍ଟାଣ୍ଡ ନ ପାଇ ସେ ଗଛ ତଳେ ରଖିଥିଲେ। ସେ ମେଳାରୁ ଫେରିବା ପରେ ଆଉ ବାଇକ ପାଇ ନ ଥିଲେ । ଏନେଇ ସେ ମେଳା କମିଟିଙ୍କୁ ଜଣାଇବା ସହ ବଡ଼ସାହି ଥାନାରେ ଅଭିଯୋଗ କରିଛନ୍ତି।

DADLS - 285



ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୭ ଫେବୃଆରୀ, ୨୦୧୯

ସକାଳ ୮ ଘଟିକା ସମୟରେ ଆଚାର୍ଯ୍ୟ ବିହାରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ଘ.୬.୩୦ ମିନିଟ    ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶିଭୂଷଣ ବେହେରା
ମାନ୍ୟବର ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାୟ, ମାନ୍ୟବର ବିଧାୟକ, ସତ୍ୟବାଦୀ
ଶ୍ରୀଯୁକ୍ତ ପ୍ରଭାତ ରଞ୍ଜନ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ

ମୁଖ୍ୟ ବକ୍ତା – ଡ. ବିଦ୍ୟାଧର ବେହେରା, ଅବସରପ୍ରାପ୍ତ ପ୍ରଫେସର,ଓଡ଼ିଆ ବିଭାଗ

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ସ୍ୱରାରବିନ୍ଦ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା ତରଫରୁ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବା ପାଇଁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0596/1819

MCL
ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in)ରେ ପ୍ରକାଶିତ ହୋଇଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି। ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟ୍‌ଗୁଡ଼ିକୁ ଦେଖନ୍ତୁ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ ₹ |
|---|---|---|---|
| 1 | 2019_MCL_130960_1 | Extension of External Pipe Line for Drinking Water Supply from Singhada Pump House to N.S. Nagar Colony of Bharatpur OCP under Bharatpur Area.(Re tender) | 964669.00 |
| 2 | 2019_MCL_131204_1 | Supply of Spares for Auto Lubricating System. | 1322623.00 |
| 3 | 2019_MCL_131109_1 | Maintenance of external water supply pipe line at Jagriti vihar and Anand Vihar, MCL HQ. | 474183.00 |
| 4 | 2019_MCL_131251_1 | Supply of Spares for ACE Rhino 90C Cranes. | 89317.00 |
| 5 | 2019_MCL_131362_1 | Renovation of Brahmani club with ACP panelling and some other miscellaneous items at N.S. Nagar of Bharatpur project. (Re tender) | 9661793.00 |
| 6 | 2019_MCL_131367_1 | Supply of Lightening Arrester. | 99828.00 |
| 7 | 2019_MCL_131370_1 | Supply of Spares for Red dot make Air conditioner. | 786982.00 |
| 8 | 2019_MCL_131420_1 | Supply of Hoses for BEML BE 1000 and TATA Hitachi EX-1200 Hyd excavators at Lingaraj OCP | 1462278.00 |
| 9 | 2019_MCL_131433_1 | PROCUREMENT OF SUPPLY FOR PRINTING STATIONERIES | 1467023.00 |
| 10 | 2019_MCL_131396_1 | Procurement of Spares for Maxflow Pumps for Handidhua Colliery MCL Talcher Area. | 568760.00 |
| 11 | 2019_MCL_131270_1 | Annual maintenance of Civil work in GM Office,DTs Bunglow,VIP Guest House,New Transit Camp,Dormitory,Regional Store,Chhendipada PO Office under Bharatpur Area. | 1030098.00 |
| 12 | 2019_MCL_131552_1 | Supply and Laying of cable for connection of 02 (Two) Nos of 33kV O/H Line and Laying of cable for 07 (Seven) Nos of 3.3kV O/H Line of Feeders 01, 02 and 04 for Railway Electrification Work from DLB Siding to NTPC siding, LOCP, Lingaraj area. | 2233966.00 |
| 13 | 2019_MCL_131567_1 | PROCUREMENT OF NDA SPARES FOR 05 NOS BEML MAKE BS6D140 AND BSA6D140 ENGINE. | 141979.00 |
| 14 | 2019_MCL_131588_1 | Hiring of One (1) Jeep(Bolero, Sumo or equivalent)(6 plus 1 seater or more) fitted with AC for 12 hrs per day duty for two years for mine duty at Basundhara Area(K)(682 days)( 2800km run per month). | 711326.00 |
| 15 | 2019_MCL_131523_1 | Under Carriage Assembly for BE1000 Excavators (Part No. 175UCSET01) | 29771400.00 |
| 16 | 2019_MCL_131602_1 | Procurement of Spares for MCCB Overhead feeder for Nandira Colliery MCL Talcher Area. | 383446.00 |
| 17 | 2019_MCL_131630_1 | Spraying of water through mobile tanker for dust suppression of Mallibandha junction to mines zero point, main gate time office, 05 nos. weigh bridges, 02 nos. in motion weigh bridge with its surrounding and local sale parking area of mines of HOCP | 6464252.00 |
| 18 | 2019_MCL_131636_1 | Spraying of water through mobile tanker for the purpose of dust suppression and cleaning and sweeping of coal dust debris, other foreign materials in public crossing from Mallibandha junction to Hingula College Chhak (L-4.10 KM) of Hingula OCP, HA | 5901087.00 |
| 19 | 2019_MCL_131560_1 | White washing for the Track lines, Travelling roadways and other places from Incline Mouth No.1 at Nandira Collliery | 1003628.00 |
| 20 | 2019_MCL_131654_1 | Repair and maintenance of Dr. Ambedkar Park, South Balanda under Jagannath Area. | 1167822.00 |
| 21 | 2019_MCL_131664_1 | Cleaning and Upkeeping of Chillika Kalakendra, Dispensary, Tailoring Centre and Guest House of Ananta Vihar Colony of Ananta OCP under Jagannath Area for a period of two years. | 2680771.00 |
| 22 | 2019_MCL_131667_1 | Hiring of One (1) Jeep(Bolero, Sumo or equivalent)(6 plus 1 seater or more) fitted with AC for 24 hrs per day duty for two years for Sales(CIMFER) at Basundhara Area(682 days)(4000km run per month). | 1725460.00 |
| 23 | 2019_MCL_131731_1 | Supply of spares for Foggy-Mist generating DS system at CHP Lingaraj OCP | 919258.00 |
| 24 | 2019_MCL_131616_1 | Annual maintenance of NRB and other miscellaneous works at Lakhanpur OCP of Lakhanpur Area for safety fortnight. | 2025079.00 |
| 25 | 2019_MCL_131633_1 | Construction of concrete road in Nuapada of Kudaloi village at Lakhanpur OCP of Lakhanpur Area. | 1466600.00 |
| 26 | 2019_MCL_131704_1 | Operation of motorized gate opening system of bunker and assistants required for maintenance of CHP 02 shifts per day for period of 01 year (365 days per year) at Lajkura OCP | 1289545.00 |
| 27 | 2019_MCL_131485_1 | Supply and Application of Dust settling ionizer, chemical additive and its trial for 15 days period | 509760.00 |
| 28 | 2019_MCL_131447_1 | Regular cleaning of Platform drain of siding no. VII and outlet drain of siding no. VIII of Bharatpur OCP for 120 days. | 368082.00 |
| 29 | 2019_MCL_131503_1 | Supply and laying of stone metal and morrum for Kuchha Haul road and CT road during monsoon at Bharatpur Project. | 6170076.00 |
| 30 | 2019_MCL_131780_1 | Procurement of Coal Drill Bits. | 575000.00 |
| 31 | 2019_MCL_131691_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km | 977988.00 |
| 32 | 2019_MCL_131692_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 24 hours operation for a period of Two Years for GM Office, Lingaraj Area with monthly limit within 4262.50 km | 1804572.00 |
| 33 | 2019_MCL_131693_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 12 hours operation for a period of Two Years for GM Office Pool, Lingaraj Area with monthly limit within 3410 km | 977988.00 |
| 34 | 2019_MCL_131747_1 | Repairing of 01 (one) no. submersible pump motor set type P-103, Sl. No. PP38055, 415V, 120HP, 100Mtr Head x 800 GPM discharge having 200 mm dia outlet of IWSS, Lingaraj Area MCL. | 213444.00 |
| 35 | 2019_MCL_131806_1 | PROCUREMENT OF SUPPLY FURNITURE FOR JAGANNATH GUEST HOUSE | 1782850.00 |
| 36 | 2019_MCL_131824_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 16 hours duty for use of Sub-Collector, Talcher for 682 days in 02(two) years. | 1443794.00 |
| 37 | 2019_MCL_131849_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 16 hours duty for use of Deputy Director Mines, Talcher for 682 days in 02(two) years. | 1443794.00 |
| 38 | 2019_MCL_131828_1 | Spraying of Water through Water Tanker in Coal Transportation Road for dust suppression from filling point No.16 to Biswal chhak under BBSRI OCP under Jagannath Area, for a period of one year. | 5758812.00 |
| 39 | 2019_MCL_131854_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours shift duty for use at Ananta OCP, Jagannath Area for 682 days in 02(two) years. | 1857086.00 |
| 40 | 2019_MCL_131860_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 16 hours duty for use at Ananta OCP, Jagannath Area for 682 days in 02(two) years. | 1443794.00 |
| 41 | 2019_MCL_131865_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Ananta OCP, Jagannath Area for 682 days in 02(two) years. | 1857086.00 |
| 42 | 2019_MCL_131884_1 | Annual Maintenance Contract for Maintenance Repairing of 53 Nos. of Air Conditioners both split type and Window type installed in different departments of Kaniha Area and Kaniha OCP for a period of One year | 217140.00 |
| 43 | 2019_MCL_131886_1 | Supply of Crushers for Coal Analysis Laboratory for Kaniha OCP | 224952.00 |
| 44 | 2019_MCL_131696_1 | Repair and maintenance of road, drain, boundary wall and NRBs of Ganeshnagar (R and R) of LKP OCP at Lakhanpur Area.(1st Retender) | 5074317.00 |
| 45 | 2019_MCL_131883_1 | Hiring of one no. six wheeler Truck having carrying capacity 10 Ton on 12 hrs duty basis (with one(including staggered rest) driver)max run 2000 km/month for 02 years(682 working days) for Belpahar OCM, Lakhanpur Area, MCL. | 1737736.00 |
| 46 | 2019_MCL_131736_1 | Preparation of Detailed Project Report (DPR) for the work of Plotting, development of roads, drains and other infrastructures as per LARRA 2013 for Sarangijharia R and R site of Basundhara Area (Third call). | 1.00 |
| 47 | 2019_MCL_131650_1 | Supply of ENT Instruments and Appliances for NSCH and RH,Talcher. | 76742.00 |
| 48 | 2019_MCL_131751_1 | Supply of Haemoglobin (CMG)Reagent for Department of pathology and Blood Bank for NSCH,Talcher. | 38500.00 |
| 49 | 2019_MCL_131734_1 | RHS Final Drive Assembly (Part No. 817FD01015) applicable for BE1000 Hydraulic Excavator | 3551947.00 |
| 50 | 2019_MCL_131846_1 | MCL/GM/BA/SOM/NIT44RT/2019/895 Dtd.21.02.2019 | 9117270.00 |
| 51 | 2019_MCL_131935_1 | Fabrication of 04 nos of 84 drum (3 stage), 04 nos of 12 drum pontoon for installation of HT motor/ pumps/ starter for pumping in mine at Lingaraj OCP, Lingaraj Area, MCL. | 1143007.00 |
| 52 | 2019_MCL_131957_1 | Hiring of 02 nos. of Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Jagannath Area for 682 days in 02(two) years. | 3714172.00 |
| 53 | 2019_MCL_131969_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty(In General Shift) for use of Personnel Department , Jagannath Area for 682 days in 02(two) years. | 1030502.00 |
| 54 | 2019_MCL_131998_1 | Construction of Temporary Conference Hall at Project Office of Kaniha OCP Kaniha Area MCL | 2116978.00 |
| 55 | 2019_MCL_131978_1 | Hiring of an Indigo/Swift Dzire/Etios or equivalent Car (Diesel) (with AC fitted) for 12 hours duty (In General Shift) for use of Finance Department, Jagannath Area for 682 days in 02(two) years. | 1005950.00 |
| 56 | 2019_MCL_132027_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Bhubaneswari OCP, Jagannath Area for 682 days in 02(two) years. | 1857086.00 |
| 57 | 2019_MCL_132042_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 16 hours duty for use at Ananta OCP, Jagannath Area for 682 days in 02(two) years. | 1443794.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.: 0663-2542695/2542264, ଇ-ମେଲ: hlp-eproc.mcl@coalindia.in)    R-4891

ଆମର ଆପ୍‌ସ୍ ପାଇବା ପାଇଁ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍ କଲ୍ କରନ୍ତୁ

"ମୋର ବିଶ୍ୱାସ, ହିଂସା ଦ୍ୱାରା କୌଣସି ଦୀର୍ଘସ୍ଥାୟୀ ଜିନିଷ ପ୍ରତିଷ୍ଠା କରାଯାଇପାରେ ନାହିଁ।" 'ଶାନ୍ତିର ପୁରସ୍କାର ହେଉଛି ଶାନ୍ତି'।

–ମହାତ୍ମା ଗାନ୍ଧୀ



ବଳ ପ୍ରୟୋଗ ଦ୍ୱାରା ଶାନ୍ତି ରକ୍ଷା କରାଯାଇପାରିବ ନାହିଁ, ଏହା କେବଳ ବୁଝାମଣା ଦ୍ୱାରା ସମ୍ଭବ।

–ମାର୍ଟିନ ଲୁଥର କିଙ୍ଗ୍, ଜୁନିୟର







ଭାରତର କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନର ସିଆଲକୋଟସ୍ଥିତ ଜାବାରେ ଜଣେ ପାକିସ୍ତାନୀ ସୈନ୍ୟ ସଜାଗ ରହିଛନ୍ତି। ଜାବାରେ ଭାରତୀୟ ବାୟୁସେନାର ବୋମାମାଡ଼ ପରେ ସେଠାକାର ସୈନ୍ୟ ଓ ଖବରଦାତାମାନେ ଆକ୍ରମଣସ୍ଥଳକୁ ଯାଉଛନ୍ତି।

## କାନ୍ଦାହାର ବିମାନ ଅପହରଣକାରୀ ୟୁସୁଫ୍ ନିହତ

**ନୂଆଦିଲ୍ଲୀ,୨୬।୨(ପି.ଟି.):**୧୯୯୯ ଡିସେମ୍ବର ୨୪ କାନ୍ଦାହାର ବିମାନ ଅପହରଣରେ ସମ୍ପୃକ୍ତ ଥିବା ମୌଲାନା ୟୁସୁଫ୍ ଆଝାର ବାୟୁସେନାର ବୋମାମାଡ଼ରେ ନିହତ ହୋଇଥିବା କୁହାଯାଉଛି। ଇଣ୍ଡିଆନ୍ ଏୟାରଲାଇନ୍ସର ଆଇସି-୮୧୪ ଅପହରଣ ମାମଲାରେ ସେ ୱାଣ୍ଟେଡ୍ ଥିଲେ। ୨୦୦୦ରେ ଇଣ୍ଟରପୋଲ ତାଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ବାଲାକୋଟରେ ଜେଇଏମ୍ ଶିବିରଗୁଡ଼ିକୁ ମାସୁଦ୍ ଆଝାରଙ୍କ ଶାଳକ ୟୁସୁଫ୍ ପରିଚାଳନା କରୁଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ସୂଚନା ଦେଇଛନ୍ତି।



## ଶୋଇଥିଲେ ୩୫୦ ଆତଙ୍କବାଦୀ

**ନୂଆଦିଲ୍ଲୀ,୨୬।୨(ପି.ଟି.):**ଭାରତୀୟ ବାୟୁସେନା ସିଆଲକୋଟରେ ବୋମାମାଡ଼ କରିବାବେଳେ ତାଲିମ ଶିବିରଗୁଡ଼ିକରେ ୩୫୦ ଆତଙ୍କବାଦୀ ଶୋଇଥିଲେ। ଜମ୍ମୁ-କଶ୍ମୀରର ପୁଲୱାମାରେ ଗତ ୧୪ ତାରିଖରେ ଜୈଶ୍‌ର ଆକ୍ରମଣ ପରେ ଭାରତ ସର୍ଜିକାଲ ଷ୍ଟ୍ରାଇକ୍ କରିବ ବୋଲି ଆଶଙ୍କା କରି ସେମାନଙ୍କୁ ପାକ୍-ଅଧିକୃତ କଶ୍ମୀର (ପିଓକେ)ରୁ ସିଆଲକୋଟକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩୨୫ ଆତଙ୍କବାଦୀ ଥିବାବେଳେ ୨୫ରୁ ୨୫ ଜଣ ତାଲିମଦାତା ଥିଲେ। ଏତେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ପାକିସ୍ତାନୀ ସେନା ଟେର୍ ପାଇ ନ ଥିଲା। ସେମାନଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ସିଆଲକୋଟର ଘଞ୍ଚ ଜଙ୍ଗଲ ଘେରା ପାହାଡ଼ ଉପରେ ଏକ ରିସର୍ଟରେ ଆତଙ୍କବାଦୀଙ୍କୁ ରଖାଯାଇଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।

## ଆକ୍ରମଣକୁ ନେଇ ପାକିସ୍ତାନର ପ୍ରତିକ୍ରିୟା



ଆତଙ୍କବାଦ ଦମନ କରିବାରେ ଆମ ସେନା ଅଭିଜ୍ଞ। ଏପରି କି ଏନେଇ ଆମ ସେନା ଅନ୍ୟ ଦେଶକୁ ମଧ୍ୟ ଶିକ୍ଷା ଦେଇପାରିବ। ତେଣୁ କେହି ଯେପରି ପାକିସ୍ତାନ ଉପରେ କୌଣସି କ୍ଷତି କରିବାକୁ ଚିନ୍ତା ନ କରନ୍ତୁ। ଆମେ ଆମର ସେନା ସୁରକ୍ଷାରେ ରହିଛୁ ଓ ଦେଶକୁ କିପରି ନିରାପତ୍ତା ଦିଆଯାଇପାରିବ ତାହା ଜାଣିଛୁ। କୌଣସି ଦେଶ ଉପରେ ଆକ୍ରମଣ କରିବା ନେଇ ଆମର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ, କିନ୍ତୁ ନିଜକୁ କିପରି ରକ୍ଷା କରିହେବ ତାହା ଆମେ ଭଲ ଭାବେ ଜାଣିଛୁ।

**–ଆରିଫ୍ ଆଲ୍‌ଭି, ପାକିସ୍ତାନ ରାଷ୍ଟ୍ରପତି**



ନିୟନ୍ତ୍ରଣ ରେଖାକୁ ଉଲ୍ଲଂଘନ କରି ଭାରତ ପାକିସ୍ତାନରେ ହିଂସା ପରିସ୍ଥିତି ସୃଷ୍ଟି କରିଛି। ଏହାର ଜବାବ ଦେବାର ଅଧିକାର ପାକିସ୍ତାନର ରହିଛି । ନିଜକୁ କିପରି ସୁରକ୍ଷା ଦେଇପାରିବ ତାହା ପାକିସ୍ତାନକୁ ବେଶ୍ ଜଣା।

**–ଶାହ ମହମ୍ମଦ କ୍ୟୁରେଶୀ, ପାକିସ୍ତାନ ବୈଦେଶିକ ମନ୍ତ୍ରୀ**



ଏଲ୍‌ଓସିକୁ ଉଲ୍ଲଂଘନ କରି ଭାରତ ଯେଉଁ ଆକ୍ରମଣ କରିଛି ତାହା ଗ୍ରହଣୀୟ ନୁହେଁ। ପାକିସ୍ତାନର ସେନା ଓ ସାଧାରଣ ନାଗରିକ ଦେଶର ସୁରକ୍ଷା ପାଇଁ ପ୍ରସ୍ତୁତ ଅଛନ୍ତି। ଆମେ କେବେବି ଶତ୍ରୁର ଭିରୁ କାର୍ଯ୍ୟକୁ ସଫଳ ହେବାକୁ ଦେବୁନି।

**–ପରଭେଜ ଖଟକ୍, ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ**



ଯଦି ଭାରତ ଯୁଦ୍ଧ କରିବାକୁ ଚାହୁଁଛି, ତେବେ ପାକିସ୍ତାନର ପତାକା ନୂଆଦିଲ୍ଲୀରେ ଉଡ଼ିବ। ଗରିବ ଲୋକଙ୍କ ପାଦ ଧୋଇବା ଛଡ଼ା କୌଣସି ଅଞ୍ଚଳକୁ ଯୁଦ୍ଧ ବିଭୀଷିକା ମଧ୍ୟକୁ ନ ଠେଲି ନରେନ୍ଦ୍ର ମୋଦି ଆଉ ଏକ ବଡ଼ କାର୍ଯ୍ୟ ମଧ୍ୟ କରିପାରିବେ। ତେଣୁ ଭାରତ ବୁଝି ବିଚାରି କାମ କରିବା ସହ କୌଣସି ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିବାରୁ ବଞ୍ଚିତ ରହୁ। ପାକିସ୍ତାନର ସହନଶୀଳତା ଓ ଶାନ୍ତି ନୀତିକୁ ଦୁର୍ବଳ ଭାବିବା ଭାରତ ପାଇଁ ମହଙ୍ଗା ପଡ଼ିବ।

**–ଶାହବାଜ୍ ଶରିଫ, ପାକିସ୍ତାନ ବିରୋଧୀ ଦଳ ନେତା**



ନିୟନ୍ତ୍ରଣ ରେଖା ଅତିକ୍ରମ କରି ଭାରତୀୟ ବାୟୁସେନାର ଆକ୍ରମଣ ଉପରେ ପାକିସ୍ତାନ ପ୍ରତିକ୍ରିୟା ପ୍ରକାଶ କରିଛି। ପାକିସ୍ତାନ ସରକାର ଓ ବିରୋଧୀ ଉଭୟ ଭାରତର ଏହି ଦାୟିତ୍ୱହୀନ କାର୍ଯ୍ୟକୁ ନିନ୍ଦା କରିବା ସହ ଏଭଳି ଆକ୍ରମଣରୁ ବିରତ ରହିବାକୁ କହିଛନ୍ତି। ଭାରତରେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନରେନ୍ଦ୍ର ମୋଦି ଏହାର ଫାଇଦା ନେବାକୁ ଏଭଳି କରିଛନ୍ତି। ଦେଶକୁ ସୁରକ୍ଷା ପ୍ରଦାନ କରିବାକୁ ପାକିସ୍ତାନ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହି ଘଟଣାରେ କେହି ମୃତାହତ ହୋଇ ନାହାନ୍ତି କି କୌଣସି ସମ୍ପତ୍ତି କ୍ଷୟକ୍ଷତି ହୋଇ ନାହିଁ।

**–ମେଜର ଜେନେରାଲ ଆସିଫ ଗଫୁର, ଇଣ୍ଟର ସର୍ଭିସ ପବ୍ଲିକ ରିଲେଶନ(ଆଇଏସ୍‌ପିଆର) ଡିଜି**

■ ଆତଙ୍କବାଦୀଙ୍କ ଉପରେ ବାୟୁସେନା କାର୍ଯ୍ୟାନୁଷ୍ଠାନ

# ପାକିସ୍ତାନକୁ ପ୍ରହାର

ନୂଆଦିଲ୍ଲୀ,୨୬।୨(ପି.ଟି.)



ପୁଲୱାମା ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଦେଶବ୍ୟାପୀ ଜନାକ୍ରୋଶ ବଢ଼ିବାରେ ଲାଗିଥିଲା। ସବୁଠି ଲୋକେ କହୁଥିଲେ ପ୍ରତିଶୋଧ ନିଅ। ଜଣକ ବଦଳରେ ୧୦ ମୁଣ୍ଡ ଆଣ। ପାକିସ୍ତାନକୁ ପାନେ ଦିଆଯାଉ। ଶେଷରେ ପୁଲୱାମା ଆକ୍ରମଣର ୧୨ ଦିନ ପରେ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ଠାରୁ ଭାରତ ନେଇଛି ପ୍ରକୃତ ପ୍ରତିଶୋଧ। ସୀମା ସେପଟେ ଭାରତୀୟ ବାୟୁସେନା ନେଇଛି ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ। ପାକିସ୍ତାନର ଆକାଶମାର୍ଗରୁ ବିମାନରୁ ନିକ୍ଷେପ କରିଛି ହଜାରେ କେ.ଜି. ଲେଜର ଗାଇଡେଡ୍ ବୋମା। ଏଥିରେ ଗଡ଼ିଛି ୩୫୦ ଆତଙ୍କବାଦୀଙ୍କ ମୁଣ୍ଡ। ନିକଟ ଅତୀତରେ ଏତେ ବଡ଼ କାର୍ଯ୍ୟାନୁଷ୍ଠାନ କେବେ ନେଇ ନ ଥିଲା ଭାରତ। ଭାରତୀୟ ଯବାନଙ୍କ ଏହି ଅପରେଶନ ପରେ ଛାନିଆଁ ହୋଇଯାଇଛି ପାକିସ୍ତାନ। ଏହାର ପ୍ରତିଶୋଧ ନିଆଯିବ ବୋଲି ଭାରତକୁ ଧମକ ଦେଇଛି ଇସ୍‌ଲାମାବାଦ। ବଡ଼ିଭୋରରେ ଭାରତର ଘନ ଘନ ଆକ୍ରମଣ। ବୋମାମାଡ଼ରେ ଜୈଶ୍ ଗଡ଼ ଧ୍ୱସ୍ତ। ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଅଣ୍ଟା ଭାଙ୍ଗିଦେଇଛି ବାୟୁସେନା। ଆଝାରଙ୍କ ପୁଅ ଅବ୍‌ଦୁଲ୍ଲା ଓ ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଅବ୍‌ଦୁଲ୍ ରଶିଦ୍ ଗାଜି ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟର ଯେଉଁ ଆତଙ୍କବାଦ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିଲେ, ତାହା ଆଜି ମାଟିରେ ମିଶିଯାଇଛି ବୋଲି ଭାରତ ପକ୍ଷରୁ ଦାବି କରାଯାଉଛି।




## ୨୦୦ଘଣ୍ଟାର ଯୋଜନା ହୋଇଥିଲା

**ନୂଆଦିଲ୍ଲୀ,୨୬।୨:**ବାଲାକୋଟ୍ ଆତଙ୍କବାଦୀ ଶିବିରରେ ଆକ୍ରମଣ ପାଇଁ ୨୦୦ ଘଣ୍ଟାର ଯୋଜନା ହୋଇଥିଲା ବୋଲି ସୂଚନା ମିଳିଛି। ଏଥିରେ କୁହାଯାଇଛି, ପୁଲୱାମା ଆତ୍ମଘାତୀ ଆକ୍ରମଣ ପରେ ଭାରତର କୌଣସି ସ୍ଥାନରେ ଆଉ ଏକ ଭୟାନକ ଆକ୍ରମଣ ପାଇଁ ଆତଙ୍କବାଦୀ ଯୋଜନା କରିଥିବା ଆକ୍ରମଣର ଦୁଇଦିନ ପରେ ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ତୁଙ୍ଗ ସରକାରୀ ଅଧିକାରୀ, ସମ୍ପୃକ୍ତ ମନ୍ତ୍ରୀ, ତିନି ସେନା ମୁଖ୍ୟ ଏବଂ ନିରାପତ୍ତା ଉପଦେଷ୍ଟାଙ୍କ ମଧ୍ୟରେ କ୍ରମାଗତ ବୈଠକ ଅନୁଷ୍ଠିତ ହେଉଥିଲା। ତେବେ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ଶିବିର ଉପରେ ଆକାଶମାର୍ଗରୁ ଆକ୍ରମଣ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିରେ ଯୋଗ ଦେଇଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସିଥାରାମନ୍, ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏବଂ ଏୟାର ଚିଫ୍ ମାର୍ଶାଲ ବୀରେନ୍ଦ୍ର ସିଂ ଧନୱା।

■ ଅନ୍ତର୍ଜାତୀୟ ସମୁଦାୟର ପରାମର୍ଶ

## ଭାରତ-ପାକ୍ ସଂଯମ ରୁହନ୍ତୁ

ନୂଆଦିଲ୍ଲୀ,୨୬।୨



ମାଜା କେସିଜିଆନ୍‌ସିସ

ସିଆଲ୍‌କୋଟ ଆତଙ୍କବାଦୀ ଶିବିରରେ ଭାରତୀୟ ବାୟୁସେନା ବୋମା ପକାଇବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଦୁଇଦେଶକୁ ସଂଯମ ରକ୍ଷା ପାଇଁ ଅନ୍ତର୍ଜାତୀୟ ସମୁଦାୟ ପରାମର୍ଶ ଦେଇଛି। ୟୁରୋପୀୟ ସଂଘ ମୁଖପାତ୍ର ମାଜା କେସିଜିଆନ୍‌ସିସ୍ କହିଛନ୍ତି, ଆଗକୁ ଉତ୍ତେଜନା ଏଡ଼ାଇବା ଲାଗି ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ସର୍ବାଧିକ ସଂଯମ ଅବଲମ୍ବନ କରନ୍ତୁ। ଦୁଇ ଦେଶ ସହ ଯୋଗସୂତ୍ରରେ ଆମେ ଅଛୁ। ସେହିପରି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ୍ କହିଛନ୍ତି, ଘଟଣା ସମ୍ପର୍କରେ ଆମେ ଅବଗତ। ଅନ୍ତର୍ଜାତୀୟ ସହଯୋଗ ଜରିଆରେ ଚାଇନାର ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଦକ୍ଷିଣ ଏସିଆର ଦୁଇ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ ସଂଯମ ଅବଲମ୍ବନ କରନ୍ତୁ। ସଂଯମ ରହିଲେ ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ବଜାୟ ରହିବ।



ଭାରତୀୟ ବାୟୁସେନା(ଆଇଏଏଫ୍) ଦୃଢ଼ ନିଶ୍ଚିତ ଓ ନିରନ୍ତର ଉଦ୍ୟମ ବଳରେ ଦେଶବାସୀଙ୍କୁ ସୁରକ୍ଷିତ ରଖିଛି। ଆଇଏଏଫ୍‌ର ପାଇଲଟମାନଙ୍କୁ ସାଲ୍ୟୁଟ। ଜୟ ହିନ୍ଦ୍।

**–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଓ ନିର୍ଣ୍ଣାୟକ ନେତୃତ୍ୱ ଅଧୀନରେ ଦେଶ ସୁରକ୍ଷିତ। ପାକିସ୍ତାନରେ ଆତଙ୍କବାଦୀ ଶିବିରଗୁଡ଼ିକୁ ବାୟୁସେନା ଧ୍ୱଂସ କରିବା ପରେ ଏହା ପ୍ରମାଣିତ ହୋଇଛି। ଆମ ସଶସ୍ତ୍ର ବଳର ପରାକ୍ରମକୁ ସମ୍ମାନ ଜଣାଉଛି।

**– ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



ଆଇଏଏଫ୍‌ର ଅର୍ଥ ହେଉଛି ଇଣ୍ଡିଆଜ୍ ଆମେଜିଂ ଫାଇଟର୍ସ। ଜୟହିନ୍ଦ।

**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ମୋଦି ସରକାର ପୂର୍ବରୁ ସଶସ୍ତ୍ର ବଳକୁ ସ୍ୱାଧୀନତା ଦେଇଥିଲେ ପୁଲୱାମା, ପଠାନ୍‌କୋଟ ଓ ଉରି ଭଳି ଆକ୍ରମଣକୁ ଏଡାଯାଇ ପାରିଥାଆନ୍ତା।

**–ମାୟାବତୀ, ବିଏସ୍‌ପି ସୁପ୍ରିମୋ**



ବାୟୁସେନା ଏକ ମହାନ୍ କାର୍ଯ୍ୟ କରିଛି। ଏଥିରୁ ପାକିସ୍ତାନ ଓ ଆତଙ୍କବାଦୀଙ୍କୁ ଉଚିତ ଜବାବ ପଠାଯାଇଛି। ଏହି ବୀର କାର୍ଯ୍ୟକୁ ମୁଁ ପୂର୍ଣ୍ଣ ସମର୍ଥନ ଜଣାଉଛି।

**–ଅମରିନ୍ଦର ସିଂ,ପଞ୍ଜାବ ମୁଖ୍ୟମନ୍ତ୍ରୀ**



ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରି ବାୟୁସେନା ପାଇଲଟମାନେ ଆମକୁ ଗର୍ବିତ କରିଥିବାରୁ ସେମାନଙ୍କୁ ସମ୍ମାନ ଜଣାଉଛି।

**–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



ଏହା ସମ୍ପୂର୍ଣ୍ଣ ରୂପେ ଏକ ନୂଆ ବଲ୍ ଗେମ୍। ପ୍ରଥମଥର ପାଇଁ ବାୟୁସେନାର ଶକ୍ତିକୁ ବ୍ୟବହାର କରି ପଡ଼ୋଶୀ ଦେଶରେ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି।

**–ଓମାର ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**



ବାୟୁସେନାର କାର୍ଯ୍ୟାନୁଷ୍ଠାନ ଯୋଗୁ ଉଭୟ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦର ଲକ୍ଷ୍ୟ ପୂରଣ ହୋଇଛି।

**–ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା**




ଭାରତୀୟ ବାୟୁସେନା(ଆଇଏଏଫ୍) ଏଲ୍‌ଓସି ଅତିକ୍ରମ କରି ବାଲାକୋଟ୍, ଚକୋଟି ଏବଂ ମୁଜାଫରାବାଦ୍‌ର ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ ହେଉଛି ଆମ ନିଜସ୍ୱ ଅଞ୍ଚଳ, ଯାହାକୁ ପାକ୍ ଅଧିକୃତ କଶ୍ମୀର(ପିଓକେ) କୁହାଯାଉଛି। ତେଣୁ ଜଣେ ନିଜ ଅଞ୍ଚଳରେ ବୋମା ପକାଇପାରେ, ଏଥିରେ କୌଣସି ଭୁଲ୍ ନାହିଁ।

**(ଏଏନ୍‌ଆଇକୁ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ଦେଇଥିବା ମନ୍ତବ୍ୟ)**

## ମୋଦି-ତିନି ସେନା ମୁଖ୍ୟ ମନ୍ତ୍ରଣା

ନୂଆଦିଲ୍ଲୀ,୨୬।୨(ପି.ଟି.)



ସିଆଲକୋଟରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ସେନା ମୁଖ୍ୟଙ୍କ ସହ ସ୍ଥିତି ସମୀକ୍ଷା କରିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ସୀମା ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଅଧଘଣ୍ଟା ଧରି ଚାଲିଥିବା ଏହି ବୈଠକରେ କ'ଣ ଆଲୋଚନା ହୋଇଥିଲା ସେନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ।

## ଦାବିକୁ ପାକିସ୍ତାନୀ ସେନାର ଖଣ୍ଡନ

# ୪ ବୋମା ପକାଇଛି ଭାରତ

ଇସ୍‌ଲମାବାଦ,୨୬।୨(ପି.ଟି.)



### ଉଚିତ ସମୟରେ ଦିଆଯିବ ଠିକଣା ଜବାବ

ଭାରତର ସୀମାପାର କାର୍ଯ୍ୟାନୁଷ୍ଠାନକୁ ମଙ୍ଗଳବାର ପାକିସ୍ତାନ ଖଣ୍ଡନ କରିଛି। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ସିଆଲ୍‌କୋଟରେ ୪ଟି ବୋମା ପକାଇଛି। ଏହି ଅତିକ୍ରମଣର କଡ଼ା ଜବାବ ଦିଆଯିବ ବୋଲି ପାକିସ୍ତାନ ପକ୍ଷରୁ କୁହାଯାଇଛି। ପାକିସ୍ତାନୀ ସେନାର ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର କହିଛନ୍ତି, ଏଲ୍‌ଓସିଠାରୁ ୩-୪ ମାଇଲ୍ ଅତିକ୍ରମ କରି ପାକିସ୍ତାନ ଉପରେ ଆକ୍ରମଣ ପାଇଁ ଭାରତ ଉଦ୍ୟମ କରିଥିଲା। ପାକିସ୍ତାନୀ ବାୟୁସେନା ଏହାକୁ ତୁରନ୍ତ ପ୍ରତିହତ କରିଛି। ଭାରତୀୟ ବାୟୁସେନାର ବିମାନ ଫେରିଯିବାବେଳେ ୪ଟି ବୋମା ନିକ୍ଷେପ କରିଛି। ଏଥିରେ ପାକିସ୍ତାନର କିଛି କ୍ଷୟକ୍ଷତି ହୋଇନାହିଁ କି କେହି ମୃତାହତ ହୋଇନାହାନ୍ତି। ପାକିସ୍ତାନ ସବୁ କ୍ଷେତ୍ରରେ ଏହାର ଜବାବ ଦେବ। ଇସ୍‌ଲାମାବାଦର କୂଟନୈତିକ, ରାଜନୈତିକ ଓ ସାମରିକ ଜବାବରେ ଭାରତ ଚକିତ ହୋଇଯିବ। ସବୁ ପ୍ରକାର ପରିଣତି ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସେନା ଓ ସାଧାରଣ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିବା ଗଫୁର କହିଛନ୍ତି। ସେହିପରି ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି, ପାକିସ୍ତାନର ଆତ୍ମରକ୍ଷା ଅଧିକାର ରହିଛି। ମୁଜାଫରାବାଦ ସେକ୍ଟରରେ ଭାରତ ବୋମା ନିକ୍ଷେପ କରିଥିବାରୁ ଏହାକୁ ଉଚିତ ସମୟରେ ଠିକଣା ଜବାବ ଦିଆଯିବ। ଅନ୍ୟପକ୍ଷରେ ଭାରତର କାର୍ଯ୍ୟାନୁଷ୍ଠାନର କିଛି ସମୟ ପରେ ପାକିସ୍ତାନର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି)ର ଏକ ଜରୁରୀ ବୈଠକ ଇସ୍‌ଲାମାବାଦରେ ବସିଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତର ଦାବିକୁ ଖଣ୍ଡନ କରାଯାଇଛି। ଭାରତ ସରକାର ପୁଣିଥରେ ମିଥ୍ୟା ଦାବି କରିଥିବା ଏଥିରେ କୁହାଯାଇଛି। ତେବେ ଭାରତ ଏଲ୍‌ଓସି ଅତିକ୍ରମ କରିଥିବାରୁ ପାକିସ୍ତାନ ଉଚିତ ସ୍ଥାନ ଓ ସମୟରେ ଏହାର ଜବାବ ଦେବ ବୋଲି ବୈଠକରେ ସହମତି ହୋଇଥିବା କୁହାଯାଇଛି। ଏହାସହ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପାକିସ୍ତାନ ଆମନ୍ତ୍ରଣ କରିଛି। ଭାରତରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ନୂଆଦିଲ୍ଲୀ ସଙ୍କଟ ଆଡକୁ ଟାଣିନେଉଛି ବୋଲି ଇସ୍‌ଲାମାବାଦ ଅଭିଯୋଗ ଆଣିଛି। ଏହାସହ ସେଠାକାର ପାର୍ଲାମେଣ୍ଟର ମିଳିତ ଅଧିବେଶନ ଡାକିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିବା ଏକ ବିବୃତିରେ କୁହାଯାଇଛି। ସ୍ଥିତି ଅନୁଧ୍ୟାନ କରିବା ପାଇଁ ତିନିଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଇମ୍ରାନ୍ ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ରାଉନ୍ସ ପ୍ରିନ୍ସ ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍ ଓ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ଆଲୋଚନା କରିଛନ୍ତି।

## ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୬।୨ (ବ୍ୟୁରୋ):** ଭାରତୀୟ ବାୟୁସେନା ଦ୍ୱାରା ମଙ୍ଗଳବାର ଭୋରରୁ ପାକ୍ ଅଧିକୃତ କଶ୍ମୀର ଏବଂ ଏଲ୍‌ଓସି ଅଞ୍ଚଳରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣକୁ ଓଡ଼ିଶା ସରକାର ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନରେ ଏନେଇ ଟୁଇଟ୍ କରି କହିଛନ୍ତି ଯେ, ପ୍ରତ୍ୟୁଷ ପୂର୍ବରୁ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣକୁ ସାଲ୍ୟୁଟ୍, ଜୟହିନ୍ଦ୍। ସେହିପରି ସନ୍ଧ୍ୟାରେ ବସିଥିବା କ୍ୟାବିନେଟ୍ ବୈଠକରେ ମଧ୍ୟ ବାୟୁସେନାର ବୀରତ୍ୱକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କିତ ଏକ ପ୍ରଶଂସା ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିଲା। ଏହାକୁ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିଲେ।

# ୫୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ



**ସିମୁଳିଆ, ୨୬।୨(ଡି.ଏନ.ଏ.):** ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ପାଇଁ ସରକାର ବିଦ୍ୟାଳୟସ୍ତରରୁ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ତାଲିମ ଦେବାର ବନ୍ଦୋବସ୍ତ କରିଛନ୍ତି। ଗତ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ସିମୁଳିଆ ବ୍ଲକ ଝାଟିଆ ନୋଡ଼ାଲ ବିଦ୍ୟାଳୟର ୫୦ଜଣ ଛାତ୍ରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି। ପ୍ରଧାନଶିକ୍ଷକ ମଗୁ ସିଂଙ୍କ ଅଧକ୍ଷତାରେ ଟ୍ରେନିଂ ଅଫିସର ରୂପେ ଦଶଭୁଜା ନୋଡ଼ାଲ ବିଦ୍ୟାଳୟର ଶିକ୍ଷୟିତ୍ରୀ ତୁଳସୀଲତା ବେହେରା ଓ ଖଜୁରେଶ୍ୱର ନୋଡ଼ାଲ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଭାସିନୀ ପ୍ରଧାନ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି।

# ସରିଲା ରୂପ୍‌ସା ମହୋତ୍ସବ

**ରୂପ୍‌ସା, ୨୬।୨(ଡି.ଏନ.ଏ.)**



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଓ ପୋଡ଼ାଡ଼ିହା ଷ୍ଟାର କ୍ଲବର ସଦସ୍ୟ।

ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳର ସାଂସ୍କୃତିକ ସାରସ୍ୱତ ଓ ବାଣିଜ୍ୟିକ ବିକାଶ ଘଟିଥାଏ। କଳା, ସଂସ୍କୃତିର ପ୍ରସାର ହୁଏ। ଏହା ସାମାଜିକ ସଂହତିକୁ ଦୃଢ଼ୀଭୂତ କରେ ବୋଲି ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟାପକ ଡ. ତପନ କୁମାର ବେହେରା ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସପ୍ତମ ବାର୍ଷିକ ରୂପ୍‌ସା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ମୁଖ୍ୟ ପରାମର୍ଶଦାତା ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟସାଇ ଗ୍ରୁପ୍ ଅଫ୍ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ବେଣୁମାଧବ ପଣ୍ଡା ଓ ସମ୍ମାନନୀୟ ଅତିଥି ଭାବେ ବାଲିଆପାଳ ବ୍ଲକ ଚେୟାରମ୍ୟାନ୍ ବିଜନ ନାୟକ ଯୋଗଦେଇ ମହୋତ୍ସବ ସମ୍ପର୍କରେ ସେତୁ ବନ୍ଧ ବୋଲି ବକ୍ତବ୍ୟରେ କହିଥିଲେ। ଏବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ବେଦପାଠ କରିଥିଲେ। ବୀଣାପାଣି ଶିଶୁ ମନ୍ଦିରର ଛାତ୍ରୀ ଆବାହନୀ ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବ କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭୋଗରାଇ ମେଲୋଡ଼ି କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ଆସର ଜମିଥିଲା। ଓଡ଼ିଆ ଧାରାବାହିକ ଅଭିନେତ୍ରୀ ରାଧା ଓ ଅଭିନେତା ସୁରେନ୍ଦଙ୍କ ସଂଳାପ, ନୃତ୍ୟକୁ ଦର୍ଶକମାନେ ମନୋଭରି ଉପଭୋଗ କରିଥିଲେ। ମହୋତ୍ସବ କମିଟି ଓ ଷ୍ଟାର କ୍ଲବର ସମସ୍ତ କର୍ମକର୍ତ୍ତା ୬ଦିନ ବ୍ୟାପୀ ଏହି ମହୋତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ।

# ପତିରାଜପୁର ମେଳା ଲାଗି ପ୍ରସ୍ତୁତି ଆରମ୍ଭ

**ଖଇରା, ୨୬।୨(ଡି.ଏନ.ଏ.):** ଖଇରା ବ୍ଲକର ଐତିହ୍ୟପୂର୍ଣ୍ଣ ପତିରାଜପୁର ଦୋଳ ମେଳଣର ପ୍ରସ୍ତୁତି ପାଇଁ ଏକ ବୈଠକ ପିତାମ୍ବର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପାରମ୍ପରିକ ବାଦ୍ୟ ମଣ୍ଡପ ଭିତରକୁ ପ୍ରବେଶ ପାଇଁ ସ୍ଥିର କରାଯାଇଛି। ସାଧାରଣ ସମ୍ପାଦକ ଭରତଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ପାଣି,, ବରିଷ୍ଠ ସଭ୍ୟ ଭିକ୍ଷାଚରଣ ନାୟକ, ଗୋଲକ ପ୍ରସାଦ ସାମଲ, କ୍ଷେତ୍ର ମୋହନ ଖଟୁଆ, ବଳରାମ ପଣ୍ଡା, ବାଳକୃଷ୍ଣ ଦାଶ, ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଶହୀଦଙ୍କ ଉଦ୍ଦେଶ୍ୟରେ ମହିଳାଙ୍କ ଦୀପ ଦାନ।

# ଅସହାୟ ମହିଳାଙ୍କୁ ନାରୀସଂଘରେ ଥଇଥାନ

**ବାଲେଶ୍ୱର ଅଫିସ, ୨୬।୨:** ବାଲେଶ୍ୱର ସହରରେ ଜଣେ ଅସହାୟ ମହିଳାଙ୍କୁ ମଙ୍ଗଳବାର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ତାଙ୍କର ପରିଚୟ ମିଳିନି। ଦବଙ୍ଗ ଦିବ୍ୟାଙ୍ଗ ଅନୁଷ୍ଠାନର ସଭାପତି ରାଜେଶ ଠାକର ସୋମବାର ଉକ୍ତ ମହିଳାଙ୍କୁ ସହଦେବଖୁଣ୍ଟା ସ୍ଥିତ ବସ୍‌ଷ୍ଟାଣ୍ଡରେ ବୁଲୁଥିବାର ଦେଖି ଜିଲାପାଳଙ୍କୁ ସୂଚନା ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଉକ୍ତ ମହିଳାଙ୍କୁ ଠାବ କରାଯାଇ ନାରୀସଂଘରେ ରଖାଯାଇଛି। ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରିଜୱାନା କାୱକବ୍ କହିଛନ୍ତି ଯେ, ସେ ଅନ୍ତଃସତ୍ତ୍ୱା ଥିବା ସନ୍ଦେହ କରାଯାଉଥିବାରୁ ବୁଧବାର ତାଙ୍କର ଡାକ୍ତରୀ ପରୀକ୍ଷା କରାଯିବ। ରିପୋର୍ଟ ମିଳିଲେ ସମସ୍ତ ସହଯୋଗ କରାଯିବ।

# ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ବାହାନଗା, ୨୬।୨(ଡି.ଏନ.ଏ.)**

ଖନ୍ତାପଡ଼ା ଥାନା ରେମୁଣା ବ୍ଲକ ଲବଣ ତୀର୍ଥମଣ୍ଡଳର ମହାରାଜପୁର ପଞ୍ଚାୟତର ବୋଇତା ଗ୍ରାମର ମହିଳାଙ୍କ ଦ୍ୱାରା ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଗ୍ରାମର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପୁଲଓ୍ୱାମାରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୩୦ରୁ ଉର୍ଦ୍ଧ୍ୱ ମହିଳା ପଦ୍ମସଦୃଶ ଆକୃତି ମା' ମଙ୍ଗଳା ମନ୍ଦିରରେ ଦୀପଦାନ କରିଥିଲେ।

ଏହି ଦୀପଦାନର ନେତୃତ୍ୱ ନେଇଥିଲେ ସ୍ଥାନୀୟ ସରପଞ୍ଚ ସୁହାସିନୀ ଲେଙ୍କା। ଏଥିରେ ଲିଳାଶ୍ରୀ ରାଉତ, ତିଳୋତ୍ତମା ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ରାଉତ, ଇତିଶ୍ରୀ ମଦୁଲି, ଅହଲ୍ୟା ବେହେରା, ପ୍ରଭାତି ବାରିକ୍ ପ୍ରମୁଖ ଯୋଗଦେଇ ଦୀପଦାନ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

DSPL-456
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
ODISHA ONE
ସ୍ୱାଧୀନତା ସଂଗ୍ରାମୀ ଜନଜାତି ମହାନାୟକ ଚକରା ବିଶୋଇ
ଆବିର୍ଭାବ : ଶାମ୍ବଦଶମୀ ୧୮୨୩
ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ
ସ୍ଥାନ : ଭଞ୍ଜନଗର, ବାଇପାସ ଛକ, ଗଞ୍ଜାମ
ତାରିଖ - ୨୭.୦୨.୨୦୧୯, ସମୟ - ସନ୍ଧ୍ୟା ୭.୦୦ ଘଟିକା
ଉଦ୍‌ଘାଟକ
ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ
ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଏବଂ ସାଧାରଣ ଉଦ୍ୟୋଗ ବିଭାଗ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ
ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ
ଶ୍ରୀମତୀ ସଂଘମିତ୍ରା ଶତପଥୀ
ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
03001/13/0072/1819

DSPL-457
ଓଡ଼ିଶା ସରକାର
ODISHA ONE
ଓଡ଼ିଶା ଆମ ଗୌରବ
ନୟାଗଡ଼ ଜିଲ୍ଲାର ବିକାଶ ପ୍ରକ୍ରିୟାରେ
ଆଉ ଏକ ବଳିଷ୍ଠ ଯୋଗଦାନ।
ଲାଠିପଡ଼ା ଏବଂ ମାଛିପଡ଼ା ଠାରେ ଲୋକାର୍ପିତ ହେବ ବହୁଦିନର ଆକାଂକ୍ଷିତ ୩୩/ ୧୧ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ୍
ମାନ୍ୟବର ସାଂସଦ, ପୁରୀ ଶ୍ରୀଯୁକ୍ତ ପିନାକୀ ମିଶ୍ରଙ୍କ କରକମଳରେ ଯଥାକ୍ରମେ
ତା.୨୭.୨.୨୦୧୯ ଏବଂ ତା.୨୮.୨.୨୦୧୯ ରିଖରେ
ମୁଖ୍ୟ ଅତିଥି
ଡ. ଅରୁଣ କୁମାର ସାହୁ
ମାନ୍ୟବର ବିଧାୟକ, ନୟାଗଡ଼
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଜନସାଧାରଣଙ୍କୁ ଅନୁରୋଧ।
04001/13/0014/1819





ଜିଲାସ୍ତରୀୟ ଜନଜାତି ସମାବେଶ

# ୯ କୋଟି ୫୮ ଲକ୍ଷ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ ଓ ଆଦିବାସୀ ପ୍ରତିନିଧିମାନେ।

**ବାରିପଦା ଅଫିସ,୨୬।୨**

ମୟୂରଭଞ୍ଜ ଜିଲା ବାରିପଦା ସହର ସହିଦ ସ୍ମୃତି ଭବନ ଠାରେ ମଙ୍ଗଳବାର ଜିଲା ସ୍ତରୀୟ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡିଙ୍କ ଅଧ୍ୟକ୍ଷତା ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଜିଲାପାଳ ବିନିତ ଭରଦ୍ୱାଜ ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ବିଜୟ ନାୟକ, ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ବଡସାହି ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖଙ୍କ ସମେତ ଜିଲାର ଆଗଧାଡିର ଆଦିବାସୀ ପ୍ରିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଆଦିବାସୀ ପ୍ରତିନିଧୀ ରୋହିଦାସ ସିଂ ମୁଣ୍ଡାଙ୍କ ସହିତ କଥା ହୋଇଥିଲେ। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ତଥା ବଣ ପାହାଡ ଘେରା ଜିଲାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଉନ୍ନତି ପାଇଁ ଉନ୍ନୟନ ପରିଷଦ ଗଠନ କରି ଜିଲାକୁ ବିକାଶଭୁମିଖି କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସମସ୍ତ ଆଦିବାସୀ ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ୧ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୩୯ ଗୋଟି ଜନ ଜାତି ହାଟ, ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୫୬ ଗୋଟି ସାଂସ୍କୃତିକ ଗୃହ ଏବଂ ୪ କୋଟି ୮୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ୧୬୧ ଗୋଟି ଦେବ ସ୍ଥଳର ସୁରକ୍ଷା ଓ ଉନ୍ନୟନ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।

# ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ଆଲୋଚନା

**ବଡସାହି, ୨୬।୨(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ହାଇସ୍କୁଲ ପରିସରରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ବିଡାନାସୀର ବ୍ରହ୍ମଚାରୀ ସତ୍ୟଚୈତନ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସାକ୍ଷର ହେବା ଅପେକ୍ଷା ଶିକ୍ଷିତ ହେବା ଗୁରୁତ୍ୱପୂର୍ଣ୍ଣ । ଗୁରୁଜୀ ଓ ମାତାପିତାଙ୍କୁ ସମ୍ମାନ ଦେବା ସହିତ ପ୍ରତିଦିନ ଯୋଗାଭ୍ୟାସ, ପାଠ୍ୟ ପ୍ରସ୍ତୁତି ଓ ବିଭିନ୍ନ ମହାପୁରୁଷଙ୍କ ପାଠ୍ୟ ପୁସ୍ତକ ପଢିବାକୁ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଛନ୍ତି।


## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245

1325-B

**INVITATIONS FOR BIDS (IFB)**

File No-B-IV-H-ALMC-08/2018 Lr. No.-10089 / Bhubaneswar, the 23rd Feb. 2019

**Invitation for Bids**

**Bid Identification No. CE (B) – 52 / 2018-19**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 07 Nos. |
| 4. | Bid Cost | : | Rs. 10,000/- (each) |
| 5. | Class of Contractor | : | Super Class/Special Class (As applicable) |
| 6. | Availability of Bid Documents in the website | : | From dt.12.03.2019 to 17.00 Hours of dt.02.04.2019 |
| 7. | Date of Opening of Bid | : | Dt. 04.04.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

*Sd./- Chief Engineer (Buildings), Odisha, Bhubaneswar*

34117/11/0218/1819

## OFFICE OF THE EXECUTIVE ENGINEER RWS & S DIVISION, BARGARH

**Email :- eerwss_bgh@.nic.in, Ph (O):- 06646 233220, FAX :- 06646 234626**

**No. 729 /** **Dt. 22.02.2019**

**TENDER CALL NOTICE**

**No.1816-O:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'D' or 'C' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the work as per terms and condition noted below.

| | | | |
|---|---|---|---|
| 1. | Name of the work | : | Construction of RCC intake well & Laying of Infitration Gallery for RPWS to village Haladipali under Bargarh Block & Construction of Open Well for RPWS to village Rengali under Attabira Block. |
| 2. | Approx. Estimated cost | : | Varies from Rs. 15.25 to Rs. 16.79 lakhs. |
| 3. | Last Date and time of sale & receipt of tender paper | : | Dt 01.03.2019 up to 5.00 P.M |
| 4. | Date & time of Opening of Tender | : | Dt 02.03.2019 at 11.00 A.M. |
| 5. | Cost of tender paper | : | Rs 6000.00 |
| 6. | Place of availability & receipt of tender documents | : | Office of the Executive Engineer, RWS&S Division, Bargarh. |

Further details can be seen in the bidding document.
The authority reserves the right to reject any or all the tenders without assigning any reason thereof.

**Executive Engineer, RWS&S Division, Bargarh**

**25157/11/0045/1819**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**E-mail- dmosng@rediffmail.com,**
**Phone No.06622-272386**

**Notice No.254 /NVBDCP/SNG** **Dt.23.02.2019**

**SHORT TENDER CALL NOTICE**

No.927-E:- Sealed Tenders are invited from registered Manufacturers / Authorized Distributors / Suppliers through Speed Post / Registered Post / Courier for supply of **"Binocular Microscope, Microscope with LCD screen & Stirrup Pump for NVBDCP"** for the year' 2018-19. The sealed tenders of willing reputed supplier / whole sellers / Manufacturers are to be reached to the office of the undersigned on or before 02.03.2019 till 5.00 PM. The Technical bid and Price bid will be opened on date 06.03.2019 at 11.00 AM. in the office chamber of the undersigned and the bidders or their representatives are requested to remain present in the scheduled date and time. Separate tender documents can be downloaded from the website **www.sundergarh.nic.in**

**Chief District Medical & Public Health Officer, Sundargarh**

10100/11/0085/1819

## GOVERNMENT OF ODISHA OFFICE OF THE SUPERINTENDING ENGINEER, PUBLIC HEALTH CIRCLE, SAMBALPUR, ODISHA

No.512-C:-

**E-mail id:- sephsbp@yahoo.in**

**NATIONAL COMPETITIVE BIDDING THROUGH e-Procurement**
**Bid Identification No. SEPHSBP- 03/2018-19 Dt.21.02.2019**

| | | | |
|---|---|---|---|
| 01 | Number of Work | : | 2 nos. |
| 02 | Type of Bid | : | Two Bid system |
| 03 | Estimated Cost | : | Rs.220.54 Lakhs and Rs.104.26 lakh |
| 04 | Period of Completion | : | 6 (Six Calendar Months) each |
| 05 | Class of Contractor | : | Class 'B' / Class 'A' |
| 06 | Date & Time of availability of bid document in the portal | : | From 11.00 Hrs. of dt.28.02.2019 to 17.00 Hrs. of 14.03.2019 |
| 07 | Last date / time of seeking clarification | : | 17.00 Hrs. of 07.03.2019 |
| 08 | : Last date / time of receipt of bids in the portal | : | 17.00 Hrs of 14.03.2019 |
| 09 | Date & Time of opening of Technical bids | : | At 11.00 Hrs. of 16.03.2019 |
| 10 | Name and Address of the Officer Inviting Bid | : | Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur,-768001. |

Further details can be seen from the e-Procurement portal **"http://www.tendersorissa.gov.in"**

**Sd./- Superintending Engineer P.H. Circle, Sambalpur**

13018/11/0004/1819



## ସଂକ୍ଷେପରେ

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପଦ୍ମପୁର, ୨୬।୨(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଦେଇ ପ୍ରବାହିତ ଧଳାନଦୀରୁ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଧଳାନଦୀରେ ମଙ୍ଗଳବାର ସକାଳ ୧୧ଟା ବେଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ନଦୀପଠାରୁ ମୃତ ବ୍ୟକ୍ତିଙ୍କ ଚପଲ ଓ ଏକ ଡ୍ରାଇଭିଂ ଲାଇସେନ୍ସ ଓ ମୋବାଇଲ ମିଳିଛି। ପୋଲିସ ଘଟଣାର ତଦନ୍ତ କରୁଛି।

ଭଦ୍ରକ -ଚାନ୍ଦବାଲି ବସ୍ ଚଳାଚଳ ବନ୍ଦ

### ଆଲୋଚନା ପରେ ଧର୍ମଘଟ ପ୍ରତ୍ୟାହୃତ

ଭଦ୍ରକ ଅଫିସ,୨୬।୨: ମଙ୍ଗଳବାର ଭଦ୍ରକ ବସ୍ ସିଣ୍ଡିକେଟ ତରଫରୁ ଭଦ୍ରକ-ଚାନ୍ଦବାଲି ବସ୍ ଚଳାଚଳ ବନ୍ଦ କରାଯାଇ ପ୍ରତିବାଦ କରାଯାଇଥିଲା। ପାଳିଆ କଲେଜ ଛାତ୍ରୀମାନଙ୍କର ଦୌରାତ୍ମ୍ୟ ତଥା ବସ୍ କର୍ମଚାରୀ ମାନଙ୍କ ଉପରେ ଦୁର୍ବ୍ୟବହାର ଓ ଅକଥନୀୟ ଅତ୍ୟାଚାରର ପ୍ରତିବାଦ କରି ଏହି ପ୍ରତୀକ ପ୍ରତିବାଦ କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଭଦ୍ରକ ଜିଲା ପରିବହନ ଅଧିକାରୀ ତଥା ମୋଟରଯାନ ଅଧିକାରୀଙ୍କ ଆହ୍ୱାନ କ୍ରମେ ବସ୍ ସିଣ୍ଡିକେଟ୍ ର କର୍ମକର୍ତ୍ତା ଓ ସମସ୍ତ ମାଲିକଙ୍କ ଉପସ୍ଥିତିରେ ଏକ ଆଲୋଚନା କରାଯାଇ ଧର୍ମଘଟ ପ୍ରତ୍ୟାହୃତ କରାଯାଇଛି। ଆଲୋଚନାରେ ଜିଲାପାଳ ସମ୍ପୃକ୍ତ ମହାବିଦ୍ୟାଳୟର ଅଧକ୍ଷ ଓ ଅଭିଯୋଗକାରୀ ଛାତ୍ରୀମାନଙ୍କ ଅଭିଭାବକ ମାନଙ୍କ ସହ ଆସନ୍ତା ମାର୍ଚ୍ଚ ୨ ତାରିଖରେ ଜିଲାପାଳଙ୍କ ପ୍ରକୋଷ୍ଠର ଉପସ୍ଥିତ ରହି ସମାଧାନର ପନ୍ଥା ସ୍ଥିର ହେବା ପରେ ଧର୍ମଘଟ ପ୍ରତ୍ୟାହୃତ କରାଯାଇଥିବା ବସ୍ ସିଣ୍ଡିକେଟ୍ ଉପସଭାପତି ଶ୍ରୀନିବାସ ପତି ସୂଚନା ଦେଇଛନ୍ତି।

### ୩୮୦ ଜଣଙ୍କୁ ମୋବାଇଲ ବଣ୍ଟନ

ଭଣ୍ଡାରିପୋଖରୀ, ୨୬।୨(ଡି.ଏନ.ଏ.): ବିଜୁ ଯୁବ ବାହିନୀ ସଦସ୍ୟମାନଙ୍କୁ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହ ଠାରେ ମଙ୍ଗଳବାର ମୋବାଇଲ ଫୋନ ପ୍ରଦାନ କରାଯାଇଛି। ଅନୁଷ୍ଠିତ ଉତ୍ସବରେ ବିଡିଓ ବନମାଳୀ ତରାଇ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ, ଗଗନ ବିହାରୀ ସେଠୀ ପ୍ରମୁଖ ଯୋଗ ଦେଇ ଯୁବ ବାହିନୀ ସଦସ୍ୟମାନଙ୍କୁ ମୋବାଇଲ ଫୋନ ପ୍ରଦାନ କରିଥିଲେ। ଭଣ୍ଡାରିପୋଖରୀ ବ୍ଲକର ୨୩ଟି ପଞ୍ଚାୟତର ବିଜୁ ଯୁବ ବାହିନୀର ୧୫୯୨ ଜଣଙ୍କୁ ମୋବାଇଲ ଫୋନ ପ୍ରଦାନ ପାଇଁ ରହିଥିବା ବେଳେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୩୮୦ ଜଣଙ୍କୁ ପ୍ରଦାନ କରାଯାଇଥିବା ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଆଲୋକ ଦାସ ପ୍ରକାଶ କରିଛନ୍ତି।

### ୪୫ କୃତୀ ପ୍ରତିଭା ସମ୍ବର୍ଦ୍ଧିତ



ପଦ୍ମପୁର, ୨୬।୨(ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସ ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସରପଞ୍ଚ ବନମାଳୀ ବାରିକ ସଭାପତିତ୍ୱ କରିଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ମାନସ କୁମାର ସାହୁ ଅନ୍ୟତମ ଅତିଥି ଭାବେ, ବାଲିମେଦ ସରପଞ୍ଚ ପ୍ରଫୁଲ କୁମାର ପଳିତା, ଯୁବ ବାହିନୀ ସଭାପତି ପବିତ୍ର ପାଣିଗ୍ରାହୀ, ସମ୍ପାଦକ ରମାକାନ୍ତ ବାରିକ, ଜିଲା ପରିଷଦ ସଭ୍ୟାଙ୍କର ପ୍ରତିନିଧି ଭାଗିରଥି ବଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଯୋଗ ଦେଇଥିବା ଅତିଥି ମାନେ ଯୁବ ଶକ୍ତିର ବିକାଶରେ ଦେଶର ବିକାଶ ହୋଇପାରିବ ବୋଲି ମତ ରଖିଥଲେ। ଶେଷରେ ୪୫ ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜମି ଅଛି, ହେଉନି ଜଳସେଚନ

ତିହିଡି, ୨୬।୨(ଡି.ଏନ.ଏ.)



ପୋତି ହୋଇପଡିଥିବା ଦଶମୌଜା କେନାଲ।

- ପୋତି ହୋଇପଡିଲାଣି ଦଶମୌଜା କେନାଲ
- ୬୦ ଉଠା ଜଳସେଚନ ପଏଣ୍ଟ ଅଚଳ
- ରବି ଚାଷ ପ୍ରତି କମୁଛି ଆଗ୍ରହ

ଚାଷ ପ୍ରତି ସରକାରୀ ସ୍ତରରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ଆର୍ଥିକ ବିକାଶ ପାଇଁ ଚିନ୍ତା କରାଯାଉଛି। ମାତ୍ର ଚାଷରେ ଜଳସେଚନ ପରି ମୌଳିକ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଚାଷର ଭିତ୍ତିଭୂମି ସୁଦୃଢ ହୋଇପାରୁନାହିଁ। ଯାହା ପାଇଁ ଚାଷୀମାନେ ଚାଷ ପ୍ରତି ବିମୁଖ ହୋଇଉଠୁଛନ୍ତି। ଭଦ୍ରକ ଜିଲା ତିହିଡି ବ୍ଲକରେ ଜଳସେଚନ ସମସ୍ୟା ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ବ୍ଲକରେ ମୋଟ ୨୨,୬୮୩ ହେକ୍ଟର ଜମିରୁ ୧୬,୮୮୭ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇନପାରିବା ପରିତାପର ବିଷୟ ହୋଇଛି। ଏପରିକି ବ୍ଲକର ୧୦ଟି ପଞ୍ଚାୟତର ଚାଷଜମିକୁ ଜଳସେଚନ ପାଇଁ ଉଦ୍ଦିଷ୍ଟ ଥିବା ଦଶମୌଜା କେନାଲ ପୋତି ହୋଇପଡିଥିବାରୁ ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

ବ୍ଲକର ମୋଟ ଜମି ମଧ୍ୟରୁ ୨୦,୭୧୧ ହେକ୍ଟର ଜମିରେ ଧାନଚାଷ କରାଯାଇଥାଏ। ଅବଶିଷ୍ଟ ୧୯୭୨ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥାଏ। ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୫ ପଞ୍ଚାୟତ ଲୁଣା ଅଞ୍ଚଳ ଅଟେ। ଏହି ଲୁଣା ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାନ୍ତି। ତନ୍ମଧ୍ୟରୁ ୫ଟି ପଞ୍ଚାୟତ ନଦୀକୂଳରେ ଅବସ୍ଥିତ ଥିବାରୁ ଚାଷୀ ମାନେ ନଦୀ ପାଣିକୁ ମଧ୍ୟ ଚାଷରେ ବିନିଯୋଗ କରିଥାନ୍ତି। ମାତ୍ର ନଦୀକୂଳରେ ଉଠାଜଳସେଚନର ବ୍ୟବସ୍ଥା ନ ଥିବାରୁ ସବୁ ଜମି ଜଳସେଚିତ ହେବା ସମ୍ଭବ ହୋଇନଥାଏ। ସାଳନ୍ଦୀ ନଦୀ ପାଇଁ ୨ ହଜାର ହେକ୍ଟର, ଉଠା ଜଳସେଚନ ପାଇଁ ୧୫୦୧ ହେକ୍ଟର, ନାଳ ପାଇଁ ୮୫୦ ଓ ଅନ୍ୟାନ୍ୟ ଭାବେ ୯୫୦ ହେକ୍ଟର ଜମି ଜଳସେଚିତ ହୋଇଥାଏ। ବ୍ଲକର ମୋଟ ଜମି ମଧ୍ୟରୁ ମାତ୍ର ଏକ ଚତୁର୍ଥାଂଶ ଜମି ଜଳସେଚିତ ହେବା ଦୁର୍ଭାଗ୍ୟର ବିଷୟ। ଅପରପକ୍ଷେ ୯୧ଟି ଉଠା ଜଳସେଚନ ପଏଣ୍ଟ ଥିଲେ ମଧ୍ୟ ତନ୍ମଧ୍ୟରୁ ୬୦ଟି ଅଚଳ ହୋଇପଡିଛି। ଅଚଳ ପଏଣ୍ଟକୁ ସଚଳ କରିବା ଦିଗରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ବ୍ଲକର ୭,୪୮୬ ହେକ୍ଟର ଜମିରେ ରବି ଚାଷ ହୋଇଥାଏ। ଚାଷୀ ମାନେ ପନିପରିବା ସହିତ ସୂର୍ଯ୍ୟମୁଖୀ, ମୁଗ, ବିରି ଇତ୍ୟାଦି ଚାଷ କରିଥାନ୍ତି। ମାତ୍ର ସେହି ଜମି ମଧ୍ୟରୁ ୧୬୯୦ ହେକ୍ଟର ଜମି ଅଣଜଳସେଚିତ ହୋଇଥିବାରୁ ଏହା ମଧ୍ୟ ଚାଷ ପାଇଁ ସମସ୍ୟା ସୃଷ୍ଟି କରିଛି। ବ୍ଲକର ଦୋଳସାହି, ଗୁଆମାଳ, ତାଳପଦା, ମୁକୁନ୍ଦପୁର, ଅଚକ, ଭାଟପଡା, ଫତେପୁର, କୋହ୍ଲ, ସିନ୍ଦୋଳ ଇତ୍ୟାଦି ପଞ୍ଚାୟତର ଚାଷ ଜମି ଦଶମୌଜା କେନାଲ ପାଇଁ ଜଳସେଚିତ ହୋଇଥାଏ। କେନାଲ ୧୦ ବର୍ଷ ପୂର୍ବେ ସଂସ୍କାର କରାଯାଇଥିଲା। ତେବେ ଠିକ୍‌ରୁପେ ସଂସ୍କାର କରାନଯିବା, ଆଡିବନ୍ଧ ମଜଭୁତ କରାନଯିବା ଯୋଗୁ କେନାଲଟି ପୋତି ହୋଇପଡିଲାଣି। ଖରିଫ ଋତୁରେ ଧାନଚାଷ ସମୟରେ ମରୁଡି ପରିସ୍ଥିତି ଉପୁଜିଲେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ନାମକୁ ମାତ୍ର ଦଳ ସଫା କରାଯାଇଥାଏ। କେନାଲ ପାର୍ଶ୍ୱବର୍ତ୍ତୀ ଜମିକୁ ବାଦ୍ ଦେଲେ ଦୂରଜମିରେ ପାଣି ପହଞ୍ଚିବା ସମ୍ଭବ ହୋଇନଥାଏ। ଜଳସେଚନର ଅବ୍ୟବସ୍ଥା ଯୋଗୁ ଚାଷୀମାନେ ରବି ଚାଷ ଓ ଧାନଚାଷ ପ୍ରତି ବିମୁଖ ହୋଇପଡିଥିବା ବଡଗାଲୋ ଗ୍ରାମର ସାମାଜିକ କର୍ମୀ ଖଗେଶ୍ୱର ବେହୁରା ମତ ଦେଇଛନ୍ତ। ଆମ୍ବାର ଅଧକ୍ଷ ଉତ୍ତମ କୁମାର ମହାପାତ୍ର କହନ୍ତି ଦଶମୌଜା କେନାଲ ସଂସ୍କାର ସହିତ ଅଧିକ ଉଠା ଜଳସେଚନର ବ୍ୟବସ୍ଥା କରାଗଲେ ଚାଷୀମାନେ ଉପକୃତ ହୋଇପାରନ୍ତେ। ବ୍ଲକ ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର କହନ୍ତି ଜଳସେଚନ ପାଇଁ ରବିଚାଷରେ ମଧ୍ୟ ଅଗ୍ରଗତି ଘଟୁନାହିଁ। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଦୃଢ଼ ଇଚ୍ଛାଶକ୍ତି ଦେଇଛି ପରିଚୟ

ବନ୍ତ, ୨୬।୨(ସ୍ୱ.ପ୍ର.)



ମାନସ ରଞ୍ଜନ ସାହୁ।

ବୟସ ମାତ୍ର ୨୨। ପାଠ ପଢା ସାଙ୍ଗକୁ ସିନେ ଜଗତରେ ଅଭିନୟ କରି କଳାକାର ଭାବେ ପ୍ରତିଷ୍ଠିତ ହେବାକୁ ଅଦମ୍ୟ ଚେଷ୍ଟା ଜାରି ରଖିଛନ୍ତି। ନିଜର ସମସ୍ତ ବୁଦ୍ଧି କୌଶଳ ଖଟାଇ ଜଣେ କଳାକାର ବା ଅଭିନେତା ହେବାର ନିଶା ତାଙ୍କୁ ପାଗଳ କରିଦେଇଛି। ସେଥିଲାଗି ଗାଁ ଛାଡି ଭୁବନେଶ୍ୱରରେ ସେ ରହୁଛନ୍ତି। ଏମିତି ଜଣେ ମତୁଆଲା ଯୁବକ ହେଉଛନ୍ତି ମାନସ। ଦୃଢ ଇଚ୍ଛା ଶକ୍ତି ତାଙ୍କୁ ପରିଚୟ ଦେଇଥିବା ସେ କହିଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦି ଗ୍ରାମର ପଦ୍ମନାଭ ସାହୁ ଓ ଜ୍ୟୋସ୍ନାରାଣୀଙ୍କ ସାନପୁଅ ହେଉଛନ୍ତି ମାନସ। ୨୦୧୩ ରେ ମାଟ୍ରିକ ପାଶ୍ କରିବା ପରେ ଭୁବନେଶ୍ୱରରେ ଯୁକ୍ତ ୨ ସାଙ୍ଗକୁ ହୋଟେଲ ମ୍ୟାନେଜମେଣ୍ଟ ଓ ପରେ ମାଡ୍ରାସ ଇନଷ୍ଟିଚ୍ୟୁଟରେ ଅଭିନୟରେ ଡିପ୍ଲୋମା କୋର୍ସ ୨୦୧୮ରେ ସମ୍ପୂର୍ଣ୍ଣ କରିଛନ୍ତି। ଜଣେ ସମ୍ପର୍କୀୟା ମାଉସୀଙ୍କ ପ୍ରେରଣାରେ ସିନେ ଜଗତରେ ପ୍ରବେଶ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା ବୋଲି କହିଛନ୍ତି ମାନସ। ୨୦୧୮ ରେ ଫୁଲ୍ ଗଡବଡ, ଲୋକାଲ ଟୋକା ଲଭ୍ ଚୋଖା ଧାରାବାହିକ (ଟେଲି)ରେ ଅଭିନୟ କରି ସଫଳ ହେବା ପରେ ଅଶୋକ ପତିଙ୍କ ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର ଅଜବ ସଞ୍ଜୁର ଗଜବ ଲଭରେ ତାଙ୍କୁ ସୁଯୋଗ ମିଳିଛି। ଏହା ଛଡା ଯାତ୍ରା ରଙ୍ଗ ମଞ୍ଚରେ ଅଭିନୟ ଓ ନୃତ୍ୟ ପରିବେଷଣ କରି ନିଜର ପରିଚୟ ସୃଷ୍ଟି କରିପାରିଥିବା କହିଛନ୍ତି। ଏହା ବ୍ୟତୀତ ତାଙ୍କୁ ସମାଜ ସେବାରେ ଆନନ୍ଦ ମିଳିଥାଏ ବୋଲି ସେ କହିଛନ୍ତି। ଆଗକୁ ଆହୁରି କଷ୍ଟ କରି ଜଣେ ଭଲ ଅଭିନେତା ହୋଇ ଦର୍ଶକଙ୍କ ହୃଦୟରେ ରାଜ କରିବେ ବୋଲି ସେ କହିଛନ୍ତି।

# ପୋଖରୀ ଜମି ଜବରଦଖଲ ବିବାଦ, ୨ ଗିରଫ

ଧାମନଗର,୨୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତ ବେଲମଳା ସ୍ଥିତ ପ୍ରଶିଦ୍ଧ ଐତିହାସିକ ସେନାପତିଆ ପୋଖରୀ ଜମିକୁ ନେଇ ବିବାଦ ଉଗ୍ର ରୂପ ନେଇଥିବାବେଳେ ଚାପା ଉତ୍ତେଜନା ଲାଗିରହିଛି । ସୋମବାର ଜବରଦଖଲକାରୀ ଏବଂ ବିରୋଧ କରୁଥିବା ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ପୋଡାଜଳା ହେବା ସହିତ ଦୁଇ ଆହତ ହେବା ପରେ ଧାମନଗର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗରେ ଦୁଇଟି ମାମଲା ରୁଜୁ ହୋଇଛି। ଗୁରୁତର ହୋଇଥିବା ପିତବାସ ସ୍ୱାଇଁଙ୍କ ସ୍ତ୍ରୀ ଶଶୀ ପାତ୍ରଙ୍କ ଅଭିଯୋଗରେ ପୋଲିସ ବିଚିତ୍ର ସ୍ୱାଇଁଙ୍କୁ ଗିରଫ କରିଛି । ଅପରପକ୍ଷେ ବିଚିତ୍ର ସ୍ୱାଇଁଙ୍କ ସ୍ତ୍ରୀ ସାଗରିକା ରାଉତଙ୍କ ଅଭିଯୋଗ ଅନୁସାରେ ପୋଲିସ ବିକାଶ ପାତ୍ରଙ୍କୁ ଗିରଫ କରିଛି। ଥାନାରେ ଦୁଇ ପୃଥକ ମାମଲା (ନଂ.୨୯/୧୯) (ନଂ.୩୦/୧୯) ରୁଜୁ ହୋଇଛି। ମଙ୍ଗଳବାର ମଧ୍ୟ ସେନାପତିଆ ପୋଖରୀ ନିକଟରେ ପୋଲିସ ମୁତୟନ ରହିଛି। ସୂଚନା ଥାଉକି ଐତିହାସିକ ସେନାପତିଆ ପୋଖରୀ ଜମିକୁ ଜବର ଦଖଲ ସହିତ ଜାଲିଆତି ଭାବେ ପଟ୍ଟାକରାଯାଇଥିବା ନେଇ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅସନ୍ତୋଷ ଲାଗିରହିଥିବା ଠାରୁ ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଏବେ ପୋଖରୀ ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟୟ ମଞ୍ଜୁର ସହିତ ଖନନ କାର୍ଯ୍ୟ ଆରମ୍ଭ ସମୟରେ ପୁଣି ଉକ୍ତ ମାମଲାକୁ ନେଇ ଉତ୍ତେଜନା ଆରମ୍ଭ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଲୋକେ ସିଧା ଜିଲା ପ୍ରଶାସନକୁ ଏଥିପାଇଁ ଦାୟୀ କରିଥିବାବେଳେ ଜବରଦଖଲ ଜମିକୁ ଯେତେ ଶୀଘ୍ର ସରକାର ନିଜ ଖାତାକୁ ନ ଫେରାଇଆଣିଛନ୍ତି ଏହାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ ବୋଲି ଚେତାବନୀ ଦିଆଯାଇଛି ।

■ ଆଦାନୀ ଧାମରା କ୍ରିକେଟ ଲିଗ୍ ୨୦୧୯

# ଫିଲ୍ଡ ଫାଇଟର ଟିମ୍ ଚାମ୍ପିୟନ

ଭଦ୍ରକ ଅଫିସ, ୨୬।୨




ବିଜୟୀ ଦଳ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରୁଛନ୍ତି।

ଆଦାନୀ ଧାମରା ବନ୍ଦର ପରିସରରେ ଦୀର୍ଘ ୨୪ ଦିନ ଧରି ଚାଲିଥିବା ରାତ୍ର ଟୁର୍ଣ୍ଣାମେଣ୍ଟ ଆଦାନୀ ଧାମରା କ୍ରିକେଟ ଲିଗ୍ ୨୦୧୯ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସିମ୍ବା-୧୧ ଦଳ ଫିଲ୍ଡ ଫାଇଟର ଟିମ୍‌କୁ ଭେଟିଥିଲା। ଏହି ମ୍ୟାଚ୍‌ରେ ସିମ୍ବା-୧୧ର ଅଧିନାୟକ ସୌମ୍ୟଜିତ୍ ବାନାର୍ଜୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ । ଏହି ଟିମ୍ ୧୫ ଓଭର ଖେଳି ୫ ଉଇକେଟ ହରାଇ ୧୭୬ ରନ୍ ସଂଗ୍ରହ କରିଥିଲା। ଜବାବ୍ ରେ ଫିଲ୍ଡ ଫାଇଟର ଖେଳାଳି ୧୦.୩ ଓଭରରେ ୧ ଉଇକେଟ ହରାଇ ୧୭୭ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଟିମ୍ ଫିଲ୍ଡ ଫାଇଟରର ଅଧିନାୟକ ଜ୍ୟୋତିରାଜ ପଟ୍ଟନାୟକ, ଧାମରା ପୋର୍ଟର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା ଓ ମାନବ ସମ୍ବଳ ବିଭାଗ ମୁଖ୍ୟ ବିନୁ ଥ୍ୟାଙ୍କ ଚାନ୍‌ଙ୍କ ଠାରୁ ବିଜୟୀ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ମନୋଜ ବାରିକ ୧୧୭ ରନ୍ କରି ନଟ୍‌ଆଉଟ୍ ହୋଇଥିବାରୁ ମ୍ୟାନ୍‌ଅଫ୍‌ଦିମ୍ୟାଚ୍‌ବିବେଚିତ ହୋଇଥିଲେ । ପ୍ରଥମ ଥର ପାଇଁ ଧାମରା ପୋର୍ଟ ସ୍ୱତନ୍ତ୍ର ଭାବେ ପୋର୍ଟରେ କାର୍ଯ୍ୟରତ ସମସ୍ତ ବିଭାଗର କର୍ମଚାରୀଙ୍କୁ ନେଇ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା। ସମସ୍ତ କର୍ମଚାରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ । ୨୨୪ ଜଣ ଖେଳାଳି ୧୬ଟି ଟିମ୍‌ରେ ଗଠନ କରି ୩୧ଟି ବ୍ୟାଚରେ ଖେଳ ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ବନ୍ଦରର କାର୍ଯ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା, ଉପସଭାପତି ଜଗତ ପରିଜା, ମାନବସମ୍ବଳ ବିଭାଗ ମୁଖ୍ୟ ବିନୁ ଥ୍ୟାଙ୍କ ଚାନ୍ ଏବଂ ବିଭିନ୍ନ ବିଭାଗର ମୁଖ୍ୟ ଯୋଗଦେଇ ଏହି ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଆରମ୍ଭ କରିଥିଲେ ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

ତିହିଡ଼ି,୨୬।୨(ଡି.ଏନ୍.ଏ.)

ଭଦ୍ରକ-ଧାମରା ରେଳପଥର ମଙ୍ଗଳପୁର ଗ୍ରାମ ନିକଟରେ ସୋମବାର ରାତି ୮ଟାରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୀତାମ୍ବର ସ୍ୱାଇଁ। ତାଙ୍କ ଘର ତିହିଡ଼ି ଥାନା ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହା ଗ୍ରାମରେ। ଯୁବକ ଜଣକ ରେଳପଥ ପାରି ହେଉଥିବା ବେଳେ ଧାମରାରୁ ଭଦ୍ରକ ଅଭିମୁଖେ ଯାଉଥିବା ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣା ପରେ ମୃତ ଯୁବକଙ୍କ ପରିବାର ପକ୍ଷରୁ ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଦିଆଯାଇ ନ ଥିଲା। ଧାମରା ପୋର୍ଟ କମ୍ପାନୀ ଲିମିଟେଡ ପକ୍ଷରୁ କ୍ଷତିପୂରଣ ନ ମିଳିବା ଯାଏ ମୃତଦେହ ବ୍ୟବଚ୍ଛେଦ ପାଇଁ ଦିଆଯିବ ନାହିଁ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ଫଳରେ ୧୫ ଘଣ୍ଟା ଧରି ଧାମରା ରେଳପଥ ପାର୍ଶ୍ୱରେ ମୃତଦେହ ପଡ଼ି ରହିଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଚାନ୍ଦବାଲି ଏସଡିପିଓ ଉମାଶଙ୍କର ମହାରଣା, ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଏବଂ ଡିପିସିଏଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ଡିପିସିଏଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୭/୧୯) ରୁଜୁ ହୋଇଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ

ଭଣ୍ଡାରିପୋଖରୀ, ୨୬।୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ କୋରକରା ପଣସା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଏବିଇଓ କୁଳମଣି ପତି, ମୁଖ୍ୟବକ୍ତା କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଅଲେଖ ଚନ୍ଦ୍ର ଘଡେଇ, ପୁରୁଷୋତ୍ତମ ଧଳ, ସୁବାଷ କୁଅଁର, ଶ୍ୟାମସୁନ୍ଦର ଦାସ, ଉମାକାନ୍ତ ସାହୁ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉତ୍ସବକୁ ଶିକ୍ଷାବିତ ଉପେନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଦୀପ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରମିଳା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୬।୨(ଡି.ଏନ.ଏ.)

ମଞ୍ଜୁରିରୋଡ ସ୍ଥିତ ନାଆଁମୀ ମହାବିଦ୍ୟାଳୟରେ ଯୁକ୍ତ ୩ ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନାଆଁମୀ ମହାବିଦ୍ୟାଳୟ ଅଧକ୍ଷ ଡ. ବିଷ୍ଣୁ ପ୍ରସାଦ ଜେନା ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବୃତ୍ତି ସର୍ବସ୍ୱ ନ ହେଉ ମାନବିକତା ଶିକ୍ଷା ହେଉ ବୋଲି ଉଦ୍‌ବୋଧନ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ବିନୋଦ ବିହାରି ନାୟକ ଚରିତ୍ର ଗଠନ ଓ ଶୃଙ୍ଖଳା ଉପରେ ବକ୍ତବ୍ୟ ରଖିଥିବା ବେଳେ ଅଧ୍ୟାପକ ଅଶୋକ ସେଠୀ, ବିନାୟକ ଘୋଷ, ସନ୍ତୋଷ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀ ସୁଜାତା ପଣ୍ଡା ଅତିଥି ପରିଚୟ, ବିକାଶ କବି ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ୱତନ୍ତ୍ର କିଶୋର ଆଇନ କର୍ମଶାଳା

ଭଦ୍ରକ ଅଫିସ, ୨୬।୨

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ କିଶୋର ନ୍ୟାୟ ଆଇନ ସମ୍ପର୍କିତ ଏକ କର୍ମଶାଳା ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ତରରେ ଥିବା ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ଅଂଶୀଦାରମାନଙ୍କର ଭୂମିକା, ଦାୟିତ୍ୱକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, କିଶୋର ନ୍ୟାୟ ପରିଷଦର ଅଧକ୍ଷ ତଥା ରେଜିଷ୍ଟ୍ରାର ଜନକ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୈଳାସ ଚନ୍ଦ୍ର ପରିଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ଅଧକ୍ଷ ସୁରେଶ ଜେନା, ମନୋରଞ୍ଜନ ସାମଲ, ଉମାଶଙ୍କର ମହାରଣା, ଡ. ସୁଦର୍ଶନ ବାରିକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କ ସହ କାର୍ଯ୍ୟ କଲାବେଳେ କିଭଳି ପୋଲିସ ବିଭିନ୍ନ ଆଇନର ଦିଗ ପ୍ରତି ଧ୍ୟାନ ଦେଇ କାମ କରିବ ସେ ନେଇ ଆଲୋଚନା କରାଯାଇଥିଲା। କର୍ମଶାଳାରେ ବିଷୟ ବିଶାରଦ ଭାବେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲା ସ୍ତରରେ ଥିବା ୧୭ଟି ଥାନାରୁ ସମସ୍ତ ଶିଶୁ କଲ୍ୟାଣ ଅଧିକାରୀ, ସମନ୍ୱିତ ମାନବ ଚାଲାଣ ନିରୋଧ ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ଶିଶୁ ମଙ୍ଗଳ କମିଟିର ସମସ୍ତ ସଦସ୍ୟା ସଦସ୍ୟ, କିଶୋର ନ୍ୟାୟ ପରିଷଦ, ଆଇନ ସେବା ପ୍ରାଧିକରଣର ପାରାଲିଗାଲ କର୍ମୀ, ପରାମର୍ଶଦାତା, ଦକ୍ଷ ପେନାଲ ଆଇନଜୀବୀ ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବାବା ଆଖଣ୍ଡଳମଣିଙ୍କ ଜାଗର ମହୋତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୬।୨




ବୈଠକରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ।

- ପ୍ରାତଃ ୪ଟାରୁ ଖୋଲାଯିବ ମନ୍ଦିର ପହଡ଼
- ରାତି ୪ଟା୩୦ରେ ଉଠିବ ମହାଦୀପ

ସୋମବାର ଅପରାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଆରଡ଼ି ଧାମର ବାବା ଆଖଣ୍ଡଳମଣୀଙ୍କ ମହାଶିବରାତ୍ରୀ ଉତ୍ସବ ଶାନ୍ତି ଓ ଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୪ତାରିଖ ସୋମବାର ଅନୁଷ୍ଠିତ ହେବାକୁ ଥିବା ମହାଶିବରାତ୍ରି ଅବସରରେ ବାବା ଆଖଣ୍ଡଳମଣୀ ମହାପ୍ରଭୁଙ୍କର ନୀତିନିର୍ଘଣ୍ଟ ସ୍ଥିର କରାଯାଇଥିଲା। ପ୍ରାତଃ ୪ଘଣ୍ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳାଆଳତି ପରେ କନିକା ରାଜାଙ୍କ ତରଫରୁ ପହିଲି ଘର୍ଷଣର ଭୋଗ, ପ୍ରାତଃ ୫.୪୫ମିନିଟ୍‌ରୁ ରାତ୍ର ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଲାଗି ଦିଅଁ ଦର୍ଶନ ଏବଂ ଘର୍ଷଣ ଭୋଗପରେ ବିଭିନ୍ନ ସମୟରେ ବିଭିନ୍ନ ପୂଜାଉପଚାର ଅନୁଷ୍ଠିତ ହେବ। ରାତ୍ରି ୧୨.୩୦ରୁ ରାତ୍ର ୧.୩୦ ମିନିଟି ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସୁନାବେଶ ସମ୍ପୂର୍ଣ୍ଣ ଏବଂ ମହାଦୀପ ପ୍ରସ୍ତୁତି ରହିଛି। ରାତ୍ର୧.୩୦ମିନିଟ୍‌ରୁ ୩ଟା୧୫ରେ ସର୍ବସାଧାରଣଙ୍କ ସୁନାବେଶ ଦର୍ଶନ ହେବ। ରାତ୍ର ୩.୧୫ରୁ ରାତ୍ର ୪ଟା୧୫ ମିନିଟ୍ ମଧ୍ୟରେ ମହାଦୀପ ପୂଜା ସହ ରାତ୍ର ୪.୧୫ଘଟିକାରୁ ୪.୩୦ ମଧ୍ୟରେ ମହାଦୀପ ଗମ୍ଭୀରାରୁ ଆନୟନ ଓ ଶ୍ରୀଜୀଉଙ୍କ ପହଡ। ରାତ୍ର ୪.୩୦ଘଟିକାରୁ ରାତ୍ର ୫ଘଟିଆ ମଧ୍ୟରେ ମହାଦୀପ କୀର୍ତ୍ତନ ସହ ବେଢା ପରିକ୍ରମା ପରେ ମନ୍ଦିର ଚୂଡାରେ ସ୍ଥାପନ ହେବ। ଜାଗରଯାତ୍ରା ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେତୁ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଜିଲା ପ୍ରଶାସନ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ର ସଭାପତି ତଥା ଉପଜିଲାପାଳ ପୀତାମ୍ବର ସାମଲ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଧାମନଗର ଏସଡିପିଓ ମନୋରଞ୍ଜନ ସାମଲ ଶାନ୍ତିଶୃଙ୍ଖଳା ପାଇଁ ଅଧିକ ଆବଶ୍ୟକ ପୋଲିସ୍ ଫୋର୍ସ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବ ରାତ୍ରୀ କାଳୀନ ହେତୁ ବିଦ୍ୟୁତ୍‌କାଟ ନ କରିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ରାସ୍ତାଘାଟ ମରାମତି, ଗମନାଗମର ସୁବିଧା ପାଇଁ ଅଧିକ ଗାଡ଼ି ଚଳାଚଳ, ପାନୀୟ ଜଳପାଇଁ ଟ୍ୟାଙ୍କର ଭଳି ବିଭିନ୍ନ ଅସ୍ଥାୟୀ ବ୍ୟବସ୍ଥା ଆୟୋଜନ କରିବା ପାଇଁ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଜାଗରଯାତ୍ରା ଦିନ ଭକ୍ତ ମାନଙ୍କର ସୁରକ୍ଷାପାଇଁ ସନ୍ଧ୍ୟା ୬ଘଟିକା ପରେ ଡ଼ଙ୍ଗା ଚଳାଚଳ ବନ୍ଦ ରଖିବା ପାଇଁ ଜିଲାପାଳ ସମସ୍ତଙ୍କ ଅବଗତି ନିମନ୍ତେ ସୂଚନା ଦେଇଥିଲେ। ବୈଠକରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦର ସଭାପତି ଦ୍ୱିଜବର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ ସମେତ ବସ୍ ସିଣ୍ଡିକେଟ୍‌ର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ, ଟ୍ରଷ୍ଟବୋର୍ଡ଼ କର୍ମକର୍ତ୍ତା, ବରିଷ୍ଠ ସେବାୟତମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଜୁ ଯୁବ ବାହିନୀ କର୍ମୀଙ୍କୁ ମୋବାଇଲ୍



ବସ୍ତା, ୨୬।୨(ସ୍ୱ.ପ୍ର): ବସ୍ତା ବ୍ଲକ ପରିସରରେ ମଙ୍ଗଳବାର ବିଜୁ ଯୁବ ବାହିନୀ କର୍ମୀମାନଙ୍କୁ ନୂତନ ମୋବାଇଲ୍ ବଣ୍ଟନ କରାଯାଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସାମାଜିକ କର୍ମୀ ସୁବାସିନୀ ଜେନା, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ରହି ବିଜୁ ଯୁବବାହିନୀ କର୍ମୀମାନଙ୍କୁ ନୂତନ ମୋବାଇଲ ବଣ୍ଟନ କରିଥିଲେ। ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ବିଜୁ ଯୁବବାହିନୀ କର୍ମୀ ଉପସ୍ଥିତ ରହି ଏହି ମୋବାଇଲ୍ ନେବାକୁ ଉତ୍ସାହର ସହିତ ଅପେକ୍ଷା କରିଥିଲେ। ବ୍ଲକ କାର୍ଯ୍ୟାଳୟ ପୁରା ଜନଗହଳିରେ ଭର୍ତ୍ତି ହୋଇଯାଇଥିଲା।

### ୪ ମଦ ବେପାରୀ ଗିରଫ

ବାଲିଆପାଳ, ୨୬।୨(ସ୍ୱ.ପ୍ର.): ବସ୍ତା ଅବକାରୀ ବିଭାଗ ପକ୍ଷରୁ ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ଅବକାରୀ ଅଧିକାରୀ ଅର୍ଜୁନ ମଲ୍ଲିକ ଏବଂ ତାଙ୍କର ସଦଳବଳ ନେଇ ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬୦ରୁ ୭୦ ଲିଟର ଦେଶୀ ମଦ ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫଙ୍କ ମଧ୍ୟରେ ଜଣେ ମହିଳା ଓ ୩ଜଣ ପୁରୁଷ ଅଛନ୍ତି। ସେମାନଙ୍କୁ ବାଲେଶ୍ୱର କୋର୍ଟରେ ହାଜର କରାଯିବ ବୋଲି ଅବକାରୀ ଅଧିକାରୀ କହିଛନ୍ତି।

# ୪ବର୍ଷ ହେଲା ଦରମା ମିଳିନି

## ଦୟନୀୟ ଅବସ୍ଥାରେ ଗ୍ରାମ୍ୟ ଜଳଯୋଗାଣ ପମ୍ପ ଡ୍ରାଇଭର

- ୮ ଘଣ୍ଟା କାମ କରି ମିଳୁନି ଦରମା
- ୧୦ ବର୍ଷରେ ମିଳିଛି ୨ଥର ଦରମା
- ୨ରେ ଆମରଣ ଅନଶନ ଲାଗି ଜିଲାପାଳଙ୍କୁ ଜଣାଇଲେ

ସିମୁଳିଆ, ୨୬।୨(ଡି.ଏନ.ଏ.)

ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ୧୬ଜଣ ପମ୍ପ ଡ୍ରାଇଭର ଗତ ୪ବର୍ଷ ହେଲା ଦରମା ନ ପାଇ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପରିବାର ଦୟନୀୟ ଅବସ୍ଥାରେ ଦରମା ଟଙ୍କାକୁ ଚାହିଁ ବସିଛନ୍ତି। ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ ମାସରେ ନିଜ ଦରମା ପାଇ ବସି ଯାଉଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ। ଏହାକୁ ବିରୋଧ କରି ଆସନ୍ତା ୨ ତାରିଖରେ ସମସ୍ତ ପମ୍ପ ଡ୍ରାଇଭର ଓ ସେମାନଙ୍କ ପରିବାର ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବା ପାଇଁ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଗତ ୨୦୦୯ ମସିହାରୁ ସିମୁଳିଆ ବ୍ଲକରେ ୧୭ଜଣ ପମ୍ପ ଡ୍ରାଇଭର ବ୍ଲକର ସଦର ମହକୁମା ମାର୍କୋଣା ସହିତ ବିଭିନ୍ନ ପଞ୍ଚାୟତରେ ଥିବା ଜଳଯୋଗାଣ ପମ୍ପ ଡ୍ରାଇଭର ରୂପେ କାର୍ଯ୍ୟ କରୁଛନ୍ତି। ତେବେ ଗତ ୩ ମାସ ହେଲା ଜଣେ ଡ୍ରାଇଭରଙ୍କର ଅନ୍ୟତ୍ର ଚାକିରି ହୋଇଯିବା ଯୋଗୁ ଏବେ ୧୬ଜଣ କର୍ମଚାରୀ ପ୍ରତ୍ୟହ ୮ଘଣ୍ଟା କାର୍ଯ୍ୟ କରୁଛନ୍ତି। ତେବେ ଏହି ଡ୍ରାଇଭରମାନଙ୍କୁ ଗତ ୨୦୧୨ ମସିହାରେ ୮୫ହଜାର ଓ ୨୦୧୫ରେ ୧ଲକ୍ଷ ୩୦ହଜାର ଟଙ୍କା ମୋଟ ୨ଥର ଦରମା ମିଳିଥିଲା। ତେବେ ଦରମାରେ ଅନିୟମିତତା ପାଇଁ ସଂଘ ପକ୍ଷରୁ ହାଇକୋର୍ଟରେ ମକଦ୍ଦମା ରୁଜୁ କରାଯାଇଥିଲା। ଡ୍ରାଇଭରମାନଙ୍କୁ ଦରମା ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ଏହା ସେମାନଙ୍କୁ ମିଳୁ ନ ଥିବା ପମ୍ପ ଡ୍ରାଇଭର ସଂଘର ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ ସୂଚନା ଦେଇଛନ୍ତି।

# 'ନୀଳଗିରି ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଛି'

ସଜନାଗଡ଼, ୨୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ୫ ବର୍ଷ ମଧ୍ୟରେ ବିକାଶକୁ ଗୁରୁତ୍ୱ ଦିଆଯାଇ ୬ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାର୍ଯ୍ୟ କରାଯାଇଛି ବୋଲି ମଙ୍ଗଳବାର ବିଧାୟକ ସୁକାନ୍ତ କୁମାର ନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ କହିଥିଲେ ଯେ, ପ୍ରତ୍ୟେକ ସମୟରେ ଭୋଟରଙ୍କ ମନର କଥାକୁ ବୁଝିବାକୁ ଉଦ୍ୟମ ଜାରି ରହିବା ଦରକାର। ନୀଳଗିରି ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ସହଯୋଗ ରହିଛି।

ଗତ ୫ବର୍ଷ ମଧ୍ୟରେ ନୀଳଗିରି ନିର୍ବାଚନମଣ୍ଡଳୀରେ ରାସ୍ତା, ପୋଲ, ବିଦ୍ୟୁତୀକରଣ, ନଳକୂପ ଖନନ, ଆଦର୍ଶ ବିଦ୍ୟାଳୟ, ଉଚ୍ଚକ୍ଷମତାସମ୍ପନ୍ନ ପାଣିଟାଙ୍କି, କୃଷି କ୍ଷେତ୍ରର ଉନ୍ନତି, ଉଠାଜଳସେଚନ, ଆମ ଗାଁ ଆମ ବିକାଶ, ଆମ ସହର




ଖବରଦାତା ସମ୍ମିଳନୀରେ ନୀଳଗିରି ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ବିକାଶ, ଡ୍ରେନେଜ୍ ଆଦି କ୍ଷେତ୍ରରେ ୬୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ନୀଳଗିରିର ମାନଚିତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ୩୫କୋଟି ଟଙ୍କା ବ୍ୟୟରେ ବିଭିନ୍ନ ସ୍ଥାନରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ, ମେଗା ଜଳଯୋଗାଣ ପାଇଁ ୧୭୩କୋଟି, ସହରୀକରଣ ରାସ୍ତା ପାଇଁ ୨୨କୋଟି, ପିଏଚ୍‌ଡି ବିଭାଗର ପାଇପ ଜଳଯୋଗାଣ, ପୂର୍ତ୍ତ ବିଭାଗର ରାସ୍ତା ଓ ପୋଲ ପାଇଁ ୪୫୪ କୋଟି, ଜିଜିୱାଇ ଯୋଜନାରେ ୧୫ କୋଟି, ଉଠାଜଳସେଚନ ପାଇଁ ୧୨ କୋଟି, ଟ୍ୟୁବୱେଲ ପାଇଁ ୧୦୦ କୋଟି, ୩ଟି ଆଦର୍ଶ ବିଦ୍ୟାଳୟ ପାଇଁ ୩୬କୋଟି ଟଙ୍କା, କୃଷି କ୍ଷେତ୍ରର ଉନ୍ନତି ପାଇଁ ୧୦କୋଟି ସମେତ ସିଏସ୍‌ଏଫ୍ ଯୋଜନାରେ ୨.୫ କୋଟି ଟଙ୍କା, ନୀଳଗିରି ଓ ମିତ୍ରପୁର କଲେଜର ଉନ୍ନତୀକରଣ ପାଇଁ ୧୦ କୋଟି ସମେତ ଅନ୍ୟ ବିଭାଗୀୟ ପ୍ରକଳ୍ପ କରାଯାଇଛି। ଅଯୋଧ୍ୟା, ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ବାଇପାସ୍ ରାସ୍ତା, ବରହମପୁର ରାସ୍ତା ଏବଂ ପଦ୍ମତୋଳା ହ୍ରଦର ପୁନରୁଦ୍ଧାର ବିକାଶ କ୍ଷେତ୍ରରେ ଅବସୋସ ରହିଯାଇଥିବା ବିଧାୟକ ନାୟକ ପ୍ରକାଶ କରିଛନ୍ତି। ଏଥିରେ ବିଜୁ ଜନତା ଦଳର ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅଦିନିଆ ଝଡ଼ବର୍ଷା: ଉତ୍ତର ବାଲେଶ୍ୱର ବେହାଲ

**ଭୋଗରାଇ, ୨୬।୨(ଡି.ଏନ.ଏ.):** ପଶ୍ଚିମା ଝଞ୍ଜା ଏବଂ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଯୋଗୁ ଉତ୍ତର ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାରଠାରୁ ଅଦ୍ୟାବଧି ଅଦିନିଆ ଝଡ଼ବର୍ଷା ଲାଗିରହିଛି। ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ କୁଆପଥର ବର୍ଷା ହୋଇଥିଲା। ବର୍ଷା ଯୋଗୁ ତୈଳଜାତୀୟ ବୀଜ ଚିନାବାଦାମ୍, ସୂର୍ଯ୍ୟମୁଖୀ ଏବଂ ଡାଲି ଜାତୀୟ ଶସ୍ୟ ମୁଗ, ବିରି, କଖାରୁ ନଷ୍ଟ ହେବାର ଆଶଙ୍କା ଥିବା ବେଳେ ତରଭୁଜ ଚାଷର ବ୍ୟାପକ କ୍ଷତି ଘଟିଛି। ତେବେ ଏହି ବର୍ଷା ଚାଷୀଙ୍କ ପାଇଁ ବରଦାନ ସଦୃଶ ହୋଇଛି। ଭୋଗରାଇରେ ମଙ୍ଗଳବାର ସର୍ବାଧିକ ୨୨ମି.ମି., ଜଳେଶ୍ୱରରେ ୧୨ମି.ମି., ବାଲିଆପାଳରେ ୧୦ମି.ମି. ଏବଂ ବସ୍ତା ବ୍ଲକରେ ୯ ମି.ମି. ସହ ବାଲେଶ୍ୱର ଜିଲାରେ ୧୬୬.୩ ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। କାଳବୈଶାଖୀ ଝଡ଼ ସହ ବର୍ଷା ହେବା ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିଯାଇଥିବା ଖବର ମିଳିଛି। ଅଦିନିଆ ବର୍ଷା ଯୋଗୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଭୋଗରାଇ-ବାଲିଆପାଳ ପାହି ଅଞ୍ଚଳରେ ଚାଷୀମାନଙ୍କୁ ଚିନ୍ତା ଘାରିଛି। କାଳବୈଶାଖୀ ଝଡ଼ ପୂର୍ବାନୁମାନ ଯୋଗୁ ଦୀଘା, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ବାହାବଳପୁର, କଷାଫଳ ସମୁଦ୍ରକୂଳ ମତ୍ସ୍ୟଜୀବୀମାନେ ସତର୍କ ହୋଇ ସମୁଦ୍ର କୂଳରେ ମାଛ ମାରୁଛନ୍ତି। ଘନଘନ ବିଦ୍ୟୁତ୍ କାଟ୍ ଯୋଗୁ ମାଟ୍ରିକ ପରୀକ୍ଷାର୍ଥୀ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ରେଳରୋକୋ।

# ପାଚିକା, ସହାୟିକା ସଂଘ ପକ୍ଷରୁ ରେଳରୋକୋ

ବାଲେଶ୍ୱର ଅଫିସ, ୨୬।୨

ବାଲେଶ୍ୱର ରେଳଷ୍ଟେଶନରେ ମଙ୍ଗଳବାର ପୂର୍ବାହ୍ନ ୮ଟାରେ କରମଣ୍ଡଳ ଏକ୍ସପ୍ରେସ୍‌କୁ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ସଂଘ ପକ୍ଷରୁ ୧ଘଣ୍ଟା ଅଟକ ରଖାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରେଳଷ୍ଟେଶନରୁ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅବିଳମ୍ବେ ଦାବି ପୂରଣ ନିମନ୍ତେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ସହ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ।

ଗତ ୨୦୧୭ ମସିହା ଡିସେମ୍ବର ୪ ତାରିଖରେ ସଂଘର ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଗଣଶିକ୍ଷାମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ମାସିକ ୨ହଜାର ଟଙ୍କା, ଶାଢ଼ି ବାବଦରେ ୫ଶହ ଟଙ୍କା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୨୮ମାସର ବକେୟା ଭତ୍ତା, ଅବସର ବୟସ ସୀମା ୬୨କୁ ବୃଦ୍ଧି କରିବା ଦାବି ରଖାଯାଇଥିଲା। ଏହାକୁ କେନ୍ଦ୍ର ସରକାର ଆଗ୍ରହ୍ୟ କରିଥିବା ବେଳେ ରାଜ୍ୟସରକାର କିଛିଟା ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ପାଚିକା-ସହାୟିକାଙ୍କଠାରେ ପହଞ୍ଚି ନାହିଁ। ଏହାର ପ୍ରତିବାଦରେ ଆନ୍ଦୋଳନ କରାଯାଉଛି। ସଂଘର ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦିକା ପୂର୍ଣ୍ଣିମା ବେହେରା, ଉପ-ସଭାପତି କନକଲତା ଦାସଙ୍କ ନେତୃତ୍ୱରେ ଶତାଧିକ ପାଚିକା-ସହାୟିକା ରେଳରୋକୋ ଏବଂ ଜିଲାଶିକ୍ଷାଧିକାରୀଙ୍କ ଅଫିସ୍ ଘେରାଉ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

# ସଞ୍ଜିତ୍ 'ମିଷ୍ଟର ଓଡ଼ିଶା'

ବାଲେଶ୍ୱର ଅଫିସ,୨୬।୨

ବାଲେଶ୍ୱର ବିକନ୍‌ସ୍ ଜିମ୍‌ର ଫିଟ୍‌ନେସ୍ ଟ୍ରେନର ସଞ୍ଜିତ ବେହେରା 'ମିଷ୍ଟର ଓଡ଼ିଶା ୨୦୧୯' ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଅନୁଗୋଳ ଜିଲା ବିଜୁ ମଇଦାନରେ ନବମ ମିଷ୍ଟର ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ଜିଲାରୁ ୧୨୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲାର ସଞ୍ଜିତ ବେହେରା ୬୦ କି.ଗ୍ରା. ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି 'ମିଷ୍ଟର ଓଡ଼ିଶା ୨୦୧୯' ବିବେଚିତ ହୋଇଛନ୍ତି। କଠିନ ପରିଶ୍ରମ, ଏକାଗ୍ରତା ଓ ଅଧ୍ୟବସାୟ ହିଁ ସଫଳତା ଆଣିଥିବା ସଞ୍ଜିତ୍ କହିଛନ୍ତି। ପ୍ରତ୍ୟେକ ଦିନ ଅଭ୍ୟାସ କରୁଥିବା ବେଳେ ଆଗାମୀ ମିଷ୍ଟର



ସଞ୍ଜିତ୍ ବେହେରା।

ଇଣ୍ଡିଆ ପ୍ରତିଯୋଗିତାରେ ସେ ରାଜ୍ୟକୁ ଗୌରାବାନ୍ୱିତ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଯବାନଙ୍କ ସମେତ ୧୮ଜଣଙ୍କ ନାମରେ ମାମଲା

## କ୍ୟାଣ୍ଡେଲ ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣା

ଖଇରା, ୨୬।୨(ଡି.ଏନ.ଏ.)

ଖଇରା ଥାନା ଅଧୀନ ବର୍ଦ୍ଧନା ବଜାରରେ ଗତ ୧୮ ତାରିଖ ସନ୍ଧ୍ୟାରେ ପୁଲୱାମା ଶହୀଦଙ୍କ ପାଇଁ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଗଣ୍ଡଗୋଳକୁ ଖଇରା ପୋଲିସ ପକ୍ଷରୁ ଶନିବାର ୩ ମାମଲା ରୁଜୁ କରାଯାଇଛି। ଗୋଟିଏ ପକ୍ଷର ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ଯବାନ ଖଇରା ବ୍ଲକର ତୁମ୍ବାପଦୀ ଗ୍ରାମନିବାସୀ ଅମୂଲ୍ୟ ବିନ୍ଧାଣୀଙ୍କ ଅଭିଯୋଗକ୍ରମେ ପୋଲିସ ଚଗଲା ଦାସ, ବାଘା ଦାସ, ମୁକ୍ତିକାନ୍ତ ସ୍ୱାଇଁ, ବାବୁଲା ଦାସ, ବଳିଆ ମହାନ୍ତି, ଶୁକଦେବ ପଣ୍ଡା, କରୁଣା ନାୟକ, ସୁଧାକର ଦାସ, ଭାଗବତ ଦାସ, କାଳନ୍ଦୀ ଦାସ, ଶଶିକାନ୍ତ ସ୍ୱାଇଁ, ରଘୁ ମହାନ୍ତି, ଶିଶିର ମହାନ୍ତି ପ୍ରମୁଖଙ୍କ ନାମରେ ୨ଟି ମାମଲ (ନଂ. ୩୨/୧୯, ୩୪/୧୯) ରୁଜୁ କରିଛି। ସେହିଭଳି ଗମ୍ଭାରିଆ ଗ୍ରାମର ବିଶ୍ୱନାଥ ଦାସଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଯବାନ ଅମୂଲ୍ୟ ବିନ୍ଧାଣୀ, ପିତା ଅନନ୍ତ ବିନ୍ଧାଣୀ, ଭାଇ ଆଶିଷ ବିନ୍ଧାଣୀ, ରମେଶ ପଣ୍ଡାଙ୍କ ନାମରେ ଏକ ମାମଲା (ନଂ.୩୩/୧୯) ରୁଜୁ କରିଛି।




ବାଣିଜ୍ୟ ସଂସ୍କାର କର୍ମଶାଳାରେ ମଞ୍ଚାସୀନ ଅତିଥି।

# ବାଣିଜ୍ୟ ସଂସ୍କାର କର୍ମଶାଳା ଅନ୍‌ଲାଇନ୍‌ରେ କରିହେବ ଶିଳ୍ପ ପାଇଁ ଆବେଦନ

ବାଲେଶ୍ୱର ଅଫିସ, ୨୬।୨

ବାଲେଶ୍ୱର ଜିଲାରେ ଶିଳ୍ପର ବିକାଶ ନିମନ୍ତେ ବାଣିଜ୍ୟ ସଂସ୍କାର କର୍ମଶାଳା ମଙ୍ଗଳବାର ଅଙ୍ଗାରଗଡ଼ିଆସ୍ଥିତ ଉଦ୍ୟୋଗଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୨୭ଜଣ ଶିଳ୍ପୋଦ୍ୟୋଗୀ ଯୋଗଦେଇଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପର ବିକାଶ ନିମନ୍ତେ ପରିବର୍ତ୍ତିତ ନିୟମ ଅନୁଯାୟୀ କାର୍ଯ୍ୟ କରିବା ସହ ଶିଳ୍ପ ପ୍ରତିଷ୍ଠାନ ଗଠନ ନିମନ୍ତେ ଅନଲାଇନ୍‌ରେ ଆବେଦନ କରିବା ଭଳି ସହଜ ପ୍ରଣାଳୀକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ।

ଜିଲା ଶିଳ୍ପ କେନ୍ଦ୍ର ବାଲେଶ୍ୱରର ସାଧାରଣ ପରିଚାଳକ ହରିହର ଜେନା କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଚାମ୍ବର ଓ କମର୍ସର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଅଭୟ ଚରଣ ନାୟକ ଯୋଗଦେଇଥିଲେ। ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ଘରେ ବସି ବିଭିନ୍ନ ବିଭାଗକୁ ଆବେଦନ କରିପାରିବେ ତାହା ଇପିକଲ୍ ଡେପୁଟି ଜେନେରାଲ ମ୍ୟାନେଜର ତଥା ଇନ୍‌ଭେଷ୍ଟ ଓଡ଼ିଶାର ନୋଡାଲ ଅଫିସର ରାଜୀବ ଧଳ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଶିଳ୍ପୋଦ୍ୟୋଗୀ ଓ ସରକାରୀ କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। ଉଦ୍ୟୋଗୀମାନଙ୍କ ପ୍ରଶ୍ନର ଉତ୍ତର ଉପସ୍ଥିତ ଅଧିକାରୀମାନେ ବୁଝାଇଥିଲେ। ଶେଷରେ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ସତ୍ୟାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୁହାଳରେ ନିଆଁ ଲାଗି ୨ ବାଛୁରୀ ଜୀବନ୍ତ ଦଗ୍ଧ

ବାଲିଆପାଳ, ୨୬।୨(ଡି.ଏନ.ଏ.)

ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମରେ ରବିବାର ଭୋର ସମୟରେ ଅନନ୍ତ ବିଶ୍ୱାଳଙ୍କ ଗୁହାଳରେ ନିଆଁ ଲାଗି ଦୁଇଟି ଜର୍ସୀ ବାଛୁରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗୁହାଳରେ ଥିବା ୬ଟି ଜର୍ସୀ ଗାଈ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ଗାଈ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଥିବାରୁ ମୃତ୍ୟୁ ସହ ସଂଗ୍ରାମ କରୁଛି। ବାଲିଆପାଳ ଆରଆଇ ଶରତ ଚନ୍ଦ୍ର ବେହେରା ଘଟଣାର ତଦନ୍ତ କରୁଛନ୍ତି। ରାତିରେ ଦିଆଯାଇଥିବା ଧୁଆଁରୁ ଏହି ନିଆଁ ଲାଗିଥିବା ଅନୁମାନ କରାଯାଉଛି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**LOOKING FOR**
Smart Counter **Sales Person** 4 Nos., **Supervisor** 2 Nos.
For Jaydev Vihar and Nayapalli Counter.
Send your CV to naturekoolbbsr@gmail.com or whatsapp to
8114863550

**LALCHAND JEWELLERS**
REQUIRED
1. **SALES CONSULTANT**: 11 Nos.
2. **SALES SUPERVISOR**: 3 Nos.
For the Bhubaneswar Store.
Minimum Qualification +3 & 2 yrs. Retail/ Jewellery Experience, Send Resume at
indramani_r@yahoo.com
or Call: 0674-2534625, 2536666

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-.
(Part Time/Full Time)
Contact: 9938676412

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**URGENTLY REQUIRED**
Sales Person for MAA SHAKTI TIMBER DEPOT at Khandagiri, BBSR.
Contact: 9338047028/ 7978162470

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**VACANCY 22 FOR 10TH & +2 CANDIDATES**
Direct job / No Charges, ବୟସ ସୀମା ୧୮ରୁ ୨୮ ବର୍ଷ, ମାସିକ ଆୟ Rs.7000 to Rs.10000/- ସହ ରହିବା ସୁବିଧା ଅଛି।
Contact Immediately For Joining.
MICRO EXPANSION, N/6-315, Jaydev Vihar, Bhubaneswar,
Mob : 9238100178

Receptionist, Gym Trainer, Aerobic & Jumba Trainer, Driver, Beautician, Maid required at Bhubaneswar.
Contact: 9439913527

**MNC JOB**
**VACANCY (35) IN CUTTACK BRANCH**
ଶିକ୍ଷାଗତ ଯୋଗ୍ୟତା-10th ରୁ Graduation. Age- Below 30 yrs. Monthly Salary Rs.7000/- to Rs.15000/- + Free Hostel
Walk-in within 3 Days.
Mob : 9937172198

**URGENTLY REQUIRED**
For Travel Agency : Experienced OPERATION MANAGER, MARKETING EXECUTIVE, FIELD SUPERVISOR
For New Consultancy : HR MANAGER, OPERATION MANAGER, MARKETING EXECUTIVE
Salary : 7000/- to 15000/-
KGN HOSPITALITY AND SERVICES
Plot No - 191/A , Room No 202, Unit -3, BBSR
9937404616 / 9439264443

**URGENTLY REQUIRED**
**MARKETING EXECUTIVE:** 600 Posts (All over Odisha)
Other vacancies for Local & International (UAE, Kuwait, Ghana, South Africa)
**SALES/OFFICE EXECUTIVE** (Financial Sector): 500 Posts
Call: 6372177524
Kalinga Services, New Forest Park, Bhubaneswar

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

**ଭାରତୀୟ ଖାଦ୍ୟ ନିଗମ FOOD CORPORATION OF INDIA**
16-20, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ-110001
**ସଂକ୍ଷିପ୍ତ ନିଯୁକ୍ତି ସୂଚନା**
ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ଦେଶର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ ଅଟେ, ଯେଉଁ ପ୍ରାର୍ଥୀ ନିର୍ଦ୍ଧାରିତ ଯୋଗ୍ୟତା, ବୟସ, ଅଭିଜ୍ଞତା ଇତ୍ୟାଦି ପୂରଣ କରୁଥିବେ, ସେମାନଙ୍କଠାରୁ ସାରା ଦେଶରେ ବ୍ୟାପ୍ତ ନିଜର ଡିପୋ ତଥା କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ (ଜେଇ) (ସିଭିଲ ଇଞ୍ଜିନିୟରିଂ)/(ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟରିଂ), ସହାୟକ ଶ୍ରେଣୀ – II (ସ.ଶ୍ରେ.II) (ହିନ୍ଦୀ), ଶର୍ଟହ୍ୟାଣ୍ଡ ଶ୍ରେଣୀ-II, ଟାଇପିଷ୍ଟ (ହିନ୍ଦୀ) ତଥା ସହାୟକ ଶ୍ରେଣୀ – III (ସ.ଶ୍ରେ. III) (ସାଧାରଣ/ଲେଖା/ବୈଷୟିକ/ଡିପୋ) ପଦବୀଗୁଡ଼ିକ ପାଇଁ ଅନ୍‌ଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି।
2. ଅଞ୍ଚଳ-ୱାରି ଆନୁମାନିକ ଖାଲିସ୍ଥାନଗୁଡ଼ିକର ସଂଖ୍ୟା ହେଉଛି 1999 (ଉତ୍ତର ଅଞ୍ଚଳ), 540 (ଦକ୍ଷିଣ ଅଞ୍ଚଳ), 538 (ପୂର୍ବ ଅଞ୍ଚଳ), 735 (ପଶ୍ଚିମ ଅଞ୍ଚଳ) ତଥା 291 (ଉତ୍ତର ପୂର୍ବ ଅଞ୍ଚଳ)।
3. ପ୍ରାର୍ଥୀ କେବଳ **ଗୋଟିଏ ଅଞ୍ଚଳରେ** ଅର୍ଥାତ୍ ଉତ୍ତର ଅଞ୍ଚଳରେ କିମ୍ବା ଦକ୍ଷିଣ ଅଞ୍ଚଳରେ କିମ୍ବା ପୂର୍ବ ଅଞ୍ଚଳରେ କିମ୍ବା ପଶ୍ଚିମ ଅଞ୍ଚଳରେ କିମ୍ବା ଉତ୍ତର ପୂର୍ବ ଅଞ୍ଚଳରେ ହିଁ ଆବେଦନ କରିପାରିବେ। ପ୍ରାର୍ଥୀ **ଗୋଟିଏ ଅଞ୍ଚଳରେ କେବଳ ଗୋଟିଏ ପଦବୀ** ପାଇଁ ଆବେଦନ କରିପାରିବେ।
4. ପ୍ରାର୍ଥୀ **www.fci.gov.in** ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିପାରିବେ।
5. ଦୟାକରି ଯୋଗ୍ୟତା ମାନଦଣ୍ଡ, ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଇଡବ୍ଲ୍ୟୁଏସ୍/ପିଡବ୍ଲ୍ୟୁଡି (ପିଏଚ୍)/ ପୂର୍ବତନ ସୈନିକ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ **23 ଫେବୃୟାରୀ, 2019 (ଅନ୍‌ଲାଇନ୍ ଆବେଦନ ପତ୍ର ଆରମ୍ଭ ହେବା ତଥା ଜମା କରାଯିବା ଶେଷ ତାରିଖକୁ ନିମ୍ନ ଅନୁଯାୟୀ ପଢ଼ାଯିବ)**ର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ପ୍ରକାଶିତ ଅଥବା ଭାରତୀୟ ଖାଦ୍ୟ ନିଗମର ୱେବ୍‌ସାଇଟ୍ **www.fci.gov.in**ରେ ପ୍ରଦତ୍ତ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ।
6. **ଅନ୍‌ଲାଇନ୍ ଆବେଦନ ତାରିଖ 28.02.2019, 10:00 ଘଟିକାରୁ ଜମା କରାଯିବା ଆରମ୍ଭ ହେବ। ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ହେଉଛି 30.03.2019, 24:00 ଘଟିକା।**

**SAMASTI INFRASTRUCTURES PVT. LTD.**
Requires Candidates (experience 1 year minimum, 3 year maximum) as follows.
1. **OFFICE EXECUTIVE (M/F):** English Medium Student with good communication skill and personality.
2. **SITE SUPERVISOR:** Graduate with own two wheeler.
Salary negotiable as per eligibility. **Walk in interview 24th & 27th February @** Address Below. Can also Mail CV to **samastijobs@yahoo.com**
85-A, Bapuji Nagar (2nd Floor), BBSR-751009
9040090391, 9040090389

**AASTHA PUBLIC SCHOOL, BELPADA**
(An English Medium School Registered with Dept. of School & Mass Education vide Regn. No.BLGR-COR-13)
AT/PO-BELPADA-767026, DIST: BALANGIR (ODISHA)
SITUATED ON THE STATE HIGHWAY TOWARDS PATNAGARH
**WANTED**
Applications are invited for the post of Principal and PGT & TGT (English, Math, Physics, Chemistry, Biology, Physical Education & I.T.) with B.ED.
Apply within 15 days of advertisement. Salary is not a constraint for the deserving candidates.
**Accommodation and mess facilities are available.**
**For details Contact: 9853412713,8249851131,9583588333**
**Email : principalsdmtpps@gmail.com. shankarblp@gmail.com**
**With regards.**
**Sd./-Chairman, Aastha Public School, Belpara**

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

**WALK-IN-INTERVIEW**
ACCOUNTANT required for a reputed Real Estate & Builder Company (Gajanan Property Dealer & Constructios Pvt. Ltd.)
**Qualification & Experience:** C.A/CMA (at least one group complete), M.Com, B.Com, Tally latest version and could able to finalization of company accounts & preparation of final Balance Sheets & expert in excel.
**Salary:** Negotiable. **Interview Date & Time:** 05.03.2019 (Tuesday) at 11 AM to 4 PM.
**Venue:** Plot No: 360/2, Near Damana Hata, Chandrasekharpur, BBSR-16.
M: 9937013384, 9668816286

**STERLING PUBLIC SCHOOL**
(Affiliated to CBSE, English Medium, Sr. Secondary - 10+2)
Siswa Bazar / Nichlaul, Maharajganj, UP -273163
Website : www.sterlingeducation.in
**Require**
**PGT:** (English, Physics & Physical Education)
**TGT:** ( English, S.St.) &
**Primary Teachers:** (All subjects)
Attractive Salary + Free Accommodation
Candidates must be fluent in English. Preference will be given to candidates with relevant experience. Candidates called for interview will be paid to & fro fare. Please send CV at
chandrashekharonline@gmail.com
Call : 09415246461, 07457984810

**WANTED**
ଧରିତ୍ରୀ DHARITRI Oriya daily is looking for
**OFFICE BOY**
- Required Intermediate male candidates having 1-2 yrs. experience in assisting administration team in official work, including serving beverages and in shifting of goods.
Apply immediately to : recruitment@dharitri.com
Attractive salary commensurate with experience

**URGENTLY REQUIRED**
BHUMISREE CONSULTANCY & MARKETING PVT. LTD.
An ISO 9001: 2015 (QMS) Certified Company
Our organization has urgently required BTM, ATM, Accountant-cum-Clerk & Computer Operator in 9 ATMA District for our Client IMAGE, Govt. of Odisha on outsource basis. So interested candidate may send their all testimonial with Bio-data, Experience by Speed Post/Courier/By hand within 7 days. Shortlisted candidates will call for practical & interview. For detail Eligibility Criteria, Experience, Remuneration, Number of Post, Place of posting to visit our website: **www.bhumisreenaukri.com, Regd. Office address: 725 (P), Kartik Palace, Lane-6, B.M Nagar, Gandamunda, Bhubaneswar-751030, Odisha, Ph. No.: 0674-2352042.**

**URGENTLY REQUIRED**
JS ENTERPRISES
An ISO 9001: 2015 (QMS)
Our Organisation is urgently requiring BTM, ATM, Accountant-cum-Clerk & Computer Operator in 10 ATMA Districts for our Client **IMAGE, Govt. of Odisha** on outsourcing basis. Interested candidates may send their testimonials with Bio-data and experiences by Speed Post/ Courier/By hand within 07 days from the date of publication. Shortlisted candidates shall be called for Practical and Interview. For detail Eligibility Criteria, Experience, Remuneration, Number of Posts, place of posting, please visit our Website: www.jseodisha.com, Regd Address: **BD-35 Mahavinayakpuram, Patia Station Road, Patia, Bhubaneswar-751024, Dist: Khurda(Odisha), Ph. No.: 0674-2726337.**

# ଓଡ଼ିଶାକୁ ସୁସ୍ଥ, ଶକ୍ତିଶାଳୀ, ସ୍ୱୟଂସମ୍ପନ୍ନ କରିବା ଲକ୍ଷ୍ୟ: ଧର୍ମେନ୍ଦ୍ର

## ଶୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ଶୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

କଣ୍ଟାପଡ଼ା,୨୬।୨(ଡି.ଏନ୍.ଏ.)

ଓଡ଼ିଶାକୁ ସୁସ୍ଥ, ଶକ୍ତିଶାଳୀ ଏବଂ ସ୍ୱୟଂସମ୍ପନ୍ନ କରିବା ଆମର ଲକ୍ଷ୍ୟ। କଟକ ଜିଲାର ଓଲଟପୁରଠାରେ ଶୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଦିବସରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହା କହିଛନ୍ତି। ଏହା ସହ ଓଏନ୍‌ଜିସି ସହାୟତାରେ ୫ମହଲା ବିଶିଷ୍ଟ ଶୁଶ୍ରୁତ ସହାୟତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫,୩୨୮ ବର୍ଗ ଫୁଟ ବ୍ୟାପ୍ତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି ସହାୟତା କେନ୍ଦ୍ରର ନିର୍ମାଣ ପାଇଁ ଓଏନଜିସି ୨କୋଟି ୩୨ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଏହି କେନ୍ଦ୍ରରେ ୪ହଜାର ଗରିବ ରୋଗୀ ଓ ୩ହଜାର ସହାୟକଙ୍କ ନିଃଶୁଳ୍କ ଆବାସିକ ସୁବିଧା ଓ ସୁଲଭ ମୂଲ୍ୟରେ ଖାଦ୍ୟପାଇଁ ବ୍ୟବସ୍ଥା ରହିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଅତିଥିଭାବେ ଆରଏସ୍ଏସ୍‌ର ସହ ସର କାର୍ଯ୍ୟବାହ ଭି. ଭାଗେୟାଜୀ ଯୋଗଦେଇ ଭାରତର ସଂସ୍କୃତି ସମର୍ପଣ ଭାବ ପାଇଁ ବିଶ୍ୱରେ ପରିଚିତ ବୋଲି କହିଥିଲେ। ସରକାରଙ୍କ ଅନୁଦାନ ଉପରେ ନିର୍ଭର ନ କରି ସାଧାରଣ ଲୋକ ଏଭଳି ଅନୁଷ୍ଠାନର ନିର୍ମାଣ ଓ ପରିଚାଳନା ପାଇଁ ହାତ ବଢ଼ାଇବାକୁ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଉତ୍କଳ ବିପନ୍ନ ସହାୟତା ସମିତିର ଅଧ୍ୟକ୍ଷ ଅଭୟ କୁମାର ସାମନ୍ତରାୟ ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁଷ୍ଠାନର ସଦସ୍ୟଙ୍କ ସେବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ୧୯୯୯ ମହାବାତ୍ୟା, ଫାଇଲିନ, ତିତଲି ଓ ବନ୍ୟା ସମୟରେ ସାଧାରଣ ପୀଡିତଙ୍କ ପାଖରେ ଅନୁଷ୍ଠାନର ସଦସ୍ୟମାନେ ଯେଉଁଭଳି ପହଞ୍ଚି ସହାୟତାର ହାତ ବଢାଇ ଥାଆନ୍ତି ବାସ୍ତବରେ ତାହା ସମସ୍ତଙ୍କ ପାଇଁ ଉଦାହରଣ ବୋଲି କହିଥିଲେ। ଓଏନ୍‌ଜିସିର ପରିଚାଳକ ଏମ୍.ଏନ୍. ଷ୍ଟୁଙ୍ଗ ଧନ୍ୟବାଦ ଦେଇଥିବା ବେଳେ ଦେବୀପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାରଳା ରାଜକୁମାରୀ, ପୁଡ଼ାମାରୀ, ବଡ଼ଗଡ଼ ରାଜା ବିଜେଡିରେ ସାମିଲ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାତୁଣୀ କଲ୍ୟାଣୀ ଗଜପତି, ପୁଡ଼ାମାରୀ ରାଜା ବୀରକିଶୋର ଦେବ ଏବଂ ଗଞ୍ଜାମ ଜିଲା ସାନଖେମୁଣ୍ଡିର ବଡ଼ଗଡ଼ ରାଜା ଉଦୟ ନାରାୟଣ ଦେବଙ୍କ ପୁତ୍ର ରାଜା କିଶୋର ଚନ୍ଦ୍ର ସିଂହଦେଓ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ରାଜ ପରିବାର ସଦସ୍ୟଙ୍କ ବ୍ୟତୀତ ପ୍ରାୟ ହଜାରରୁ ଅଧିକ ସମର୍ଥକ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଶ୍ରୀ କଲ୍ୟାଣୀ ଗଜପତି, ବୀରକିଶୋର ଦେବ ଓ କିଶୋର ଚନ୍ଦ୍ର ସିଂହଦେଓଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧିରେ ସହାୟକ ହେବ। ସୁଶ୍ରୀ କଲ୍ୟାଣୀ ଗଜପତି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ବହୁତ ଭଲ କାମ କରୁଛନ୍ତି। ଜନସାଧାରଣଙ୍କ ଆଶା ଓ ଭରସା ତାଙ୍କ ଉପରେ ଅତୁଟ ରହିଛି। ସେଥିପାଇଁ ସେ ବିଜେଡିରେ ଯୋଗ ଦେଇଛନ୍ତି। ରାଜପରିବାର ସଦସ୍ୟ କିଶୋର ଚନ୍ଦ୍ର ସିଂହଦେଓ କହିଥିଲେ ଯେ, ସ୍ଥାନୀୟ ଜନସାଧାରଣ ତାଙ୍କୁ ବିଜେଡିରେ ସାମିଲ ପାଇଁ ନେଇ ଆସିଛନ୍ତି। ବିଗତ ୨୦ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଶୈଳୀ ଓ ସ୍ୱଚ୍ଛ ଶାସନକୁ ସେମାନେ ଅନୁଭବ କରିଛନ୍ତି। ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ କହିଥିଲେ ଯେ ବିଜୁବାବୁଙ୍କ ସହ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମ୍ପର୍କ ଥିଲା। ଆଜି ତାଙ୍କ ନାତୁଣୀ ବିଜେଡିରେ ମିଶିବା ଦ୍ୱାରା ଆଗରୁ ଥିବା ସମ୍ପର୍କ ଆହୁରି ନିବିଡ଼ ହୋଇଯାଇଛି। ଏହା ନିଶ୍ଚିତ ରୂପେ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବା ସହ ଦକ୍ଷିଣ ଓଡ଼ିଶାରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇପାରିବ।

ସେହିପରି ପୋଲସରା ନିର୍ବାଚନମଣ୍ଡଳୀ ବୁଗୁଡ଼ା ବ୍ଲକର ୪୩ ନଂ ଜୋନ୍ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ସୁନୀଲ କୁମାର ପାଢ଼ୀ ଓ ତାଙ୍କ ୩୦ଜଣ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଂଗ୍ରେସ ସମର୍ଥିତ ପୂର୍ବତନ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡମେମ୍ବର ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ଗଜପତି ଜିଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ପାଲଲହଡ଼ା ଭାଜପା ନେତା ବିଜେଡିରେ ସାମିଲ**

ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଜଗମୋହନ ପ୍ରଧାନଙ୍କ ନେତୃତ୍ୱରେ ୨୫୦ରୁ ଅଧିକ ସମର୍ଥକ ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଜଗମୋହନଙ୍କୁ ସ୍ୱାଗତ କରିବା ସହ ତାଙ୍କ ଯୋଗଦାନ ଦଳ ପାଇଁ ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ମତ ଦେଇଛନ୍ତି।

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel. 06766-258301(O), eMail: se_nerwkjr@rediffmail.com

**"e" Procurement Notice for Road Works**

Identification No. Road Online NCB No.261
No. 859 // Date:23-02-2019

1822-O

1. Name of the work :- Road Works under OMBADC in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.261 | Dt.27.02.19 at 11.00AM | Dt.14.03.19 upto 3.00PM | Dt.13.03.19 upto 3.00 PM | Dt.15.03.19 at 11.00 AM | Dt.19.03.19 at 11.00 AM |

• Further details can be seen from the website: www.tendersorissa.gov.in

25048/11/0059/1819 *Sd./- Superintending Engineer, N.E.R.W. Circle, Keonjhar*

**NOTICE INVITING BID**
**Odisha State Medical Corporation Limited (OSMCL)**
**In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380660 Website: www.osmcl.nic.in, Email1: logistics.osmcl.od@nic.in**

**Bid Ref. No: OSMCL/2018-19/BLOOD BANK-SBTC/09** **Date: 26/02/2019.**

**No.CAD-1488:-** Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Blood Bags, Test Kits and Reagents as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **26/02/2019, 3 PM** | |
| 2. | Date & time of Pre-bid meeting | **11/03 /2019, 11 AM** Venue : Conference Hall, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time **18/03 /2019, 3 PM** | End Date & Time **02/04 /2019, 6 PM** |
| 4. | Date and Time for submission of Tender Document cost and EMD Amount as per Section IV | **03/04/2019** | **09/04/2019 till 11 AM** |
| 5. | Date & time of online Technical bid opening | 09/04/2019, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in** The Authority reserves the right to accept / reject any part thereof or all the bids without assigning any reason thereof.

**Sd./- Managing Director**
**OSMC Ltd., Odisha**

**10112/11/0060/1819**

No.XXI-149

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
# ଅଧିସୂଚନା

No. RDM-LAA-MBJ-0075-2018/1599 R&DM Dated : 14.01.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନଳଗଜା ସହ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ନଳଗଜା, ଥାନା– ମୋରଡା ନଂ. ୧୬୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୮.୯୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।
ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନଳଗଜା ସବ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡା ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ନଳଗଜା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୪.୩୮ | ଏ. ୮.୯୨ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୧.୨୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

## ଜମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା– ୨୬/୨୦୧୮, ଏ. ୮.୯୨ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନଳଗଜା ସବ୍‌ମାଇନର ନିମନ୍ତେ
ମୌଜା– ନଳଗଜା, ଥାନା– ମୋରଡା, ନଂ–୧୬୪, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା – ମୟୂରଭଞ୍ଜ

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୩ | ୫୧୬ | ୦.୩୬ | ୦.୨୫ | ଆଶୁ | ଅଭିମନ୍ୟୁ ନାଏକ, ପି: ଭାସ୍କର ଚନ୍ଦ୍ର ନାଏକ, ଜା: ଗୋପାଳ, ବା: ନିଜଗାଁ |
| ୧୬ | ୩୯୨ | ୧.୦୮ | ୦.୩୨ | ଆଶୁ | କିଶୁନ ମାଝି, ରାବଣ ମାଝି, ମାନିକ ମାଝି, ପି: ବୁଧିଆ ମାଝି, ଜା : ସାନ୍ତାଳ, ବା: ନିଜଗାଁ |
| ୧୮ | ୬୦୬ | ୦.୦୯ | ୦.୦୭ | ଶାରଦ ଦୁଇ | କୁମୁଦିନୀ ପଟ୍ଟନାୟକ, ସ୍ୱା: ଉମାକାନ୍ତ ପଟ୍ଟନାୟକ, ଜା: କରଣ, ବା: ନିଜଗାଁ |
| | ୬୦୭ | ୦.୦୮ | ୦.୦୧ | ଶାରଦ ଦୁଇ | |
| ୨୦ | ୬୬୫ | ୧.୦୧ | ୦.୧୮ | ଘରବାରି | କୃଷ୍ଣ ଚନ୍ଦ୍ର ଗିରି, ବିଷ୍ଣୁ ଚରଣ ଗିରି, ସୁରେନ୍ଦ୍ର ନାଥ ଗିରି, ପି: ଗୋହିନ ଗିରି, ଜା: ଏକାଦଶ ତେଲି, ବା: ନିଜଗାଁ |
| ୨୩ | ୬୭୫ | ୦.୧୯ | ୦.୦୭ | ଶାରଦ ତିନି | ଗଙ୍ଗାଧର ପାତ୍ର, ପି: ଶମ୍ଭୁନାଥ ପାତ୍ର, ବାଇନ ପାତ୍ର, ପି: ବନମାଳୀ ପାତ୍ର, ଜା: ଏକାଦଶତେଲି, ବା: ନିଜଗାଁ |
| ୨୭ | ୫୦୨ | ୦.୨୯ | ୦.୦୩ | ଶାରଦ ତିନି | ଗଣେଶ ଦାସ, ପି: ବିହାରି ଦାସ, ଜା: ରାଜୁ, ବା: ନିଜଗାଁ |
| | ୫୧୭ | ୦.୦୫ | ୦.୦୫ | ପତିତ | |
| | ୫୧୮ | ୦.୨୩ | ୦.୦୭ | ଘରବାରି | |
| | ୫୨୩ | ୦.୨୬ | ୦.୧୦ | ଆଶୁ | |
| ୫୦ | ୫୯୭ | ୦.୨୮ | ୦.୦୫ | ଶାରଦ ଦୁଇ | ଦୁଲାରି ମାଝୀ, ପି: ମକରା ମାଝି, ହଂସି ମାଝୀ, ସ୍ୱା: ମକରା ମାଝି, ସଂଗ୍ରାମ ମାଝି, ପି: ବାଢା ମାଝି, ଶ୍ୟାମ ମାଝୀ, ସନାତନ ମାଝି, ପି: ସାଭନା ମାଝି, ଶଙ୍କର ମାଝୀ, ଚାନ୍ଦରାୟ ମାଝି, ଉମେଶ ମାଝି, ମଙ୍ଗୁଲି ମାଝି, ସ୍ୱା : ସାଉନା ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | ୫୯୮ | ୦.୯୪ | ୦.୧୬ | ଶାରଦ ଦୁଇ | |
| ୫୨ | ୪୨୯ | ୦.୨୧ | ୦.୦୩ | ଶାରଦ ତିନି | ଦୁଲି ମାଝି, ସ୍ୱା: ଦାସ ମାଝି, ଜା: ସାନ୍ତାଳ, ବା: ଆଲଡିହା, ବାଲି ମାଝି, ପି: ସାନମହନା ମାଝି, ପି: ଖାନ୍ତୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୩୦ | ୦.୫୪ | ୦.୦୨ | ଶାରଦ ଦୁଇ | |
| | ୬୦୧ | ୦.୨୪ | ୦.୧୦ | ଶାରଦ ଦୁଇ | |
| ୬୨ | ୫୨୪ | ୦.୩୫ | ୦.୨୦ | ଆଶୁ | ନିତ୍ୟାନନ୍ଦ ଦାସ, ପି : ବିହାରି ଦାସ, ଜା: ରାଜୁ, ବା: ନିଜଗାଁ |
| ୭୫ | ୫୯୬ | ୦.୧୮ | ୦.୧୮ | ଶାରଦ ଦୁଇ | ବାସୁଦେବ ମାଝି, ଚନ୍ଦ୍ରମୋହନ ମାଝି, ପି: ନରସିଂହ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୭୭ | ୫୦୫ | ୦.୩୪ | ୦.୦୨ | ଶାରଦ ତିନି | ବିଜୟ କୁମାର ଦାସ, ପି: ଗଣେଶ ଚନ୍ଦ୍ର ଦାସ, ଜା: ରାଜୁ, ବା: ନିଜଗାଁ |
| ୭୮ | ୬୮୯ | ୦.୪୪ | ୦.୦୬ | ଶାରଦ ତିନି | ବିଷ୍ଣୁ ଚରଣ ଗିରି, ପି: ଗୋହିନ ଗିରି, ଜା: ଏକାଦଶତେଲି, ବା: ନିଜଗାଁ |
| ୮୦ | ୫୪୪ | ୧.୦୧ | ୦.୦୫ | ଆଶୁ | ବିନୋଦ ଚନ୍ଦ୍ର ଦାସ, ପି: ଗୌରଚନ୍ଦ୍ର ଦାସ, ଜା: ରାଜୁ, ବା: ନିଜଗାଁ |
| ୮୬ | ୫୦୬ | ୦.୦୭ | ୦.୦୩ | ଶାରଦ ତିନି | ଭାସ୍କର ଚନ୍ଦ୍ର ନାୟକ, ପି: ଭୋଳାନାଥ ନାୟକ, ଜା: ଗୋପାଳ, ବା: ନିଜଗାଁ |
| ୯୨ | ୬୦୪ | ୦.୭୧ | ୦.୦୨ | ଶାରଦ ଦୁଇ | ମଞ୍ଜୁ ମଞ୍ଜରୀ ପଟ୍ଟନାୟକ, ପି : ସନ୍ତୋଷ କୁମାର ମହାନ୍ତି, ଜା: କରଣ, ବା: ନିଜଗାଁ |
| | ୬୦୯ | ୦.୭୪ | ୦.୦୫ | ଶାରଦ ଦୁଇ | |
| ୯୪ | ୫୨୬ | ୧.୪୯ | ୦.୨୮ | ଆଶୁ | ମହାଶ୍ୱରୀ ଦେ, ସ୍ୱା : ରାମହରି ଦେ, ଜା: ରାଜୁ, ବା: ନିଜଗାଁ |
| | ୫୨୭ | ୧.୦୫ | ୦.୦୨ | ଘରବାରି | |
| | ୫୪୬ | ୦.୪୧ | ୦.୦୩ | ଆଶୁ | |
| | ୫୪୭ | ୦.୦୯ | ୦.୦୯ | ନାଳ | |
| | ୫୪୮ | ୦.୧୪ | ୦.୧୪ | ଶାରଦ ତିନି | |
| | ୫୫୦ | ୦.୩୧ | ୦.୦୨ | ଶାରଦ ତିନି | |
| ୧୦୦ | ୫୩୧ | ୦.୩୮ | ୦.୧୪ | ଆଶୁ | ରାତାଇ ମାଝୀ, ଉଦୟ ମାଝି, ପି: ବାଣ୍ଡିଆ ମାଝୀ, ତଳ ମାଝି, ପି : ରଘୁଆ ମାଝି, କଙ୍କା ମାଝି, ପି: ରାମସାଇ ମାଝୀ, ଚାନ୍ଦରାଏ ମାଝି, ପି: ରାମ ଦାସ ମାଝି, ପୁନଗି ମାଝି, ପି: ଆମ୍ବାଏ ମାଝି, ମହନ ମାଝି, ପି: ରାମ ଦାସ ମାଝି, ଧନି ମାଝି, ସ୍ୱା: ବାଣ୍ଡିଆ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | ୬୦୦ | ୦.୩୨ | ୦.୧୬ | ଶାରଦ ଦୁଇ | |
| ୧୦୫ | ୬୬୬ | ୧.୦୧ | ୦.୧୬ | ଘରବାରି | ରୁଦ୍ର ନାରାୟଣ ଗିରି, ପି: କାବୁଲି ଗିରି, ଜା: ଏକାଦଶତେଲି, ବା: ନିଜଗାଁ |
| | ୬୭୩ | ୦.୧୯ | ୦.୦୫ | ବଗାୟତ ତିନି | |
| | ୬୮୮ | ୦.୪୩ | ୦.୨୦ | ଶାରଦ ତିନି | |
| ୧୨୯ | ୫୩୨ | ୦.୫୯ | ୦.୦୮ | ବଗାୟତ ତିନି | ଶ୍ରୀଧର ହୋଇ, ସୃଷ୍ଟିଧର ହୋଇ, ଗଙ୍ଗାଧର ହୋଇ, ପି: ମଧୁସୂଦନ ହୋଇ, ଜା: ଗୋପାଳ, ବା: ନିଜଗାଁ |
| | ୫୪୫ | ୦.୦୯ | ୦.୦୯ | ଆଶୁ | |
| | ୫୫୨ | ୦.୦୪ | ୦.୦୪ | ନାଳ | |
| | ୫୫୩ | ୦.୨୨ | ୦.୦୬ | ଶାରଦ ତିନି | |
| | ୬୨୪ | ୦.୪୧ | ୦.୧୪ | ଘରବାରି | |
| ୧୩୦ | ୬୮୭ | ୦.୨୬ | ୦.୦୭ | ଶାରଦ ତିନି | ଶୁକାନ୍ତୀ ଗିରି, ଶୈଳବାଳା ଗିରି, ପି: କ୍ଷେତ୍ରମୋହନ ଗିରି, ଭଗବାନ ଗିରି, ଗୋପୀନାଥ ଗିରି, ଲୋକନାଥ ଗିରି, ପି: ହରି ଗିରି, ଜା: ରାଜୁ, ବା: ନୁଣଚାଟି |
| ୧୩୭ | ୫୧୪ | ୦.୩୩ | ୦.୨୬ | ଘରବାରି | ହରେକୃଷ୍ଣ ନାୟକ, ପି: ପରମାନନ୍ଦ ନାୟକ, ଜା: ଗୋପାଳ, ବା: ନିଜଗାଁ |
| ୧୩୭/୫ | ୫୨୮ | ୦.୬୬ | ୦.୧୨ | ଅଶୁ | ମହନ ମାଝୀ, ପି : ରାମସାଇ ମାଝି, ହରି ମାଝି, ପି: ଉଦୟ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୭/୩୪ | ୬୩୮ | ୧.୧୩ | ୦.୫୬ | ଶାରଦ ତିନି | ଶୈଳବାଳା ମହାନ୍ତି, ସ୍ୱା: ସନ୍ତୋଷ କୁମାର ମହାନ୍ତି, କୁମୁଦିନୀ ପଟ୍ଟନାୟକ, ସ୍ୱା : ରମାକାନ୍ତ ପଟ୍ଟନାୟକ, ଜା: କରଣ, ବା: ରାସଗୋବିନ୍ଦପୁର |
| ୧୩୭/ ୧୨୧ | ୫୨୨ | ୦.୩୮ | ୦.୧୨ | ବଗାୟତ ତିନି | ଭାନୁଚରଣ ଭଂଜ, ପି: ଦେବେନ୍ଦ୍ର ଭଂଜ, ଜା: ରାଜୁ, ବା: ନିଜଗାଁ |
| ୧୩୭/ ୧୪୨ | ୬୮୯/ ୯୬୪ | ୦.୪୦ | ୦.୧୨ | ଶାରଦ ତିନି | ରଣଜିତ କୁମାର ଗିରି, ପି: ରୁଦ୍ରନାରାୟଣ ଗିରି, ଜା: ଏକାଦଶତେଲି, ବା: ନିଜଗାଁ |
| ୧୩୭/ ୧୫୦ | ୩୧୨ | ୭.୫୬ | ୧.୦୪ | ବଗାୟତ ଦୁଇ | ଶରତ ମହାନ୍ତି, ପି: ସନ୍ତୋଷ କୁମାର ମହାନ୍ତି, ଜା: କରଣ, ବା: ରାସଗୋବିନ୍ଦପୁର |
| ୧୩୭/ ୧୫୨ | ୬୧୦ | ୦.୧୬ | ୦.୦୮ | ଆଡି | ଶ୍ରୀବସ୍ତ କୁମାର ମହାନ୍ତି, ପି: ସନ୍ତୋଷ କୁମାର ମହାନ୍ତି, ଜା: କରଣ, ବା: ସେଲଟର ଛକ ମାରୁଆଡି ବଗିଚା, ୱାର୍ଡ ନଂ–୪, ଥା : ବିଡାନାସୀ, ଜି: କଟକ |
| | ୬୧୧ | ୦.୧୭ | ୦.୧୪ | ଜଳାଶୟ ଦୁଇ | |
| | ୬୧୨ | ୦.୧୭ | ୦.୦୩ | ଆଡି | |
| | ୬୧୪ | ୨.୪୮ | ୦.୨୪ | ବଗାୟତ ଦୁଇ | |
| ୧୩୭/ ୧୬୪ | ୫୦୮ | ୦.୦୮ | ୦.୦୫ | ବଗାୟତ ତିନି | ଭାସ୍କର ଚନ୍ଦ୍ର ନାୟକ, ପି: ଭୋଳାନାଥ ନାୟକ, ଜା: ଗୋପାଳ, ବା: ନିଜଗାଁ |
| ୧୩୭/୧୬୫ | ୫୦୮/ ୧୧୬୨ | ୦.୦୮ | ୦.୦୪ | ବଗାୟତ ତିନି | ସହଦେବ ନାୟକ, ପି: କରୁଣାକର ନାୟକ, ସାବିତ୍ରୀ ନାୟକ, ସ୍ୱା: କରୁଣାକର ନାୟକ, ଜା: ଗୋପାଳ, ବା: ନିଜଗାଁ |
| ୧୩୭/ ୧୬୬ | ୫୦୮/ ୧୧୬୩ | ୦.୦୯ | ୦.୦୪ | ବଗାୟତ ତିନି | ରତ୍ନାକର ନାୟକ, ପି: ଭୋଳାନାଥ ନାୟକ, ଜା: ଗୋପାଳ, ବା: ନିଜଗାଁ |
| | ୬୦୫ | ୦.୨୦ | ୦.୦୫ | ଶାରଦ ଦୁଇ | |
| ୧୩୭/୧୬୭ | ୫୦୮/ ୧୧୬୪ | ୦.୦୯ | ୦.୦୪ | ବଗାୟତ ତିନି | ଶୋଭାକର ନାୟକ, ପି: ଭୋଳାନାଥ ନାୟକ, ଜା: ଗୋପାଳ, ବା: ନିଜଗାଁ |
| | ୬୦୫/ ୧୧୭୧ | ୦.୨୩ | ୦.୦୭ | ଶାରଦ ଦୁଇ | |
| ୧୩୭/୧୮୨ | ୬୯୦ | ୦.୦୨ | ୦.୦୨ | ପତିତ | ରାଧାକୃଷ୍ଣ ପଣ୍ଡା, ପି: ବିରଞ୍ଚି ନାରାୟଣ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୬୯୪ | ୦.୧୧ | ୦.୦୧ | ଶାରଦ ତିନି | |
| ୧୩୭/୧୮୬ | ୬୯୧ | ୦.୦୪ | ୦.୦୪ | ଆଡି | ଭୁବନେଶ୍ୱରୀ ପଣ୍ଡା, ସ୍ୱା : ଦିବାକର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୬୯୨ | ୦.୦୮ | ୦.୦୮ | ଜଳାଶୟ ଦୁଇ | |
| | ୬୯୩ | ୦.୦୪ | ୦.୦୪ | ଆଡି | |
| ୧୩୭/୨୦୨ | ୬୦୩ | ୦.୨୧ | ୦.୧୨ | ଶାରଦ ତିନି | ଶିବ ମାଝି, ପି: ସିଙ୍ଗରାୟ ମାଝି, ମହନ ହାଁସଦାଃ, ଶିବ ହାଁସଦାଃ, ପି: ଡମାନ ହାଁସଦାଃ, ଗୁହ୍ୟା ହାଁସଦାଃ, ପି: ମହନ ହାଁସଦାଃ, କାର୍ମୀ ହାଁସଦାଃ, ସ୍ୱା: ମହନ ହାଁସଦାଃ, ବନମାଳି ହାଁସଦାଃ, ପି: ଲେଧରା ହାଁସଦାଃ, ପିରେଶ୍ୱର ହାଁସଦାଃ, ଜିତରାୟ ହାଁସଦାଃ, ପି : ରେଣ୍ଡା ହାଁସଦାଃ, ମହନ ହାଁସଦାଃ, ପି: ପିରୁ ହାଁସଦାଃ, ଜା: ସାନ୍ତାଳ, ବା: ନଳଗଜା |
| ୧୩୭/୨୧୭ | ୬୭୨ | ୦.୩୭ | ୦.୨୦ | ଆଶୁ | ରଜତ କୁମାର ଗିରି, ରୋହିତ କୁମାର ଗିରି, ପି: ରତିକାନ୍ତ ଗିରି, ଜା: ଏକାଦଶ ତେଲି, ବା: ନଳଗଜା |
| | ୬୭୪ | ୦.୧୫ | ୦.୦୩ | ଆଶୁ | |
| ୧୩୭/୨୩୩ | ୬୬୯ | ୦.୨୫ | ୦.୧୨ | ଜଳାଶୟ ଦୁଇ | ଶିବ ଶଙ୍କର ସାହୁ, ପି: ଚିତ୍ତରଞ୍ଜନ ସାହୁ, ସ୍ୱପ୍ନାବତୀ ସାହୁ, ସ୍ୱା: ଚିତ୍ତରଞ୍ଜନ ସାହୁ, ମନୋରଞ୍ଜନ ସାହୁ, ପି: ନବକିଶୋର ସାହୁ, ଜା: ତେଲି, ବା: ନଳଗଜା |
| | ୬୭୦ | ୦.୧୨ | ୦.୦୭ | ଆଡି | |
| | ୬୭୧ | ୦.୦୨ | ୦.୦୨ | ଆଡି | |
| ସମପରିମାଣର ଗୋଚର ପ୍ରତିବଦଳୀ ନିମନ୍ତେ | | | | | |
| ୫୦ | ୩୭୪ | ୧.୬୪ | ୧.୨୮ | ଡ଼ାହି ଦୁଇ | ଦୁଲାରି ମାଝି, ପିତା – ମକରା ମାଝି, ହଂସି ମାଝି, ସ୍ୱା:– ମକରା ମାଝି, ସଂଗ୍ରାମ ମାଝୀ, ପିତା – ବାଢା ମାଝି, ଶ୍ୟାମ ମାଝି, ସନାତନ ମାଝି, ପିତା ସାଉନା ମାଝି, ମଙ୍ଗୁଳି ମାଝି, ସ୍ୱା : ସାଉନା ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୬୮ ପ୍ଲଟକୁ | ଏ.୩୪.୩୮ ଡେ.ମି. | ଏ. ୮.୯୨ ଡେ.ମି. | | |

24001/14/0579/1819

# ଫଳଚାଷ



ଡ.ପରେଶ କୁମାର ପଣ୍ଡା







ଆମ ରାଜ୍ୟରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରୀ, ପଣସ ଓ ଆତ ଆଦି ଫଳ ଚାଷ ହୋଇଥାଏ। ଅନ୍ୟ ଜିଲାମାନଙ୍କ ତୁଳନାରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଓ ସୁନ୍ଦରଗଡ଼ ଜିଲାରେ ଫଳଚାଷ ଅଧିକ ହୋଇଥାଏ। ଉପକୂଳବର୍ତ୍ତୀ ଜିଲାମାନଙ୍କରେ ନଡ଼ିଆ, କଦଳୀ ଓ ସପେଟା (ଚିକୁ) ଚାଷ ବେଶ୍ ଲୋକପ୍ରିୟ। ଅମୃତଭଣ୍ଡା ଚାଷ ସବୁ ଜିଲାରେ ବୃଦ୍ଧି ପାଇଚାଲିଛି। ପାଚିଲା କଦଳୀ ସହ କଞ୍ଚା କଦଳୀର ପେଷୀପୋଷଣ (ଟିସୁ କଲ୍‌ଚର) ଚାଷ ଆଦୃତ ହେଉଛି। ଆଭ୍ୟନ୍ତରୀଣ ଜିଲା ଯଥା- କୋରାପୁଟ, ରାୟଗଡ଼ାରେ କଦଳୀ ଚାଷ ବେଶ୍ ଅର୍ଥକରୀ ସାବ୍ୟସ୍ତ ହେଉଛି। ଆମ ରାଜ୍ୟର ଜଳବାୟୁ ଏହିସବୁ ଫଳ ଚାଷ ପାଇଁ ଅନୁକୂଳ ଅଟେ।

ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ଫଳପୂଜାରେ ଲାଗିଥାଏ। ଫଳରେ ବିଭିନ୍ନ ପ୍ରକାରର ଧାତବ ଲବଣ ଓ ଜୀବନିକା (ଭିଟାମିନ) ଭରପୂର ରହିଥାଏ ଓ ଉନ୍ନତ ରୂପେ ରହିଥାଏ, ଯାହାକି ଆମର ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳ ଚାଷ ଖୁବ୍ ଲାଭ ଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢିଥାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାମାନଙ୍କରେ ମହୁ ଚାଷ କରି ଅଧିକ ଲାଭବାନ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ, ତାହାର କାଠରୁ ଆସବାବପତ୍ର ତିଆରି ହୁଏ ଓ ତାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ୍ୟ ଫଳକୁ ସଂରକ୍ଷଣ କରି ରଖିପାରିଲେ, ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ।

ଜଣେ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇପାରନ୍ତି। ଖାଦ୍ୟପ୍ରାଣ 'କ' ଅଭାବରୁ ଅନ୍ଧାରକଣା, 'ଖ' ଅଭାବରେ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଖାଦ୍ୟ ପ୍ରାଣ 'ଗ' ଅଭାବରୁ ସ୍କର୍ଭି ରୋଗ ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରକୃତିର ପାଚିଲା ଫଳରୁ ଯଥେଷ୍ଟ ଖାଦ୍ୟପ୍ରାଣ 'କ' ମିଳିଥାଏ। କାଜୁବାଦାମ, ସେଓ, ନାସ୍ପାତିରୁ ଖାଦ୍ୟପ୍ରାଣ 'ଖ' ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ଖାଦ୍ୟପ୍ରାଣ 'ଗ' ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳିଥାଏ। ଜଣେ ସୁସ୍ଥ ମଣିଷ ପ୍ରତ୍ୟହ ସକାଳେ କଞ୍ଚାଫଳ ସେବନ କଲେ ସମ୍ପୂର୍ଣ୍ଣ ନିରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଦର୍ଶାଇଛନ୍ତି। ହୃଦ୍‌ଘାତ ଏଭଳି ଏକ ରୋଗ ଯେଉଁଥିରୁ ମୁକ୍ତି ପାଇବାକୁ ହେଲେ ନିହାତି ଫଳ ଖାଇବାକୁ ପଡ଼ିବ। ଆହୁରି ମଧ୍ୟ ଫଳ ଖାଇଲେ ଉଚ୍ଚ ରକ୍ତଚାପରୁ ମୁକ୍ତି ମିଳିବା ସହ କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରିତ ହୋଇଥାଏ।

ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ ସେହିପରି ଲାଭଜନକ। ଏକ ଏକରର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ, ଯାହାର ମୂଲ୍ୟ ଅତିକମ୍‌ରେ ୧ ଲକ୍ଷ ଟଙ୍କା ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ ଓ ନଡିଆର ଦାମ୍ ବାବଦେ ୧ ଲକ୍ଷ ଟଙ୍କା ମିଳିଥାଏ।

ପନିପରିବା ଓ ଶସ୍ୟ ଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳ ଚାଷ ଅତି ଗୁରୁତ୍ୱପୂର୍ଣ୍ଣ।

-ମରୁଡ଼ି ଅଞ୍ଚଳରେ ଫଳଚାଷ -ରାଜ୍ୟର ୬୦ଭାଗ ଜମିରେ ଜଳସେଚନର ସୁବିଧା ନାହିଁ ଓ ସେ ସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳ ଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇରହେ। ଅଧିକନ୍ତୁ,ଫଳଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେ ସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

-ବନ୍ୟାଞ୍ଚଳରେ ଫଳଚାଷ-ବନ୍ୟା ପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ,ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷ କଲେ ସେଥିରୁ ଆୟ ଭଲ ମିଳିଥାଏ। ବାଡି ବଗିଚାରେ କିଛି ଫଳଗଛ ଲଗାଇଥିଲେ,ସେଥିରୁ ହେଉଥିବା ଆୟରେ ବୁଢ଼ାକାଳେ ଯେନତେନ ପ୍ରକାରେଣ ଚାଷୀମାନେ ଚଳିଯାଆନ୍ତି। -ସୁସ୍ଥ ପରିବେଶ-ଫଳଚାଷ ରାଜ୍ୟରେ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

-ଅମଳ ଓ ବିପଣନ-ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ମୋଟାକରି ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂ କରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ।

ଉଦ୍ୟାନ୍ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିଥାଏ। ତେଣୁ,ତାହାର ପରିଚାଳନା ସହଜ ଓ ଅଳ୍ପ ଖର୍ଚ୍ଚଯୁକ୍ତ ହୋଇଥାଏ। ଅନେକ ଅଞ୍ଚଳରେ ଲୋକେ ଫଳ ଚାଷକରି ଅଧିକ ଆୟ ପାଇ ପାରୁଛନ୍ତି। ପତିତ ଜମିରେ ଫଳଚାଷ କରିବା ଭଲ। ଫଳ ପରିବହନ ପାଇଁ ଅଧିକ କର୍ମଦିବସ ସୃଷ୍ଟି ହୋଇଥାଏ। ନିଶ୍ଚିତ ରୂପେ, ଉଦ୍ୟାନ ଫଳ ଫସଲ ବିଲ ଫସଲ ଠାରୁ ଅଧିକ ଲାଭଦାୟକ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ-୭୨୦୫୦୯୬୮୦*

## ଆଖୁରେ ଜୋଉାପୋକ ନିୟନ୍ତ୍ରଣ

ବର୍ତ୍ତମାନ ଦିନର ତାପମାତ୍ରା ବଢ଼ିବାର ସମ୍ଭାବନା ଥିବାରୁ ଜମିର ବତର ଦେଖି ଜଳସେଚନ କରନ୍ତୁ। ଆଖୁ ଏକ ବର୍ଷିକିଆ ଫସଲ ହୋଇଥିବାରୁ କେବଳ ବର୍ଷା ଋତୁକୁ ଛାଡ଼ି ବର୍ଷର ଅନ୍ୟ ସମୟରେ ବିଶେଷ କରି ଗ୍ରୀଷ୍ମ ଋତୁରେ ଜଳସେଚନର ଆବଶ୍ୟକତା ଅଧିକ ଥାଏ। ଆଖୁ ଗଛର ବିଭିନ୍ନ ଅବସ୍ଥାକୁ ଆଖିରେ ରଖି ଜଳସେଚନ କରିବାକୁ ପଡ଼ିଥାଏ। ଯଥା ଗଜା ବାହାରିବା ସମୟ - ଲଗାଇବାଠାରୁ ୩୫ ଦିନ ମଧ୍ୟରେ ପ୍ରତି ୭ ଦିନରେ ଥରେ,ପିଲ ବାହାରିବାର ସମୟ -



୩୬ ରୁ ୧୦୦ ଦିନ ମଧ୍ୟରେ ପ୍ରତି ୧୦ ଦିନରେ ଥରେ, ବିଶେଷ ବୃଦ୍ଧି ସମୟ - ୧୦୧ ରୁ ୨୭୦ଦିନ ମଧ୍ୟରେ ପ୍ରତି ୭ ଦିନରେ ଥରେ ଜଳସେଚନ କରନ୍ତୁ। ଲଗାଯାଇଥିବା ଆଖୁ ୬୦ ଦିନର ହୋଇଯାଇଥିଲେ ମନ୍ଦାପିଛା ୧୦ ଗ୍ରାମ୍ ୟୁରିଆ ସାର ପ୍ରୟୋଗ କରନ୍ତୁ। ଆଖୁରେ ସଅଳ କାଣ୍ଡବିନ୍ଧା ପୋକ ଲାଗିବାର ସମୟ ଆସି ଯାଇଛି। ତେଣୁ ବର୍ଗ ମିଟର ପ୍ରତି ଶତକଡା ୫ ଭାଗରୁ ଅଧିକ ମଲାମଞ୍ଜି ଦେଖାଗଲେ କୋଡ଼ାଖୁସା କରି ଏକର ପ୍ରତି କାର୍ବୋଫ୍ୟୁରାନ୍ ୧୨ କିଗ୍ରା କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ଦାନାଦାର ୧୦ କିଗ୍ରା ଦେଇ ହୁଡ଼ା ଟେକି ଦିଅନ୍ତୁ କିମ୍ବା ଏଣ୍ଡୋସଲ୍‌ଫାନ୍ ଏକର ପ୍ରତି ୪୦୦ ମିଲି ସିଞ୍ଚନ କରନ୍ତୁ। ଯଦି ଆଖୁ ଲଗାଇ ନାହାନ୍ତି ତେବେ ଆଉ ବିଳମ୍ବ ନ କରି ଲଗାଇବା କାମ ଶୀଘ୍ର ଶେଷ କରନ୍ତୁ। ଲଗାଇବା ପ୍ରଣାଳୀ ଅନୁଯାୟୀ ଫସଲକୁ ୩୦ ରୁ ୪୫ ଦିନ ହୋଇଥିଲେ ପ୍ରଥମ ଶୀର୍ଷସାର ଏବଂ ୬୦ ରୁ ୭୫ ଦିନ ହୋଇଥିଲେ ଦ୍ୱିତୀୟ ଶୀର୍ଷ ସାର ପ୍ରୟୋଗ କରନ୍ତୁ।



## ପିଆଜ

ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ। ଶଣ୍ଢା ବାହାରିଲେ ଯଥା ଶୀଘ୍ର କାଟି ଦିଅନ୍ତୁ। ପିଆଜର ପତ୍ରପୋଡ଼ା ସହ ଆଞ୍ଜୁଡା ଦାଗ ଦେଖାଦେଲେ ପତ୍ର ଉକୁଣୀ ଲଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମୋଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସ୍ପ୍ରେ କରନ୍ତୁ। ପିଆଜରେ ପତ୍ରପୋଡ଼ା ରୋଗ ଲାଗିବାର ସମ୍ଭାବନା ଅଛି। ଏହର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ଖଡ଼ା ଶାଗ ପାଇଁ ଜମି ପ୍ରସ୍ତୁତି

ପାଞ୍ଚ ଫୁଟ (୧.୫ ମିଟର)ଲମ୍ବ ଓ ୪ ଫୁଟ (୧.୨୦ମିଟର) ଓସାରର ଛୋଟ ଛୋଟ ପଟାଳି କରି ତାର ଚାରିପଟେ ହୁଡ଼ା ଟେକି ଦିଅନ୍ତୁ। ମାଟିକୁ ହାଣି ଭଲ ଭାବରେ ଗୁଣ୍ଡ କରି ଅନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳିରେ ଝୁଡ଼ିଏ ବା ୨ ଝୁଡି ଶୁଖିଲା ଶଢ଼ା ଗୋବର ଖତ ମିଶାଇ ଦିଅନ୍ତୁ। ଏକରକୁ ୪ ରୁ ୬ କିଗ୍ରା ମଞ୍ଜି ଯୋଗାଡ଼ କରନ୍ତୁ। ଶାଗମଞ୍ଜିଗୁଡ଼ିକ ଛୋଟ ଛୋଟ ହୋଇଥିବା ଯୋଗୁ କିଛି ରଗଡା ବାଲି ମିଶାଇ ଯତ୍ନର ସହିତ ପତଳା କରି ସବୁଆଡ଼େ ସମାନ ଭାବରେ ବୁଣନ୍ତୁ। ମଞ୍ଜି ବୁଣିବା ପରେ ମାଟିକୁ ଟିକିଏ ହାତରେ ଏପଟ ସେପଟ ଚଲାଇ ପଟାଳିକୁ ପାଳ ବା ନଡ଼ା ଦ୍ୱାରା ପାଣି ଛିଞ୍ଚି ଦିଅନ୍ତୁ। ମଞ୍ଜି ଗଜା ହୋଇ ଆସିଲେ ନଡ଼ା ବାହାର କରି ଦିଅନ୍ତୁ। ତଳିଗୁଡ଼ିକ ୧୨ ରୁ ୧୫ ଦିନର ହୋଇଗଲେ ତାକୁ ନେଇ ଅନ୍ୟତ୍ର ରୋଇ ଦିଅନ୍ତୁ। ରୋଇବା ସମୟରେ ଧାଡ଼ିକୁ ଧାଡ଼ି ୭୫ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ।



**Corrigendum**

In reference to our tender for appointment of Level-I Transport Contractor published in daily Sambad and Dharitri on Dt. 22.02.2019 vide Tender Call Notice No-992 Dt. 21.02.2019, the workable rate quoted for OSWC, Basantapur to other RRCs in page No-34 & Page No-53, Sl. No-4 may be read as deleted.

**Sd./- District Manager**
**OSCSC Ltd., Jagatsinghpur**

CSO-cum- District Manager
**ODISHA STATE CIVIL SUPPLIES CORPORATION LTD.**
Collectorate, Malkangiri, www.malkangiri.nic.in

**No. - 1778/II-PDS/43/2019** **Date: 25.02.2019**

**TENDER CALL NOTICE**

CSO-cum-District Manager, OSCSC Ltd., Malkangiri invites sealed tenders from reputed firms / companies / persons for appointment as Handling Contractor for handling of foodgrains at Rice Receiving Centre-cum-Departmental Storage Centre (RRC-cum-DSC).

The Handling Contractor shall perform all operations for handling of foodgrains (Unloading / loading / stacking / bagging / rebagging / weighment / standardization / cleaning etc.) at RRC-cum-DSC.

Interested firms / companies / persons may obtain tender document from the office of the CSO-cum-District Manager from **26.02.2019** to **15.03.2019** up to **5:00 PM.** The interested firms / companies / persons may also download the tender document from the district website **www.malkangiri.nic.in**

Interested firms / companies / persons will have to submit the tender documents through **registered post / speed post / courier service only** as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**

**Address for submission of Tender document:**
**District Manager, OSCSC Ltd., Malkangiri,**
**At/Po-Malkangiri, District-Malkangiri, Pin-764045**

| | |
|---|---|
| Period of sale of tender document | 26.02.2019 to 15.03.2019 up to 02:00 PM |
| Last date for receipt of tender document | 15.03.2019 up to 05:00 PM |
| Date of opening of Technical Bid | 20.03.2019 at 11:00 AM |
| Date of opening of Price Bid | 23.03.2019 at 11:00 AM |

Sd/-
**CSO-cum-District Manager**

idco Your power to grow ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No: E- 3849/17-18/P-III/18-19/15-16/ p-II/ 18-19/ 862 Date: 23.02.2019

**TENDER CALL NOTICE**

| | | |
|---|---|---|
| Name of the Work | : | SITC of Cyclorama in Auditorium of Krushi Bhawan, Bhubaneswar. |
| Estimated Cost of the Work | : | Rs. 2,76,397.00 |
| Period of Completion | : | 20 days. |
| EMD Amount | : | Rs. 3,000.00 |
| Cost of Bid Document | : | Rs. 2,000.00 + 360.00 (GST @18%) |
| Date of Availability of Tender | : | 27.02.2019 to 11.03.2019 within 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs of 14.03.2019 |
| Date of Opening of Tender | : | At 16.00 Hrs on 14.03.2019 |
| Procurement Officer | : | Divisional Head (Electrical), IDCO, Bhubaneswar. |

Further details can be seen from the IDCO website **www.idco.in** or, contact Er. M Amiya, Manager (Electrical) at Tel. No.(0674) 2541766 during office hours.
Sd/-
**D.H. (Electrical), IDCO, Bhubaneswar**

**BERHAMPUR MUNICIPAL CORPORATION, BERHAMPUR**

**Letter No.: 2837** **Date: 25.02.19**

**TENDER CALL NOTICE**

No. 515-C: Berhampur Municipal Corporation (BeMC) invites quotations from Individual, Sole Proprietorship Concern, Partnership Firm, Registered Society/Registered Co-operative Society, Public Limited Company or a Private Limited Company for supply of one Nos. of Shredder Machine to shred all types of dry, wet and semi wet agriculture produce, kitchen waste, food waste, garden waste etc. into small pieces for compost with working capacity 100 Kg./Hr.

The interested bidder should submit the Bid cost of Rs.448/- (including GST) in shape of DD in favour of Commissioner, Berhampur Municipal Corporation.

The quotation should be submitted in a sealed envelope with subject Supply of shredder machine addressed to the Commissioner, Berhampur Municipal Corporation in following format.

| Item | Quantity | Rate (Including GST etc.) |
|---|---|---|
| Shredder Machine for Compost. Drum Diameter 300mm, working width 280mm, Electric Motor 2 H.P. with Three Phase make. Capacity: 100Kg/Hr. | 01 | |

The last date of submission of quotations is 06.03.2019, Time 5 P.m. by Hand or Registered Post. Date of opening of the Bid 07.03.2019 at 11.00 A.M.

**Sd./- Commissioner**
13035/11/0235/1819 **Berhampur Municipal Corporation**

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**Tender Call Notice**
CHIEF DISTRICT MEDICAL & PUBLIC HEALTH OFFICER, DHENKANAL
**(HEALTH & F.W. DEPTT, GOVT. OF ORISSA)**

**Letter No. 3127** **Dt. 26.02.19**

Sealed tender is invited from the registered suppliers & distributors for supply of DPHL Laboratory consumables for the year 2018-19 for the District head quarter hospital, Dhenkanal. The last date for receiving the tender document to the office of the undersigned on or before 16.03.2019 upto 3 PM and will be opened on 19.03.2019 at 11 AM. The detail terms & condition can be downloaded from the website www.dhenkanal.nic.in.

**Sd./-**
**Chief District Medical & Public Health Officer**
**District- Dhenkanal**

**ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା**

ଏତଦ୍ୱାରା ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ୨୦୦୭- ୨୦୦୮ ବର୍ଷରୁ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ୨୦୧୮-୨୦୧୯ ଆର୍ଥିକ ବର୍ଷ ପାଇଁ ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଦେବାପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଯୋଜନାର ନିୟମାବଳୀ ମୁତାବକ ସଂପୃକ୍ତ ଛାତ୍ର/ଛାତ୍ରୀ ପୁନର୍ବସତି କଲୋନୀ/ରିକ୍ଲାମେସନ୍ ବ୍ଲକ୍/ଶିବିର ଏବଂ ପାଶ୍ୱାଞ୍ଚଳ ଗ୍ରାମବାସୀମାନଙ୍କର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀ ଏବଂ ସଂପ୍ରତି ନିଜର ଶିକ୍ଷା ଚାଲୁରଖିଥିବା ଆବଶ୍ୟକ। ଏଥି ନିମନ୍ତେ ରାଉରକେଲା/ଇସ୍ପାତ କାରଖାନା ଏବଂ ମନ୍ଦିରା ଡ୍ୟାମ୍ ପ୍ରକଳ୍ପ ସ୍ଥାପନ ସମୟରେ ବାସଚ୍ୟୁତ ହୋଇଥିବା ପରିବାର ଅନ୍ତର୍ଭୁକ୍ତ ପିଲାମାନଙ୍କୁ ଚୟନ କରାଯିବ। ଇଚ୍ଛୁକ ଛାତ୍ର/ଛାତ୍ରୀ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିବେ।

**ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା**

**GOVT. OF ODISHA** No.1327-A
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, DRAINAGE CIRCLE, GANDARPUR,**
**CUTTACK-753 003, email Id :- sedrainagecirclectc@gmail.com**
**E-PROCUREMENT NOTICE NO.-SEDC-CTC-06/2018-19**

| | | | |
|---|---|---|---|
| 1 | Name of Works | : | 2 Nos. Package of Rs. 333.09 & 290.84 Lakhs |
| 2 | Bid Identification No. | : | SEDC-CTC/DD-JSPR-17/2018-19 SEDC-CTC/DD-JSPR-18/2018-19 |
| 3 | Period of completion | : | 11( Eleven) Calendar months |
| 4 | Availability of Tender On-Line | : | 28.02.2019 from16.00 Hours 14.03.2019 upto 17.00 Hours. |
| 5 | Date of Opening of Technical Bid | : | 15.03.2019 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 6 | Date of Opening of Financial Bid | : | 20.03.2019 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 7 | Date of Lottery (If Required) | : | 27.03.2019 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 8 | Procurement Officer | : | Superintending Engineer, Drainage Circle, Gandarpur, Cuttack-753003 |

Further details can be seen from the Govt. website **www.tendersorissa.gov.in.**

*Superintending Engineer,*
32076/11/0007/1819 *Drainage Circle, Cuttack.*

**GOVERNMENT OF ODISHA "e" PROCUREMENT NOTICE** No.1814-O

**Bid Identification No 32 of 2018 - 19**

1. Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in)
2. Total No of work :- 12 Nos.
3. Estimated Cost :- Rs. 54.50 lakh to 81.20 lakh
4. Eligible Class of Contractor :- " B & A" Contractor
5. Period of Completion :- 06 months (Refer DTCN available in the website **tendersorissa.gov.in**)
6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 32 of 2018 - 19 | Dt. 01.03.2019 At.10.00 Hrs. | Dt. 15.03.2019 Up to.17.00 Hrs. | Dt. 16.03.2019 at 11 00 A.M |

Further details can be seen from the website **www. tendersorissa.gov.in**
Corrigendum, if any, will be uploaded in website only.

*Executive Engineer,*
25006/11/0034/1819 *R WS&S Division, Phulbani*

Dollar 71.07 (↑ 10) | Sensex ↓ 239.67 35,973.71 | Nifty ↓ 44.80 10,835.30 | Gold ↓ ₹60 34,530.00 | Silver ↓ ₹195 41,405.00

ଭାରତୀୟ ନିର୍ବାଚନ କମିଶନଙ୍କ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଉଛି।
– କୋଲିନ କ୍ରୋଏଲ, ଗ୍ଲୋବାଲ ଭିପି, ଟୁଇଟର



ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ହୋମିଓପାଥି ଏବଂ ଆୟୁର୍ବେଦ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।
– କେ.ଭି. ସୁବ୍ରମଣ୍ୟନ, ସିଇଏ



## ସଂକ୍ଷେପରେ

### ପିସିଏରୁ ବାହାରିଲେ ଆଉ ୩ ବ୍ୟାଙ୍କ

ନୂଆଦିଲ୍ଲୀ,୨୬-୨: ଦୁଇଟି ରାଷ୍ଟ୍ରାୟତ୍ତ ଓ ଗୋଟିଏ ଘରୋଇ ବ୍ୟାଙ୍କ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ନିର୍ଦ୍ଧାରିତ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)ରୁ ବାହାରି ଆସିଛନ୍ତି। ଏମାନଙ୍କ ମଧ୍ୟରେ ଆଲ୍ଲାହାବାଦ୍ ବ୍ୟାଙ୍କ ଓ କର୍ପୋରେଶନ ବ୍ୟାଙ୍କ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଥିବା ବେଳେ ଧନଲକ୍ଷ୍ମୀ ବ୍ୟାଙ୍କ ଏକମାତ୍ର ଘରୋଇ ବ୍ୟାଙ୍କ ରହିଛି। ଚଳିତ ବର୍ଷ ଜାନୁୟାରୀ ୩୧ରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପିସିଏରୁ ବାଦ୍ ପଡ଼ିଥିଲା। ଆର୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ବୋର୍ଡ ଫର ଫାଇନାନ୍ସିଆଲ ସୁପରଭିଜନ(ବିଏଫ୍‌ଏସ୍) ଉକ୍ତ ୩ ବ୍ୟାଙ୍କର ପ୍ରଦର୍ଶନ ସମୀକ୍ଷା କରିବା ପରେ ସେମାନଙ୍କୁ ପିସିଏରୁ ବାଦ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ନିକଟରେ ଆଲ୍ଲାହାବାଦ ବ୍ୟାଙ୍କକୁ ୬୮୯୬ କୋଟି ଏବଂ କର୍ପୋରେଶନ ବ୍ୟାଙ୍କକୁ ୯୦୮୬ କୋଟି ଟଙ୍କା ପୁନଃପୁଞ୍ଜିକରଣ କରିଛନ୍ତି। ଅନ୍ୟପକ୍ଷରେ ଧନଲକ୍ଷ୍ମୀ ବ୍ୟାଙ୍କ ପିସିଏ ଗାଇଡଲାଇନ ଅନୁଯାୟୀ କାର୍ଯ୍ୟ କରୁଥିବାରୁ ଏହାକୁ ଏଥିରୁ ବାଦ୍ ଦିଆଯାଇଛି ବୋଲି ବିବୃତିରେ ଉଲ୍ଲେଖ କରାଯାଇଛି।

### ନୀରବଙ୍କ ୧୪୭ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ,୨୬-୨: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ସହଯୋଗୀ କମ୍ପାନୀଙ୍କ ୧୪୭ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଥିବା ମଙ୍ଗଳବାର ପ୍ରକାଶ କରିଛି। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ(ପିଏମ୍‌ଏଲ୍‌ଏ) ଆଇନ, ୨୦୦୨ ଅନୁଯାୟୀ ବିଭିନ୍ନ ଧାରାରେ ଏହି ସମ୍ପତ୍ତି ଜବତ କରାଯାଇଛି ବୋଲି ଇଡି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ନୀରବଙ୍କ ମୁମ୍ବାଇ, ସୁରଟସ୍ଥିତ ଅସ୍ଥାବର ଓ ସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଛି। ଏଥିରେ ୮ଟି କାର୍, ମେଶିନେରୀ, ଗହଣା, ପେଣ୍ଟିଂ ଆଦିକୁ ମିଶାଇ ଜବତ ସମ୍ପତ୍ତିର ମୂଲ୍ୟ ୧୪୭.୭୨ କୋଟି ଟଙ୍କା ହେବ। ସୂଚନାଥାଉ କି, ଇଡି ପକ୍ଷରୁ ନୀରବଙ୍କ ଭାରତ ଓ ବିଦେଶରେ ଥିବା ପ୍ରାୟ ୧୭୨୫.୩୬ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରାଯାଇସାରିଛି।

### ବିତ୍ତୀୟ ନିଅଣ୍ଟ ୧୨୧.୫% ପହଞ୍ଚିଲା

ନୂଆଦିଲ୍ଲୀ,୨୬-୨: ଭାରତର ବିତ୍ତୀୟ ନିଅଣ୍ଟ ପରିମାଣ ଏପ୍ରିଲ-ଜାନୁୟାରୀରେ ୭.୭ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ବଜେଟରେ ଧାର୍ଯ୍ୟ ଲକ୍ଷ୍ୟର ୧୨୧.୫%ରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ସୂଚନା ଦେଇଛନ୍ତି। ଚଳିତ ମାସ ପହିଲାରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ପରିମାଣକୁ ସଂଶୋଧିତ କରି ଏହା ବଜେଟରେ ଧାର୍ଯ୍ୟ ଲକ୍ଷ୍ୟର ୩.୪% ରହିବ ବୋଲି ଉଲ୍ଲେଖ କରିଥିଲେ। ପୂର୍ବରୁ ଏହା ଜିଡିପିର ୩.୩% ରହିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

# ତେଲ ବିନିମୟରେ ଭାରତରୁ ଚିନି କିଣିବ ଇରାନ

ନୂଆଦିଲ୍ଲୀ,୨୬-୨

ଆମେରିକା କଟକଣାର ସାମ୍ନା କରୁଥିବା ଇରାନ ଦୀର୍ଘ ୫ ବର୍ଷ ପରେ ଏବେ ଭାରତରୁ ଅଶୋଧିତ ଚିନି କିଣିବା ଲାଗି ନିଷ୍ପତ୍ତି ନେଇଛି। ଭାରତୀୟ ମୁଦ୍ରା ଟଙ୍କା ମାଧ୍ୟମରେ ମାର୍ଚ୍ଚ-ଏପ୍ରିଲରେ ଏହି କାରବାର ହେବାକୁ ଯାଉଛି। ଭାରତକୁ ଅଶୋଧିତ ତେଲ ବିକିବା ବଦଳରେ ଇରାନ ଅଶୋଧିତ ଚିନି(ର' ଚିନି) କିଣିବ।

ଆମେରିକା କଟକଣା ଯୋଗୁ ଉକ୍ତ ଗଲ୍ଫ ଦେଶରେ ଏବେ ଖାଦ୍ୟପଦାର୍ଥ ସଙ୍କଟ ସୃଷ୍ଟି ହୋଇଛି। ଏହି କାରଣରୁ ଏହା ଗ୍ଲୋବାଲ ଫାଇନାନ୍ସିଆଲ ସିଷ୍ଟମ ବ୍ୟବହାର କରିପାରିବ ନାହିଁ। ଏହାଛଡ଼ା ଇରାନ ଅଶୋଧିତ ତେଲ ବିକିବା ଲାଗି ଡଲାର ବ୍ୟବହାର କରିପାରିବ ନାହିଁ। ଅନ୍ୟପକ୍ଷରେ ଭାରତ ଏହାର ଚାହିଦା ମୁତାବକ ଅଶୋଧିତ ତେଲକୁ ଟଙ୍କା ବିନିମୟରେ ଇରାନରୁ କିଣୁଛି। ଅନ୍ୟପକ୍ଷରେ ଭାରତୀୟ ମୁଦ୍ରା ବ୍ୟବହାର କରି ଭାରତରୁ ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ଛଡ଼ା ଇରାନ ନିକଟରେ ଦ୍ୱିତୀୟ ବିକଳ୍ପ ନାହିଁ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତୀୟ ବ୍ୟବସାୟୀମାନେ ଇରାନକୁ ୧ ଲକ୍ଷ ୫୦ ହଜାର ଟନ ଅଶୋଧିତ ଚିନି ରପ୍ତାନି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ଟନ ୩୦୫ରୁ ୩୧୦ ଡଲାର ମୂଲ୍ୟ ହିସାବରେ ଏହା ରପ୍ତାନି କରାଯିବ। ୟୁକୋ ବ୍ୟାଙ୍କ ମାଧ୍ୟମରେ ଇରାନରୁ ଭାରତ ଅଶୋଧିତ ତେଲ କିଣୁଛି। ଏଣୁ ୟୁକୋ ବ୍ୟାଙ୍କରେ ଇରାନର ବହୁ ଟଙ୍କା ଜମା ହୋଇ ରହିଛି। ଏହାକୁ ବ୍ୟବହାର କରିବାକୁ ଏବେ ଇରାନ ନିଷ୍ପତ୍ତି ନେଇଛି। ସାଧାରଣତଃ ବିଶ୍ୱର ସର୍ବବୃହତ ଚିନି ରପ୍ତାନିକାରୀ ବ୍ରାଜିଲରୁ ଇରାନ ଚିନି ଆମଦାନୀ କରିଥାଏ। ସୂଚନାନୁଯାୟୀ, ଇରାନର ରାଷ୍ଟ୍ରାୟତ୍ତ ଗଭର୍ନମେଣ୍ଟ ଟ୍ରେଡିଂ କର୍ପୋରେଶନ ଏହି ଚିନି କିଣିବାକୁ ଯାଉଛି। କାର୍ଗିଲ, ବୁଞ୍ଜ ଏବଂ ଅନ୍ୟ ବିଶ୍ୱ ବାଣିଜ୍ୟ କମ୍ପାନୀମାନେ କଟକଣା ଯୋଗୁ ଇରାନକୁ ଖାଦ୍ୟସାମଗ୍ରୀ ଯୋଗାଣ ରୋକିଦେଇଛନ୍ତି। କାରଣ ଏଥିଯୋଗୁ ବିଶ୍ୱ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଠପ୍ ହୋଇଯାଇଛି। ଇରାନ ଡଲାର ସମେତ ଅନ୍ୟ କୌଣସି ମୁଦ୍ରାରେ ଅର୍ଥ ପୈଠ କରିପାରୁନାହିଁ। ଅର୍ଥ ମିଳିବାରେ ବିଳମ୍ବ ହୋଇପାରେ ବୋଲି ଆଶାକରି ବ୍ୟବସାୟୀମାନେ ଇରାନକୁ ଟନ ପିଛା ଅଧିକ ୭ ଡଲାର ପ୍ରିମିୟମରେ ଚିନି ବିକିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି। ଗଲ୍ଫ ଦେଶକୁ ରପ୍ତାନି ହେବା ଦ୍ୱାରା ଭାରତରେ ଗଚ୍ଛିତ ଚିନି ପରିମାଣ ଅନେକାଂଶରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଚିନିର ଅଭାବ କାରଣରୁ ଚଳିତ ବର୍ଷ ଆରମ୍ଭରେ ବିଶ୍ୱ ବଜାରରେ ଚିନିର ମୂଲ୍ୟ ପାଉଣ୍ଡ ପିଛା ୮.୯ ପ୍ରତିଶତ ବଢ଼ିଥିବା ବେଳେ ସୋମବାର ସୁଦ୍ଧା ଏହା ୧୩.୧ ପ୍ରତିଶତ ବୃଦ୍ଧି ପାଇଛି।

### ୫ବର୍ଷରେ ପ୍ରଥମ







ଟାଇମ୍ସ ଗ୍ରୁପ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତା କୁନାଲ କପୁର ୱିଫି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡକୁ 'ବେଷ୍ଟ ଇଣ୍ଟରନେଟ ପ୍ରୋଭାଇଡର ଅଫ୍ ଓଡ଼ିଶା-୨୦୧୯' ଆୱାର୍ଡ ପ୍ରଦାନ କରିଛନ୍ତି। କମ୍ପାନୀର ଡାଇରେକ୍ଟର ପ୍ରଶାନ୍ତ ଅଗ୍ରୱାଲ(ଡାହାଣ) ଏହି ଆୱାର୍ଡ ଗ୍ରହଣ କରୁଛନ୍ତି।

# ବିଶ୍ୱର ଶୀର୍ଷ ୧୦ ଧନୀଙ୍କ ମଧ୍ୟରେ ମୁକେଶ

ନୂଆଦିଲ୍ଲୀ,୨୬-୨





ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୫୪ ବିଲିୟନ ଡଲାର ସହିତ ବିଶ୍ୱର ଶୀର୍ଷ ୧୦ ଧନୀଙ୍କ ତାଲିକାରେ ସାମିଲ ହୋଇଛନ୍ତି। 'ଦ ହୁରୁନ ଗ୍ଲୋବାଲ ରିଚ୍ ଲିଷ୍ଟ ୨୦୧୯' ଅନୁଯାୟୀ ଆମାଜନ ମୁଖ୍ୟ ଜେଫ୍ ବେଜୋସ୍ କ୍ରମାଗତ ଦ୍ୱିତୀୟ ବର୍ଷ ଶୀର୍ଷରେ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର ବୃଦ୍ଧି କାରଣରୁ ମୁକେଶ ୩.୮୩ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ୧୦ମ ସ୍ଥାନରେ ପହଞ୍ଚିଯାଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମୁକେଶଙ୍କ ୫୨ ପ୍ରତିଶତ ଅଂଶଧନ ରହିଛି। ହୁରୁନ ରିପୋର୍ଟ ଅନୁଯାୟୀ, ଅନିଲ ଅମ୍ବାନୀଙ୍କ ନିକଟରେ ଏବେ ମାତ୍ର ୧.୯ ବିଲିୟନ ଡଲାର ରହିଛି। ୭ ବର୍ଷ ପୂର୍ବେ ତାଙ୍କ ନିକଟରେ ୭ ବିଲିୟନ ଡଲାର ସମ୍ପତ୍ତି ଥିଲା। ଇତିମଧ୍ୟରେ ସେ ୫ ବିଲିୟନ ଡଲାର ସମ୍ପତ୍ତି ହରାଇସାରିଛନ୍ତି। ଉଲ୍ଲେଖଥାଉ କି, ପିତା ଧିରୁଭାଇ ଅମ୍ବାନୀଙ୍କ ପରଲୋକ ପରେ ଦୁଇ ଭାଇଙ୍କୁ ସମାନ ପରିମାଣ ସମ୍ପତ୍ତି ମିଳିଥିଲା। ଦୁହେଁ ଏକାଠି ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ ୭ ବର୍ଷ ଭିତରେ ମୁକେଶଙ୍କ ସମ୍ପତ୍ତିରେ ୩୦ ବିଲିୟନ ଡଲାର ବୃଦ୍ଧି ହୋଇଥିବା ବେଳେ ଅନିଲ ୫ ବିଲିୟନ ଡଲାର ହରାଇ ସାରିଲେଣି। ମଙ୍ଗଳବାର ଜାରି ରିପୋର୍ଟ ଅନୁଯାୟୀ, ପ୍ରବାସୀ ଭାରତୀୟ ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଏସ୍.ପି. ହିନ୍ଦୁଜା ୨୧ ବିଲିୟନ ଡଲାର ସହ ଦ୍ୱିତୀୟ ଭାରତୀୟ ଏବଂ ୱିପ୍ରୋ ଅଧ୍ୟକ୍ଷ ଅଜୀମ ପ୍ରେମଜୀ ୧୭ ବିଲିୟନ ଡଲାର ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ୮୪ ବିଲିୟନ ଡଲାର ହେବ ଇ-କମର୍ସ ବ୍ୟବସାୟ

ନୂଆଦିଲ୍ଲୀ,୨୬-୨

ଦେଶରେ ଦ୍ରୁତଗତିରେ ଇ-କମର୍ସ ବ୍ୟବସାୟ ବଢ଼ିବାରେ ଲାଗିଛି। ୨୦୨୧ ସୁଦ୍ଧା ଏହାର ଆକାର ୮୪ ବିଲିୟନ ଡଲାର ହେବ ବୋଲି ଆଶାପ୍ରକାଶ କରାଯାଇଛି। ୨୦୧୭ରେ ୨୪ ବିଲିୟନ ଡଲାର ଥିଲା।

ଡେଲଏଟ ଇଣ୍ଡିଆ ଏବଂ ରିଟେଲ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ଅର୍ଥନୀତିର ଗତି ବଢୁଥିବା ବେଳେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଉପଭୋକ୍ତା କାରବାର ସେହି ଅନୁପାତରେ ବଢୁଛି। ଏହାର ପରିବେଶରେ ପୂର୍ବାପେକ୍ଷା ଉନ୍ନତି ହେଉଛି। ଏହା ଦେଶର ଖୁଚୁରା ବଜାର ବଢ଼ିବାରେ ଇନ୍ଧନ କାମ କରିବ। ଏଥିଯୋଗୁ ଭାରତ ଏସିଆରେ ତୃତୀୟ ଏବଂ ବିଶ୍ୱରେ ଚତୁର୍ଥ ସ୍ଥାନରେ ପହଞ୍ଚିବ। ଭାରତରେ ଖୁଚୁରା ବଜାର୨୦୨୧ ସୁଦ୍ଧା ବୃଦ୍ଧି ପାଇ ୧୨୦୦ ବିଲିୟନ ଡଲାର ଛୁଇଁବ, ଯାହାକି ୨୦୧୭ରେ ୭୯୫ ବିଲିୟନ ଡଲାର ଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଆସୁଛି ନୂଆ ୧୦୦ ଟଙ୍କିଆ

ମୁମ୍ବାଇ,୨୬-୨: ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁବ୍‌ଶୀଘ୍ର ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସ୍ୱାକ୍ଷରରେ ନୂଆ ୧୦୦ ଟଙ୍କିଆ ନୋଟ୍ ଜାରି କରିବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ସମସ୍ତ ପୁରୁଣା ନୋଟ୍‌ର ଡିଜାଇନ ସହ ସାମଞ୍ଜସ୍ୟ ଥିବା ଏହି ନୂଆ ୧୦୦ ଟଙ୍କିଆ ନୋଟ୍ ମହାତ୍ମା ଗାନ୍ଧୀ ସିରିଜରେ ଜାରି କରାଯିବ। ସମସ୍ତ ପୁରୁଣା ୧୦୦ ଟଙ୍କିଆ ନୋଟ୍ ପ୍ରଚଳନ ଜାରି ରହିବ ବୋଲି ଏଥିରେ କୁହାଯାଇଛି।

# ରେଲୱେର ବିଭିନ୍ନ ଯାତ୍ରୀ ସୁବିଧା ଲୋକାର୍ପିତ

ଭୁବନେଶ୍ୱର,୨୬-୨

- ଇଚ୍ଛାପୁରମ ଯାଏ ଚାଲିବ କଟକ-ବ୍ରହ୍ମପୁର ମେମୁ
- ଦୁଇ ଟ୍ରେନର ଅତିରିକ୍ତ ରହଣି, ୩ର ସମ୍ପ୍ରସାରଣ



ରେଲୱେର ବିଭିନ୍ନ ଯାତ୍ରୀ ସୁବିଧା ତଥା ପ୍ରକଳ୍ପକୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂ ମଙ୍ଗଳବାର କଟକର ସିଆର୍‌ଆର୍‌ଆଇଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଲୋକାର୍ପଣ କରିଛନ୍ତି। ଏହା ମଧ୍ୟରେ କଟକ ରେଳ ଷ୍ଟେଶନର ବିକାଶମୂଳକ କାର୍ଯ୍ୟ ସାମିଲ ରହିଛି। ଏଠାରେ ୬ ମିଟର ଚଉଡାର ଓଭର ବ୍ରିଜ, ରେଳ ଷ୍ଟେଶନର ପୂର୍ବ ଭାଗରେ ଏସ୍କାଲେଟର ବ୍ୟବସ୍ଥା, ପରିବେଷ୍ଟିତ ଅଞ୍ଚଳ, ପାର୍କିଂ ସ୍ଥାନ, ସଂଯୁକ୍ତ ସଡକ ଭଳି ଅନ୍ୟାନ୍ୟ ସୁବିଧା ସାମିଲ ରହିଛି। କଟକ ରେଳ ଷ୍ଟେଶନର ବିଭିନ୍ନ ଯାତ୍ରୀ ସୁବିଧାର ବିକାଶ ଲାଗି ୧୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି। ଏହି ଅବସରରେ ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ ଏବଂ ପୁରୀ-ଆଜମେର-ପୁରୀ ଏକ୍ସପ୍ରେସ ନରାଜ ମାର୍ଥାପୁରଠାରେ ଅତିରିକ୍ତ ରହଣି ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି କଟକ-ବ୍ରହ୍ମପୁର-କଟକ ମେମୁ ଟ୍ରେନକୁ ଇଚ୍ଛାପୁରମ ପର୍ଯ୍ୟନ୍ତ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଏହାବାଦ ବିଶାଖାପାଟଣା-ପଲାସା-ବିଶାଖାପାଟଣା ବ୍ରହ୍ମପୁର ଯାଏ ଏବଂ ରାଉରକେଲା-କୋରାପୁଟ-ରାଉରକେଲା ଜଗଦଲପୁର ଯାଏ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ନବକିଶାନ ଲିମିଟେଡ-କୃଷି ବିଭାଗ ବୁଝାମଣାପତ୍ର

ଭୁବନେଶ୍ୱର,୨୬-୨

ନାବାର୍ଡର ସହାୟକ ସଂସ୍ଥା ନବକିଶାନ ଲିମିଟେଡ ଏବଂ ରାଜ୍ୟ କୃଷି ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବକିରଣ ଲିମିଟେଡର ସିଇଓ ନିରଜ ବର୍ମା ଏବଂ କୃଷି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କ ମଧ୍ୟରେ ଏହି ଚୁକ୍ତିରେ ସ୍ୱାକ୍ଷର ହୋଇଛି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ନାବାର୍ଡ ସିଜିଏମ ଏ.ଚନ୍ଦ୍ରଶେଖର ଉପସ୍ଥିତ ଥିଲେ। ଏହି ଧାରାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କାର ଏକ ରଣ ଗ୍ୟାରେଣ୍ଟି ପାଣ୍ଠି ଗଠନ ନେଇ ନିଷ୍ପତ୍ତି ହୋଇଛି। କୃଷି ଉତ୍ପାଦକ ସଂସ୍ଥାଗୁଡ଼ିକ ବିଭିନ୍ନ ବିତ୍ତ ପ୍ରତିଷ୍ଠାନଗୁଡ଼ିକରୁ ବନ୍ଧକ ମୁକ୍ତ ଋଣ ଗ୍ରହଣ ଦିଗରେ ଏହି ଚୁକ୍ତି ସହାୟକ ହେବ। ଏହି କ୍ଷେତ୍ରରେ ନବକିଶାନ ଏହି ସଂସ୍ଥାଗୁଡ଼ିକୁ ବିଭିନ୍ନ ଆନୁସଙ୍ଗିକ ସହଯୋଗ ଯୋଗାଇଦେବ ବୋଲି ନାବାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।


## OFFICE OF THE EXECUTIVE ENGINEER
## RURAL WATER SUPPLY AND SANITATION DIVISION, CUTTACK

**MAHANADIBIHAR, CUTTACK - 753004**
**Telephone: 0671-2441619, E-mail: eerwss_ctc1@ori.nic.in**

### Quotation Call Notice No.- 24 of 2018-19

No. 1834-O: Executive Engineer, RWS&S Division, Cuttack invites sealed quotation from the Manufacturers/Authorized Agencies/Registered Suppliers for supply of following materials for Divisional & Sub-Divisional Laboratory.

| Sl. No. | Description of Items | Capacity | Quantity | Unit | Rate (In Figure) | Rate (In Words) |
|---|---|---|---|---|---|---|
| 1 | pH Buffer Tablet (pH-4.0) | Pkt | 1 | Each | | |
| 2 | pH Buffer Tablet (ph-7.0) | Pkt | 1 | Each | | |
| 3 | pH Buffer Tablet (pH-10.0) | Pkt | 1 | Each | | |
| 4 | Tissue Paper | Pkt | 18 | Each | | |
| 5 | Potassium Chloride (KCl) | 500g | 3 | Each | | |
| 7 | Hydrazaine Sulfate $(NH_2)_2.H_2SO_4$ | 100g | 3 | Each | | |
| 8 | Hexamethylenetetramine $(CH_2)_6.N_4$ | 500g | 3 | Each | | |
| 9 | Silver Nitrate ($AgNO_3$) | 25g | 3 | Each | | |
| 10 | Potassium Chromate ($K_2CrO_4$) | 500g | 3 | Each | | |
| 11 | Sulfuric Acid ($H_2SO_4$) | 2.5ltr | 3 | Each | | |
| 14 | Bromocresol green indicator Solution | 125ml | 3 | Each | | |
| 15 | EDTA | 100g | 3 | Each | | |
| 16 | Eriochrome Black T (EBT) | 25g | 3 | Each | | |
| 17 | Ammonia Buffer Solution | 500ml | 12 | Each | | |
| 18 | Ammonium Acetate ($NH_4C_2H_3O_2$) | 500g | 3 | Each | | |
| 19 | Acetic Acid (Glacial) | 500ml | 6 | Each | | |
| 20 | Hydroxylamine Hydrochloride | 100g | 3 | Each | | |
| 21 | 1:10 Phenanthroline | 5g | 3 | Each | | |
| 22 | Potassium Permanganate | 500g | 2 | Each | | |
| 23 | Ferrous Ammonium Sulfate | 500g | 3 | Each | | |
| 25 | SPADNS | 5g | 2 | Each | | |
| 26 | Zirconil Chloride Octahydrate ($ZrOCl_2.8H_2O$) | 100g | 2 | Each | | |
| 27 | Sodium Fluoride (NaF) | 500g | 2 | Each | | |
| 28 | Hydrochloric Acid (HCl) | 2.5ltr | 3 | Each | | |
| 29 | Methyl Orange indicator | 125ml | 2 | Each | | |
| 30 | Fluoride Standard (2PPM) | 475ml | 1 | Each | | |
| 31 | Fluoride Standard (10PPM) | 475ml | 1 | Each | | |
| 32 | Fluoride Standard (1PPM) | 475ml | 1 | Each | | |
| 33 | TISAB II | 3.79ltr | 1 | Each | | |
| 35 | Nitrate Standard as Nirtogen (1000PPM) | 475ml | 1 | Each | | |
| 36 | Interference Supressor Solution (for Ground Water) | 475ml | 1 | Each | | |

N.B.: Chemicals shall be of the Make: SIGMA/MERCK/RANBAXY/HIMEDIA/ORION/HACH/ALDRICH/OXID.

Quotation must accompany with EMD 1% of the quoted value in shape of NSC/P.O.T.D. Passbook duly pledged with Executive Engineer, RWS&S Division, Cuttack, GST Clearance Certificate. Due date of receipt of quotation is 02.03.2019 upto 11.30 P.M. in the Office of the Executive Engineer, RWS&S Division, Cuttack and the said quotation will be opened on the same date i.e. on 02.03.2019 at 12.30 P.M. in the presence of the quotationers or their authorized agents. In case of exemption of depositing EMD the firm may be produced the supporting document along with the quotation. The rates should be quoted F.O.R., Cuttack destination including all taxes but excluding GST which will be paid extra.

Quotation received beyond the Scheduled time & date will not be considered. Conditional quotations/Telegraphic quotation will not be accepted.

However no quotation will be received by FAX & e-mail.

The authority reserves the right to reject/accept any or all the quotations without assigning any reason thereof.

25022/11/0065/1819

**Sd./- Executive Engineer**
**RWSS Division, Cuttack**


## ଧରିତ୍ରୀ ଆଳାପ

# ପ୍ରିମିୟମ ସେଗ୍‌ମେଣ୍ଟ ଉପରେ ଫୋକସ୍

**ଇଲେକ୍‌ଟ୍ରୋନିକ ସାମଗ୍ରୀ ଯୋଗାଣ କ୍ଷେତ୍ରରେ 'ସୋନି ଇଣ୍ଡିଆ' ଘରୋଇ ବଜାରରେ ଅତି ପରିଚିତ ନାମ। ଗତ ୨୫ ବର୍ଷ ଧରି ଏହା ଗ୍ରାହକଙ୍କୁ ନିରନ୍ତର ପ୍ରଡକ୍ଟ ତଥା ସେବା ଯୋଗାଇ ଆସୁଛି। ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ ଦିଗରେ କମ୍ପାନୀ ନିଜର ଯୋଗଦାନ ରଖିଛି। ଗ୍ରାହକଙ୍କ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଥିବା ବେଳେ ଏବେ ସେମାନେ ନୂଆ ପ୍ରଡକ୍ଟ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହାକୁ ଧ୍ୟାନରେ ରଖି କମ୍ପାନୀ ବିସ୍ତୃତ ବର୍ଗରେ ପ୍ରଡକ୍ଟ ଯୋଗାଉଛି। ପରିବର୍ତ୍ତିତ ବଜାର ସ୍ଥିତିରେ ସୋନି ଇଣ୍ଡିଆର ପରିଚାଳନା ଦାୟିତ୍ୱ ସମ୍ଭାଳିଛନ୍ତି ସୁନୀଲ ନାୟାର। ପ୍ରଥମ ଭାରତୀୟ ଭାବେ ସେ ଏହି ପଦବୀରେ ଅବସ୍ଥାପିତ। ସୋମବାର ସେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କମ୍ପାନୀର ବିଭିନ୍ନ ପଦକ୍ଷେପ ତଥା ଆଗାମୀ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି । ତାଙ୍କ ସହ ସାକ୍ଷାତକାର କିଛି ଅଂଶ...**

**■ ସୋନିର ବ୍ରାଣ୍ଡ ସ୍ଥିତି କିଭଳି ରହିଛି। ଏହାର ଦୃଢ଼ୀକରଣ ନେଇ କି ପ୍ରକାର ପଦକ୍ଷେପ ନେଉଛନ୍ତି?**

○ଘରୋଇ ବଜାରରେ ଆମେ ଅନ୍ୟତମ ପ୍ରମୁଖ ପ୍ରିମିୟମ ବ୍ରାଣ୍ଡ ହୋଇ ପାରିଛୁ। ଆମର ପ୍ରିମିୟମ ସେଗ୍‌ମେଣ୍ଟ ପ୍ରଡକ୍ଟଗୁଡ଼ିକୁ ଭଲ ରେସପନ୍ସ ମିଳୁଛି। କମ୍ପାନୀର ମୋଟ୍ ରାଜସ୍ୱ କ୍ଷେତ୍ରର ଏହା ୨୦ରୁ ୨୫% ଯୋଗଦାନ ରଖିଛି। ଉକ୍ତ ବର୍ଗରେ ପ୍ରଡକ୍ଟର ଚାହିଦା ଦ୍ରୁତ ହାରରେ ବଢୁଥିବାରୁ ଏହାକୁ ନଜରରେ ସ୍ଥିତିକୁ ଆହୁରି ଦୃଢ଼ କରିବାକୁ ଫୋକସ୍ ରଖିଛୁ। ଦେଶରେ ବ୍ରାଣ୍ଡ ଦୃଢ଼ୀକରଣ ଲାଗି ନିବେଶ ଯୋଜନା ହାତକୁ ନିଆଯାଉଛି। ୨୦୨୧ ସୁଦ୍ଧା ଆମର ମୋଟ ରାଜସ୍ୱରେ ପ୍ରିମିୟମ ସେଗ୍‌ମେଣ୍ଟର ଅଂଶକୁ ୪୦%କୁ ବଢାଇବାକୁ ଲକ୍ଷ୍ୟ ରହିଛି।

**■ ଓଡ଼ିଶା ବଜାର କମ୍ପାନୀ ଲାଗି କିଭଳି ଗୁରୁତ୍ୱ ରଖୁଛି? ଗ୍ରାହକଙ୍କୁ କ'ଣ କହିବେ?**

○ଏଠାରେ ପ୍ରଦର୍ଶନ ଭଲ ରହିଛି। ଏହି ଧାରାକୁ ବଜାୟ ରଖିବୁ ବୋଲି ଆଶାବାଦୀ। ଓଡ଼ିଶାର ଗ୍ରାହକ ବହୁତ ଭଲ ପାଇବା ଦେଇଛନ୍ତି। ସେମାନଙ୍କ ବିଶ୍ୱାସକୁ ନେଇ ବଢୁଛୁ। ଏଠାରେ ଟେକ୍ନୋଲୋଜି ଗ୍ରହଣ ଧାରା ଦ୍ରୁତ ରହିଛି। ସୋନି ବ୍ରାଣ୍ଡକୁ ଏକ ଉନ୍ନତ ସ୍ଥିତିରେ ରଖିଥିବାରୁ ଆମେ ଗ୍ରାହକଙ୍କ ନିକଟରେ କୃତଜ୍ଞ। ଏଠାରେ କମ୍ପାନୀର ୩ ବିତରକ ରହିଛନ୍ତି। ରାଜ୍ୟରେ ଉପସ୍ଥିତିକୁ ଜାହିର କରିବା ଦିଗରେ ଉଦ୍ୟମ ଜାରି ରହିଛି।

**■ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ନେଇ କ'ଣ ମତ ଦେବେ। କମ୍ପାନୀ ଏ ଦିଗରେ କିଭଳି ଭାବେ ନିଜର ଯୋଗଦାନ ରଖୁଛି?**

○ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମେକ୍ ଇନ୍ ଇଣ୍ଡିଆ ପ୍ରଡକ୍ଟଗୁଡ଼ିକ ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାର କ୍ଷମତା ରଖିଛି। ଉକ୍ତ ଧାରାରେ ସାମିଲ ହୋଇଛୁ। ଇଣ୍ଡିଆରେ ଅଧିକ ପ୍ରଡକ୍ଟ ମାନୁଫାକଚରିଂ କରିବାକୁ ନିଷ୍ପତ୍ତି ହୋଇଛି। ମେକ୍ ଇନ୍ ଇଣ୍ଡିଆରେ ଟିଭି ମାନୁଫାକଚରିଂ ନେଇ ପଦକ୍ଷେପ ନିଆଯାଇଛି।



**ସୁନୀଲ ନାୟାର**
ସୋନି ଇଣ୍ଡିଆ ଏମ୍‌ଡି

**■ ସୋନିର ପ୍ରଡକ୍ଟ ପୋର୍ଟଫୋଲିଓ ଅନ୍ୟ ବ୍ରାଣ୍ଡ ତୁଳନାରେ କିଭଳି ସ୍ୱତନ୍ତ୍ର?**

○ଓଲେଡ, ପ୍ରିମିୟମ ଟିଭି ବର୍ଗରେ ୪କେ ପ୍ରଡକ୍ଟ ଉପରେ ପ୍ରାଥମିକତା ଦେଉଛୁ। କମ୍ପାନୀର ଟିଭିଗୁଡ଼ିକରେ ଗ୍ରାହକ ସର୍ବୋତ୍ତମ ପିକ୍‌ଚର କ୍ୱାଲିଟି, ଡିଜାଇନ, ସାଉଣ୍ଡ, ଆକଷ୍ଟିକ ସରଫେସ ଟେକ୍ନୋଲୋଜି ପାଇପାରିବେ। ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ,ଷ୍ଟେଟ ଅଫ୍ ଆର୍ଟ ପ୍ରଡକ୍ଟ ଉପଲବ୍ଧ କରାଉଛୁ। ସେହିଭଳି ୱାନବକ୍ସ, ହୋମ ଅଡିଓ ସେଗମେଣ୍ଟ, ଡଲବି ଆଟମ୍ସ ଟେକ୍ନୋଲୋଜି , ଆଣ୍ଡ୍ରଏଡ ଭଳି ସୁବିଧା ଦେଉଛୁ। ଗ୍ରାହକଙ୍କୁ ନିରନ୍ତର ତଥା ସଦ୍ୟତମ ଟେକ୍ନୋଲୋଜି ପ୍ରଡକ୍ଟ ଯୋଗାଉଛୁ।

**– ସାକ୍ଷାତ: ସତ୍ୟାନନ୍ଦ ନାୟକ**

“ ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍ରା ଶାଣିତ ବୋଲିଂ କରି ଆମକୁ ଖେଳର ତିନୋଟି ଫର୍ମାଟରେ ଅଡୁଆରେ ପକାଇଛନ୍ତି ।

–ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର



“ ଭାରତୀୟ ହକି ଟିମ୍ କୌଶଳ ସହିତ ମେଳ ଖାଉଥିବାରୁ ସ୍ପାନିଶ ଫୁଟ୍‌ବଲର ‘ଟିକି ଟାକା’ ଶର୍ଟ ପାସିଙ୍ଗ ଷ୍ଟାଇଲର ମୁଁ ବଡ଼ ପ୍ରଶଂସକ ।

–ହରେନ୍ଦ୍ର ସିଂ, ପୂର୍ବତନ ଭାରତୀୟ ହକି କୋଚ୍



# ରବି କୁମାରଙ୍କୁ ସ୍ୱର୍ଣ୍ଣ




ସ୍ୱର୍ଣ୍ଣପଦକ ଗ୍ରହଣ ଅବସରରେ କାଟୁଲୁ ରବି କୁମାର (ମଝି) ।

**ଜାତୀୟ ଭାରୋତ୍ତୋଳନ**

**ବ୍ରହ୍ମପୁର ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି) ୨୬।୨**

ଦୀର୍ଘ ଦିନର ନିରବତା ପରେ ଓଡ଼ିଶାର କାଟୁଲୁ ରବି କୁମାର ଜାତୀୟ/ଅନ୍ତର୍ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ବିଶାଖାପାଟଣାରେ ଚାଲିଥିବା ୭୧ତମ ପୁରୁଷ ଜାତୀୟ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରବି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି । ୮୯ କେଜି କାଟେଗୋରିରେ ରବି ସ୍ନାଚ୍‌ରେ ୧୫୦, କ୍ଲିନ୍ ଆଣ୍ଡ ଜର୍କରେ ୧୯୨ ଏହିପରି ମୋଟ ୩୪୨ କେଜି ଭାର ଉଠାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ୧୯୮୮ ଏପ୍ରିଲ ୨୪ରେ ବ୍ରହ୍ମପୁରରେ ଜନ୍ମିତ ରବି ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୬୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ରେକର୍ଡ ୩୨୧(ସ୍ନାଚ୍–୧୪୬, କ୍ଲିନ୍ ଆଣ୍ଡ ଜର୍କ–୧୭୫) କେଜି ଭାରୋତ୍ତୋଳନ କରି ୩ ସ୍ୱର୍ଣ୍ଣ ପଦକ ପାଇବା ସହ ଚର୍ଚ୍ଚାର ଶିଖରରେ ରହିଥିଲେ । ଏହା ବ୍ୟତୀତ ମାଲେସିଆର ପେନାଙ୍ଗଠାରେ ୨୦୦୯ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସେ ୩ ସ୍ୱର୍ଣ୍ଣ ପଦକ ପାଇଥିଲେ । ୨୦୧୧ରେ ଚାଇନାର ତୋଙ୍ଗଲିଙ୍ଗଠାରେ ଅନୁଷ୍ଠିତ ସିନିୟର ଭାରୋତ୍ତୋଳନରେ ସେ ୩ ସ୍ୱର୍ଣ୍ଣ ପଦକ ପାଇଥିଲେ । ୨୦୧୨ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ରବି ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭୭ କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଥିଲେ । ଏହି ଗେମ୍ସରେ ରବି ସ୍ନାଚ୍‌ରେ ୧୪୨, କ୍ଲିନ୍ ଆଣ୍ଡ ଜର୍କରେ ୧୭୭ ଏହିପରି ମୋଟ ୩୧୭ କେଜି ଭାର ଉଠାଇଥିଲେ ।

ଜାତୀୟ ଭାରୋତ୍ତୋଳନରେ ୨୦ଜଣିଆ ଓଡ଼ିଶା ଦଳ ଭାଗ ନେଇଛି । ତେବେ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଛନ୍ତି ଅଲିମ୍ପିଆନ୍ ରବି କୁମାର । ରବିଙ୍କ ସ୍ୱର୍ଣ୍ଣକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୩ ରେ ପହଞ୍ଚିଛି । ପୂର୍ବରୁ ସୁଶାନ୍ତ କୁମାର ସାହୁ ରୌପ୍ୟ ଏବଂ ଅନିଲ କୁମାର ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଦୀର୍ଘ ବର୍ଷ ପରେ ସ୍ୱର୍ଣ୍ଣ ପଦକ ଜିତିଥିବା ଯୋଗୁ ବେଶ୍ ଖୁସିବ୍ୟକ୍ତ କରିଛନ୍ତି ରବି କୁମାର । କିଛି ବର୍ଷ ହେଲା ସେ ଆହତ ସମସ୍ୟାର ସମ୍ମୁଖୀନ ହେଉଥିଲେ । ମାତ୍ର ଏହି ପଦକ ତାଙ୍କୁ ଭବିଷ୍ୟତରେ କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେବ ବୋଲି ପ୍ରକାଶ କରିଛନ୍ତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ୮୯କିଲୋ ଓଜନ ବର୍ଗ କରାଯାଇଥିଲା । ତେଣୁ ଏହି ଓଜନ ବର୍ଗରେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିଣିବା ଗର୍ବର ବିଷୟ ବୋଲି ସେ କହିଛନ୍ତି । ୨୦୧୭ରେ ଜାତୀୟ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିଲେ । ସ୍ୱର୍ଣ୍ଣ ପଦକ ପାଇଁ ସେ କଠିନ ପରିଶ୍ରମ କରୁଥିଲେ ବୋଲି ରବିକୁମାର କହିଛନ୍ତି ।

## ଇଂଲଣ୍ଡ–ୱେଷ୍ଟଇଣ୍ଡିଜ ୩ୟ ଦିନିକିଆ ବର୍ଷାରେ ଧୋଇଲା

**ଗ୍ରେନେଡା (ସେଣ୍ଟ ଜର୍ଜ୍ସ), ୨୬।୨:** ସ୍ଥାନୀୟ ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୩ୟ ଦିନିକିଆ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି । ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଟସ୍ ପରେ ବର୍ଷା ଲାଗି ରହିବାରୁ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇ ନ ଥିଲା । ଫଳରେ ଦୁଇ ଅମ୍ପାୟର ଖେଳକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ଫଳରେ ସିରିଜ ଏବେ ୧–୧ରେ ବରାବର୍ ରହିଛି । ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍‌ବିଶିଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ଗୁରୁବାର ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ୬ ଉଇକେଟ୍‌ରେ ଏବଂ ୨ୟ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ ୨୬ ରନରେ ବିଜୟ ହାସଲ କରିଥିଲା ।

## ଜିନ୍ଦଲ ଶ୍ରେଷ୍ଠ ପୋଲୋ ଖେଳାଳି




ପୁରସ୍କାର ଗ୍ରହଣ ଅବସରରେ ନବୀନ ଜିନ୍ଦଲ ।

**ଭୁବନେଶ୍ୱର, ୨୬।୨:** ଜୟପୁରସ୍ଥିତ ପୋଲୋ ଗ୍ରାଉଣ୍ଡରେ ମହାରାଜା ଜିୱାଜି ରାଓ ଗୋଲ୍ଡ କପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଶ୍ରେଷ୍ଠ ପୋଲୋ ଖେଳାଳି ଭାବେ ସମ୍ମାନିତ ହୋଇଛନ୍ତି । ଫାଇନାଲ ପୋଲୋ ମ୍ୟାଚରେ ସେ ଏକ ଆକର୍ଷଣୀୟ ଗୋଲ୍ କରି ନିଜ ଟିମ୍ ଜିନ୍ଦଲ ପାନ୍ଥରକୁ ଜିତାଇପାରିଥିଲେ । ଜିନ୍ଦଲ ଜଣେ ସଫଳ କ୍ରୀଡ଼ାବିତ । ସ୍କିଟ୍ ଶୁଟିଂରେ ସେ ଜାତୀୟ ରେକର୍ଡଧାରୀ । ତାଙ୍କ ନେତୃତ୍ୱରେ ଭାରତୀୟ ଶୁଟିଂ ଦଳ ୨୦୦୪ ସାଉଥ୍ ଏସିଆନ ଫେଡେରେଶନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲା । ୨୦୦୨ରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସେ ପ୍ରତିନିଧିତ୍ୱ କରିଥିଲେ । ସେ ଜିନ୍ଦଲ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସଭାପତି ।


**ODISHA HYDRO POWER CORPORATION LIMITED**
**BALIMELA HYDRO ELECTRIC PROJECT:** No.CAD-1502
**POST : BALIMELA: DIST: MALKANGIRI(ODISHA),**
**PIN-764051, Phones:06861-232581 (O)/ 232659 (O) : FAX:06861-232541**
**E-mail:unit.head_balimela@yahoo.com, CIN:U40101OR1995SGC003963**
**TENDER CALL NOTICE NO: BHEP-42/2018-19, DATED-25.02.2019**

Sealed tenders are invited from the Manufacturers / Authorized Dealers having valid Firm Registration certificate issued by Govt. Authority / Authorized Dealership Certificate with IT PAN and GST Registration Certificate, for supply of the following materials to BHEP, Balimela.

| Sl No. | Description of Material | Cost of Tender Paper (Non Refundable) | EMD in Rs (Refundable) | Sale of Tender Paper | Last Date & Time of receipt of Tender | Date & Time of Opening of Tender |
|---|---|---|---|---|---|---|
| 1 | Supply of one number of 40Kgf/ $cm^2$ HP Air Compressor to BHEP, Balimela | Rs.2360/- (Rs 2000/- +GST@18%) | 1% of Quoted Value | 01.03.2019 to 13.00 Hrs of 15.03.19 | Upto 16.00 Hrs of 15.03.19 | 16.30 Hrs of 15.03.19 |

For details of the tender documents, terms & conditions please visit our website **www.ohpcltd**
04019/11/0118/1819 **Sd./- SR. GENERAL MANAGER (EL) BHEP, BALIMELA**

**ZILLA SWASTHYA SAMITI**
**O/o- Chief District Medical and Public Health Officer, Cuttack**
**L. No. 2734** **Dt. 26.02.2019**
**REQUEST FOR PROPOSAL (RFP) FOR HIRING OF VEHICLE FOR RBSK**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators/ Travel Agency/ Society/ Firm) for hiring of vehicle for mobile medical team at Block CHCs on a monthly basis for implementation of Rashtriya Bal Swasthya Karyakram (RBSK). The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website www.cuttack.nic.in.

Inerested bidders fulfilling the eligibility criteria may submit the proposal(s) (with EMD & documents at per RFP) for one or more than one Block CHCs of their choice. The details of the Block CHC(s) are mentioned in the RFP document. The bidders have to submit their proposal(s) at the office of the CDM&PHO, Cuttack. The proposal(s) complete in all respect should reach the O/o Chief District Medical and Public Health Officer, Cuttack on or before 7th March 2019 (till 2.00 PM). The tecchnical & financial bids shall be opened at the office chamber of CDM&PHO, Cuttack on 7th March 2019 at 3.30 PM. The CDM&PHO, Cuttack reserves the right to reject any or all the proposals without assigning any reason threof.

**Sd./- Chief District Medical and Public Health Officer Cum DMD, Cuttack**

**ODISHA ADARSHA VIDYALAYA SANGATHANA**
**N-1/9, NAYAPALLI, PO.-SAINIK SCHOOL**
**BHUBANESWAR - 751005** No.81-n

**INDICATIVE ADVERTISEMENT NO.01/2019**
**Recruitment to the posts of Principal and Teaching posts in the Odisha Adarsha Vidyalaya Sangathana in the State of Odisha**

Odisha Adarsha Vidyalaya Sangathana (OAVS), under the School & Mass Education Department, Government of Odisha invites Online Applications from the prospective candidates for filling-up the posts of Principals and Teaching staff of different disciplines in OAVS which shall be filled up by direct recruitment. Interested candidates are required to apply online through website **www.oavs.in** at the link available on this website. The candidates should ensure that he / she fulfills the eligibility criteria and other terms & conditions stipulated in the advertisement before applying online for the posts. No other means / modes of submission of applications will be accepted. Interested applicants may see the website for further instructions / notice in this regard. Candidates are also advised to visit the website regularly to know the updates.

**IMPORTANTs DATES:**

| | |
|---|---|
| Detailed modalities for invitation of applications will be available on the website **www.oavs.in** on: **08.03.2019** | |
| Opening Date for online registration link of applications: **14.03.2019** | |
| Last Date for Completion of Step - I & Step - II of online registration: **15.04.2019** | |
| Last Date for depositing examination fee : **17.04.2019** | |

The submission of online application & selection shall be conducted by EdCIL (India) Limited.

27029/11/0008/1819 ***Sd./- State Project Director, OAVS***

**OFFICE OF THE NOTIFIED AREA COUNCIL, KUCHINDA**
**E-PROCUREMENT NOTICE**
**No.291/NAC** **Dt.25.02.2019**
**BID Identification No.KCDA/NAC-05/2018-19**

The Executive Officer, NAC, Kuchinda on behalf of Kuchinda NAC invites bids on percentage basis on online mode for 16 no's Civil works from eligible contractors having experience of equivalent grade/class /registered with State Central Govt. for production of definite proof from the appropriate authority. Bid document consisting estimate cost, cost of tender paper, EMD, Time of completion, Class of Contractors and the set of term and condition of contract. Bid shall be received on onlline from 05.00 PM. of 27.02.2019 to 5.00 PM. of 07.03.2019 and opened at 11.00 AM. on 08.03.2019. Further details can be seen from the e-procurement portal-**www.tendersorissa.gov.in.**

**Sd./- Executive Officer**
**Notified Area Council, Kuchinda**

**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
**Email Id: sambalpurm.hud@nic.in**
**Phone No.: 0663-2411012**
ନୋଟିସ୍ ସଂଖ୍ୟା: ୨୭୯ ତା ୨୬।୦୨।୨୦୧୯
**ଦୈନିକ/ ସାପ୍ତାହିକ ବଜାର ନିଲାମ ନୋଟିସ ୨୦୧୯-୨୦୨୦**

ଏତଦ୍ୱାରା ସର୍ବସାଧାରଣ ଓ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଆର୍ଥିକ ବର୍ଷ ୨୦୧୯–୨୦ ନିମନ୍ତେ ମହାନଗର ନିଗମ, ସମ୍ବଲପୁର ଦୈନିକ/ ସାପ୍ତାହିକ ବଜାର ଇତ୍ୟାଦି ପାଇଁ ବିଧିବଦ୍ଧ ଟେଣ୍ଡର ନୋଟିସ ସଂଖ୍ୟା– ୨୫୬ ତା ୨୬।୦୨।୨୦୧୯ ମାଧ୍ୟମରେ ପ୍ରକାଶିତ ହୋଇଅଛି । ନିଲାମ ନୋଟିସର ସବିଶେଷ ତଥ୍ୟ ଜିଲ୍ଲା ୱେବ୍‌ସାଇଟ୍‌ର ସମ୍ବଲପୁର.ଏନ୍ଆଇସି.ଇନ୍ (Dist. website- sambalpur.nic.in) ରେ ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ଜିଲ୍ଲା ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍ ଫର୍ମ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

**ଟେଣ୍ଡର ପେପର ଉପଲବ୍ଧ ସମୟ–** ତା୨୬।୦୨।୨୦୧୯ ରିଖ ଠାରୁ ତା୦୬।୦୩।୨୦୧୯ରିଖ ଅପରାହ୍ନ ଘ.୫.୦୦ ମି.

**ଟେଣ୍ଡର ଫର୍ମ ଡାକ ଯୋଗେ ଦାଖଲ ସମୟ–** ତା୦୭।୦୩।୨୦୧୯ ଅପରାହ୍ନ ଘ.୩.୦୦ ମି.. ପର୍ଯ୍ୟନ୍ତ

**ସ୍ୱା./- ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**

See Career Appointment on every Wednesday & Saturday

**OFFICE OF THE CDM & PHO-CUM DMD, JAJPUR**
**TENDER CALL NOTICE**
**No.689 /** **Date-26.02.2019**

Sealed tenders are invited by the Zilla Swasthya Samiti, Jajpur from suitable agencies for Calibration of equipment / instruments of DHH, Jajpur Road CHC, Badachana CHC, Danagadi CHC of Jajpur District for the current financial year 2018-19.

The detail regarding bidding format, terms & conditions may be downloaded from District website i.e. **www.jajpur.nic.in.** The tenders should reach the office of the undersigned by 12.03.2019 (till 2.00 PM) through speed post or registered post only. The date of opening of tenders is as mentioned in the terms & condition. The undersigned is not responsible for any kind of postal delay and reserves all rights to cancel any or all the tender at any stage of selection / finalization process without assigning any reason thereof. Any typographical error may be exempted.

**Sd./- CDM & PHO cum DMD, JAJPUR**

**OFFICE OF THE DIVISIONAL FOREST OFFICER, BONAI DIVISION**
**Ph./Fax: 06626-244434, E-mail: dfobonai@rediffmail.com**
**TENDER CALL NOTICE**

No. 167-MM: Sealed tenders are invited from the reputed manufacturers/authorised dealers having registration under GST Act for supply of **Solar Power Fencing** during the year 2018-19 for Divisional Forest Office, Bonai so as to reach the undersigned by 14th March 2019 by 5.00 P.M. by Hand/Speed Post/Registered Post at Divisional Forest Office, Bonai. Tender will be opened on 15th March 2019 at 11.30 A.M. in presence of the tenderers or their authorised representatives at Divisional Forest Office, Bonai.

Tender documents containing terms and conditions with detail specification of the materials can be obtained from the Office of the Divisional Forest Officer, Bonai during office hour on any working day from the date of publication of Tender Call Notice upto 14th March 2019, 5.00 P.M. The undersigned reserves the right to accept or reject any or all tenders in full or parts without assigning any reason thereof.

**Sd./- Divisional Forest Officer**
**Bonai Division**
08040/11/0008/1819

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI-98 OF 2018-19**
**Ph: (06752) 251276, Fax: (06752) 251276, E-mail: eerwss_puri@nic.in**
**2nd Corrigendum**

**No.1837-O:-** The following changes are to be considered for the Bid Identification No. eerwsspuri-98/2018-19

1. Availability online for bidding upto 17.00 hours of 06.03.2019.
2. Last date & time of seeking tender clarification: upto 17.00 hours of 02.03.2019.
3. Date & time of opening of bids is 07.03.2019 at 11.00 hours in the office of the Executive Engineer, R.W.S & S Division, Puri.

All other terms and conditions remain unaltered.

**Sd./-**
**Executive Engineer**
**RWS&S Division, Puri**
**25017/11/0140/1819**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI-100 OF 2018-19**
**Ph: (06752) 251276, Fax: (06752) 251276, E-mail: eerwss_puri@nic.in**
**1st Corrigendum**

**No.1839-O:-** The following changes are to be considered for the Bid Identification No. eerwsspuri-100/2018-19.

1. Availability online for bidding upto 17.00 hours of 11.03.2019.
2. Last date & time of seeking tender clarification: upto 17.00 hours of 06.03.2019.
3. Date & time of opening of bids is 12.03.2019 at 11.00 hours in the office of the Executive Engineer, R.W.S & S Division, Puri.

All other terms and conditions remain unaltered.

**Sd./-**
**Executive Engineer**
**RWS&S Division, Puri**
**25017/11/0142/1819**

**State Level Advisory Unit (SLAU)**
**Special Development Council (SDC)**
**Planning & Convergence Department**
**Govt. of Odisha**
**CRPF Square, Bhubaneswar-751003**
**(Telephone No.: 0674-2561630/ E-mail. Id:slausdc2018@gmail.com)**
**No.166** **Dated: 23.02.2019**
**QUOTATION CALL NOTICE**

**No.17-X:-** Sealed Quotations are hereby invited from interested Agencies/Firms for 'Supply & Installation of Desktop computers with other peripherals in State Level Advisory Unit (SLAU) of Special Development Council, Bhubaneswar. The bid must be addressed to the Advisor (TD & SDC), State Level Advisory Unit, CRPF Square, Bhubaneswar-3. The last date of submission of the bid is dt.06.03.2019 at 1.00 PM. The interested Agencies/Firms can log on to the Govt. website www.odisha.gov.in and office website www.scstrti. in for detail.

**Sd./-**
**Advisor (TD & SDC)**
**SLAU, Bhubaneswar**
**26026/11/0046/1819**

**OFFICE OF THE NOTIFIED AREA COUNCIL, TARBHA**
**No. 263** **Date 26.02.2019**
**"e" Procurement Notice**
**BID IDENTIFICATION No.: TRV-NAC-07/2018-19**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website www.tendersodisha.gov.in.

| | | | |
|---|---|---|---|
| 1. | Nature of Work | : | As per DTCN |
| 2. | No. of Works | : | 5 Nos. |
| 3. | Estd. Cost | : | As per DTCN |
| 4. | Period of Completion | : | As per DTCN |
| 5. | Date & time of availability of Bid documents in the portal | : | Dt. 26.02.2019 from 11.00 AM |
| 6. | Last Date & time for Receipt of Bid in the portal | : | Dt. 13.03.2019 upto 5.00 PM |
| 7. | Last Date of Submission of Hard Copies (Box Drop) | : | Dt. 15.03.2019 before 05.00 PM |
| 8. | Bid received shall be opened at Bid documents in the portal | : | Dt. 16.03.2019 at 04.00 PM |
| 9. | Name of the Officer Inviting | : | Executive Officer, NAC Tarbha |

**Sd./- Executive Officer**
**NAC, Tarbha**

**OFFICE OF EXECUTIVE ENGINEER**
**MINOR IRRIGATION DIVISION,MALKANGIRI**
No.1337-A **e-Procurement Notice**
**Bid Identification No. on line Mkg- 14/2018-19**
**midivmalkangiri@gmail.com, Phone No.06861-230783**

Bid documents consisting of work, estimated cost, cost of tender paper, EMD, time of completions class of contractor, the set of terms and conditions of contract and necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1 | Name of the work | :- | Construction of check dams and Improvement to MIPS in different block of Malkangiri district |
| 2 | No.of works | :- | 09 Nos. |
| 3 | Estimated Cost | :- | Varies approximately from 7.13 lakh to 43.72 lakh. |
| 4 | Period of completion | :- | 6 (Six) and 4 (four) Calendar Months |
| 5 | Date and time of availability of Bid documents in the portal. | :- | 01.03.2019 (10.00 A.M.) to 15.03.2019 upto 5.00 P.M. |
| 6 | Last date /Time for received of bids in the portal | :- | 15.03.2019 upto 5.00 PM. |
| 7 | Date of opening of Bids | :- | 16.03.2019 at 10 AM. onwards |
| 8 | Mode of payment of bid cost and bid security | :- | Online |
| 9 | Name of the Officer inviting the Bids | :- | Executive Engineer, Minor Irrigation Division, Malkangiri |

Further details can be seen from the e-procurement portal **https://tendersodisha.gov.in**

**Sd./- Executive Engineer,**
**M.I.Division, Malkangiri**
32364/11/0010/1819

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
**No. 2848/ X-E-3-7/2019** **Date: 26.02.19**
**No.517-C:-** **Invitation for Bids**
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. BMC (BAM)- 199/ 2018-19**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of work | Road, Drain & Building work |
| 3 | No. of work | 1 No. |
| 4 | Bid Cost. | The bidders shall remit online the cost of bid document for amount through the process as mentioned in the DTCN as per Annexure "A". |
| 5 | E.M.D. | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contract | As per the Annexure "A". |
| 7 | Availability of Bid Documents in the website | From 15.05 hrs. of Dt. 27.02.19 to 17.00 hrs. of 19.03.19. |
| 8 | Date & Time of opening of Technical Bids | 11.30 hrs. onwards on Dt. 20.03.19. |
| 9 | Date & time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of submission of tender | Tender should be submitted Online in www. tendersorissa.gov.in. |
| | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

**Sd./-**
**Commissiosner, Berhampur Municipal Corporation**
**Berhampur, Odisha**
**13035/11/0237/1819**

## ସଂକ୍ଷେପରେ

### ପ୍ରଥମ ଦିନରେ ଭାରତର ପ୍ରଭାବୀ ପ୍ରଦର୍ଶନ

**ଥିରୁଭାନନ୍ତପୁରମ, ୨୬।୨(ପି.ଟି.):** ବାମହାତୀ ସ୍ପିନର ମନୀଷାଙ୍କ ୫ ଉଇକେଟ୍ ସଫଳତା ବଳରେ ମଙ୍ଗଳବାଠାରୁ ଏଠାରେ ଆରମ୍ଭ ହୋଇଥିବା ୨ୟ ୟୁଥ୍ ଟେଷ୍ଟ (୧୯ ବର୍ଷରୁ କମ୍) ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଇନିଂସରେ ୧୫୨ ରନରେ ଅଲ୍‌ଆଉଟ୍ କରିଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳ ପାଇଁ ଓପନର୍ ରୁଆନ ବାଲାଚେ (୫୧ ରନ) ଓ ବ୍ରେସି ପାର୍ସନ୍ସ (୬୪ ରନ) ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଭାରତୀୟ ୧୯ ବର୍ଷରୁ କମ୍ ଦଳ ପକ୍ଷରୁ ମନୀଷୀ ୫୮ ରନ ବ୍ୟୟରେ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଦଳ ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ହରାଇ ୧୧୨ ରନ ସଂଗ୍ରହ କରିଛି। ଯଶଭି ଜୈସୱାଲ ୮୧ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଭାରତକୁ ଜିତାଇଥିବା ଦିବ୍ୟାଂଶ ସକ୍ସେନା ଏଥର ବିଫଳ ହୋଇଛନ୍ତି। ଭାରତ ନିକଟରେ ୮ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ଅଗ୍ରଣୀ ପାଇଁ ଆଉ ୪୧ ରନ ଆବଶ୍ୟକ କରୁଛି। ୨ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି।

### ମାକରନ କପ୍ ବକ୍ସିଂ ଫାଇନାଲରେ ୬ ଭାରତୀୟ

**ନୂଆଦିଲ୍ଲୀ, ୨୬।୨(ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ କୌଶିକ (୬୦ କିଗ୍ରା) ଓ ସତୀଶ କୁମାର (+୯୧ କିଗ୍ରା)ଙ୍କ ସମେତ ୬ଜଣ ଭାରତୀୟ ବକ୍ସର ଇରାନର ଜାବହରଠାରେ ଚାଲିଥିବା ମାକରନ କପ୍ ବକ୍ସିଂ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ବାଉଟ୍ସରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ ସିଂ (୪୯ କିଗ୍ରା), ପି. ଲଲିଥା ପ୍ରସାଦ (୫୨ କିଗ୍ରା), ସଞ୍ଜିତ (୯୧ କିଗ୍ରା) ଓ ମନଜିତ୍ ସିଂ ପଙ୍ଗଲ (୭୫ କିଗ୍ରା) ମଧ୍ୟ ବିଜୟ ହାସଲ କରିଛନ୍ତି।

### ଉଜବେକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୬।୨(ପି.ଟି.):** ତୁର୍କୀର ଅଲନ୍ୟାଠାରେ ବୁଧବାରଠାରୁ ତୁର୍କୀଶ ଓମେନ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏଏଫ୍‌ସି ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ୨ୟ ରାଉଣ୍ଡ ମୁକାବିଲା ଆସନ୍ତା ଏପ୍ରିଲରେ ଅନୁଷ୍ଠିତ ହେବାକୁ ଥିବାବେଳେ ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ପାଇଁ ଏହି ଟୁର୍ନାମେଣ୍ଟ ବେଶ୍ ଗୁରୁତ୍ୱବହନ କରୁଛି। ନିକଟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଚତୁରାଷ୍ଟ୍ରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ 'ହିରୋ ଗୋଲ୍ଡ କପ୍'ରେ ଭାରତୀୟ ଟିମ୍ ନୈରାଶ୍ୟଜନକ ପ୍ରଦର୍ଶନ କରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା। ଭାରତ ବର୍ତ୍ତମାନ ଏହି ବିଫଳତାକୁ ଭୁଲି ତୁର୍କୀଶ ଓମେନ କପ୍‌ରେ ଭଲ ପ୍ରଦର୍ଶନ କରି ବିଜୟ ଧାରାକୁ ଫେରିବା ଲକ୍ଷ୍ୟରେ ରହିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ପ୍ରଥମ ମୁକାବିଲାରେ ବୁଧବାର ଉଜବେକିସ୍ତାନକୁ ଭେଟିବାକୁ ଯାଉଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଉଜବେକିସ୍ତାନ, ରୋମାନିଆ, ତୁର୍କମେନିସ୍ତାନ ସ୍ଥାନ ପାଇଛନ୍ତି। ସେହିଭଳି ଫ୍ରାନ୍ସ, ଜୋର୍ଡାନ, ନର୍ଦର୍ନ ଆୟର୍ଲାଣ୍ଡ ଓ ଆୟୋଜକ ତୁର୍କୀ ଗ୍ରୁପ୍-ବି'ରେ ରହିଛନ୍ତି।



"ଶୁଟିଂରେ ଏକାଗ୍ରତା ଆବଶ୍ୟକ ଥିବାରୁ ଖେଳାଳି ସୋସିଆଲ ନେଟୱର୍କରୁ ନିଜକୁ ଦୂରେଇ ରଖିପାରିଲେ ଭଲ।"
–ଯଶପାଲ ରାଣା, ଭାରତର ଜୁନିୟର ଶୁଟିଂ କୋଚ୍



"ଆଲାନ୍ୟାରେ ହେବାକୁଥିବା ତୁର୍କୀଶ ମହିଳା କପ୍ ଫୁଟବଲ ଟୁର୍ନାମେଣ୍ଟରେ ଆମ ଦଳ ବିଜୟ ପଥକୁ ଫେରିବା ଲକ୍ଷ୍ୟ ରଖିଛି।"
–ମେମୋଲ୍ ରକି, ଭାରତୀୟ ମହିଳା ଫୁଟ୍‌ବଲ କୋଚ୍

# ଟି୨୦: ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଭାରତ

**ବେଙ୍ଗାଲୁରୁ, ୨୬।୨(ପି.ଟି.)**

ସ୍ଥାନୀୟ ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦ୍ୱିତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହାପୂର୍ବରୁ ବିଶାଖାପାଟଣାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଶେଷ ବଲ୍‌ରେ ଭାରତ ୩ ଉଇକେଟରେ ପରାସ୍ତ ହୋଇଥିଲା। ଫଳରେ ଭାରତ ସିରିଜ ପରାଜୟରୁ ରକ୍ଷା ପାଇବା ପାଇଁ ତଥା ସିରିଜ ବଞ୍ଚାଇବା ପାଇଁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ବିଶ୍ୱକପ୍ ଉପରେ ନଜର ରହିଥିଲେ ମଧ୍ୟ ଭାରତ ଏହି ଘରୋଇ ସିରିଜ୍‌କୁ ହାତଛଡ଼ା କରିବାକୁ ଚାହିଁବ ନାହିଁ। ପୁଣି ୨୦୦୮ ପରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଟି୨୦ ସିରିଜରେ ପରାସ୍ତ ହୋଇ ନାହିଁ। ତେଣୁ ଏହି ଅପରାଜେୟ ଧାର ବଜାୟ ରଖିବାକୁ ଘରୋଇ ଦଳ ପ୍ରୟାସ କରିବ। ପ୍ରଥମ ଟି୨୦ରେ ଭାରତ ସାଂଘାତିକ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇଥିଲା। ତେବେ ଦମ୍‌ଦାର ବୋଲିଂ କରି ଭାରତ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ଫଳରେ ବିଜୟୀ ହେବା ପାଇଁ ଅଷ୍ଟ୍ରେଲିଆ ଶେଷ ବଲ୍ ପର୍ଯ୍ୟନ୍ତ ଯିବାକୁ ପଡିଥିଲା। ଯଶପ୍ରୀତ ବୁମ୍‌ରାଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ବଳରେ ଭାରତ ମ୍ୟାଚ୍‌କୁ ଫେରିଥିଲା। ଏହି ଦଳ ବିଶ୍ୱକପ୍ ଦଳ ସହ ମେଳ ଖାଉଛି ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ତେବେ ଚଳିତ ଟି୨୦ ଓ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ ନ କଲେ କୌଣସି ଖେଳାଳିଙ୍କ ସ୍ଥାନ ପକ୍କା ନୁହଁ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଉଭୟ ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କୁ ପ୍ରାୟ ସବୁ ମ୍ୟାଚ୍‌ରେ ଖେଳାଇବାକୁ କୋହଲି ଚାହୁଁଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ୍‌ଙ୍କୁ ବିଶ୍ରାମ ଦେଇ ରାହୁଲଙ୍କୁ ସୁଯୋଗ ଦିଆଯାଇଛି। ରାହୁଲ ମଧ୍ୟ ଏହି ସୁଯୋଗର ସଦ୍ ବ୍ୟବହାର କରି ପ୍ରଥମ ମ୍ୟାଚ୍‌ରେ ୩୬ ବଲ୍‌ରୁ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ସିରିଜ ଏବେ ହାତଛଡ଼ା କରିବାକୁ ଚାହୁଁ ନ ଥିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଧାୱନ୍‌ଙ୍କୁ ଖେଳାଯିବାର ସମ୍ଭାବନା ମଧ୍ୟ ରହିଛି। ପନ୍ତ ଓ ରାହୁଲଙ୍କୁ ଅଧିକ ସୁଯୋଗ ଦେବା ସପକ୍ଷରେ କୋହଲି ଅଛନ୍ତି। ଦୀର୍ଘ ଦିନର ବିଶ୍ରାମ ପରେ ପ୍ରତ୍ୟାବର୍ତ୍ତନ କରି ବୁମ୍‌ରା ଦମ୍ ଦେଖାଇଛନ୍ତି। ପ୍ରଥମ ମ୍ୟାଚ୍‌ର ଶେଷ ଓଭରରେ ୧୪ ରନ ବ୍ୟୟ କରିଥିଲେ ଦ୍ରୁତ ବୋଲର ଉମେଶ ଯାଦବ। ଫଳରେ ଭାରତ ମ୍ୟାଚ୍ ହାତଛଡ଼ା କରିଥିଲା। ତେଣୁ ଉମେଶଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ସୁଯୋଗ ଦିଆଯାଇ ପାରେ। ସେହିପରି ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇ ପାରେ। ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ପନ୍ତ ପ୍ରଥମ ମ୍ୟାଚ୍‌ରେ ସଫଳ ହୋଇ ପାରି ନ ଥିଲେ। ସେହିପରି କାର୍ତ୍ତିକ ମଧ୍ୟ ଫେଲ ମାରିଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୭ ବଲରୁ ଅପରାଜିତ ୨୯ ରନ କରି ବେଶ୍ ସଂଘର୍ଷ କରିଥିଲେ। ଏବେ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଗତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରି ଧୋନୀ ସମାଲୋଚକଙ୍କୁ ଚୁପ୍ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୩୧ ରନ ବ୍ୟୟ କରିବା ସହ ଉଇକେଟ ପାଇ ନ ଥିଲେ ମଧ୍ୟ ପଦାର୍ପଣରେ ୨୧ ବର୍ଷୀୟ ସ୍ପିନର ମୟଙ୍କ ମାର୍କଣ୍ଡେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି କୋହଲି କହିଛନ୍ତି। ଫଳରେ ତାଙ୍କୁ ପୁଣି ସୁଯୋଗ ମିଳିପାରେ।

ଅପରପକ୍ଷରେ ଏହାପୂର୍ବରୁ ଟେଷ୍ଟ ଓ ଦିନିକିଆ ସିରିଜରେ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ବୋଲରଙ୍କ ପ୍ରଦର୍ଶନ ନେଇ ଅଷ୍ଟ୍ରେଲିଆ ସନ୍ତୁଷ୍ଟ ଥିବ। ତେବେ ବ୍ୟାଟିଂରେ ଆହୁରି ସୁଧାର ଆଣିବା ଲକ୍ଷ୍ୟରେ ଅଷ୍ଟ୍ରେଲିଆ ରହିଛି। ପୁଣି ଥରେ ଗ୍ଲେନ୍ ମ୍ୟାକ୍ସୱେଲ ଧୂଆଁଧାର ବ୍ୟାଟିଂ କରିବେ ଓ ଏହି ବ୍ୟାଟିଂ ଉଇକେଟ ଦଳ ବଡ଼ ଦମ୍ ଦେଖାଇବା ଲକ୍ଷ୍ୟରେ ରହିଛି।





ମଙ୍ଗଳବାର ଅଭ୍ୟାସ ସେସନରେ କୋଚ୍ ରବି ଶାସ୍ତ୍ରୀଙ୍କ ସହ ଅଧିନାୟକ ବିରାଟ କୋହଲି।

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କ୍ରୁନାଲ ପାଣ୍ଡ୍ୟା, ବିଜୟ ଶଙ୍କର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ସିଦ୍ଧାର୍ଥ କାଉଲ ଓ ମୟଙ୍କ ଅଗ୍ରୱାଲ | ଆରୋନ ଫିଞ୍ଚ୍ (ଅଧିନାୟକ), ଡି'ଆର୍ସି ଶର୍ଟ, ପ୍ୟାଟ୍ କୁମିନ୍ସ, ଆଲେକ୍ସ କେରୀ, ଜାସନ ବେହରେନଡୋର୍ଫ, ନାଥନ୍ କୁଲ୍ଟର- ନିଲ, ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଗ୍ଲେନ ମ୍ୟାକ୍ସୱେଲ, ଝେ ରିଚାର୍ଡସନ, କେନ୍ ରିଚାର୍ଡସନ, ମାର୍କସ ଷ୍ଟୋଇନିସ୍, ଅଷ୍ଟନ ଟର୍ନର ଓ ଆଡାମ ଜାମ୍ପା |

**ସମୟ: ସନ୍ଧ୍ୟା ୭ଟା**
**ସ୍ଥାନ: ବେଙ୍ଗାଲୁରୁ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଇଣ୍ଡିଆନ ଗ୍ରାଁ ପ୍ରି-୨ ଆଜି
## ଓଡ଼ିଶାରୁ ଏକା ଦୂତୀ

**ଭୁବନେଶ୍ୱର, ୨୬।୨ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଇଣ୍ଡିଆନ ଗ୍ରାଁ ପ୍ରି -୨ ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ମୋଟ ୧୫ଟି ଇଭେଣ୍ଟ ହେବାକୁ ଥିବାବେଳେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ମହିଳା ୨୦୦ ମିଟରରେ ଅଂଶଗ୍ରହଣ କରିବେ। ପଟିଆଲାରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଦୂତୀ ମହିଳା ୧୦୦ ମିଟର ରେସ୍‌ରେ ଅଂଶଗ୍ରହଣ କରିଥିଲେ। ବର୍ଷର ଏହି ପ୍ରଥମ ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଦୂତୀ ୧୧.୫୧ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ୧୦୦ ମିଟରରେ ଦୂତୀଙ୍କୁ ମିଶାଇ ମୋଟ ୩ ପ୍ରତିଯୋଗୀ ଭାଗ ନେଇଥିବାରୁ ରେସ୍‌କୁ ନେଇ ନିରାଶବ୍ୟକ୍ତ କରିଥିଲେ ଦୂତୀ। ୨୦୦ ମିଟରରେ କିନ୍ତୁ ୮ ପ୍ରତିଯୋଗୀ ଭାଗ ନେଉଥିବା ଲାଇନ୍‌ଅପ୍‌ରେ ଦର୍ଶା ଯାଇଛି। ଏହି ଇଭେଣ୍ଟରେ ଦୂତୀଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବେ ହରିୟାଣାର ମଞ୍ଜୁ, ରାଜ ବାଲା, ତେଲେଙ୍ଗାନାର ହାରିକା ଦେବୀ ଅନ୍ଥରମ, ପଶ୍ଚିମବଙ୍ଗର ସୋନିଆ ବୈସ୍ୟ, ଆନ୍ଧ୍ର ପ୍ରଦେଶର ସୁପ୍ରିୟା ମାଣ୍ଡାଲି, ତାମିଲନାଡୁର ଏସ. ଧନଲକ୍ଷ୍ମୀ ଏବଂ ଭି. ଶୁଭା।

## ଜୟସୁରିୟା ଦୁଇ ବର୍ଷ ବାସନ୍ଦ



**ଦୁବାଇ, ୨୬।୨ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କିମ୍ବଦନ୍ତୀ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ସନଥ ଜୟସୁରିୟାଙ୍କୁ ମଙ୍ଗଳବାର ଦୁଇ ବର୍ଷ ବାସନ୍ଦ କରାଯାଇଛି। ପ୍ରମାଣ ନଷ୍ଟ କରି ଏକ ଦୁର୍ନୀତି ନିରୋଧୀ ତଦନ୍ତ କାର୍ଯ୍ୟରେ ସେ ବାଧା ସୃଷ୍ଟି କରିଥିଲେ। ଜୟସୁରିୟା ନିଜ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେଇଛନ୍ତି। ଆଇସିସି ଆଚରଣ ବିଧି ଉଲ୍ଲଂଘନ ପାଇଁ ସର୍ବାଧିକ ୫ ବର୍ଷ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ମାତ୍ର ଆଇସିସି ତାଙ୍କ ପୂର୍ବ ଚରିତ୍ରକୁ ବିଚାର କରି ଦୁଇ ବର୍ଷ ସସ୍‌ପେଣ୍ଡ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଏହା ପିଛିଲା ତାରିଖ ୨୦୧୮ ଅକ୍ଟୋବର ୧୬ରୁ ଲାଗୁ ହେବ। ଏହି ପୂର୍ବତନ ଅଧିନାୟକ ଓ ରକ୍ଷଣଶୀଳ ସ୍ପିନର ଶ୍ରୀଲଙ୍କାର ୧୯୯୬ ବିଶ୍ୱକପ୍ ବିଜୟୀ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ପରେ ସେ ଦୁଇ ବର୍ଷ ସିଲେକ୍ସନ କମିଟି ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ୪୯ବର୍ଷୀୟ ଜୟସୁରିୟା ଶ୍ରୀଲଙ୍କାର ୧୯୯୬ ବିଶ୍ୱକପ୍ ଅଭିଯାନରେ 'ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ। ଶ୍ରୀଲଙ୍କା କ୍ରିକେଟର ବ୍ୟାପକ ଦୁର୍ନୀତି ଚାଲିଥିବା ଜଣାପଡ଼ିବା ପରେ ଆଇସିସିର ଦୁର୍ନୀତି ନିରୋଧୀ (ୟୁନିଟ୍) ପକ୍ଷରୁ ତଦନ୍ତ କରାଯାଇଥିଲା। ଜୟସୁରିୟା ତଦନ୍ତ କାର୍ଯ୍ୟରେ ସହଯୋଗ କରି ନ ଥିଲେ। ଏହାଛଡ଼ା ଦୁର୍ନୀତକୁ ଘଷ୍ଟି ଘୋଡାଇବା ଲାଗି ପ୍ରୟାସ କରିଥିଲେ। ଏହା ଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା ୨.୪.୭ ଉଲ୍ଲଂଘନ କରିଥିଲେ। ଆଇସିସି ଏସିୟୁ ତରଫରୁ ଜୟସୁରିୟାଙ୍କ ଉପରେ ୨୦୧୭ରେ ତିନୋଟି ଦିନ (ସେପ୍ଟେମ୍ବର ୨୨, ୨୩ ଓ ଅକ୍ଟୋବର ୫) ତଦନ୍ତ କରାଯାଇଥିଲା। ତଦନ୍ତକାରୀ ଦଳ ଜୟସୁରିୟା ବ୍ୟବହାର କରୁଥିବା ମୋବାଇଲ ଫୋନ୍‌ଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବାକୁ ଚାହିଁଥିଲା। ଜୟସୁରିୟାଙ୍କ କଥାବାର୍ତ୍ତାରେ ତାଳମେଳ ନ ଥିବା ଲକ୍ଷ୍ୟ କରାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ଉଦାହରଣ ହେଲା ସେପ୍ଟେମ୍ବର ୨୨ରେ ସେ କହିଥିଲେ ତାଙ୍କର ଦୁଇଟି ମୋବାଇଲ ରହିଛି। ପରଦିନ ସେ ତାଙ୍କ କଥା ବଦଳାଇଥିଲେ ଏବଂ ତାଙ୍କର ଆହୁରି ଦୁଇଟି ମୋବାଇଲ ଥିବା ବିଷୟ କହିଥିଲେ। ଏହି ଦୁଇଟି ଫୋନ୍ ସେ ବ୍ୟବହାର କରୁ ନ ଥିଲେ, ତାହା ପୁଣି ହଜି ଯାଇଛି।





ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା କରାଟେକାମାନେ।

## ବାୟୁସେନା ପଦକ୍ଷେପକୁ କ୍ରୀଡ଼ାବିତ୍‌ଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୨୬।୨ (ପି.ଟି.):** ପୁଲୱାମା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନ ଅଧିକୃତ କଶ୍ମୀରସ୍ଥିତ ଜୈଶ-ଇ- ମହମ୍ମଦ ଶିବିର ଉପରେ ଆକ୍ରମଣ କରିଛି। ଏଥିରେ ପାଖାପାଖି ୩୫୦ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ବାୟୁସେନାର ଏହି ସାହସିକ ପଦପେକ୍ଷକୁ ଭାରତୀୟ କ୍ରୀଡ଼ା ତାରକାମାନେ ପ୍ରଶଂସା କରିଛନ୍ତି। କ୍ରିକେଟ ଆଇକନ୍ ତଥା ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ ସଚିନ୍ ତେନ୍ଦୁଲକର ବାୟୁସେନାର ଏହି ପଦକ୍ଷେପକୁ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ଆମର ସହନଶୀଳତାକୁ ଦୁର୍ବଳତା ବୋଲି ବିବେଚନା କରିହେବ ନାହିଁ। ଭାରତୀୟ ବାୟୁ ସେନାକୁ ମୁଁ ସାଲ୍ୟୁଟ୍ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୧୫ରେ ସଚିନଙ୍କୁ ସମ୍ମାନଜନକ ଗ୍ରୁପ୍ କ୍ୟାପ୍‌ଟେନ ପଦବୀ ପ୍ରଦାନ କରାଯାଇଥିଲା। ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ଆଇଏଏଫ୍‌କୁ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ସୁଧୁରିଯାଅ, ନହେଲେ ସୁଧାରି ଦେବୁ ବୋଲି ସେ ପାକିସ୍ତାନକୁ ଆକ୍ଷେପ କରି ଉଲ୍ଲେଖ କରିଛନ୍ତି। ସେହିପରି ଗୌତମ ଗମ୍ଭୀର, ଭିଭିଏସ୍ ଲକ୍ଷ୍ମଣ ଓ ଯୁବରାଜ ସିଂଙ୍କ ସମେତ ବହୁ କ୍ରୀଡ଼ାବିତ୍ ଏ ନେଇ ଭାବପ୍ରବଣ ହେବା ସହ ମତ ରଖିଛନ୍ତି। ଜୟ ହିନ୍ଦ୍, ଆଇଏଏଫ୍, ଭାରତ ପୁଣି ଷ୍ଟ୍ରାଇକ୍ କଲା ବୋଲି ଗମ୍ଭୀର ଟୁଇଟ୍ କରିଛନ୍ତି। ଆଇଏଏଫ୍‌କୁ ନେଇ ମୁଁ ଗର୍ବିତ ଓ ଆଇଏଏଫ୍‌କୁ ସାଲ୍ୟୁଟ୍ କରୁଛି ବୋଲି ଯୁବରାଜ ଟୁଇଟ୍ କରିଛନ୍ତି। ସାହସୀ ଆଇଏଏଫ୍‌କୁ ସାଲ୍ୟୁଟ ବୋଲି ଲକ୍ଷ୍ମଣ ଟୁଇଟ୍ କରିଛନ୍ତି। ସେହିପରି ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲ, ଏଚ୍.ଏସ୍. ପ୍ରଣୟ ଓ କିଡାମ୍ବୀ ଶ୍ରୀକାନ୍ତ ସୋସିଆଲ ମିଡିଆରେ ନିଜର ଭାବବ୍ୟକ୍ତ କରି ଆଇଏଏଫ୍‌ର ଏହି ସାହସିକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

## କରାଟେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୬।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସାରା ଭାରତରେ ଥିବା ଉତ୍କଳ କରାଟେ ସ୍କୁଲର ବିଭିନ୍ନ ଶାଖାଗୁଡ଼ିକର ପ୍ରଶିକ୍ଷକମାନଙ୍କର ୨ ଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲର ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବିଭିନ୍ନ ସ୍ଥାନରୁ ୭୪ଜଣ ପ୍ରଶିକ୍ଷକ ଭାଗନେଇଛନ୍ତି। ପ୍ରଶିକ୍ଷକମାନଙ୍କର ବୈଷୟିକ ଜ୍ଞାନ, ବ୍ୟାୟାମ, ବିଜ୍ଞାନ ଦକ୍ଷତା ବୃଦ୍ଧି ନିମନ୍ତେ ନୂତନ ବିଜ୍ଞାନ ସମ୍ମତ ପ୍ରଶିକ୍ଷଣ ପ୍ରଣାଳୀ, ବ୍ୟକ୍ତିଗତ ଦକ୍ଷତା ଓ ପ୍ରଶିକ୍ଷଣର ସୁବିଧା, ଅସୁବିଧା ନିମନ୍ତେ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ପ୍ରତିବର୍ଷ ଫେବୃୟାରୀ ୨୬ ଓ ୨୭ ଏବଂ ଅଗଷ୍ଟ ୨୭ ଓ ୨୮ ତାରିଖରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥାଏ। ପ୍ରଶିକ୍ଷଣ ଶିବିର ପରେ ଫେବୃୟାରୀ ୨୮ ଓ ଅଗଷ୍ଟ ୨୯ରେ ମୁଖ୍ୟାଳୟଠାରେ ବ୍ଲାକ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥାଏ।

## ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଲା ସାଇ

**କଟକ ଅଫିସ,୨୬।୨:** ବିଡ଼ାନାସୀ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଫାଓ ମହିଳା ଲିଗ୍‌ର ଏକ ମ୍ୟାଚ୍‌ରେ ସାଇ ୪-୦ ଗୋଲରେ ସ୍ପୋର୍ଟସ ହଷ୍ଟେଲକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ସାଇ ପକ୍ଷରୁ ଦୀପା ନାୟକ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୭୨ତମ, ୭୬ତମ ଓ ୭୮ତମ ମିନିଟରେ ନିକିତା ବିଶି ହ୍ୟାଟ୍ରିକ ଗୋଲ ଦେଇ ସାଇକୁ ସହଜ ବିଜୟ ପ୍ରଦାନ କରିଥିଲେ।

## ଲିଗ୍‌ର ସବୁ ମ୍ୟାଚ୍ ଜିତିଲା ଓଡ଼ିଶା

**୧୯ବର୍ଷରୁ କମ ମହିଳା କ୍ରିକେଟ**

**କଟକ ଅଫିସ,୨୬।୨:** ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛି ଓଡ଼ିଶା ଦଳ। ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା ୭ରନରେ ଘରୋଇ ଗୋଆକୁ ପରାସ୍ତ କରିଛି। ଗୋଆ ଓ ଓଡ଼ିଶା ମଧ୍ୟରେ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ନିମନ୍ତେ ଲଢ଼େଇ ହୋଇଥିବା ବେଳେ ରୋମାଞ୍ଚକର ପରିସ୍ଥିତିରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବାରେ ସକ୍ଷମ ହୋଇଛି। ୭ଟି ମ୍ୟାଚ୍‌ରୁ ୭ଟି ବିଜୟ ସହ ୨୮ ପଏଣ୍ଟ ପାଇଛି ଓଡ଼ିଶା। ଇନ୍ଦ୍ରାଣୀ ଛତ୍ରିଆଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳୀୟସ୍କୋର ୧୮ ବେଳେ ଓପନର କାଜଲ ଜେନାଙ୍କ ଉଇକେଟ ପତନ ଘଟିଥିଲା। ପରେ ୬୫ରନରେ ଓଡ଼ିଶା ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିବ ବୋଲି ଆଶା କରାଯାଉଥିଲା। ମାତ୍ର ପୁନମ ନାୟକ(୩୧ରନ) ଓ ସୁଇଟ ବେଉରା(୨୫ରନ)ଙ୍କ ସହଯୋଗରେ ଓଡ଼ିଶା ୧୦୦ରନ ଅତିକ୍ରମ କରିବା ସହ ସମସ୍ତ ଉଇକେଟ ହରାଇ ୧୧୪ରନ କରିଥିଲା। ଗୋଆ ଅଧିନାୟିକା ତେଜସ୍ୱିନୀ ଦୁର୍ଗଡ଼ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟଲକ୍ଷ୍ୟ ପିଛା କରି ଗୋଆ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିବା ଦେଖିବାକୁ ମିଳିଥିଲା। ୧୬ ଓଭର ସୁଦ୍ଧା ୨ ଉଇକେଟ ହରାଇ ୫୦ରନ ପୂରଣ କରିଥିବା ଗୋଆ ପରବର୍ତ୍ତୀ ସମୟରେ ଲଗାତାର ଉଇକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଛି। ଭଲ ବ୍ୟାଟିଂ କରିଥିବା ପୁନମ ୩ଟି ଉଇକେଟ ଦଖଲ କରି ଓଡ଼ିଶାକୁ ବିଜୟ ଭେଟି ଦେଇଥିଲେ। ଏହାଛଡ଼ା କଳ୍ପନା ନାୟକଙ୍କୁ ମଧ୍ୟ ୨ଟି ଉଇକେଟ ମିଳିଛି।



ପୁନମ ନାୟକ, ସୁଇଟ ବେଉରା ଓ କଳ୍ପନା ନାୟକ।

## ଜାତୀୟ ସବ୍‌ଜୁନିୟର ଭଲିବଲ: ଲିଗ୍ ଶେଷ



ଓଡ଼ିଶା ଖେଳାଳି ଓ କର୍ମକର୍ତ୍ତାଙ୍କ ସହ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା।

**ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶାର ବାଳିକା ଓ ବାଳକ ଦଳ ପରାସ୍ତ ହୋଇଛନ୍ତି। ବାଳିକା ବିଭାଗରେ ଓଡ଼ିଶା ୦-୩ରେ ହରିୟାଣାଠାରୁ ଏବଂ ବାଳକରେ ମହାରାଷ୍ଟ୍ରଠାରୁ ୧-୩ ସେଟ୍‌ରେ ହାରି ଯାଇଛି। ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ବାଳକ ବିଭାଗରେ ଅନୁଷ୍ଠିତ ଅନ୍ୟ ଲିଗ୍ ମ୍ୟାଚ ଗୁଡ଼ିକରେ ଚଣ୍ଡିଗଡ଼ ୩-୦ରେ ପଣ୍ଡିଚେରୀ, ରାଜସ୍ଥାନ ୩-୦ରେ ପଶ୍ଚିମବଙ୍ଗ, କେରଳ ୩-୨ରେ ବିହାର, ତାମିଲନାଡୁ ୩-୧ରେ ଝାଡ଼ଖଣ୍ଡ, ମଧ୍ୟ ପ୍ରଦେଶ ୩-୧ରେ ଜମ୍ମୁ କଶ୍ମୀର, ଦିଲ୍ଲୀ ୩-୨ରେ ଗୁଜରାଟ, ତେଲେଙ୍ଗାନା ୩-୨ରେ ମଣିପୁର, କେରଳ ୩-୦ରେ ଛତିଶ୍‌ଗଡ଼ ଏବଂ ହରିୟାଣା ୩-୦ରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ବାଳିକା ବିଭାଗରେ ରାଜସ୍ଥାନ ୩-୦ରେ ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ ୩-୨ରେ ଗୁଜରାଟ, କେରଳ ୩-୦ରେ ପଣ୍ଡିଚେରୀ, ମଧ୍ୟ ପ୍ରଦେଶ ୩-୧ରେ ଦିଲ୍ଲୀ, ପଞ୍ଜାବ ୩-୦ରେ ବିହାର, କେରଳ ୩-୨ରେ ଛତିଶଗଡ଼ ଏବଂ ତାମିଲନାଡୁ ୩-୦ ସେଟ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ମଙ୍ଗଳବାର ଓଡ଼ିଶା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଫେବୃୟାରୀ ୨୭/୨୦୧୯ Balasore, Wednesday, February 27/2019

# ଛାତ୍ର ମୃତ୍ୟୁକୁ କେନ୍ଦ୍ର କରି ରାସ୍ତା ଅବରୋଧ

**ସୋର, ୨୬।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ମାଣିପୁର ମଧୁବନ ନୋଡ଼ାଲ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ର ଅନରଞ୍ଜନ ବେହେରା (୧୩) ମୃତ୍ୟୁକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ତରଫରୁ ସ୍କୁଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହାସହିତ ରାସ୍ତାରେ ଟାୟାର ଜାଳି ଅବରୋଧ କରାଯାଇଥିଲା। ଏହି ଗ୍ରାମର ଯଦୁନାଥ ବେହେରାଙ୍କ ପୁଅ ଅନରଞ୍ଜନ ଉକ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୨୧ ତାରିଖରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଛାତ୍ରମାନେ ମିଶି ନଡ଼ିଆ ତୋଳୁଥିଲେ। ଏହି ସମୟରେ ଗୋଟିଏ ନଡିଆ



ସ୍କୁଲ ସମ୍ମୁଖ ରାସ୍ତାରେ ଟାୟାର ଜାଳି ଅବରୋଧ।

ଛାତ୍ର ଛାତିରେ ପଡ଼ିଥିଲା। ପରେ ଛାତ୍ର ଜଣକ ଘରକୁ ପଳାଇ ଯାଇଥିଲେ। ଘରେ ରାତିରେ ତାଙ୍କର ବାନ୍ତି ହୋଇଥିଲା। ପରେ ସୋର ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା।

ଏନେଇ ଛାତ୍ରଙ୍କ ବାପା ଯଦୁନାଥ ବେହେରା ବିଦ୍ୟାଳୟ ଶିକ୍ଷକ ଉତ୍ପଳ ଲୋଚନ ମହାପାତ୍ର ଓ ଅନ୍ୟ ଶିକ୍ଷକଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୮୧/୧୯) ରୁଜୁ କରିଥିଲା। ମଙ୍ଗଳବାର ସ୍ଥାନୀୟ ଲୋକେ ଧାରଣା ଦେବା ପରେ ଘଟଣାସ୍ଥଳକୁ ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା, ବିଇଓ ବିଜୟ କୁମାର ମଲ୍ଲିକ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଶିକ୍ଷକଙ୍କ ବଦଳି ଓ କ୍ଷତିପୂରଣ ଦାବି କରିଥିଲେ। ନିଷ୍ପତ୍ତି ଅନୁସାରେ ଶିକ୍ଷକ ଉତ୍ପଳ ମହାପାତ୍ରଙ୍କୁ ବଦଳି କରାଯିବା ସହିତ ଅନ୍ୟ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହେଇଥିଲା।

■ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

## ୨ଜଣଙ୍କୁ ୧୦ବର୍ଷ ଲେଖାଏ ଜେଲ

**ବାଲେଶ୍ୱର ଅଫିସ, ୨୬।୨**

ଏକ ନାବାଳିକା ଅପହରଣ ପରେ ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡ ସହ ୬ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଆଉ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜଣେ ନାବାଳିକା ଗତ ୨୦୧୬ ମସିହା ଅଗଷ୍ଟ ୧୫ ତାରିଖରେ ସ୍କୁଲ ଯାଇ ଆଉ ଫେରି ନ ଥିଲେ। ଏନେଇ ତାଙ୍କ ବାପା ୧୬ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋର ଥାନାରେ ଏକ ମାମଲା (ନଂ. ୩୨୫/୨୦୧୬) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ପୋଲିସ ଘଟଣାର ତଦନ୍ତ କରି ସୋର ଥାନା ସିନ୍ଧୁଆ ଗ୍ରାମର ମୁକ୍ତିକାନ୍ତ ପ୍ରଧାନ (୨୨) ଓ ଭଦ୍ରକ ଥାନା ବଉଳପୋଖରୀ ଗ୍ରାମର ଆଲୋକ ମଲ୍ଲିକ (୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଉକ୍ତ ମାମଲାକୁ ବାଲେଶ୍ୱର ସ୍ପେଶାଲ ଜଜ୍ କୋର୍ଟରେ ମାମଲା (ନଂ ୪୫୬/୨୦୧୬) ରୁଜୁ କରାଯାଇ ୩୪୨, ୩୬୬ ଏ/୩୪/୩୭୬(୨) (ଆଇ)(ଏନ୍) ଧାରାରେ ପୋକ୍ସୋ ଆଇନ୍‌ରେ ବିଚାର କରାଯାଇଥିଲା। ୧୭ଜଣ ସାକ୍ଷୀ, ୨୩ ଦସ୍ତାବିଜ୍ ଅନୁଯାୟୀ ଉକ୍ତ ମାମଲାର ବିଚାର କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଉକରୋକ୍ତ ଦଣ୍ଡ ଦିଆଯାଇଛି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଣବ କୁମାର ପଣ୍ଡା ଉକ୍ତ ମାମଲାର ପରିଚାଳନା କରୁଥିଲେ।

## ଦିଅର ବାହାଘରରେ ଭାଉଜଙ୍କ ଆତ୍ମହତ୍ୟା

■ ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବାଲେଶ୍ୱର ଅଫିସ,୨୬।୨**

ବାଲେଶ୍ୱର ସିଂଲା ଥାନା ମଧୁପୁରା ଗ୍ରାମର ପ୍ରଶାନ୍ତ ଘୋଷଙ୍କ ପତ୍ନୀ ଜୟନ୍ତୀ (୨୦) ମଙ୍ଗଳବାର ସକାଳେ ନିଜ ଶୋଇବା ଘରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଜୟନ୍ତୀଙ୍କ ସାନ ଦିଅର ସୁମନ୍ତଙ୍କ ବାହାଘର ପାଇଁ ପରିବାର ଓ ବନ୍ଧୁବାନ୍ଧବ ବ୍ୟସ୍ତ ଥିବାବେଳେ ସ୍ତ୍ରୀ-ସ୍ୱାମୀଙ୍କ କଳିକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି।

ପ୍ରଶାନ୍ତ ଗତ ୧୧ମାସ ପୂର୍ବରୁ ଜଳେଶ୍ୱର ରାଇବଣିଆ ଥାନା ଅଧୀନ ମାଳିପାଳ ଗ୍ରାମର ବୀରେନ୍ ଘୋଷଙ୍କ ବଡ଼ଝିଅକୁ ବୈଦିକ ରୀତିରେ ବିବାହ କରିଥିଲେ। ସମସ୍ତ ଯାନିଯୌତୁକ ସହ ଉଭୟ ପରିବାରଙ୍କ ସହମତିରେ ବାହାଘର ହୋଇଥିଲା। ପ୍ରଶାନ୍ତ ବାହାଘର ପୂର୍ବରୁ ଗୁଜୁରାଟର ଏକ ଟାଇଲ୍‌ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବାହାଘର ୩ ମାସ ପରେ ସେ କାମ ଛାଡ଼ି ଆସି ଘରେ ରହି ଚାଷବାସ ଦେଖାଶୁଣା କରୁଥିଲେ। ବାହାଘର କିଛିଦିନ ପରେ ଜୟନ୍ତୀ ତାଙ୍କ ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହ ଖରାପ ସମ୍ପର୍କ ଥିବା ଜାଣିପାରିଥିଲେ। ଏହାକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେବା ସହ ଜୟନ୍ତୀ ତାଙ୍କ ମା'ବାପାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ମଙ୍ଗଳବାର ପ୍ରଶାନ୍ତଙ୍କ ସାନଭାଇ ସୁମନ୍ତର ବାହାଘର ପାଇଁ ସମସ୍ତ ପରିବାର ଏବଂ ବନ୍ଧୁବାନ୍ଧବ ବ୍ୟସ୍ତ ଥିଲେ। ଏହି ସମୟରେ ପ୍ରଶାନ୍ତ ଉକ୍ତ ମହିଳାଙ୍କ ସହ ଏକୁଟିଆ କଥାହେଉଥିବାର ଦେଖି ଜୟନ୍ତୀ ପ୍ରତିବାଦ କରିଥିଲେ। ଏଥିରେ ପ୍ରଶାନ୍ତ ଏବଂ ଜୟନ୍ତୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଜୟନ୍ତୀ ରାଗିଯାଇ ନିଜେ ନିଜର ବାମ ହାତ ଶିରକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ପରେ ପ୍ରଶାନ୍ତ ତାଙ୍କୁ ବୁଝାଶୁଝା କରିବା ପରେ ଜୟନ୍ତୀଙ୍କ ମା'ଙ୍କ ସହ କଥା ହୋଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଶାନ୍ତ ତାଙ୍କ ବାପା ଏବଂ ବଡ଼ଭାଇଙ୍କ ସହିତ ପନିପରିବା କିଣିବାକୁ ସ୍ଥାନୀୟ ବଜାରକୁ ଯାଇଥିଲେ। ଉକ୍ତ ସମୟରେ ଜୟନ୍ତୀ ଉକ୍ତ ମହିଳାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଜୟନ୍ତୀ ନିଜ ଘର ଭିତରେ ପଶି ଯାଇ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଜାଣିବା ପରେ ସଙ୍ଗେ ସଙ୍ଗେ ଫ୍ୟାନ୍‌ରୁ ଜୟନ୍ତୀଙ୍କୁ ଉଦ୍ଧାର କରି ନିକଟସ୍ଥ ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ବସ୍ତା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିଛି ସମୟ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜୟନ୍ତୀଙ୍କ ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାଲେଶ୍ୱର ମେଡ଼ିକାଲ ଫାଣ୍ଡି ପୋଲିସ ପ୍ରଶାନ୍ତଙ୍କୁ ଅଟକ ରଖି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।




**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ର ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲର ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ। ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧ ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍‌ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ। କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କୈଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ। ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ।

New Dr. Juneja's Roop Mantra®

24x7 Helpline : 0171-3055111 • www.roopmantra.com

Ayurvedic Cream, Capsules, Soap & Face Wash




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply.

HeroFinCorp. HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to Kolkata@heromotocorp.com

**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799566329; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero - 06752-255881, 7894020001; **Authorized Service Centre: Baliapal:** Baba Motors - 253841, 9438757377. **Balugaon:** Mahamayee Motors - (06756) 250280. **Jajpur:** Ayush Automobiles - 223864. **Kendrapada:** Baishnabi Motors - 221083. **Khurda:** Dinesh Trading Company - 221511. **Nimapada:** Basudev Automobiles - 252725. **Paradip:** Paradip Motors - 9238120001. **Pattamundai:** Mishra Auto - 220430. **Pipili:** Sree Ram Motors - 240687. **Puri:** Laxmi Priya Motors - 225552. **Rahama:** Sarala Automobiles - 248001, 248002. **Rairangpur:** Maa Sakambari Motors - 7008906387. **Soro:** Twinkle Motors - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୨୭ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ଓଡ଼ିଆ ଝିଅ ମଞ୍ଜୁଙ୍କୁ ସ୍ୱର୍ଣ୍ଣ

ଯୋଡ଼ା/କେନ୍ଦୁଝର, ୨୬।୨ (ଡି.ଏନ.ଏ./ସ୍ୱ.ପ୍ର.): ରୁଷିଆରେ ଆୟୋଜିତ ମସ୍କୋ ଉଶୁ ଷ୍ଟାର୍ସ ପ୍ରତିଯୋଗିତାରେ ଭାରତୀୟ ଦଳର ଓଡ଼ିଆ ଝିଅ ମଞ୍ଜୁ ମୁଣ୍ଡା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ଫେବୃୟାରୀ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍ୱର୍ଣ୍ଣ ପଦକ ହାସଲ କରିଥିବା କେନ୍ଦୁଝର ଜିଲା ଯୋଡା ବ୍ଲକ ଦେଓଝର ପଞ୍ଚାୟତ ଅନ୍ତର୍ଗତ ସିଆଳିଯୋଡ଼ା ଗ୍ରାମର ମଞ୍ଜୁ। ୩୬ ଜଣିଆ ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଝିଅ ଭାବେ ସାମିଲ ହୋଇଥିଲେ। ୪୨ କେଜି ବର୍ଗର ଫାଇନାଲରେ ତାଙ୍କ ଋଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମଞ୍ଜୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ କ୍ୱାର୍ଟର ଫାଇନାଲ ଓ ସେମି ଫାଇନାଲରେ ଇଜିପ୍ଟ ଓ କାଜକସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଥିଲେ। ୨୦୧୧ରୁ ସେ ଉଶୁ ଖେଳ ପାଇଁ ପ୍ରଶିକ୍ଷଣ ନେଉଛନ୍ତି। ସେ ଉଶୁ ଖେଳରେ ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରରେ ବହୁ ପଦକ ହାସଲ କରିଛନ୍ତି। ମଞ୍ଜୁଙ୍କ ସହିତ ତାଙ୍କ ପ୍ରଶିକ୍ଷକ ପଙ୍କଜ କୁମାର ମହାନ୍ତ ମଧ ରୁଷ ଗସ୍ତ କରିଥିଲେ। ମଞ୍ଜୁଙ୍କ ବାପାଙ୍କ ନାମ ବୁଧୁରାମ ମୁଣ୍ଡା ଓ ମା'ଙ୍କ ନାମ ଜିର୍ଙ୍ଗି ମୁଣ୍ଡା। ମଞ୍ଜୁ ଯୋଡ଼ା ସହରସ୍ଥିତ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ବର୍ଷ ଛାତ୍ରୀ। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜଣାଇବା ସହିତ ପ୍ରଶଂସା କରାଯାଇଛି।

### ବର୍ଷା ସାଙ୍ଗକୁ କୁଆ ପଥର ମାଡ଼

କେନ୍ଦୁଝର, ୨୬।୨(ସ୍ୱ.ପ୍ର.): କେନ୍ଦୁଝରରେ ଅଦିନିଆ ବର୍ଷା ସାଙ୍ଗକୁ କୁଆ ପଥର ମାଡ଼ ହୋଇଥିଲା। ଏଥିସହ ପବନ ହେବାରୁ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀଙ୍କ ପନିପରିବା କ୍ଷତିଗ୍ରସ୍ତ ହୋଇଛି। ସଦର, ହରିଚନ୍ଦନପୁର, ବାଂଶପାଳ ଆଦି ଅଞ୍ଚଳରେ ଚାଷୀଙ୍କ କୋବି, ବିଲାତି, ବାଇଗଣ, ପିଆଜ ଆଦି ନଷ୍ଟ ହୋଇଛି। ବହୁ କଷ୍ଟରେ ଚାଷୀ ପନିପରିବା ଚାଷ କରିଥିଲେ। ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ବେଳେ ଏବେ ଅଦିନିଆ ବର୍ଷା ଓ କୁଆପଥର ମାଡ ସେମାନଙ୍କ ମେରୁ ଦଣ୍ଡ ଭାଙ୍ଗି ଦେଇଛି। ଚାଷୀ ଚିନ୍ତାରେ ରହିଛନ୍ତି। ଗଛରେ ବଉଳକୁ ଦେଖି ଭଲ ଆମ୍ବ ହେବା ଆଶା ରହିଥିଲା। କୁଆପଥର ମାଡ଼ ଓ ପବନ ହେବାରୁ ବଉଳ ଝଡି ପଡିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଚାଷୀ ଦାବି କରିଛନ୍ତି।

# ଜଙ୍ଗଲ ପଦା, ପରିବେଶ ନଷ୍ଟ

- ପଦକ୍ଷେପ ନେଉନି ପ୍ରଶାସନ
- ଲୋପପାଉଛି ମୂଲ୍ୟବାନ ଗଛ
- ଶତାଧିକ ଦାନ୍ତକାଠି ବିଡ଼ା ହେଉଛି ଚାଲାଣ

କେନ୍ଦୁଝର, ୨୬।୨(ସ୍ୱ.ପ୍ର.)


ଜଙ୍ଗଲରୁ ବନବାସୀ ଦାନ୍ତକାଠି ସଂଗ୍ରହ କରି ବଜାରକୁ ନେଉଛନ୍ତି।

କେନ୍ଦୁଝର ଜିଲାରେ ଦ୍ରୁତ ଭାବେ ଜଙ୍ଗଲ ସମ୍ପଦ ହ୍ରାସ ପାଇବାରେ ଲାଗିଛି। ପରିବେଶ କ୍ଷତିଗ୍ରସ୍ତ ହେବ ସହ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଜାଳେଣୀ କାଠ ବ୍ୟତୀତ ଦାନ୍ତ କାଠି ପାଇଁ ଜଙ୍ଗଲ ପଦା ହେବାକୁ ବସିଛି। ଦାନ୍ତ ଘଷିବା ପାଇଁ ଏବେ ମଧ ଗାଁ ଗଣ୍ଡା ତଥା ସହରାଞ୍ଚଳରେ ଲୋକେ ଦାନ୍ତ କାଠିର ବହୁଳ ବ୍ୟବହାର କରୁଛନ୍ତି। ଦାନ୍ତ କାଠିରେ ଦାନ୍ତ ଘଷିବା ଦ୍ୱାରା ବହୁ ରୋଗରୁ ମୁକ୍ତି ମିଳିଥାଏ। ଏଣୁ ଗ୍ରାମାଞ୍ଚଳରେ ଏହାର ବହୁଳ ବ୍ୟବହାର ରହିଛି। ଅନ୍ୟପଟେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଜିବି ଅର୍ଥାଭାବରୁ ବ୍ରସ ଓ ପେଷ୍ଟ କିଣିପାରୁନାହାନ୍ତି। ତେଣୁ ଦାନ୍ତ କାଠି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହାର ଆବଶ୍ୟକତା ମେଣ୍ଟାଇବା ପାଇଁ ଦୈନିକ ଶହ ଶହ ବିଡା ଦାନ୍ତକାଠି ବନବାସୀ ଜଙ୍ଗଲରୁ ସଂଗ୍ରହ କରି ସହରକୁ ଆଣି ବିକିଥାନ୍ତି। ଦାନ୍ତକାଠି ପାଇଁ ଗଛଟିଏ ବଢିବା ପୂର୍ବରୁ ଲୋକ ମାନେ ତାର ଡାଳକୁ କାଟି ବ୍ୟବହାର କରିଥାନ୍ତି। ବିଶେଷ କରି ଶାଳ, କରଞ୍ଜ, ନିମ୍ବ ଗଛର କାଠିକୁ ଦାନ୍ତ ଘଷିବାରେ ବ୍ୟବହାର ହୋଇଥାଏ। ତେବେ ଶାଳ ଗଛର କାଠି ବହୁଳ ଭାବେ ବ୍ୟବହାର କରାଯାଇଥାଏ।

ସେହିପରି ବଣପାହାଡରୁ ବହୁ ପରିମାଣରେ ଦାନ୍ତକାଠି ଗୋଛା ଗୋଛା କେନ୍ଦୁଝର ସହରକୁ ବନବାସୀ ମାନେ ଆଣିଥାନ୍ତି ସେମାନଙ୍କ ଠାରୁ କମ ଦାମରେ କିଣି ନେଇ ବେପାରୀ ମାନେ ଜିଲାର ଅନ୍ୟାନ୍ୟ ଅଞ୍ଚଳ ତଥା ଜିଲା ବାହାରକୁ ଚାଲାଣ କରି ଲାଭବାନ ହେଉଛନ୍ତି। ସହର ମଧ୍ୟରେ ଦିନ ଦ୍ୱିପହରରେ ଏହି ସବୁ କାଠି ମୁଣ୍ଡରେ ବା ଗାଡିରେ ବୁହା ହୋଇ ଆସୁଥିଲେ ହେଁ ଧରପଗଡ ହେଉନାହିଁ କିମ୍ବା ଲୋକଙ୍କୁ ସଚେତନ କରାଯାଉ ନାହିଁ। ଏହି ଲୋକଙ୍କୁ ଅନ୍ୟ କୌଣସି କର୍ମ ନିଯୁକ୍ତି ଯୋଗାଇଦେଲେ ଏଭଳି ଜଙ୍ଗଲ ପଦା ହେବାକୁ ରୋକିହେବ ବୋଲି ମତ ପ୍ରକାଶ ପାଉଛି। ଏଠାରେ ସୂଚନା ଯୋଗ୍ୟ ଯେ, ଏକଦା ଶାଳ ଜଙ୍ଗଲରେ ଭରପୁର କେନ୍ଦୁଝର ଜିଲାର ବାଂଶପାଳ, ତେଲକୋଇ, ଯୋଡା, ଝୁମ୍ପୁରା, ହରିଚନ୍ଦନପୁର ଆଦି ବ୍ଲକ ଅଞ୍ଚଳରେ ଜଙ୍ଗଲ ପଦା ହେବାକୁ ଲାଗିଥିବାରୁ ଏହି ମୂଲ୍ୟବାନ ଗଛ ଲୋପ ପାଇବାକୁ ବସିଛି। ଶାଳ ଜଙ୍ଗଲ ଆପେ ଆପେ ସୃଷ୍ଟି ହୋଇଥାଏ। ଏଣୁ ଏହାର ସୁରକ୍ଷା କରାନଗଲେ ଜଙ୍ଗଲ ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ପରିବେଶବିତ ମାନେ ମତବ୍ୟକ୍ତ କରିଛନ୍ତି।

# ପାଠ ପଢ଼ିବାକୁ ଶ୍ରେଣୀଗୃହ ଅଭାବ

**୧୬ ଛାତ୍ରୀଛାତ୍ରଙ୍କୁ ୨ ଶିକ୍ଷକ**

ହାଟଡ଼ିହୀ, ୨୬।୨(ଡି.ଏନ.ଏ.)

ସରକାର ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ପରିବେଶ ସ୍ୱଚ୍ଛତା ଓ ନୂତନ ପକ୍କାଗୃହ ଯୋଗାଇ ଦେଉଥିବା କୁହାଯାଉଛି। ପ୍ରକୃତ ପକ୍ଷେ ପ୍ରଶାସନ ଠିକ ଭାବେ ସମୀକ୍ଷା ନ କରି କାଗଜକଲମରେ ସମୀକ୍ଷା କରୁଥିବାରୁ ହାଟଡିହୀ ବ୍ଲକର ଶିକ୍ଷାଦାନ ବ୍ୟବସ୍ଥା ଓ ଶିକ୍ଷାର ମାନ ନଷ୍ଟ ହୋଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦିଆଯାଉଥିବା ସୋସୋ ହରିଜନ ସାହିରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ଗୃହ ନାହିଁ। ଯାହା ଫଳରେ କିଛିଦିନ ରୋଷେଇ ଗୃହରେ ବସାଇ ମଧାହ୍ନ ଭୋଜନ ଦେଇ ୪ଟା ବାଜିଲେ ଶିକ୍ଷୟିତ୍ରୀଶିକ୍ଷକ ଘରକୁ ଯାଇଥାନ୍ତି। ଏ ନେଇ ପ୍ରଶାସନର ମଧ ଦୃଷ୍ଟି ପଡ଼ିନି। ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରେ ଗୋଟିଏ ବି ଛାତ୍ରୀଛାତ୍ରଙ୍କର ନାମ ଲେଖାଯାଇ ନାହିଁ। ଯେଉଁ ୧୬ ଛାତ୍ରୀଛାତ୍ର ଆସନ୍ତି ତାଙ୍କୁ ବାହାରେ ବସାଇ ଦୁଇ ଶିକ୍ଷୟିତ୍ରୀ ଶିକ୍ଷକ ଜଗି ବସିଥାନ୍ତି। ଏହାକୁ ନେଇ ଶିକ୍ଷା ବ୍ୟବସ୍ଥାରେ ଓ ଅଧିକାରୀ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିଦ୍ୟାଳୟ ୨ ଶହ ମିଟର ଦୂରରେ ସୋସୋ ନୋଡାଲ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହେବା ଅପେକ୍ଷା ନୋଡାଲ ବିଦ୍ୟାଳୟରେ ସେମାନଙ୍କୁ କାହିଁକି ପାଠ ପଢ଼ାଯାଉନି ତାହା ଚର୍ଚ୍ଚା ହେଉଛି। ଏହାକୁ ଜିଲାପାଳ ଦୃଷ୍ଟି ଦେବା ସହ ଜିଲା ଶିକ୍ଷାଧିକାରୀ ପଦକ୍ଷେପ ନେଇ ଉକ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ପ୍ରଧାନଶିକ୍ଷକ ପଚାରିବାରୁ ଗୃହଟି ଅସୁରକ୍ଷିତ ହୋଇ ବିଶାକ୍ତ ସାପ ରହୁଛନ୍ତି। ଏହାକୁ ନେଇ ଅଧିକାରୀଙ୍କୁ ବହୁବାର ଜଣାଇଛୁ। ହେଲେ ସେମାନଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ଆମ୍ଭେ କଣ କରିପାରିବୁ ବୋଲି ସେ କହିଛନ୍ତି।

# ୬ ବାଇକ୍ ଜବତ, ୩ ଚୋର ଗିରଫ


ଗିରଫ ୩ ଅଭିଯୁକ୍ତ ଓ ଜବତ ୬ ବାଇକ୍।

ବଡ଼ବିଲ, ୨୬।୨(ସ୍ୱ.ପ୍ର.)

ବଡ଼ବିଲ ଥାନା ଅଞ୍ଚଳରେ ଆନ୍ତଃ ରାଜ୍ୟ ବାଇକ୍ ଚୋର ର୍ୟାକେଟ ଥିବା ଜଣାପଡ଼ିଛି। ଏମ୍ଭି ତନଖ୍ ଯୋଗୁ ଗତ ୩ ଦିନ ମଧରେ ୬ଟି ଚୋରି ବାଇକ୍ ଜବତ ହୋଇଛି। ଏଥିସହ ୩ ଚୋର ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ରବିବାର ୨ ଜଣ ଚୋରଙ୍କୁ ବଡ଼ବିଲ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ ବାଇକ୍ ଜବତ କରିଥିଲା। ମଙ୍ଗଳବାର ଆଉ ଜଣେ ଚୋରଙ୍କୁ ପୋଲିସ ଗିରଫ କରି ୨ ଚୋରି ବାଇକ୍ ଜବତ କରିଛି। ଗିରଫ ବାଇକ୍ ଚୋରମାନେ ହେଲେ ବଡ଼ବିଲ ଥାନା ସେରେଣ୍ଡାସ୍ଥିତ ବାଇ ହଟିଂ ଅଞ୍ଚଳର ବିମଳ ନାଏକ, ନାଥ ମୁଣ୍ଡା ଏବଂ ଝାଡଖଣ୍ଡ ରାଜ୍ୟ ମଝିଗାଁ ଅଞ୍ଚଳର ଜୁରିଆ ଗୋପ ଓରଫ୍ ବାବୁଲୁ। ଏ ନେଇ ପୃଥକ ମାମଲା ରୁଜୁ ହୋଇଥିବା ବଡ଼ବିଲ ଥାନା ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ କହିଛନ୍ତି। ବଡ଼ବିଲ ଥାନାରେ ଏକ ମାମଲା (ନଂ.୪୯/୧୯) ରୁଜୁ ହୋଇଛି।

ପୋଲିସର ଏମ୍ଭି ତନଖ୍ ଚାଲିଥିଲା ବେଳେ ଚୋରି ବାଇକ୍ ସହ ସେରେଣ୍ଡାସ୍ଥିତ ବାଇ ହଟିଂ ଅଞ୍ଚଳର ବିମଳ ଧରା ପଡିଥିଲେ। ପଚରାଉଚରା ପରେ ନାଥ ଧରା ପଡିବା ସହ ଉଭୟଙ୍କ ନିକଟରୁ ମୋଟ ୪ ଚୋରି ବାଇକ୍ ଜବତ ହୋଇଥିଲା। ଚୋରି ବାଇକ୍‌ଗୁଡିକ ମଧରେ ଦୁଇଟି ବଡ଼ବିଲ ଅଞ୍ଚଳର ହୋଇଥିବାବେଳେ ଗୋଟିଏ ଜାମୁଦୋଳକ ଗ୍ରାମର ଓ ଅନ୍ୟଟି ଝାଡଖଣ୍ଡ ଅଞ୍ଚଳର ବୋଲି ଜଣାପଡିଛି। ଗତ ୨୫ ତାରିଖରେ ବଡ଼ବିଲ ଚଟେଇ ହଟିଂ ଅଞ୍ଚଳରୁ ଏକ ବାଇକ ଚୋରି ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳର ଜୁରିଆଙ୍କୁ ପୋଲିସ ଗିରଫ କରିଥିଲା। ଜୁରିଆଙ୍କ ନିକଟରୁ ୨ ଚୋରି ବାଇକ ଜବତ ହୋଇଥିଲା। ଜବତ ଗୋଟିଏ ବାଇକ୍ ବଡ଼ବିଲ ଅଞ୍ଚଳର ହୋଇଥିବା ବେଳେ ଅନ୍ୟଟି ଝାଡଖଣ୍ଡ ଅଞ୍ଚଳର ବୋଲି ଜଣାପଡିଛି। ବାଇକ୍ ଚୋରି କରି ନ କଲି ନମ୍ବର ପ୍ଲେଟ ଲଗାଇ ଝାଡଖଣ୍ଡରେ ବିକ୍ରି କରାଯାଉଥିବା ଚର୍ଚ୍ଚା ହେଉଛି।

### ଦିବ୍ୟାଙ୍ଗ ଭୋଟରଙ୍କୁ ଗୁରୁତ୍ୱ

ଚମ୍ପୁଆ, ୨୬।୨(ଡି.ଏନ.ଏ.)

ଚମ୍ପୁଆ ଏନଏସିରେ ନିର୍ବାଚନ ପଞ୍ଜୀକରଣ ପ୍ରକ୍ରିୟା ଶିବିର ଚଳିତ ମାସର ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଏହି ପରିପ୍ରେକ୍ଷୀରେ ଏନଏସି ଅଞ୍ଚଳର ୧୩ ଗୋଟି ବୁଥ୍ ପରିଦର୍ଶନ କରି ବୁଥ୍ ଗୁଡିକର ଅତି ଆବଶ୍ୟକ ସୁବିଧା ସମ୍ବନ୍ଧରେ ତଦାରଖ କରିଛନ୍ତି। ବିଶେଷ ଭାବେ ଭୋଟର ଲିଷ୍ଟରୁ ବାଦ, ସଂଯୋଗ ଓ ସଂଶୋଧନ ଉପରେ ବୁଥ୍ ଲେବେଲ ଅଫିସରମାନଙ୍କ ସହ ଆଲୋଚନା କରାଯିବା ସହିତ ଯୁବ ଓ ଶାରୀରିକ ଭିନ୍ନକ୍ଷମ ଭୋଟରଙ୍କ ସୁବିଧା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଥ୍ ଗୁଡିକରେ ର୍ୟାମ୍ପ, ରେଲିଂ, ପାନୀୟ ଜଳ, ଶୌଚାଳୟ, ବିଶ୍ରାମାଗାର ଓ ବିଦ୍ୟୁତକରଣ ଆଦିକୁ ମୁର୍ମୁ ତଦାରଖ କରିଥିଲେ। ଏଥିରେ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ ଓ ବୁଥ୍ ଲେବେଲ ସୁପରଭାଇଜର ଅବିନାଶ ପ୍ରଧାନ ଆଦି ଯୋଗ ଦେଇଥିଲେ।

# ରାଜ୍ୟ ସରକାରଙ୍କ ବିଫଳତା ବଖାଣିଲା ଭାଜପା



ସମାବେଶର ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

ଝୁମ୍ପୁରା, ୨୬।୨ ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଠବାଉଁଶୁଳୀ ଗ୍ରାମର ଏକ ବେସରକାରୀ ପଡ଼ିଆରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ଭାଜପାର ପ୍ରଚାରର ମଙ୍ଗ ଧରିଥିବା ପିଙ୍କି ପ୍ରଧାନ, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ପୂର୍ବତନ ବିଧାୟକ ମୋହନ ଚରଣ ମାଝୀ, ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଏବଂ ସବୁଜ ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷା କିରଣବାଳା ନାୟକ, ଭାଜପାର ଜିଲା ପ୍ରଭାରୀ ବିରଞ୍ଚି ତ୍ରିପାଠୀ, ଭାଜପାର ଝୁମ୍ପୁରା ଏବଂ ସଦର ବ୍ଲକର ସମସ୍ତ ମଣ୍ଡଳ ସଭାପତି, କାର୍ଯ୍ୟକର୍ତ୍ତା ଏବଂ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଝିପି ବର୍ଷା ହେଉଥିଲେ ହେଁ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଜିଲା ଭାଜପା ପକ୍ଷରୁ ଅନିନ୍ଦ୍ୟ ବେହେରା, ଭବାନୀ ନାଏକ, ଏମଡି ମଝର ଅନସାରୀ, ଏମଡି ଜାୟେଦ, ଦିଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୧୯ ବର୍ଷ ଶାସନର ବିଫଳତା ବଖାଣି ଥିଲେ ବିଶ୍ୱଭୂଷଣ ଏବଂ ପିଙ୍କି। ଏହି ସମାବେଶରେ ସମସ୍ତେ ଏକତ୍ରିତ ହୋଇଥିଲେ।

# 'ଶିଶୁଙ୍କ ମୁହଁରେ ହସ ଫୁଟାଅ'

ଆନନ୍ଦପୁର, ୨୬।୨(ସ୍ୱ.ପ୍ର.)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ**



ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ଓ ଅନ୍ୟମାନେ।

ଆନନ୍ଦପୁର ପୌରପରିଷଦ ଘସିପୁରାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟପାଳ ଆନନ୍ଦପୁରରେ ପହଞ୍ଚିବା ପରେ ଶାଳପଡା ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପାକିସ୍ତାନ ଉପରେ ହୋଇଥିବା ଅକ୍ରମଣ ଘଟଣାକୁ ମନେ ପକାଇ ଯୋ ଛେଡ ତା ହେ' ହମ୍ ଛୋଡତେ ନେହିଁ ବୋଲି ରାଜ୍ୟପାଳ ନିଜ ଭାଷଣରେ କହିଥିଲେ। ଶିକ୍ଷକ ସଦାସର୍ବଦା ଶିଶୁଙ୍କ ମୁହଁରେ ହସ ଫେରାଇବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ରାଜ୍ୟପାଳ ମତ ପୋଷଣ କରିଥିଲେ।

ଶିଶୁ ମନ୍ଦିର ପୁରାତନ ଛାତ୍ର ସଂସଦ ସଭାପତି ଯଜ୍ଞ ପ୍ରସାଦ ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, କେନ୍ଦୁଝରେ ଜିଲା ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି କୁଳମଣି ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ସଭାପତି ସତ୍ୟନାରାୟଣ ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ଜଳଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟକୁ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। ଶହୀଦ ବ୍ରଜମୋହନ ବେହେରାଙ୍କ ସ୍ତ୍ରୀ ଜଲୀ ବେହେରାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଜିଲା ମାଉଣ୍ଟେନ୍ ମ୍ୟାନ ଦୈତାରୀ ନାୟକ, ବିଶିଷ୍ଟ ଖବରଦାତା ସୁବ୍ରତ ସ୍ୱାଇଁ, ଶିଳ୍ପୀ ହରେକୃଷ୍ଣ ମହାରଣା, ପଣ୍ଡିତ ଜିତୁ ଦାଶଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଗୁରୁମା ବାସନ୍ତୀଲତା ଦାଶ, ସେବୀକା ଜୟନ୍ତୀ ପାତ୍ରଙ୍କ ସମେତ ବିରଞ୍ଚି ନାରାୟଣ ମିଶ୍ର, ସମାପିକା ମହାରଣାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।

# ବଢୁଛି ପ୍ରଦୂଷଣ: ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଚମ୍ପୁଆ, ୨୬।୨(ଡି.ଏନ.ଏ.)

ଚମ୍ପୁଆ ଏନଏସିକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ସରକାରଙ୍କ ଘୋଷଣା ଅନୁଯାୟୀ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଓଡିଆରେ ନାମ ଫଳକ ଲେଖିବା ପାଇଁ ପ୍ରଚାର ମାଧ୍ୟମରେ ସଚେତନତା କରାଯାଇଥିଲେ ମଧ ତା ପ୍ରଚାରରେ ହିଁ ସୀମିତ ରହିଯାଇଛି। ପୂର୍ବ ଭଳି ପ୍ଲାଷ୍ଟିକ ବ୍ୟବହାର ବଳବତ୍ତର ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଓଡିଆରେ ନାମଫଳକ କାଁଭାଁ ଦେଖିବାକୁ ମିଳୁଛି। ଓଡିଶା ସରକାରଙ୍କ ପକ୍ଷରୁ ଓଡିଆ ଭାଷାର ରକ୍ଷା କରିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ୨୦୧୮ ମସିହାରେ ନିୟମ ପ୍ରଣୟନ କରାଯାଇଥିଲା। ଏତଦ୍‌ବ୍ୟତୀତ ଭାଷା ଓ ଭୂମି ସୁରକ୍ଷାର ଓଡିଶା ଜନସେବା ସଙ୍ଗଠନ ପକ୍ଷରୁ ବିଧିବଦ୍ଧ ଭାବେ ଓଡିଆରେ ଫଳକ ଲେଖିବା ପାଇଁ ଦାବି ହୋଇଥିଲା। ପ୍ଲାଷ୍ଟିକ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଦୋକାନୀ ଠାରୁ ଆରମ୍ଭ କରି ଖାଉଟିମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ନ କରିବା ପାଇଁ ପ୍ରଚାର ମାଧ୍ୟମରେ ସଚେତନ କରାଯାଇଥିଲା। ମାତ୍ର ଏନଏସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ତାହା କମିବା ବଦଳରେ ବଢିବାରେ ଲାଗିଛି। ଚମ୍ପୁଆ ଏକ ଉପାନ୍ତ ଅଞ୍ଚ ହୋଇଥିବାରୁ ବିଶେଷ ଭାବେ ଝାଡଖଣ୍ଡ ଅଞ୍ଚଳରୁ ଏହି ପଲିଥିନ ବ୍ୟାଗ ଆସି ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏହି ପଲିଥିନ ବ୍ୟବହାରରେ ଖାଦ୍ୟ ପଦାର୍ଥରେ ରାସାୟନିକ ପ୍ରକ୍ରିୟା ସୃଷ୍ଟି ହୋଇ ଶରୀର ପାଇଁ କ୍ଷତି ଘଟାଉଥିବା ବେଳେ ଏହାର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଥିଲା। ମାତ୍ର ଏହାର ପ୍ରଭାବ ତିଳେ ମାତ୍ର ଲୋକଙ୍କ ଉପରେ ପଡିଥିବା ଦେଖିବାକୁ ମିଳୁନାହିଁ। ଚମ୍ପୁଆ ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କୁ ପଚାରିବାରୁ ଏନଏସିର କର୍ମଚାରୀ ଅଭାବ ପ୍ରମୁଖ କାରଣ ସାଜିଥିବା ବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

■ ବ୍ୟାଙ୍କ ଡକାୟତି ଉଦ୍ୟମ ବିଫଳ

# ବନ୍ଧୁକ ସହ ଅଫୁଟା ଗୁଳି ଚୋରିକଲେ ଦୁର୍ବୃତ୍ତ

ଯୋଡ଼ା, ୨୬।୨(ଡି.ଏନ.ଏ.)



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କେନ୍ଦୁଝର ଜିଲା ଯୋଡ଼ା ଥାନା ୫୨୦ ନଂ ରାଜପଥ କଡ଼ରେ ଥିବା କଣ୍ଡରାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ସୋମବାର ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରି ବିଫଳ ହୋଇଛନ୍ତି। ବ୍ୟାଙ୍କ ଭିତରେ ଥିବା ଗୋଟିଏ ବନ୍ଧୁକ ଓ ୭ ଅଫୁଟା ଗୁଳିକୁ ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାଯାଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ବ୍ୟାଙ୍କର ସମ୍ମୁଖ ଫାଟକର ତାଲା ଭାଙ୍ଗି ଥିଲେ। ପରେ ବ୍ୟାଙ୍କ ଭିତରେ ପଶି ଏଟିଏମ ଓ ଷ୍ଟ୍ରଙ୍ଗ ରୁମ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଡକାୟତି ଉଦ୍ୟମ ବିଫଳ ହେବା ପରେ ବ୍ୟାଙ୍କରେ ଥିବା ସୁରକ୍ଷା କର୍ମୀଙ୍କ ବନ୍ଧୁକ ଓ ଅଫୁଟା ଗୁଳିକୁ ଚୋରି କରି ନେଇଯାଇଛନ୍ତି। ମଙ୍ଗଳବାର ସକାଳରେ ବ୍ୟାଙ୍କର ତାଲା ଭଙ୍ଗି ଯାଇଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବିଲେଇପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବଡ଼ବିଲ ଏସଡିପିଓ ଦିଲ୍ଲୀପ କୁମାର ବାଗ, ଯୋଡ଼ା ଥାନା ଆଇଆଇସି ମନୋଜ କୁମାର ରାଉତ, ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ ପହଞ୍ଚି ଥିଲେ। କେନ୍ଦୁଝରରୁ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ ହୋଇଥିଲା। ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରି ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିବା ଅନୁମାନ କରାଯାଉଛି ବୋଲି ଯୋଡ଼ା ଥାନା ଆଇଆଇସି ମନୋଜ କୁମାର ରାଉତ କହିଛନ୍ତି। ସୋମବାର ରାତିରେ ବିଦ୍ୟୁତ୍ କାଟ ହେବାରୁ ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରାରେ କୌଣସି ଫୁଟେଜ ନ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଗତ ରବିବାର ଯୋଡ଼ା ସହରସ୍ଥିତ ତଥା ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଏଟିଏମ୍ କାଉଣ୍ଟରର ଭାଙ୍ଗି ଟଙ୍କା ଚୋରି ଘଟଣାରେ ପୋଲିସ ସିସି କ୍ୟାମେରାରେ କୌଣସି ଫୁଟେଜ ପାଇପାରି ନ ଥିଲା। କଣ୍ଡରା ବ୍ୟାଙ୍କରେ ମଧ ଅବିକଳ ଏଭଳି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଆଦିବାସୀ ଜନଜାତି ସମାବେଶ

କେନ୍ଦୁଝର, ୨୬।୨(ସ୍ୱ.ପ୍ର.)


ସମାବେଶରେ ଯୋଗ ଦେଇଥିବା ଆଦିବାସୀ।

- ଜନଜାତି ହାଟ, ପବିତ୍ର ପୂଜା ପୀଠ ସହ କ୍ଲବ ଲୋକାର୍ପଣ
- ମୁଖ୍ୟମନ୍ତ୍ରୀ ଆସୁଥିବା କହି ଲୋକଙ୍କୁ ଡକାଯାଇଥିବା ଚର୍ଚ୍ଚା

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ମଙ୍ଗଳବାର ଜିଲାସ୍ତରୀୟ ଆଦିବାସୀ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫରେନସିଂ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ହୋଇଛି। ଜନଜାତି ସଂସ୍କୃତି ଆମର ଗର୍ବ ଓ ଗୌରବର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇ କହିଥିଲେ। ୫ ଲକ୍ଷ ଟଙ୍କା ବ୍ୟୟରେ ଜନଜାତି ସାଂସ୍କୃତିକ କ୍ଲବ, ୨୯୫ ଲକ୍ଷ ଟଙ୍କାରେ ୫୯ଟି ଜନଜାତି ହାଟ, ୩୫୮ ଲକ୍ଷ ଟଙ୍କା ବ୍ୟୟର ୧୭୯ଟି ପବିତ୍ରପୂଜା ପୀଠର ଲୋକାର୍ପଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ଓ ସେମାନଙ୍କ କଳାସଂସ୍କୃତିର ବିକାଶ ପାଇଁ ଉନ୍ନୟନ ପରିଷଦ କାର୍ଯ୍ୟକରି ହୋଇଛି। ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ସେମାନଙ୍କ ସାମଗ୍ରିକ ବିକାଶ ହୋଇପାରୁଛି ବୋଲି ସେ କହିଥିଲେ। ଜିଲାପାଳ ଆଶୀଷ ଥାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଧାୟକ, ଏମ୍‌ପି, ପ୍ରଶାସନିକ ଅଧିକାରୀ ସମେତ ବହୁ ବିଶିଷ୍ଟ ଲୋକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀ କଳାକାର ପାରମ୍ପାରିକ ନୃତ୍ୟଗୀତ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ଓ ସେମାନଙ୍କ ପ୍ରତିନିଧି ସମାବେଶରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀଙ୍କ ଲୋପ ପାଇଯାଉଥିବା କଳାସଂସ୍କୃତିର ସୁରକ୍ଷା କରିବା ପାଇଁ ସରକାରଙ୍କ ଉଦ୍ୟମ ସ୍ୱାଗତ ଯୋଗ୍ୟ ବୋଲି ପରିଷଦର ସଦସ୍ୟ ବାବୁରାମ ନାୟକ କହିଥିଲେ।

ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ଆସୁଥିବା କହି ଡକାଯାଇଥିଲା ବୋଲି କେତେକ ଲୋକେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନସିଂ ଜରିଆରେ ଉପସ୍ଥିତ ଲୋକଙ୍କୁ ନିରାଶ କରିଥିଲା ବୋଲି ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀ ଆସିବାର ନ ଥିଲେ ଘର ଦ୍ୱାରା, ଛୁଆପିଲା ଓ କାମଧନ୍ଦା ଛାଡି ଆସି ନ ଥାନ୍ତୁ ବୋଲି ଲୋକେ ମତବ୍ୟକ୍ତ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସମାବେଶରେ ୧୨ ହଜାର ଆଦିବାସୀ ଓ ଆଦିବାସୀ ପ୍ରତିନିଧି ଉପସ୍ଥିତ ହେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କମ ଲୋକ ଆସିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବହୁ ଅର୍ଥ ଖର୍ଚ୍ଚ ଅଟକଳ କରାଯାଇଥିଲେ ହେଁ କମ ଅନୁପସ୍ଥିତି ଆୟୋଜକଙ୍କ ପାଇଁ ଲାଭପ୍ରଦ ହେଲା ବୋଲି ଚର୍ଚ୍ଚା ଚାଲିଛି। କେନ୍ଦୁଝର ସହରରେ କାଳୀପଡିଆ, ଷ୍ଟାଡିଅମ ଆଦିରେ ଜାଗା ଥିଲେ ହେଁ ଧରଣୀଧର ମହାବିଦ୍ୟାଳୟ ପଡିଆରେ ସମାବେଶ ଆୟୋଜନ କରାଯିବା ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟକୁ ଲାଗି ସମାବେଶ ଆୟୋଜନରୁ ପାଠପଢାରେ ବ୍ୟାଘାତ ସୃଷ୍ଟି କରିବାରୁ ଛାତ୍ରୀଛାତ୍ର ତଥା ଅଧ୍ୟାପକ ଅସନ୍ତୋଷ ବ୍ୟକ୍ତ କରିଥିଲେ।